# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୧୦/୨୦୨୧ (୧୬ ପୃଷ୍ଠା) | Rayagada, Friday, September 10/2021 ★

୧୧ଶ ଭାଗ ୨୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-








**ଓଡ଼ିଶା ଏଫ୍‌ସି ଦଳରେ ଜୋନାଥସ**
ଆଗାମୀ ଇଣ୍ଡିଆନ ସୁପରଲିଗ୍ ପାଇଁ ଓଡ଼ିଶା ଏଫ୍‌ସି ଦଳରେ ଯୋଗ ଦେଇଛନ୍ତି ଅଭିଜ୍ଞ ବ୍ରାଜିଲିଆନ ସେଣ୍ଟର-ଫରୱାର୍ଡ ଜୋନାଥସ କ୍ରିଷ୍ଟିଆନ ଡି ଜେସସ। ୧୬

୧୪ **ସାଉଥ୍ ଷ୍ଟାରଙ୍କ ସହ ସ୍କ୍ରିନ୍ ଶେୟାର କରିବେ କଙ୍ଗନା**
ବଲିଉଡ୍ କୁଇନ୍ କଙ୍ଗନା ରାନାୱତ ସାଉଥ୍ ଷ୍ଟାର୍ ପ୍ରଭାସଙ୍କ ସହ କାମ କରିବାର ଇଚ୍ଛା ରଖିଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି।

## ଆଇଟି ରିଟର୍ନ ଫାଇଲିଂ ଅବଧି ଡିସେମ୍ବର ୩୧ ଯାଏ ବୃଦ୍ଧି

**ନୂଆଦିଲ୍ଲୀ,୯।୯:** ଆର୍ଥିକ ବର୍ଷ ୨୦୨୦-୨୧ ଲାଗି ଆୟକର ରିଟର୍ନ (ଆଇଟିଆର୍) ଫାଇଲିଂ ସମୟ ସୀମାକୁ ଗୁରୁବାର ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଛି। ଏଥିଲାଗି ସୀମା ସେପ୍ଟେମ୍ବର ୩୦ ତାରିଖ ରହିଥିଲା। ଆଇଟିଆର୍-୧ ଏବଂ ଆଇଟିଆର୍ ୪ ଫର୍ମ ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ଏହା ଦ୍ୱାରା ଆଶ୍ୱସ୍ତି ଲାଭ କରିବେ। ସେହିଭଳି ଯେଉଁ ବ୍ୟକ୍ତି ବିଶେଷଙ୍କ ଆକାଉଣ୍ଟର ଅଡିଟ୍ ଆବଶ୍ୟକ ନାହିଁ ସେମାନେ ନୂଆ ନିୟମର ପରିସରଭୁକ୍ତ ହେବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆୟକର ଫାଇଲିଂର ସାଧାରଣ ସମୟ ସୀମା ଜୁଲାଇ ୩୧ ରହିଥିବା ବେଳେ ଏଥିରେ ବୃଦ୍ଧି କରାଯାଇଥିଲା। ☞ପୃଷ୍ଠା-୪



ସମ୍ବଲପୁର ସମଲେଇ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପରିବାର ସଦସ୍ୟ ଗୁରୁବାର ମହାନଦୀର ବାଲିବନ୍ଧା ଘାଟରେ ଜଳ ସତ୍ୟାଗ୍ରହ କରି ପ୍ରତିବାଦ କରୁଛନ୍ତି। **(ଅଧିକ ବିବରଣୀ: ପୃଷ୍ଠା-୫)**

## ୧୩ ବିମାନ ବନ୍ଦର ଘରୋଇକରଣକୁ ମଞ୍ଜୁରୀ

### ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନ ବନ୍ଦର ସାମିଲ

**ନୂଆଦିଲ୍ଲୀ, ୯।୯**

କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମନେଟାଇଜେଶନ ପାଇପଲାଇନ ପ୍ରସ୍ତାବ ମୁତାବକ ୧୩ ବିମାନ ବନ୍ଦର ଘରୋଇକରଣକୁ ଚୂଡ଼ାନ୍ତ ମଞ୍ଜୁରୀ ମିଳିଛି। ଏହା ମଧ୍ୟରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ଝାରସୁଗୁଡା ବିମାନ ବନ୍ଦର ମଧ୍ୟ ସାମିଲ ରହିଛି। ୨୦୨୪ ସୁଦ୍ଧା ଏଭଳି ପଦକ୍ଷେପ ଦ୍ୱାରା ୩,୬୬୦ କୋଟି ଟଙ୍କା ଘରୋଇ ପୁଞ୍ଜି ହାସଲ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀଙ୍କ କହିବା ମୁତାବକ, ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ(ଏଏଆଇ)ର ବୋର୍ଡ ୬ ପ୍ରମୁଖ ବିମାନ ବନ୍ଦର ଯଥା- ଭୁବନେଶ୍ୱର, ବାରାଣସୀ, ଅମୃତସର, ତ୍ରିଚି, ଇନ୍ଦୋର, ରାୟପୁର ଏବଂ ୭ ଛୋଟ ବିମାନ ବନ୍ଦରର ଘରୋଇକରଣ ନେଇ ମଞ୍ଜୁରୀ ପ୍ରଦାନ କରିଛି। ଛୋଟ ବିମାନ ବନ୍ଦର ମଧ୍ୟରେ ଝାରସୁଗୁଡା, ଗୟା, କୁସି ନଗର, କଙ୍ଗ୍ରା, ତିରୁପତି, ଜବଲପୁର ଓ ଜଲଗାଁଓ ରହିଛି।

୨୦୨୨ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟା ଲାଗି ବିଡ୍ ଡକାଯିବ। ଏଥି ସଂକ୍ରାନ୍ତ ବିଭିନ୍ନ ଦସ୍ତାବିଜ ପ୍ରସ୍ତୁତ କରିବା ଲାଗି ଏଏଆଇ ଏକ କନସଲ୍‌ଟାଣ୍ଟ ନିଯୁକ୍ତ କରିବ। ପ୍ରଥମ ଥର ☞ପୃଷ୍ଠା-୪


USHA TRAVELS
www.flyusha.in
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply
CALL US! 1800 890 3566


# ଓବିସିଙ୍କୁ ହାତେଇବାକୁ କସରତ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

## ବିଧାନସଭାରେ ଜାତିଭିତ୍ତିକ ଜନଗଣନା, ସଂରକ୍ଷଣ ବୃଦ୍ଧି ସଂକଳ୍ପ ଗୃହୀତ

- କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ ରାଜ୍ୟ ଓବିସି କମିଶନ
- ଓବିସି କୋଟା ପୂରଣ କରନ୍ତୁ ସରକାର: ଭାଜପା
- ସଂକଳ୍ପର ବୈଧତାକୁ ନେଇ ପ୍ରଶ୍ନ ଉଠାଇଲେ ନରସିଂହ

ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ନେଇ ଜାତୀୟ ଓ ରାଜ୍ୟସ୍ତରରେ ରାଜନୀତି ସରଗରମ ହୋଇଛି। ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ଓବିସି ଭୋଟ ହାତେଇବାକୁ ବିଭିନ୍ନ ରାଜନୈତିକ ଦଳ କସରତ ଆରମ୍ଭ କରିଛନ୍ତି। ଜାତିଭିତ୍ତିକ ଜନଗଣନା ପାଇଁ ବିଭିନ୍ନ ରାଜ୍ୟ ଦାବି କରୁଥିବା ବେଳେ ଓଡ଼ିଶା ସରକାର ମଧ୍ୟ ଜାତିଭିତ୍ତିକ ଗଣନା କରିବାକୁ ଦାବି କରିଛନ୍ତି। ଜାତିଭିତ୍ତିକ ଗଣନା ହେଲେ ଓବିସିମାନଙ୍କ ସଂଖ୍ୟା ଜଣାପଡ଼ିବା ସହ ସେମାନଙ୍କୁ ଆବଶ୍ୟକ ସଂରକ୍ଷଣ ଦିଆଯାଇ ପାରିବ। ସଂରକ୍ଷଣ ୫୦ ପ୍ରତିଶତରୁ ବୃଦ୍ଧି କରିବା ସହ ଜାତିଭିତ୍ତିକ ଜନଗଣନା କରିବାକୁ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ବିଧାନସଭାରେ ଏକ ସଂକଳ୍ପ ଆଗତ କରିଥିଲେ। ଏହି ସଂକଳ୍ପ ଗୃହର ଅନୁମୋଦନ ଲାଭ କରିଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନ ଏ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ। ସଂକଳ୍ପ ଆଗତ ହେବା ବେଳକୁ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ସଂକଳ୍ପ ପାରିତ ହୋଇଛି।

ଗୁରୁବାର ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ମନ୍ତ୍ରୀ ସାରକା ଗୃହରେ ଉକ୍ତ ସଂକଳ୍ପକୁ ଅନୁମୋଦନ ପାଇଁ ଉପସ୍ଥାପନ କରିଥିଲେ। ଏହି ସଂକଳ୍ପକୁ ସମର୍ଥନ କରି ବିଜେଡି ସଦସ୍ୟ ଶଶିଭୂଷଣ ବେହେରା କହିଲେ ଯେ ରାଜ୍ୟ ଜନସଂଖ୍ୟାର ଅଧାରୁ ଅଧିକ ପଛୁଆ ବର୍ଗ। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ସଂରକ୍ଷଣ ଜରୁରୀ ହୋଇଛି। କେନ୍ଦ୍ର ସରକାର ଜାତିଭିତ୍ତିକ ଗଣନା କରିବା ସହ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତରୁ ବଢ଼ାଇବା ପାଇଁ ସମ୍ବିଧାନ ସଂଶୋଧନ କରିବା ଦରକାର। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ସ୍ୱାଧୀନତା ପରଠାରୁ ଓବିସିମାନଙ୍କର ଅଧିକାରକୁ ଛଡ଼ାଇ ନିଆଯାଇଛି। ରାଜ୍ୟ ଜନସଂଖ୍ୟାର ୫୨ ପ୍ରତିଶତ ଓବିସି। ରାଜ୍ୟରେ ଓବିସି କମିଶନ ଗଠନ କରାଯାଇଛି। ଜାତିଭିତ୍ତିକ ଜନଗଣନା କରିବାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଦାବି କରି ଆସିଛନ୍ତି। ଜନସଂଖ୍ୟା ଆଧାରରେ ଓବିସି ଅଧିକ ଥିବାବେଳେ ସେମାନଙ୍କ ପାଇଁ ସଂରକ୍ଷଣ ୨୭ ପ୍ରତିଶତ ରହିବା ଆବଶ୍ୟକ। ଅନ୍ୟ ରାଜ୍ୟ ସହ ଓଡ଼ିଶାକୁ ତୁଳନା କରାଯାଇ ପାରିବ ନାହିଁ। ବିଜେଡି ସଭ୍ୟ କିଶୋର ନାୟକ, ସ୍ୱରୂପ ଦାସ ଏବଂ ମକରନ୍ଦ ମୁଦୁଲି ପ୍ରମୁଖ ଏହି ସଂକଳ୍ପକୁ ସମର୍ଥନ କରିଥିଲେ।

ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ସଂକଳ୍ପର ବୈଧତାକୁ ନେଇ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପଛୁଆବର୍ଗଙ୍କ ସଂରକ୍ଷଣ ବିଷୟ ସାରା ଭାରତରେ ଏକ ହଟ୍ ଇସ୍ୟୁ ହୋଇଛି। ଅଖିଳ ଭାରତ କଂଗ୍ରେସ କମିଟି ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମଧ୍ୟ ପଛୁଆବର୍ଗ ସଂରକ୍ଷଣ ସହ ଏକମତ। ☞ପୃଷ୍ଠା-୪

## କୋଚିଂ ନେଇଥିବା ଛାତ୍ରୀଛାତ୍ର ସିଭିଲ ସର୍ଭିସ ପରୀକ୍ଷାରେ ବିଫଳ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

### ସିଏଜି ରିପୋର୍ଟ

ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହୋଇ ପାରିନାହିଁ। ନିଯୁକ୍ତି ହେଉ କିମ୍ବା ଗୁଣାତ୍ମକ ଶିକ୍ଷା, ସବୁ କ୍ଷେତ୍ରରେ ଉଚ୍ଚଶିକ୍ଷା ପଛରେ ପଡ଼ିଛି। ଗବେଷଣା, ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବା, ନୂତନ ପାଠ୍ୟକ୍ରମ ପ୍ରଚଳନ କରିବା, ଗବେଷଣା ପାଇଁ ଦିଆଯାଇଥିବା ଅର୍ଥର ବିନିଯୋଗ କରିବା ଆଦି କ୍ଷେତ୍ରରେ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ବିଫଳ ହୋଇଛନ୍ତି। ଏପରିକି ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷାରେ କୋଚିଂ ନେଇଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସଫଳ ହୋଇ ନ ଥିବା ☞ପୃଷ୍ଠା-୪

## ଶେଷ ହେଲା ମୌସୁମୀ ଅଧିବେଶନ

- ମରୁଡ଼ି, ଖଣି ଦୁର୍ନୀତିକୁ ନେଇ ରହିଲା ସରଗରମ
- ୧୩ ବିଲ୍‌କୁ ଅନୁମୋଦନ

**ଭୁବନେଶ୍ୱର, ୯।୯ (ବ୍ୟୁରୋ)**

ଷୋଡ଼ଶ ବିଧାନସଭାର ସପ୍ତମ ଅଧିବେଶନ ଗୁରୁବାର ଶେଷ ହୋଇଛି। ଏହି ଅଧିବେଶନ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ମୋଟ୍ ୮ଟି କାର୍ଯ୍ୟ ଦିବସ ମଧ୍ୟରୁ ୭ଟି ସରକାରୀ ଓ ଗୋଟିଏ ବେସରକାରୀ ଦିବସ ରହିଥିଲା। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ୧୩ଟି ବିଲ୍ ପାରିତ ହୋଇଥିବାବେଳେ ୩ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ୧୦ଟି ବାର୍ଷିକ ରିପୋର୍ଟ, ୩ଟି କମିଟି ରିପୋର୍ଟ, ଗୋଟିଏ ଅଧାଦେଶ, ୪ଟି ସିଏଜି ରିପୋର୍ଟ, ୨ଟି ସରକାରୀ ସଂକଳ୍ପ ଉପରେ ଆଲୋଚନା ହୋଇଥିଲା। ଏହି ଅଧିବେଶନ ସ୍ୱଳ୍ପ ସମୟ ଧରି ଚାଲିଥିଲେ ମଧ୍ୟ ବେଶ୍ ସରଗରମ ରହିଥିଲା। ବିରୋଧୀ ସଦସ୍ୟମାନେ ମରୁଡ଼ି, ☞ପୃଷ୍ଠା-୪

**ଧରିତ୍ରୀ ପକ୍ଷରୁ ରାଖୀ ପୂର୍ଣ୍ଣିମା ଅବସରରେ ହୋଇଥିବା 'ଅତୁଟ ବନ୍ଧନ' ବାର୍ତ୍ତାର ଯୋଗ୍ୟ ବିବେଚିତଙ୍କ ତାଲିକା 'ପୃଷ୍ଠା-୫'ରେ ସ୍ଥାନିତ କରାଯାଇଛି।**

## ବରୀରେ ଚାଷୀ ଆତ୍ମହତ୍ୟା ଅଭିଯୋଗ

**ବରୀ,୯।୯(ଡି.ଏନ.ଏ.):** ସରକାର ଚାଷୀଙ୍କ ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ଏ ସବୁ ସତ୍ତ୍ୱେ ଚାଷୀ ଅବହେଳାର ଶିକାର ହୋଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇ ନେଉଛନ୍ତି। ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମରେ ଗୁରୁବାର ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଋଣ ବୋଝ ସହି ନ ପାରି ଚାଷୀ ଯଦୁନାଥ ମଲ୍ଲିକ(୫୫) ରଶି ଲଗାଇ ଆତ୍ମହତ୍ୟା କରିଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
### ଶରଣାର୍ଥୀ ଚୁକ୍ତିରେ ସଂଶୋଧନ ଲୋଡ଼ା




*ଜଣେ ତାଲିବାନୀ ମୋ ମୁଣ୍ଡ ଉପରେ ତାଙ୍କ ଗୋଡ଼ ରଖିଲେ। ସେମାନେ ମୁଣ୍ଡରେ ଗୋଇଠା ଉପରେ ଗୋଇଠା ମାରି ଚାଲିଥିଲେ। ମୋ ମୁହଁକୁ କଂକ୍ରିଟ୍‌ରେ ଠେସିଲେ। ତାଲିବାନୀ ଆମକୁ ମାରିଦେବାକୁ ଯାଉଛନ୍ତି ବୋଲି ଧରିନେଇଥିଲୁ, କିନ୍ତୁ ବଞ୍ଚିଗଲୁ। ତାଲିବାନୀମାନେ କହିଲେ, ତୁମର ସୌଭାଗ୍ୟ ଯେ ଆମେ ତୁମ ମୁଣ୍ଡକାଟ୍ କରୁନାହୁଁ*

*କାବୁଲର ଏକ ଥାନା ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଖବର ସଂଗ୍ରହ ପାଇଁ ସେଠାକୁ ଯାଇଥିବା ଫଟୋଗ୍ରାଫର ନେମାତୁଲ୍ଲା ନାକ୍‌ଦି ନାକ୍‌ଦି ଗଣମାଧ୍ୟମ ଆଗରେ ଏଭଳି ବଖାଣିଛନ୍ତି କଠୋରପନ୍ଥୀଙ୍କ ବର୍ବରତାର ଅନୁଭୂତି। ବିକ୍ଷୋଭସ୍ଥଳରୁ 'ଏତିଲାତ୍ ରୋଜ୍' ଖବରଦାତା ତାକି ଦରୟାବି ଏବଂ ତାଙ୍କ ସହଯୋଗୀ ଫଟୋଗ୍ରାଫର ନେମାତୁଲ୍ଲା ନାକ୍‌ଦି ନାକ୍‌ଦିଙ୍କୁ ଉଠାଇ ନେଇ ଦୁହିଁଙ୍କ ଉପରେ କରାଯାଇଥିବା ଅମାନୁଷିକ ଆକ୍ରମଣକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିଛି। ସୋସିଆଲ ମିଡିଆରେ ସେମାନଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି।*

# ଭାଗ୍ୟ ଭଲ, ମୁଣ୍ଡ କାଟିନୁ

## ଖବରଦାତାଙ୍କ ସହ ତାଲିବାନୀ ବର୍ବରତା

### ମହିଳାଙ୍କ ବିକ୍ଷୋଭ ସ୍ଥଳରୁ ଉଠାଇନେଇ ମାଡ଼ ମାରିଲେ

**କାବୁଲ,୯।୯**


ଦୁଇ ଖବରଦାତାଙ୍କୁ ନିର୍ମମ ଭାବେ ମାଡ଼ ମାରିଛି ତାଲିବାନ୍।

ଆଫଗାନିସ୍ତାନରେ ତାଲିବାନ୍ ୨.୦ ସରକାର ଗଠନ ପରେ ଆତଙ୍କବାଦୀ ସଙ୍ଗଠନର ଅସଲ ଚେହେରା ପୁଣିଥରେ ସାମ୍ନାକୁ ଆସିଛି। 'ଏତିଲାତ୍ ରୋଜ୍' ଖବରଦାତା ତାକି ଦରୟାବି ଏବଂ ଫଟୋଗ୍ରାଫର ନେମାତୁଲ୍ଲା ନାକ୍‌ଦି ନାକ୍‌ଦିଙ୍କୁ ତାଲିବାନ୍ ଅକଥନୀୟ ଅତ୍ୟାଚାର କରିଛି। ସେମାନଙ୍କ ଦୋଷ ହେଲା କଠୋରପନ୍ଥୀଙ୍କ ବର୍ବରତା ବିରୋଧରେ ମହିଳାମାନେ ପ୍ରତିବାଦ କରୁଥିବାବେଳେ ଖବର ସଂଗ୍ରହ କରିବା।

ତାଲିବାନ୍ ମଙ୍ଗଳବାର ଅନ୍ତରୀଣ ସରକାର ଗଢ଼ିଛି। ନ୍ୟାୟ ମନ୍ତ୍ରଣାଳୟର ବିନା ଅନୁମତିରେ ଦେଶରେ କେହି ବିକ୍ଷୋଭ କରିପାରିବେ ନାହିଁ ବୋଲି ତାଲିବାନ୍ କଟକଣା ଜାରି କରିଛି। କିନ୍ତୁ ଶିକ୍ଷା ଓ କାମ କରିବା ନେଇ ନିଜ ଅଧିକାର ଓ ସ୍ୱାଧୀନତା ଦାବିରେ ଶତାଧିକ ବିକ୍ଷୋଭକାରୀ ବିଶେଷକରି ମହିଳାମାନେ ତାଲିବାନ୍‌କୁ ନ ଡରି ରାସ୍ତାକୁ ଓହ୍ଲାଇଛନ୍ତି। କାବୁଲସ୍ଥିତ ପାକିସ୍ତାନ ଦୂତାବାସ ଆଗରେ ମହିଳାମାନେ 'ଆମେ ସ୍ୱାଧୀନତା ଚାହୁଁ' ଏବଂ 'ପାକିସ୍ତାନ ☞ପୃଷ୍ଠା-୪

# ରାତାରାତି ବ୍ୟବଚ୍ଛେଦକୁ ନେଇ ବିବାଦ

## ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା

**କଟକ ଅଫିସ, ୯।୯**

- ସରକାରଙ୍କୁ ଘେରିଲେ ବିରୋଧୀ
- ଗୋଇନ୍ଦା ବିଭାଗର ବିଫଳତାକୁ ନେଇ ପ୍ରଶ୍ନ
- ସଫେଇ ଦେଲେ ଏସ୍‌ସିବି କର୍ତ୍ତୃପକ୍ଷ

ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାରେ ଅବହେଳା ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଡାକ୍ତର ଚିକିତ୍ସା ନ କରାଇ ଘରକୁ ଫେରାଇ ଦେବା ଘଟଣାରେ ଅତିଷ୍ଠ ହୋଇ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ଦୁଷ୍ମନ୍ତ ଦାସ ବୁଧବାର ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ଦୁଷ୍ମନ୍ତଙ୍କ ମୃତ୍ୟୁ ପରେ ସରକାରୀ ବ୍ୟବସ୍ଥାରେ ଅବହେଳାକୁ ନେଇ ବିଭିନ୍ନ ମହଲରେ ☞ପୃଷ୍ଠା-୪

## ଥାନାରେ ମା'ଙ୍କ ଅଭିଯୋଗ

### ଭାଜପାର ରାସ୍ତାରୋକୋକୁ ବିରୋଧ

**କୁଜଙ୍ଗ,୯।୯(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ (୩୦) ବୁଧବାର ବିଧାନସଭା ସମ୍ମୁଖରେ ନିଜ ହାତ କାଟି, ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ଜଗତ୍‌ସିଂହପୁର ଜିଲା ☞ପୃଷ୍ଠା-୪

ତାଲିବାନ୍ କହୁଥିଲା ନୂଆ ସରକାର ଗଢ଼ିବା ଯାଏ ଅପେକ୍ଷା କର। ଆମେ ଅପେକ୍ଷା କରିଥିଲୁ। ଅନ୍ତରୀଣ ସରକାର ଆସିଲା। ନୂଆ କ୍ୟାବିନେଟରେ ଜଣେ ହେଲେ ମହିଳାଙ୍କୁ ସାମିଲ କରାଯାଇ ନାହିଁ। କ୍ୟାବିନେଟ୍‌କୁ ଦେଖି ଜାଣି ହେଉଛି ଏହା କିଭଳି ସରକାର। ଆମେ ବିକ୍ଷୋଭ କରିବୁ। କାରଣ ବିକ୍ଷୋଭ ପ୍ରଦର୍ଶନ ଆମ ଅଧିକାର।
–କାବୁଲରେ ବିକ୍ଷୋଭରତ ଜଣେ ମହିଳା

## ସଂକ୍ଷେପରେ

### ୭ ରାଜ୍ୟ ସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା

ନୂଆଦିଲ୍ଲୀ, ୯।୯: ନିର୍ବାଚନ କମିଶନ (ଇସି) ୬ ରାଜ୍ୟରୁ ଖାଲି ପଡ଼ିଥିବା ୭ ରାଜ୍ୟ ସଭା ଆସନ ନିମନ୍ତେ ଗୁରୁବାର ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସମସ୍ତ ଆସନ ପାଇଁ ଅକ୍ଟୋବର ୪ରେ ନିର୍ବାଚନ ଅନୁଷ୍ଠିତ ହେବ। ଇସିଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ତାମିଲନାଡୁର ୨ଟି ଆସନ ଏବଂ ପଶ୍ଚିମବଙ୍ଗ, ଆସାମ, ମହାରାଷ୍ଟ୍ର, ପୁଡୁଚେରୀ ଓ ମଧ୍ୟପ୍ରଦେଶର ଗୋଟିଏ ଲେଖାଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ସଦସ୍ୟଙ୍କ ଇସ୍ତଫା, ମୃତ୍ୟୁ ଏବଂ କାର୍ଯ୍ୟକାଳ ଶେଷ ହେବା କାରଣରୁ ଏହି ଆସନଗୁଡ଼ିକ ଖାଲି ପଡ଼ିଥିଲା। ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଥାୱରଚାନ୍ଦ ଗେହଲଟ କର୍ନାଟକ ରାଜ୍ୟପାଳ ନିଯୁକ୍ତ ହେବା ପରେ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ଆସନ ଖାଲି ପଡ଼ିଥିଲା। ସେହିପରି ଏଆଇଏଡିଏମ୍‌କେ ନେତା କେ.ପି. ମୁନୁସାମୀ ଏବଂ ଆର୍. ବୈଥିଲିଙ୍ଗମ୍‌ଙ୍କ ଇସ୍ତଫା ଯୋଗୁ ତାମିଲନାଡୁର ଦୁଇ ଆସନ ଫାଙ୍କା ପଡ଼ିଥିଲା। ଟିଏମ୍‌ସି ନେତା ତଥା ପଶ୍ଚିମବଙ୍ଗ ମନ୍ତ୍ରୀ ମାନସ ରଞ୍ଜନ ଭୁନିଆଙ୍କ ଇସ୍ତଫା ଯୋଗୁ ରାଜ୍ୟର ଗୋଟିଏ ଆସନ ଖାଲି ହୋଇଥିଲା। ସେହିପରି ବିଶ୍ୱଜିତ ଡାଇମାରୀଙ୍କ ଇସ୍ତଫା ଯୋଗୁ ଆସାମର ଗୋଟିଏ ଆସନ ଖାଲି ପଡ଼ିଛି। ଭାଜପା ଉକ୍ତ ଆସନରୁ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ପ୍ରାର୍ଥୀ କରିପାରେ। ଗତ ମେ’ରେ କଂଗ୍ରେସ ନେତା ରାଜୀବ ସତାଭଙ୍କର କୋଭିଡ୍‌ରେ ମୃତ୍ୟୁ ହେବାରୁ ମହାରାଷ୍ଟ୍ରରୁ ଗୋଟିଏ ଆସନ ଖାଲିପଡ଼ିଛି। ପୁଡୁଚେରୀରୁ ରାଜ୍ୟ ସଭା ସଦସ୍ୟ ଥିବା ଏନ୍. ଗୋକୁଲକ୍ରିଷ୍ଣନଙ୍କ କାର୍ଯ୍ୟକାଳ ଅକ୍ଟୋବର ୬ରେ ଶେଷ ହେବାକୁ ଥିବାରୁ ଉକ୍ତ ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

### ସୀମାକୁ ଆଇଏସ୍‌କେପି କ୍ୟାଡର ପଠାଉଛି ଆଇଏସ୍‌ଆଇ

ନୂଆଦିଲ୍ଲୀ, ୯।୯(ଆଇଏଏନ୍‌ଏସ୍): ଜମ୍ମୁ-କଶ୍ମୀରରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରାଇବା ଲକ୍ଷ୍ୟରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଇସ୍‌ଲାମିକ୍ ଷ୍ଟେଟ୍ ଖୋରାସାନ ପ୍ରୋଭିନ୍ସ (ଆଇଏସ୍‌କେପି) କ୍ୟାଡରଙ୍କୁ ପଠାଇଛି। ଗୋଇନ୍ଦା ସୂଚନା ଅନୁଯାୟୀ ଉକ୍ତ କ୍ୟାଡରମାନେ ଆଫଗାନିସ୍ତାନ ଜେଲ୍‌ରୁ ନିକଟରେ ମୁକ୍ତ ହୋଇ ପାକିସ୍ତାନ ଫେରିଛନ୍ତି। କଶ୍ମୀର ଉପତ୍ୟକାରେ ସେମାନେ ଆତଙ୍କବାଦୀ କାର୍ଯ୍ୟ ଜାରି ରଖିବା ପାଇଁ ଆଇଏସ୍‌ଆଇ ସେମାନଙ୍କୁ ପରାମର୍ଶ ଦେଇଛି। କେରଳରୁ ପ୍ରାୟ ୨୫ ଜଣ ଯୁବକ ଆଫଗାନିସ୍ତାନ ଯାଇଥିଲେ। ସେମାନେ ଆଇଏସ୍‌କେପି କ୍ୟାଡରରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଭାରତରେ ଆକ୍ରମଣ କରିବା ପାଇଁ ଆଇଏସ୍‌ଆଇ ବ୍ୟବହାର କରିପାରେ ବୋଲି ଗୋଇନ୍ଦା ସୂଚନା ମିଳିଛି। ତାଲିବାନ ଆଫଗାନିସ୍ତାନ ଦଖଲ କରିବା ପରେ ଆଇଏସ୍‌ଆଇ ଜମ୍ମୁ-କଶ୍ମୀରରେ ବିଭିନ୍ନ ଆତଙ୍କବାଦୀ ସଂଗଠନକୁ ଅନୁପ୍ରବେଶ କରାଇବା ଲାଗି ଯୋଜନା ଚଳାଇଛି। ଦୁଇମାସ ହେଲା ଜେଇଏମ୍, ଲଶ୍କର-ଇ-ତୋଇବା ଆତଙ୍କବାଦୀ ପିଓକେ ଲଞ୍ଚ ପ୍ୟାଡ୍‌ରେ ପ୍ରସ୍ତୁତ ରହିଥିବାବେଳେ ଏବେ ଆଇଏସ୍‌କେପି କ୍ୟାଡରମାନେ ସେମାନଙ୍କ ସହ ସାମିଲ ହୋଇଛନ୍ତି।

# ବନ୍ଧୁକକୁ ଡର ନାହିଁ



**ପୁରୁଷ ପ୍ରଧାନ, ରୂଢ଼ିବାଦୀ, କଠୋରପନ୍ଥୀ, ବର୍ବର। ଏମିତି ଯେତେ ନକାରାତ୍ମକ ଉପମା ଦେଲେ ବି କମ୍ ହେବ ତାଲିବାନ୍ ପାଇଁ। କଥା କଥାକେ ସର୍ବସମ୍ମୁଖରେ ଟେକା ଫିଙ୍ଗି, ଗୁଳି କରି ଅଥବା ଖୁଣ୍ଟରେ ଝୁଲାଇ ହତ୍ୟା କରିବାର ହୃଦୟ ବିଦାରକ ଛବି ଲିଭି ନ ଥିଲା ଆଫଗାନ୍ ମହିଳାଙ୍କ ମନରୁ। ପୁଣିଥରେ କ୍ଷମତା ଦଖଲ କରିଛି ଏହି କୁଖ୍ୟାତ୍ ଆତଙ୍କବାଦୀ ସଙ୍ଗଠନ। ଏଥିସହ ପୁଣି ଫେରିଛି କୋଡ଼ିଏ ବର୍ଷ ତଳର ବର୍ବରତା। ମହିଳାମାନେ ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିବେ। ସେମାନେ ଜରୁରୀ କାମରେ ବାହାରକୁ ଗଲେ ଆପାଦମସ୍ତକ ବୁର୍ଖାରେ ଢାଙ୍କି ହୋଇଥିବେ। କୌଣସି କ୍ରୀଡ଼ା ବା ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗନେଇ ପାରିବେ ନାହିଁ। ଏପରି କି ପାଠ ପଢ଼ିବାବେଳେ ଛାତ୍ରୀ ଓ ଛାତ୍ରଙ୍କ ମଧ୍ୟରେ ପରଦା ଟାଙ୍ଗିଦିଆଯିବ। ଏହା ହେଉଛି ତାଲିବାନ୍‌ର ଅଲିଖିତ ସମ୍ବିଧାନ ଓ ଅକାଟ୍ୟ ଫତ୍‌ୱା। ଏହା ହେଉଛି ଇସ୍‌ଲାମିକ୍ ଏମିରେଟ୍ ଅଫ୍ ଆଫଗାନିସ୍ତାନରେ ମୁଲ୍ଲାମାନଙ୍କ ଶରିଆ ଆଇନ୍, ଯାହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ମହିଳା। ସର୍ବକ୍ଷମା ଘୋଷଣା କରି ଆମେ ବଦଳିଯାଇଛୁ ବୋଲି ଦାବି କରୁଥିବା ତାଲିବାନ୍‌ର ମୁଖା ଖୋଲିଦେଇଛି ବିକ୍ଷୋଭରତ ମହିଳାମାନଙ୍କ ଉପରେ ଏହାର ଚାବୁକ୍ ପ୍ରହାର ଓ ଲାଠିମାଡ଼।**

**କାବୁଲ,୯।୯:** ଇସ୍‌ଲାମିକ୍ ଏମିରେଟ୍ ଅଫ୍ ଆଫଗାନିସ୍ତାନରେ କେବଳ ପୁରୁଷଙ୍କୁ ନେଇ ଗଠିତ ତାଲିବାନ୍ କ୍ୟାବିନେଟ ବିରୋଧରେ ରାଜଧାନୀ କାବୁଲ ସମେତ ପରୱାନ୍ ଓ ନିମ୍‌ରୁଜ୍ ପ୍ରଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଜାରି ରହିଛି। ଏଥିଲାଗି ତାଲିବାନ୍ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦେଇଛି। ଉତ୍ତର-ପୂର୍ବ ବଡ଼ାଖଶାନ୍ ପ୍ରଦେଶରେ ଶତାଧିକ ମହିଳା ବିକ୍ଷୋଭ କରିଛନ୍ତି। ସରକାରରେ ମହିଳାଙ୍କୁ ମନ୍ତ୍ରୀ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଶୋଭାଯାତ୍ରାରେ ବାହାରିଥିବା ବିକ୍ଷୋଭକାରୀଙ୍କ ହାତରେ ପ୍ଲାକର୍ଡ ଥିଲା। ସେଥିରେ ଲେଖାଥିଲା, ଆମ ସ୍ୱରକୁ ଅସ୍ତ୍ରଶସ୍ତ୍ର ବଳରେ କେହି ନୀରବ କରିପାରିବେ ନାହିଁ। ସେମାନେ ‘ମହିଳା ଜିନ୍ଦାବାଦ୍’, ‘ପାକିସ୍ତାନ ମୁର୍ଦ୍ଦାବାଦ୍’ ଓ ‘ଆମେରିକା ମୁର୍ଦ୍ଦାବାଦ’ ନାରା ମଧ୍ୟ ଦେଇଥିଲେ। କାବୁଲର ଉତ୍ତର-ପୂର୍ବ ସ୍ଥିତ କପିସା ପ୍ରଦେଶରେ ଶୋଭାଯାତ୍ରା ବେଳେ ଅନେକ ମହିଳାଙ୍କୁ ତାଲିବାନ୍ ଗିରଫ କରିଛି। ବିକ୍ଷୋଭକାରୀଙ୍କୁ ତାଲିବାନ୍ ଲଢୁଆମାନେ ମାଡ଼ ମାରିଛନ୍ତି। ମଙ୍ଗଳବାର ହେରାତ୍ ସହରରେ ବିକ୍ଷୋଭବେଳେ ତାଲିବାନ୍ ଗୁଳିରେ ୩ ଜଣଙ୍କ ଜୀବନ ଯାଇଥିଲା। ଏନେଇ ମହିଳା ବିକ୍ଷୋଭକାରୀ ଦିବା ଫରାହମନ୍ଦ କହିଛନ୍ତି, ଆମେ ଗତକାଲିର ମହିଳା ନୋହୁଁ। ଆମେ ଆମର ଅଧିକାର ଚାହୁଁ। ଅତୀତରେ ଆମେ ଅନେକ ହିଂସାକୁ ସାମ୍ନା କରିଥିଲୁ। କିନ୍ତୁ ଏବେ ଲଢ଼େଇ ଜାରି ରଖିବୁ।



ତାଲିବାନ୍ ସହ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଆଲୋଚନା କରିବେ କି ନାହିଁ ତାହା ଆଫଗାନିସ୍ତାନରେ ମହିଳାଙ୍କ ଅଧିକାର ସୁରକ୍ଷା ଉପରେ ନିର୍ଭର କରେ। ସଙ୍ଗଠନ ସହ ଆମର ସାମଗ୍ରିକ ଆଲୋଚନାରେ ମହିଳାମାନଙ୍କ ଅଧିକାର ଏକ ଅଗ୍ନିପରୀକ୍ଷା ହେବା ଜରୁରୀ।
**-ମହମ୍ମଦ ନାସିରି,**
**ଆଞ୍ଚଳିକ ନିର୍ଦ୍ଦେଶିକ, ୟୁଏନ୍ ଓମେନ୍ ଫର୍ ଏସିଆ ଆଣ୍ଡ ପାସିଫିକ୍**

## ପ୍ରଧାନମନ୍ତ୍ରୀ କହିଲେ କାମକୁ ଫେର


କାବୁଲ/ପେଶାୱର,୯।୯

ଆଫଗାନିସ୍ତାନରେ ରକ୍ତପାତର ସମୟ ଶେଷ ହୋଇଛି। ଯୁଦ୍ଧ ପ୍ରଭାବିତ ଦେଶର ପୁନଃ ନିର୍ମାଣ ଗୁରୁଦାୟିତ୍ୱ ଆମକୁ ବହନ କରିବାକୁ ପଡ଼ିବ। ପୂର୍ବ ସରକାରର ଅଧିକାରୀମାନେ ନିଜ ନିଜ କର୍ମସ୍ଥଳକୁ ଫେରିଆସନ୍ତୁ। ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ ବୋଲି ଗୁରୁବାର ତାଲିବାନ୍‌ର କାମଚଳା ପ୍ରଧାନମନ୍ତ୍ରୀ ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦ ପରାମର୍ଶ ଦେଇଛନ୍ତି।

ତାଲିବାନ୍ ପକ୍ଷରୁ ଅନ୍ତରୀଣ ସରକାରର ୩୩ କ୍ୟାବିନେଟ ସଦସ୍ୟଙ୍କ ନାମ ଘୋଷଣା ପରେ ପ୍ରଧାନମନ୍ତ୍ରୀ ହାସନ ଅଖୁନ୍ଦ ପ୍ରଥମ ଥର ପାଇଁ କହିଛନ୍ତି, ଆଫଗାନିସ୍ତାନରେ ଏହି ଐତିହାସିକ ମୁହୂର୍ତ୍ତକୁ ଦେଖିବା ଲାଗି ଆମକୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ପୂର୍ବ ସରକାର ଅମଳର ଅଧିକାରୀମାନଙ୍କୁ କାମକୁ ଫେରିବାକୁ ଆମେ ଅନୁରୋଧ କରୁଛୁ। ସେମାନଙ୍କ ଜୀବନକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ। ରକ୍ତପାତର ସମୟ ଶେଷ ହୋଇଯାଇଛି। ୨୦୦୧ରେ ଆମେରିକା ନେତୃତ୍ୱରେ ହୋଇଥିବା ଆକ୍ରମଣ ପରଠାରୁ ଯେଉଁମାନେ ସରକାରରେ କାମ କରୁଥିଲେ ସେମାନଙ୍କୁ ସର୍ବକ୍ଷମା ଦିଆଯିବ ବୋଲି ତାଲିବାନ୍ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରାଯିବ।

## ଆଫଗାନିସ୍ତାନ ସଙ୍କଟ ପାଇଁ ଆମେରିକା ଦାୟୀ

### ବ୍ରିକ୍ସ ସମ୍ମିଳନୀରେ ପୁଟିନ୍‌ଙ୍କ ସମାଲୋଚନା



ମସ୍କୋ,୯।୯: ଆଫଗାନିସ୍ତାନରେ ସୃଷ୍ଟି ହୋଇଥିବା ସଙ୍କଟ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଗୁରୁବାର ଆମେରିକାକୁ ଦାୟୀ କରିଛନ୍ତି। ତ୍ରୟୋଦଶ ବ୍ରିକ୍ସ ସମ୍ମିଳନୀରେ ସେ କହିଛନ୍ତି ଏହି ନୂଆ ସଙ୍କଟ ପାଇଁ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଦାୟୀ। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ଆତଙ୍କବାଦ ଓ ଡ୍ରଗ୍ସ ଚାଲାଣର ଉତ୍ସରେ ପରିଣତ ହେବାରୁ ରୋକିବାକୁ ପଡ଼ିବ। ଏଥିଲାଗି ଆଫଗାନିସ୍ତାନ ଉପରେ ବର୍ତ୍ତମାନ ବ୍ରିକ୍ସ ରାଷ୍ଟ୍ରନେତାମାନେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ଭିଡିଓ ଲିଙ୍କ୍‌ରେ ଆଲୋଚନା କରି ପୁଟିନ୍ କହିଥିଲେ, ଆମେରିକା ନେତୃତ୍ୱାଧୀନ ମେଣ୍ଟ ସେନା ଓହରିଯିବା ପରେ ସ୍ଥିତି ଅଣାୟତ୍ତ ହୋଇଛି। ଏହା ଆଞ୍ଚଳିକ ଓ ବୈଶ୍ୱିକ ନିରାପତ୍ତାକୁ କିପରି ପ୍ରଭାବିତ କରିବ ତାହା ଜଣାନାହିଁ। ନିଜ ବ୍ରିକ୍ସ ସହଯୋଗୀଙ୍କ ଭଳି ରୁଷିଆ ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତାକୁ ଅପେକ୍ଷା କରିଛି।

## ‘ଦୋହା ଚୁକ୍ତିର ଉଲ୍ଲଂଘନ କରୁଛି ଆମେରିକା’

ଆଫଗାନିସ୍ତାନରେ ହକ୍କାନି ନେଟ୍‌ୱର୍କର ନୂଆ କ୍ୟାବିନେଟ ସଦସ୍ୟମାନଙ୍କୁ ଆମେରିକା ଆତଙ୍କବାଦୀ ତାଲିକାରେ ରଖିବା ଦୋହା ଚୁକ୍ତିର ଉଲ୍ଲଂଘନ ବୋଲି ତାଲିବାନ୍ କହିଛି। ତାଲିବାନ୍ କହିଛି ଯେ, ନୂଆ ଆଭ୍ୟନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନିଙ୍କୁ ଆମେରିକା ନିଜର ଆତଙ୍କବାଦୀ ତାଲିକାରେ ରଖିଛି। ଏହା ୨୦୨୦ରେ ତାଲିବାନ୍-ଆମେରିକା ମଧ୍ୟରେ ସ୍ୱାକ୍ଷରିତ ଶାନ୍ତି ଚୁକ୍ତିର ବିରୁଦ୍ଧାଚରଣ। ହକ୍କାନି ପରିବାରକୁ ଆତଙ୍କବାଦୀ ତାଲିକାରୁ ଆମେରିକା ହଟାଉ।

## କାବୁଲ ଛାଡ଼ିଲେ ଶତାଧିକ ବିଦେଶୀ

କାବୁଲ,୯।୯

### ୨୦୦ ଜଣଙ୍କୁ ତାଲିବାନ୍‌ର ଅନୁମତି

ଆଫଗାନିସ୍ତାନର ଅନ୍ତରୀଣ ସରକାର ଗୁରୁବାର ୨୦୦ ବିଦେଶୀଙ୍କୁ ଦେଶ ଛାଡ଼ିବାକୁ ଅନୁମତି ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଆମେରିକୀୟ ଅଛନ୍ତି। କାବୁଲ ଏୟାରପୋର୍ଟରୁ କାତାରର ଏକ ବିମାନରେ ସେମାନେ ଆମେରିକା ଯାଇଛନ୍ତି। ଅଗଷ୍ଟ ୧୫ରେ ଇସ୍‌ଲାମୀୟ ବିଦ୍ରୋହୀ କାବୁଲ ଦଖଲ କରିବା ପରେ ଉକ୍ତ ବିମାନବନ୍ଦରରୁ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ବିମାନ ଚଳାଚଳ କରିଛି। ଏହା ପୂର୍ବରୁ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ୧,୨୪,୦୦୦ ବିଦେଶୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଥିଲା। ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଦଜାଦଙ୍କୁ ଆଫଗାନିସ୍ତାନ ଛାଡ଼ିବା ପାଇଁ ତାଲିବାନ୍‌ର ଅନୁମତି ମିଳିଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି।



କାବୁଲ ବିମାନବନ୍ଦର ଛାଡ଼ିବା ପୂର୍ବରୁ ପ୍ରସ୍ଥାନ ଟର୍ମିନାଲ୍‌ରେ ଅପେକ୍ଷା କରିଛନ୍ତି ବିଦେଶୀ।

## ସୀମାନ୍ତ ରାଜପଥରେ ବାୟୁସେନା ବିମାନ

### ଜରୁରୀ ଲ୍ୟାଣ୍ଡିଂ ଷ୍ଟ୍ରିପ୍ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୯।୯

ଭାରତୀୟ ବାୟୁସେନା (ଆଇଏଏଫ୍)ର ସି-୧୩୦ଜେ ସୁପର ହର୍କୁଲସ୍ ପରିବହନ ବିମାନ ଗୁରୁବାର ରାଜସ୍ଥାନର ବାର୍‌ମେରସ୍ଥିତ ଜାତୀୟ ରାଜପଥ ୯୨୫ରେ ଅବତରଣ କରିଛି। ବିମାନରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ବିପିନ ରାୱତ୍, ବାୟୁସେନା ମୁଖ୍ୟ ଆର୍.କେ.ଏସ୍. ଭଦୌରିଆ ସେଠାକୁ ଯାଇଥିଲେ। ପାକିସ୍ତାନ ସୀମା ନିକଟବର୍ତ୍ତୀ ଉକ୍ତ ଜାତୀୟ ରାଜପଥର ସଟ୍ଟାଠାରୁ ଗାନ୍ଧବ ପର୍ଯ୍ୟନ୍ତ ଅଂଶକୁ ବାୟୁସେନା ପରିବହନ ବିମାନର ଜରୁରୀ ଅବତରଣ ଷ୍ଟ୍ରିପ୍ ଭାବେ ଦୁଇ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନ ସମେତ ଏଏନ୍-୩୨ ସାମରିକ ପରିବହନ ବିମାନ, ଏମ୍‌ଆଇ-୧୭ଭି୫ ହେଲିକପ୍ଟର ଉକ୍ତ ଜାତୀୟ ରାଜପଥରେ ଅବତରଣ କରିଥିଲେ।



ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ବାର୍‌ମେର ଭଳି ଦେଶରେ ୨୦ଟି ଜରୁରୀ ଅବତରଣ ଷ୍ଟ୍ରିପ୍‌ର ବିକାଶ କରାଯାଉଛି। ସଡ଼କ ପରିବହନ ମନ୍ତ୍ରଣାଳୟ ସହାୟତାରେ ଅନେକ ହେଲିପ୍ୟାଡ୍ ନିର୍ମାଣ ହେଉଛି। ଦେଶର ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ଏହା ଗୁରୁତ୍ୱପୂର୍ଣ୍ଣ। ଭାରତର ଜାତୀୟ ରଜାପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ୯୨୫ ନମ୍ବର ଜାତୀୟ ରାଜପଥର ୩ କିଲୋମିଟର ବ୍ୟାପୀ ସଟ୍ଟା-ଗାନ୍ଧବ ଷ୍ଟ୍ରେଚ୍‌କୁ ବାୟୁସେନାର ଜରୁରୀ ଲ୍ୟାଣ୍ଡିଂ ଷ୍ଟ୍ରିପ୍ ଭାବେ ନିର୍ମାଣ କରିଛନ୍ତି। ଅନ୍ତର୍ଜାତୀୟ ସୀମା ନିକଟରେ ଷ୍ଟ୍ରିପ୍ ନିର୍ମାଣ କରି ଆମେ ଦେଶର ଏକତା, ବିବିଧତା ଏବଂ ସାର୍ବଭୌମତ୍ୱ ପାଇଁ ଯେକୌଣସି ମୂଲ୍ୟ ଦେଇ ଛିଡ଼ା ହେବା ପାଇଁ ବାର୍ତ୍ତା ଦେଇଛୁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ।

## ଭାରତୀୟ ଶିକ୍ଷାନୁଷ୍ଠାନରେ ଚାଇନାର ଅନୁପ୍ରବେଶ

ନୂଆଦିଲ୍ଲୀ, ୯।୯(ଆଇଏଏନ୍‌ଏସ୍)

ଚାଇନା ଗତ କିଛିବର୍ଷ ମଧ୍ୟରେ ଅନେକ ଭାରତୀୟ ସେକ୍ଟରରେ ନିଜର ପ୍ରଭାବ ବିସ୍ତାର କରିଥିବା ଜଣାପଡ଼ିଛି। କେବଳ ଆମୋଦପ୍ରମୋଦ କ୍ଷେତ୍ର ନୁହେଁ, ଶିକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ଭାରତୀୟ ଥିଙ୍କ୍ ଟ୍ୟାଙ୍କ ଏବଂ ସିଭିଲ୍ ସୋସାଇଟିକୁ ନିୟନ୍ତ୍ରଣ କରିବାକୁ ବହୁ ବର୍ଷ ହେଲା ଚାଇନା ଉଦ୍ୟମ ଚଳାଇଆସୁଛି। ଏପରିକରି ବେଜିଂ ଭାରତର ବୌଦ୍ଧିକ ସ୍ଥାନରେ ପ୍ରବେଶ କରିବାରେ କେତେକାଂଶରେ ସଫଳ ହୋଇଛି। ଏଥିପାଇଁ ଚାଇନା ସିଧାସଳଖ କିମ୍ବା ପ୍ରତିନିଧି ଜରିଆରେ ବିପୁଳ ଅର୍ଥ ଦେଉଛି। ଲ’ ଆଣ୍ଡ ସୋସାଇଟି ଆଲିଆନ୍ସ ବିଭିନ୍ନ ଗବେଷଣା ଓ ତଥ୍ୟ ସଂଗ୍ରହ କରି ଏହା ଜାଣିବାକୁ ପାଇଥିବା ରିପୋର୍ଟରେ ପ୍ରକାଶ କରିଛି। କେବଳ ଭାରତ ନୁହେଁ ପଡୋଶୀ ଦେଶ ଓ ସାରା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବା ଓ ନିଜ ସପକ୍ଷରେ ପ୍ରଚାର କରିବା ପାଇଁ ବେଜିଂ ସୂକ୍ଷ୍ମ ରଣନୀତି ଆପଣାଇଛି। ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଭଳି ବିଶ୍ୱ ଶକ୍ତି ଏହା ଜାଣିପାରି ବେଜିଂର ପ୍ରଭାବକୁ କମାଇବା ପାଇଁ ଦୃଢ଼ ପଦକ୍ଷେପମାନ ନେଉଛନ୍ତି।

ଚାଇନା ନିୟମିତ ଭାବେ ଥିଙ୍କ୍‌ଟ୍ୟାଙ୍କ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ବିନିମୟ କାର୍ଯ୍ୟକ୍ରମ କରାଉଛି। ଏଥିପାଇଁ ଚାଇନା ସରକାରଙ୍କ ଅର୍ଥରେ ଭାରତୀୟ ଛାତ୍ରୀଛାତ୍ର ସେଠାକୁ ଯାଉଛନ୍ତି ଓ ଅଜାଣତରେ ବେଜିଂ କଥାରେ ପରିଚାଳିତ ହେଉଛନ୍ତି। ଶିକ୍ଷାବିତ୍ ଓ ବିଦ୍ୱାନମାନଙ୍କୁ ଚାଇନା ନିଜ ଉଦ୍ଦେଶ୍ୟ ସାଧନରେ ବ୍ୟବହାର କରୁଛି। ଚାଇନା ଅନୁଷ୍ଠାନଗୁଡ଼ିକ ବହୁସଂଖ୍ୟାରେ ମାଡ଼ିଆସି ଭାରତୀୟ ଶିକ୍ଷାନୁଷ୍ଠାନରେ ନିଜକୁ ପ୍ରତିଷ୍ଠିତ କଲେଣି। ସେମାନେ ଉକ୍ତ ଶିକ୍ଷାନୁଷ୍ଠାନକୁ ଚାଇନା ଚିନ୍ତାଧାରାରେ ଚାଲିବାକୁ ବାଧ୍ୟ କରିବା ସହ ଭାରତୀୟ ଛାତ୍ରୀଛାତ୍ରଙ୍କ ଉପରେ ପ୍ରଭାବ ବିସ୍ତାର କରୁଛନ୍ତି। ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ



ଚାଇନା ଅନୁପ୍ରବେଶର ଉଦାହରଣ ଉତ୍ତରପୂର୍ବ ଭାରତର ଏକ ପ୍ରମୁଖ ପବ୍ଲିକ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟରେ ଦେଖିବାକୁ ମିଳିଛି। ସେଠାରେ ଛାତ୍ରୀଛାତ୍ରଙ୍କୁ ଭାରତ ଓ ଚାଇନାରେ ମ୍ୟାନେଜିଂ ବିଜନେସ୍ ଉପରେ ସ୍ନାତକୋତ୍ତର ଶିକ୍ଷା ଦିଆଯାଉଛି। ଏଥିପାଇଁ ପିଲାମାନଙ୍କୁ ଚାଇନା ୟୁନିଭର୍ସିଟିକୁ ପଠାଯାଉଛି। ଚାଇନା ସରକାରଙ୍କ ସହାୟତାରେ ଚାଲିଥିବା କନ୍‌ଫୁସିଅସ୍ ଇନ୍‌ଷ୍ଟିଚ୍ୟୁଟ୍ ନାମକ ସୋସିଆଲ ଫାଉଣ୍ଡେଶନ ଜରିଆରେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରାଯାଉଛି।

ସେହିପରି ଭାରତୀୟ ଗଣମାଧ୍ୟମ ଓ ଏଥିସହିତ ଜଡିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବ୍ୟବହାର କରି ବେଜିଂ ଭାରତର ସୋସିଆଲ ମିଡିଆକୁ ପ୍ରଭାବିତ କରୁଛି। ଖବରଦାତା ରାଜୀବ ଶର୍ମା ଏହାର ଉଦାହରଣ। ସେ ଚାଇନା ପାଇଁ ଗୁପ୍ତଚରଗିରିରେ ସମ୍ପୃକ୍ତ ଥାଇ ଗିରଫ ହୋଇଥିଲେ। ଭାରତୀୟ ଯବୁପିଢ଼ି ଦୈନନ୍ଦିନ ଆବଶ୍ୟକତା ପାଇଁ ମୋବାଇଲ୍ ଆପ୍ ଉପରେ ନିର୍ଭରଶୀଳ ହୋଇପଡ଼ିଥିବାବେଳେ ଚାଇନା ଉକ୍ତ ସେକ୍ଟର ବିଶେଷ କରି ନ୍ୟୁଜ୍ ଆପ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛି। ଭାରତରେ ସର୍ବାଧିକ ବ୍ୟବହାର ହେଉଥିବା ନ୍ୟୁଜ୍ ଆପ୍ ଡେଲିହଣ୍ଟ, ନ୍ୟୁଜ୍‌ଡଗ୍ ଏବଂ ୟୁସି ନ୍ୟୁଜ୍‌ରେ ଚାଇନା କମ୍ପାନୀ ବିପୁଳ ଅର୍ଥ ବିନିଯୋଗ କରିଛନ୍ତି।

## ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ

ନୂଆଦିଲ୍ଲୀ, ୯।୯

- **ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍ ୨୦୨୧**
- **ଶ୍ରେଷ୍ଠ ୧୦୦ରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଚଳିତ ବର୍ଷ ଲାଗି ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ଏନ୍‌ଆଇଆର୍‌ଏଫ୍ (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ) ର୍‍ୟାଙ୍କିଙ୍ଗ୍ ପ୍ରକାଶ କରିଛନ୍ତି। ଆଇଆଇଟି ମାଡ୍ରାସ କ୍ରମାଗତ ତୃତୀୟ ବର୍ଷ ପାଇଁ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗରେ ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ଆଇଆଇଏସ୍‌ସି ବେଙ୍ଗାଲୁରୁକୁ ସର୍ବଶ୍ରେଷ୍ଠ ଗବେଷଣା ଶିକ୍ଷାନୁଷ୍ଠାନ ମାନ୍ୟତା ମିଳିଛି। ଆଇଆଇଟି ବମ୍ବେ ତୃତୀୟ ଏବଂ ଆଇଆଇଟି ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଛି। ସମୁଦାୟ ର୍‍ୟାଙ୍କିଙ୍ଗ୍‌ର ପ୍ରଥମ ୧୦ ସ୍ଥାନ ମଧ୍ୟରେ ୭ ଆଇଆଇଟି ରହିଛନ୍ତି। ସେଗୁଡ଼ିକ ହେଲେ ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ, ଆଇଆଇଟି ବମ୍ବେ, ଆଇଆଇଟି ଖଡ଼ଗପୁର, ଆଇଆଇଟି କାନପୁର, ଆଇଆଇଟି ଗୁଆହାଟୀ ଏବଂ ଆଇଆଇଟି ରୁର୍‌କୀ। ଏଥିରେ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଏବଂ ବନାରସ୍ ହିନ୍ଦୁ ୟୁନିଭର୍ସିଟି ନବମ ଓ ଦଶମ ସ୍ଥାନରେ ରହିଛି।

ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ଶୀର୍ଷ ସ୍ଥାନ ହାସଲ କରିଥିବାବେଳେ ଗତବର୍ଷ ଭଳି ଚଳିତ ବର୍ଷ ଜେଏନ୍‌ୟୁ ଦ୍ୱିତୀୟ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ସ୍ଥାନ ବଜାୟ ରଖିଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନରେ ଥିବାବେଳେ କାଲକାଟା ୟୁନିଭର୍ସିଟି, ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍, ଜାମିଆ ମିଲିଆ ଇସ୍‌ଲାମିଆ, ମଣିପାଲ ଏକାଡେମୀ ଅଫ୍ ହାୟର ଏଜୁକେଶନ, ଯାଦବପୁର ୟୁନିଭର୍ସିଟି, ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ ଏବଂ ଆଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାରୁ ୩ଟି ସ୍ଥାନ ପାଇଛନ୍ତି। ଭୁବନେଶ୍ୱରର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ୨୦ତମ ସ୍ଥାନରେ ରହିଥିବାବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍‌ନୋଲୋଜି (କିଟ୍) ୨୧ତମ ଏବଂ ଉତ୍କଳ ୟୁନିଭର୍ସିଟି ୮୭ତମ ସ୍ଥାନରେ ରହିଛି। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ସମୁଦାୟ ର୍‍ୟାଙ୍କିଙ୍ଗ ବର୍ଗରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ ରହିଛନ୍ତି। ସୋଆକୁ ୩୨ତମ ସ୍ଥାନ ମିଳିଥିବାବେଳେ କିଟ୍ ୩୯ତମ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି) ରାଉରକେଲା ୪୧ତମ ଏବଂ ଆଇଆଇଟି ଭୁବନେଶ୍ୱର ୫୮ତମ ସ୍ଥାନରେ ରହିଛି।

ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ବର୍ଗରେ ମାଡ୍ରାସ, ଦିଲ୍ଲୀ, ବମ୍ବେ, କାନପୁର, ଖଡ଼ଗପୁର, ରୁର୍‌କୀ, ଗୁଆହାଟୀ ଏବଂ ହାଇଦ୍ରାବାଦ ଆଇଆଇଟି ଶ୍ରେଷ୍ଠ ୮ଟି ସ୍ଥାନ ହାସଲ କରିଥିବାବେଳେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି) ତିରୁଚିରାପଲ୍ଲୀ ଏବଂ ସୁରତକାଲ ନବମ ଓ ଦଶମ ସ୍ଥାନରେ ରହିଛନ୍ତି। ସେହିପରି କଲେଜ ବର୍ଗରେ ମିରାଣ୍ଡା ହାଉସ୍ ଶ୍ରେଷ୍ଠ କଲେଜ ଘୋଷିତ ହୋଇଥିବାବେଳେ ଲେଡି ଶ୍ରୀରାମ କଲେଜ ଫର୍ ୱମେନ୍ ଦ୍ୱିତୀୟ ଏବଂ ଲୋୟଲା କଲେଜ୍, ଚେନ୍ନାଇ ତୃତୀୟ ସ୍ଥାନରେ ରହିଛି। କୋଲକାତାର ସେଣ୍ଟ ଜାଭିୟର୍ସ କଲେଜ, ହାଓଡ଼ାର ରାମକ୍ରିଷ୍ଣ ମିଶନ ବିଦ୍ୟାମନ୍ଦିର, କୋଏମ୍ବାଟୁରର ପିଜିଏସ୍‌ଆର୍ କ୍ରିଷ୍ଣାମଲ କଲେଜ ଫର୍ ୱମେନ୍, ଚେନ୍ନାଇର ପ୍ରେସିଡେନ୍ସି କଲେଜ ଯଥାକ୍ରମେ ଚତୁର୍ଥରୁ ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଦିଲ୍ଲୀ ୟୁନିଭର୍ସିଟିର ସେଣ୍ଟ ଷ୍ଟିଫେନ୍ସ କଲେଜ, ହିନ୍ଦୁ କଲେଜ ଏବଂ ଶ୍ରୀରାମ କଲେଜ ଅଫ୍ କମର୍ସ ଯଥାକ୍ରମେ ଅଷ୍ଟମ, ନବମ ଓ ଦଶମ ସ୍ଥାନରେ ଅଛନ୍ତି। ବି-ସ୍କୁଲ୍ ମଧ୍ୟରେ ଆଇଆଇଏମ୍ ଅହମଦାବାଦ, ବାଙ୍ଗାଲୋର ଏବଂ କାଲକାଟା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ମେଡିକାଲ କଲେଜ ବର୍ଗରେ ଦିଲ୍ଲୀ ଏମ୍ସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ହୋଇଥିବାବେଳେ ଏହା ପଛକୁ ପିଜିଆଇଏମ୍‌ଇଆର୍ ଚଣ୍ଡିଗଡ଼ ଏବଂ କ୍ରିଷ୍ଟିଆନ୍ ମେଡିକାଲ କଲେଜ ଭେଲୋର ରହିଛନ୍ତି। ଧର୍ମେନ୍ଦ୍ର ନିଜ ଟୁଇଟର ହ୍ୟାଣ୍ଡେଲ୍‌ରୁ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଏବଂ ଏଆଇସିଟିଇ ଅଧ୍ୟକ୍ଷ ଅନୀଲ ସହସ୍ରବୁଦ୍ଧେଙ୍କ ସହ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକର ନାଁ ଘୋଷଣା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୩୭,୧୩,୩୨୬ | ୪୬,୧୪,୧୫୫ | ୨୦,୦୨,୦୬,୯୭୩ |
| ଭାରତ | ୩,୩୧,୭୩,୧୬୬ | ୪,୪୧,୯୮୩ | ୩,୨୩,୩୩,୭୮୧ |
| ଓଡ଼ିଶା | ୧୦,୧୪,୩୩୮ | ୮୦୭୮(+୫୩) | ୯,୯୯,୮୫୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆକ୍ରାନ୍ତ ପିଲାଙ୍କଠାରେ ଏମ୍‌ଆଇ ସିଣ୍ଡ୍ରୋମ୍

**ଭୁବନେଶ୍ୱର, ୯।୯ (ବ୍ୟୁରୋ)**

ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁ ଓ କିଶୋରଙ୍କୁ ରେଡ୍‌ଜୋନ୍‌ରେ ରଖାଯାଇଛି। ପିଲାମାନେ ଅଧିକ ସଂକ୍ରମିତ ହେବେ ବୋଲି ଆକଳନ କରାଯାଉଛି। ତେବେ ଏବେଠୁ ଏମାନଙ୍କଠାରେ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଏମ୍‌ଆଇ (ମଲ୍ଟିସିଷ୍ଟମ୍ ଇନ୍‌ଫ୍ଲାମେଟୋରି) ସିଣ୍ଡ୍ରୋମ୍ ଚିନ୍ତା ବଢ଼ାଇଛି। କରୋନାରୁ ସୁସ୍ଥ ହେବାର ୨ରୁ ୬ ସପ୍ତାହ ମଧ୍ୟରେ ଅଧିକାଂଶ ଶିଶୁଙ୍କଠାରେ ଏହି ଲକ୍ଷଣ ଦେଖାଯାଉଛି। ବିଶେଷକରି ୬ରୁ ୧୦ ବର୍ଷର ପିଲାଙ୍କ କ୍ଷେତ୍ରରେ ଏହାର ସମ୍ଭାବନା ଅଧିକ ରହୁଛି। ଶିଶୁଙ୍କ ପାଟି, ଆଖି ଓ ପାଦ ଲାଲ୍ ପଡିବା, ପତଳା ଝାଡ଼ା, ଜ୍ୱର ସହ ପେଟ ଯନ୍ତ୍ରଣା ଓ ବାନ୍ତି ହେବା, ଧଇଁସଇଁ ହେବା, ମୁଣ୍ଡ ବିନ୍ଧା ଆଦି ଲକ୍ଷଣ ଦେଖାଦେଲେ ତାହାକୁ ହାଲୁକାରେ ନ ନେଇ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ବିଳମ୍ବ କଲେ ଶିଶୁର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହୋଇଯାଇପାରେ ବୋଲି ସେ ସତର୍କ କରାଇଛନ୍ତି। ସେ କହିଛନ୍ତି, ଚିକିତ୍ସା ପାଇଁ ରାଜ୍ୟରେ ଅକ୍ସିଜେନ, ଆଇଭି ଫ୍ଲୁଇଡ୍ ଓ ହାଇଡୋଜ୍ ଷ୍ଟିରଏଡ୍ ମହଜୁଦ ଅଛି। ଏ ନେଇ ଶିଶୁ ବିଭାଗ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ଦିଆଯାଇଛି। ଏବେ ସମସ୍ତ ମେଡିକାଲ କଲେଜରେ

**ସତର୍କ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ**

- ଲକ୍ଷଣ ଦେଖାଦେଲେ ତୁରନ୍ତ ଜଣାଇବାକୁ ପରାମର୍ଶ
- ବିଳମ୍ବ କଲେ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହେବା ଆଶଙ୍କା ଅଧିକ



ଆକ୍ରାନ୍ତ ଶିଶୁଙ୍କ ପାଇଁ ଆବଶ୍ୟକ ଚିକିତ୍ସା ଉପଲବ୍ଧ ଅଛି। ଖୁବ୍‌ଶୀଘ୍ର ସମସ୍ତ ହସ୍ପିଟାଲରେ ଏହି ଚିକିତ୍ସା ସୁବିଧା ମିଳିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ଭୁବନେଶ୍ୱରରେ କିଛି ପିଲାଙ୍କଠାରେ ଏହି ସିଣ୍ଡ୍ରୋମ୍ ଦେଖାଯାଇଛି। ତେବେ ଏ କ୍ଷେତ୍ରରେ ରାଜ୍ୟରେ ସେପରି ଉତ୍କଟ ସ୍ଥିତି ଉପୁଜି ନ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଲକ୍ଷଣ ଦେଖିବା ପରେ ଶୀଘ୍ର ନିଦାନ କରିବା ଦ୍ୱାରା ଶିଶୁ ଆରୋଗ୍ୟ ଲାଭ କରିପାରିବ ବୋଲି ସେ କହିଛନ୍ତି।

ପ୍ରଥମ ଲହରରୁ ଆରମ୍ଭ ହୋଇଥିବା ଏହି ସିଣ୍ଡ୍ରୋମ୍ ଏବେ ଧୀରେ ଧୀରେ ତାର କାୟା ବିସ୍ତାର କରୁଛି। ରାଜ୍ୟରେ ଏବେ ଶିଶୁଙ୍କ ସଂକ୍ରମଣ ହାର ପ୍ରାୟ ୨୦ ପ୍ରତିଶତ ରହିଛି। ସେଥିରୁ ୧୫ ପ୍ରତିଶତଙ୍କ ସାମାନ୍ୟ ଲକ୍ଷଣ ଓ ୫ ପ୍ରତିଶତଙ୍କ ଅଧିକ ଲକ୍ଷଣ ଦେଖାଯାଉଛି। ୫ ପ୍ରତିଶତ ଅଧିକ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ୩ ପ୍ରତିଶତ ଅକ୍ସିଜେନ୍ ସାହାଯ୍ୟରେ ଠିକ୍ ହେଉଛନ୍ତି। ୨ ପ୍ରତିଶତଙ୍କୁ ଆଇସିୟୁ ଦରକାର ପଡୁଛି। ଏମାନଙ୍କ ମଧ୍ୟରୁ ବହୁ କମ୍ ପିଲାଙ୍କ କ୍ଷେତ୍ରରେ ଏମ୍‌ଆଇ ସିଣ୍ଡ୍ରୋମ୍ ଦେଖିବାକୁ ମିଳୁଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

## ୨୪ ଘଣ୍ଟାରେ ଆଉ ୧୧୭ ପିଲା ପଜିଟିଭ

**ଭୁବନେଶ୍ୱର, ୯।୯ (ବ୍ୟୁରୋ)**

ରାଜ୍ୟରେ ଦୈନିକ ଶହେରୁ ଊର୍ଦ୍ଧ୍ୱ ଶିଶୁ ଓ କିଶୋର କରୋନାରେ ଆକ୍ରାନ୍ତ ହେଉଛନ୍ତି। ବୁଧବାର ୧୮ବର୍ଷରୁ କମ୍ ବୟସର ୧୦୨ଜଣ ପିଲା ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟରୁ ମୋଟ ୭୭୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୧୭ଜଣ ପିଲା ରହିଛନ୍ତି।

ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୨୭ଜଣ ରହିଥିବାବେଳେ କଟକରୁ ଦ୍ୱିତୀୟ ସର୍ବାଧିକ ୭୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବାଲେଶ୍ୱରରୁ ୪୧, ଯାଜପୁର ୩୪, ଜଗତ୍‌ସିଂହପୁର ୨୬, ପୁରୀ ୨୧, ମୟୂରଭଞ୍ଜ ୧୯, ସମ୍ବଲପୁର ୧୭, ଅନୁଗୋଳ ୧୬, ଭଦ୍ରକ ୧୫, କେନ୍ଦ୍ରାପଡା ୧୪, ଢେଙ୍କାନାଳ ୧୨, କୋରାପୁଟ, ନୟାଗଡ ଓ ରାୟଗଡାରୁ ୧୧ଜଣ ଲେଖାଏ, ଝାରସୁଗୁଡା ୯, ଦେବଗଡ ଓ କେନ୍ଦୁଝରରୁ ୫ଜଣ ଲେଖାଏ, ଗଞ୍ଜାମ ୪, ମାଲକାନଗିରି, ନବରଙ୍ଗପୁର ଓ ଭଦ୍ରକରୁ ୩ଜଣ ଲେଖାଏ, ବଲାଙ୍ଗୀର ୨, ନୂଆପଡା ଓ କଳାହାଣ୍ଡିରୁ ଜଣେ ଲେଖାଏ ଏବଂ ଷ୍ଟେଟ୍ ପୁଲ୍‌ରୁ ୭୬ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏପଟେ କରୋନାରେ ଆଉ ୮ଜଣଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲାରୁ ୩ଜଣ, ଖୋର୍ଦ୍ଧାରୁ ୨ଜଣ, ଯାଜପୁର, ମୟୂରଭଞ୍ଜ ଓ ନବରଙ୍ଗପୁରରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ୮,୦୭୮କୁ ବୃଦ୍ଧି ପାଇଛି।

# ଜୋର ଧରିଲା ସୌମ୍ୟଙ୍କ ପରିବାରକୁ ନ୍ୟାୟ ଦାବି



ଖଇରା ବ୍ଲକ ଛକରେ ଉତ୍ତ୍ୟକ୍ତ ଲୋକଙ୍କ ପଥପ୍ରାନ୍ତ ସଭା।

**ଖଇରା,୯।୯(ଡି.ଏନ.ଏ.)**

ଖଇରା ମାଟିର ସ୍ୱାଭିମାନ ତଥା ପାରଳାଖେମୁଣ୍ଡିରେ କାର୍ଯ୍ୟରତ ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୨ମାସ ପୂରିବାକୁ ବସିଥିବା ବେଳେ ରହସ୍ୟ ଉପରୁ ପରଦା ହଟୁନି। ପରିବାର ଲୋକେ ରାଜ୍ୟସ୍ତରର ବନ ବିଭାଗ ଅଧିକାରୀ, ଡିଜିପି ଓ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବା ସତ୍ତ୍ୱେ ତଦନ୍ତ କେବଳ ପଚରାଉଚୁରା ମଧ୍ୟରେ ସୀମିତ ରହିଛି। ସୌମ୍ୟଙ୍କ ପରିବାରର ଏଭଳି ଦୁଃସମୟରେ ଖଇରା ଜନସାଧାରଣ ତଥା ଅଞ୍ଚଳରେ କାର୍ଯ୍ୟରତ ୨୫ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ସାଂସ୍କୃତିକ ଓ ସାରସ୍ୱତ ସଙ୍ଗଠନ ଗୁରୁବାର ପ୍ରତିବାଦର ସ୍ୱର ଉଠାଇଥିଲେ। ଖଇରା ବଜାରରେ ଥିବା ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସ୍ୱତଃପ୍ରବୃତ୍ତ ଭାବେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନିଜ ନିଜ ଦୋକାନ ବନ୍ଦ ରଖି ଆନ୍ଦୋଳନରେ ସାମିଲ ହୋଇଥିଲେ। ସଙ୍ଗଠନର ସଦସ୍ୟମାନେ ପ୍ରଥମେ ବ୍ଲକ ଛକରେ ଧାରଣାରେ ବସିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରା ବ୍ଲକ ଛକରୁ ବାହାରି ଖଇରା ବଜାର ପରିକ୍ରମା କରି ବଣପାରିଆ ଛକ ପର୍ଯ୍ୟନ୍ତ ଯାଇ ପୁଣି ପୂର୍ବସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲା। ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ଜନ୍ମେଜୟ ଶତପଥୀ, ଗଜେନ୍ଦ୍ର ପ୍ରସାଦ ଦାସ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ଦାସ, କୁଞ୍ଜଲତା ମାହୁନ୍ତ, ଜଗଦାନନ୍ଦ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ରାଧାକାନ୍ତ ପାତ୍ର, ନିରଞ୍ଜନ ବେହେରା, ମାନସ ମହାପାତ୍ର, ଉମେଶ ନାୟକ, କରୁଣାକର ମହାନ୍ତି, ରତ୍ନାକର ବିଶ୍ୱାଳ, ମୁକ୍ତିକାନ୍ତ ପାଣିଗ୍ରାହୀ, ସତ୍ୟବ୍ରତ ନାରାୟଣ ବେହେରା, ବୁଦ୍ଧିରାମ ପାଣିଗ୍ରାହୀ, ସନ୍ତୋଷ ଶତପଥୀ ପ୍ରମୁଖ ଉପସ୍ଥିତ ରହି ପୋଲିସ, କ୍ରାଇମବ୍ରାଞ୍ଚ ଓ ସରକାର ବିଫଳ ବୋଲି କହିଥିଲେ। ଏଭଳି ହତ୍ୟା ପଛରେ ଡିଏଫ୍‌ଓ ସଂଗ୍ରାମ ବେହେରା ଓ ରାଜ୍ୟର ଜଣେ ମନ୍ତ୍ରୀଙ୍କ ହାତଥିବା ନେଇ ଅଭିଯୋଗ କରିଥିଲେ। ଯଦି ୧୫ଦିନ ମଧ୍ୟରେ ଦୋଷୀଙ୍କୁ ଗିରଫ କରା ନ ଯାଏ ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏପରିକି କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ପରେ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ, ଭଦ୍ରକ ଏମ୍‌ପି, ଜଙ୍ଗଲ ବିଭାଗ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଅନ୍ୟ ଏକ ଦାବିପତ୍ର ଆୟୁଷ୍ମାନ ଫାଉଣ୍ଡେସନ ସଙ୍ଗଠନ ପକ୍ଷରୁ ବିଡିଓଙ୍କୁ ପ୍ରଦାନ କରାଯାଇଛି। ପ୍ରତିଭା ପରିବାର, ଜନଜାଗରଣ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ,ଖଇରା ସାହିତ୍ୟ ସଂସଦ, ଆୟୁଷ୍ମାନ ଫାଉଣ୍ଡେଶନ, ଜନହିତ ଯୁବକ ସଂଘ, ଆଦର୍ଶ ଯୁବ ପରିଷଦ, ଦୁର୍ଗାପୂଜା, କାଳିପୂଜା ଓ ଲକ୍ଷ୍ମୀପୂଜା କମିଟି, ଅବସରପ୍ରାପ୍ତ କର୍ମଚାରୀ ସଂଘ ଭଳି ବହୁ ସଙ୍ଗଠନର କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ।

- ଖଇରା ବନ୍ଦରେ ସାମିଲ ହେଲେ ଅଞ୍ଚଳବାସୀ
- ପଥପ୍ରାନ୍ତ ସଭା, ଶୋଭାଯାତ୍ରା

# ୬ ପୋଲିସ କର୍ମଚାରୀ କାର୍ଯ୍ୟରୁ ନିଲମ୍ବିତ

**କେନ୍ଦ୍ରାପଡ଼ା ଅଫିସ, ୯।୯**

**ତିନିମୁହାଣୀରେ ସ୍କୁଟି ଚାଳକ ପୋଲିସ ହାତାହାତି ଘଟଣା**

କେନ୍ଦ୍ରାପଡ଼ା ସହର ତିନିମୁହାଣୀଠାରେ ବୁଧବାର ସନ୍ଧ୍ୟାରେ ମାସ୍କ ଚେକିଂ ହେଉଥିଲା। ଏହି ସମୟରେ ଜଣେ ସ୍କୁଟି ଚାଳକ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏହି ଘଟଣାରେ ଟାଉନ ପୋଲିସ ଗରାପୁର ଗାଁର ପୂର୍ବତନ ସେନା କର୍ମଚାରୀ ମନୋରଞ୍ଜନ ରାଉତଙ୍କୁ ମହିଳା କନଷ୍ଟେବଳ ଓ ଏସ୍‌ଆଇଙ୍କୁ ଆକ୍ରମଣ ଅଭିଯୋଗରେ ନଂ.୧୬୨/୨୧ରେ ମାମଲା ରୁଜୁ କରି ଗିରଫ କରିଥିଲା। ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଏହି ଘଟଣାର ତଦନ୍ତ କରିବା ପରେ ମନୋରଞ୍ଜନଙ୍କୁ ଥାନାରୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି। ଏଥିସହ ଏହି ମାମଲାରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ ଚିଠି ନଂ. ୧୬୭୫ରେ ଜିଲାର ୬ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ଗୁରୁବାର ନିଲମ୍ବିତ କରିଛନ୍ତି। ସେମାନେ ହେଲେ, କନଷ୍ଟେବଳ ଜୟନ୍ତ କୁମାର ମାହାଳି, ସୌଭାଗ୍ୟଲକ୍ଷ୍ମୀ ଜେନା, ଓଏପିଏଫର କନଷ୍ଟେବଳ ଗୋପାଳକୃଷ୍ଣ ସିଂହ, ହରିଶ ଚନ୍ଦ୍ର ହାସଁଦା, ଦୁଃଖିତ ନାୟକ ଓ ହାବିଲଦାର ପୀତାମ୍ବର ବରାଳ। ସୂଚନାଯୋଗ୍ୟ, ପୂର୍ବତନ ସେନା କର୍ମଚାରୀ ମନୋରଞ୍ଜନ ସ୍କୁଟିରେ ଗର୍ଭବତୀ ସ୍ତ୍ରୀଙ୍କୁ ବସାଇ ଦୁହୁରିଆରୁ ନିଜ ଗ୍ରାମକୁ ଆସୁଥିଲେ। ତିନିମୁହାଣୀଠାରେ ତାଙ୍କର ମାସ୍କ ଚେକିଂ ହୋଇଥିଲା। ମାସ୍କ ବାବଦ ଜରିମାନା ଭରିବା ସତ୍ତ୍ୱେ ତାଙ୍କୁ କେତେଜଣ ପୋଲିସ କର୍ମଚାରୀ ସ୍କୁଟି ସହ ଥାନାକୁ ନେବାକୁ ଚେଷ୍ଟା କରିଥିଲେ। ଏହାକୁ ମନୋରଞ୍ଜନ ବିରୋଧ କରିବାରୁ ସମ୍ପୃକ୍ତ ନିଲମ୍ବିତ ପୋଲିସ କର୍ମଚାରୀମାନେ ତାଙ୍କୁ ବାଡେଇ ଥିଲେ ବୋଲି ସୂଚନା ମିଳିଛି।

# ୨ ବାଇକ୍ ମଧ୍ୟରେ ଧକ୍କା: ୨ମୃତ

ବଡ଼ଗାଁ, ୯।୯(ଡି.ଏନ୍.ଏ.)–ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗାଁ ନିକଟ ୧୦ନଂ. ରାଜ୍ୟ ରାଜପଥରେ ବୁଧବାର ରାତିରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କଣ୍ଟିଆମୁରା ଗ୍ରାମର ଅନିଲ ଖଡ଼ିଆ ଓ ବାଇବାଇ ଗ୍ରାମର ସଞ୍ଜୟ କିଷାନ। ଅନିଲ ଓ ବିରଙ୍ଗାଟୋଲି ଗ୍ରାମର ବୈଦ୍ୟନାଥ ନାଏକ ଏକ କମ୍ପାନୀରେ କାମସାରି ଘରକୁ ବାଇକ୍‌ରେ ଫେରୁଥିଲେ। ସଞ୍ଜୟ ଓ ସମ୍ପର୍କୀୟ ଭାଇ ଦେବାନନ୍ଦ କିଷାନ ଅନ୍ୟ ଏକ ବାଇକ୍‌ରେ ଗ୍ରାମକୁ ଫେରୁଥିଲେ। କଣ୍ଟିଆମୁରା ଗାଁ ନିକଟରେ ଦୁର୍ଘଟଣା ଘଟିଥିଲା।



Rayagada: Jeypore, Legend Cars: 7752029391.

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଓବିସିଙ୍କୁ ହାତେଇବାକୁ...

ଓବିସିମାନଙ୍କୁ ଯେତିକି ସଂରକ୍ଷଣ ମିଳିବା କଥା ତାହା ମିଳିନାହିଁ। ସୁପ୍ରିମକୋର୍ଟଙ୍କ ରାୟ ଏ କ୍ଷେତ୍ରରେ ବାଧକ ହୋଇଛି। ସୁପ୍ରିମକୋର୍ଟ ରାୟ ଅନୁଯାୟୀ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ଦିଆଯାଇ ପାରିବ ନାହିଁ। ତେବେ ମହାରାଷ୍ଟ୍ର, ତାମିଲନାଡୁ ଭଳି କେତେକ ରାଜ୍ୟ ଓବିସିଙ୍କ ଲାଗି ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଜାତିଭିତ୍ତିକ ଜନଗଣନା ଏ ଦିଗରେ ସହାୟକ ହୋଇପାରିବ। ଏହାକୁ ନେଇ ହୀନ ରାଜନୀତି କରାଯିବା ଉଚିତ ନୁହେଁ। ଓବିସି ଭୋଟ ହାତେଇବା ଉଦ୍ଦେଶ୍ୟ ରଖି କରାଗଲେ ତାହା ସଫଳ ହେବ ନାହିଁ। ରାଜ୍ୟ ସରକାର ଆଣିଥିବା ସଂକଳ୍ପରେ ତ୍ରୁଟି ରହିଛି। ସର୍ବଦଳୀୟ ବୈଠକ ଡାକି ଏହି ସଂକଳ୍ପ ଆଣିବା କଥା। ମାତ୍ର ଏ ନେଇ କୌଣସି ଆଲୋଚନା ନ କରି ସଂକଳ୍ପକୁ ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ଗୃହୀତ କରାଯାଇଛି। ପୁନର୍ବାର ଏହା ହାଇକୋର୍ଟ ବା ସୁପ୍ରିମକୋର୍ଟରେ ରଦ୍ଦ ହେବାର ସମ୍ଭାବନା ରହିଛି। ରାଜ୍ୟ ସରକାର ଜାଣିଶୁଣି ଭୁଲ ଆଇନ କରି ଅନ୍ୟ ଉପରେ ଦୋଷ ଲଦିବା ଶିଖିଛନ୍ତି। ଓବିସିଙ୍କ ପ୍ରତି ଏହା ବେଇମାନ ଛଡ଼ା କିଛି ନୁହେଁ। ଜାତିଭିତ୍ତିକ ଜନଗଣନା କରାଯାଇ ତଥ୍ୟ ଭିତ୍ତିରେ ସମ୍ବିଧାନ ସଂଶୋଧନ ଆଣି ସଂରକ୍ଷଣ ବୃଦ୍ଧି କରାଯାଉ। ବିରୋଧୀଙ୍କ ଅନୁପସ୍ଥିତିରେ ସଂକଳ୍ପକୁ ପାରିତ କରିବା ଦୁଃଖଦାୟକ। ଜାତିଭିତ୍ତିକ ଗଣନା କରିବା ପାଇଁ ବିଜେଡି କାହିଁକି କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରୁନାହିଁ। କେନ୍ଦ୍ରରେ ବିଜେଡି ମୂଷା ହୋଇଥିବା ବେଳେ ଏଠି ସିଂହର ପୋଷାକ ପିନ୍ଧି ଅଭିନୟ କରୁଛି ବୋଲି ନରସିଂହ କହିଛନ୍ତି।

ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟ ସରକାର ଓବିସିମାନଙ୍କ ପାଇଁ ଥିବା ୧୧.୫ ପ୍ରତିଶତ କୋଟା ଆଗ ପୂରଣ କରନ୍ତୁ। ତା'ପରେ ଅଧିକ ସ୍ଥାନ ସଂରକ୍ଷଣ କଥା କହିବେ। ଓବିସି ଭୋଟ ହାତେଇବା ପାଇଁ ଏହି ସଂକଳ୍ପ ପାରିତ କରାଯାଇଛି ବୋଲି ସେ କହିଛନ୍ତି।

### କୋଚିଂ ନେଇଥିବା ଛାତ୍ରୀଛାତ୍ର...

କମ୍ପ୍ଟ୍ରୋଲର୍ ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଦ୍ୱାରା ୨୦୨୦ ବର୍ଷ ପାଇଁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଗୁରୁବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟ ଆର୍ଥିକ ସ୍ଥିତି ଏବଂ ରାଜ୍ୟରେ ଉଚ୍ଚଶିକ୍ଷାର ଫଳାଫଳ ସମ୍ପର୍କିତ ସିଏଜି ରିପୋର୍ଟକୁ ଉପସ୍ଥାପନ କରିଛନ୍ତି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୋଚିଂ ବ୍ୟବସ୍ଥାର ପ୍ରଚଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଏ ବାବଦରେ ୩୦ ଲକ୍ଷ ଟଙ୍କା ଅନୁଦାନ ପାଇଥିଲା। ୨୦୧୭-୧୮ରେ ପ୍ରତି ବ୍ୟାଚ୍‌ରେ ୬୦ ଜଣ ହିସାବରେ ୨ଟି ବ୍ୟାଚ୍‌ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିଲା। ତେବେ ସେଥିରୁ ଜଣେ ହେଲେ ବି ଛାତ୍ରୀଛାତ୍ର ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ତାଲିମ ଦେବାକୁ କୌଣସି ପାଠ୍ୟକ୍ରମ କିମ୍ବା ବୃତ୍ତିଗତ ପ୍ରଶିକ୍ଷକ ନିୟୋଜିତ କରାଯାଇ ନ ଥିବା ଯୋଗୁ ଏହି ଯୋଜନା ଫେଲ୍ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛି।

### ୧୩ ବିମାନ ବନ୍ଦର...

ଲାଗି ବଡ଼ ବିମାନ ବନ୍ଦର ସହ ଛୋଟ ଛୋଟ ବିମାନ ବନ୍ଦରଗୁଡ଼ିକୁ ଘରୋଇକରଣ କରିବାକୁ ଏଭଳି ପ୍ରକ୍ରିୟା ଜାରି କରାଯାଇଛି। ବିମାନ ବନ୍ଦର ପରିଚାଳନା କ୍ଷେତ୍ରରେ ଘରୋଇ କ୍ଷେତ୍ର ନିବେଶ ଏବଂ ସହଯୋଗିତାକୁ ନଜରରେ ରଖି ଜାତୀୟ ମୁଦ୍ରୀକରଣ ପାଇପଲାଇନରେ ବିଭିନ୍ନ ପ୍ରସ୍ତାବ ରଖାଯାଇଥିବା ନୀତି ଆୟୋଗ କହିଥିଲା। ଜିଏମ୍‌ଆର୍ ଏବଂ ଆଦାନୀ ଗ୍ରୁପ ବାଦ ଅନ୍ୟ କିଛି ଛୋଟ ଗ୍ରୁପ ବିମାନ ବନ୍ଦର ପରିଚାଳନା କ୍ଷେତ୍ରକୁ ପ୍ରବେଶ କରିପାରନ୍ତି ବୋଲି ଭିତ୍ତିଭୂମି ଫାର୍ମର ଜଣେ ଏକଜିକ୍ୟୁଟିଭ କହିଛନ୍ତି। ବଡ ବଡ କମ୍ପାନୀଗୁଡ଼ିକ ଛୋଟ ବିମାନ ବନ୍ଦର ପ୍ରତି ଏତେଟା ଆଗ୍ରହ ଦେଖାଉ ନଥିବା ସେ ମତ ପ୍ରକାଶ କରିଛନ୍ତି।

ଗତ ଥର ହୋଇଥିବା ବିଡିଂ ପ୍ରକ୍ରିୟାରେ ଆଦାନୀ ଗ୍ରୁପ ୬ଟି ବିମାନ ବନ୍ଦର ପରିଚାଳନା ଲାଗି ମଞ୍ଜୁରୀ ଲାଭ କରିଛି। ଏହି ବିମାନ ବନ୍ଦରଗୁଡ଼ିକ ମଧ୍ୟରେ ଅହମ୍ମଦାବାଦ, ଜୟପୁର, ଲକ୍ଷ୍ନୌ, ଥିରୁଭାନନ୍ତପୁରମ, ମାଙ୍ଗାଲୋର, ଗୁଆହାଟି ସାମିଲ ରହିଛି। କରୋନା ପାଇଁ ଯାତ୍ରୀ ଟ୍ରାଫିକ କ୍ଷେତ୍ରରେ ହ୍ରାସ ହୋଇଥିଲେ ମଧ୍ୟ ବିମାନ ବନ୍ଦର ଘରୋଇକରଣ ପ୍ରକ୍ରିୟାରେ କମ୍ପାନୀଗୁଡ଼ିକର ଯୋଗଦାନ ହାର କମିନାହିଁ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

### ରାତାରାତି ବ୍ୟବଚ୍ଛେଦକୁ...

ପ୍ରତିବାଦର ସ୍ୱର ଉଠିଛି। ସନ୍ଧ୍ୟା ପ୍ରାୟ ୭ଟାରେ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ତରବରିଆ ଭାବେ ରାତିରେ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯିବା ଘଟଣା ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସାଧାରଣଭାବେ ରାତିରେ ବ୍ୟଚ୍ଛେଦ କରିବାର ନିୟମ ନ ଥିଲେ ସୁଦ୍ଧା ଦୁଷ୍ମନ୍ତଙ୍କ ବ୍ୟବଚ୍ଛେଦ କିପରି କରାଗଲା ସେନେଇ ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କୁ ପଚାରିବାରେ ସେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ରାତିରେ ବ୍ୟବଚ୍ଛେଦ କରାଯାଇଥିବା କହୁଛନ୍ତି। ସେପଟେ ଗୁରୁବାର ବିଧାନସଭାରେ ବିରୋଧୀ ରାଜନୈତିକ ଦଳ ଏହି ପ୍ରସଙ୍ଗରେ ଗୃହ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ମାଗିଥିବାବେଳେ ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ଦୁଷ୍ମନ୍ତଙ୍କୁ ଆତ୍ମହତ୍ୟା କରିବାକୁ ପଡ଼ି ନ ଥାନ୍ତା ବୋଲି ମହାଲିଙ୍ଗ କହିଛନ୍ତି।

ଆର୍ଥିକ ବୋଝ ସହ ପରିବାରର ଭାର ମୁଣ୍ଡ ଉପରେ ଥିବାବେଳେ ଚିକିତ୍ସା ନ ପାଇ ଭାରସାମ୍ୟ ହରାଇ ଦୁଷ୍ମନ୍ତ ବିଧାନସଭା ନିକଟରେ ହାତ କାଟି ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିବା ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିବା ଗୋଇନ୍ଦା ବିଭାଗର ବିଫଳତାକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଧାନସଭା ଅଧିବେଶନ ଚାଲିଥିବାରୁ ଗୋଇନ୍ଦା ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି। ଏହାସତ୍ତ୍ୱେ ଜଣେ ଯୁବକ ବିଧାନ ସଭା ନିକଟରେ ନିଜ ହାତ କାଟି ବିଷପାନ କରିଥିଲେ ସୁଦ୍ଧା ଗୋଇନ୍ଦା ବିଭାଗ ପୂର୍ବରୁ ନ ଜାଣିପାରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଗୋଇନ୍ଦା ବିଭାଗ ପୂର୍ବ ସୂଚନା ଦେଇଥାନ୍ତା ହୁଏତ ଦୁଷ୍ମନ୍ତଙ୍କ ଜୀବନ ବଞ୍ଚି ଯାଇପାରିଥାନ୍ତା। ଗୋଇନ୍ଦା ବିଭାଗର ବିଫଳତା ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ଅପରପକ୍ଷରେ ଗୁରୁବାର ଏହି ଘଟଣାରେ ଏସ୍‌ସିବି କର୍ତ୍ତୃପକ୍ଷ ନିଜର ସଫେଇ ଦେଇଛନ୍ତି। ଦୁଷ୍ମନ୍ତଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ତଦନ୍ତ କମିଟି ଆବଶ୍ୟକ ପରାମର୍ଶ କରିଛନ୍ତି। ଏପରି କି ଚିକିତ୍ସାର ସମସ୍ତ ପ୍ରମାଣ ସଂଗ୍ରହ କରିଛନ୍ତି। ୨୦୨୦ ମାର୍ଚ୍ଚ ୨୨ରେ ଦୁଷ୍ମନ୍ତ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରଦିନ ଏସ୍‌ସିବିରେ ତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ବାମ ଆଣ୍ଠୁ ଉପରେ ସୃଷ୍ଟ କ୍ଷତର ନିରାକରଣ ସହିତ ପ୍ଲାଷ୍ଟିକ୍ ସର୍ଜରି ପରାମର୍ଶ ପାଇଁ ରେଫର୍ କରାଯାଇଥିଲା। ଏଥିସହିତ ସେ ଗୁରୁତର ରେନାଲ୍ ଟ୍ୟୁବୁଲାର୍ ଏସିଡୋସିସ୍ (ଆରଟିଏ)ରେ ପୀଡିତ ଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଦୁର୍ଘଟଣାର ୧୨ଘଣ୍ଟା ପରେ ସେ ଡାକ୍ତରଖାନାକୁ ଆସିଥିଲେ, ଯାହା ତାଙ୍କ ଅଙ୍ଗକୁ ବଞ୍ଚାଇବାରେ ବହୁତ ବିଳମ୍ବ ହୋଇଥିଲା। ତାଙ୍କୁ ଆଠ ଘଣ୍ଟା ପାଇଁ ଅର୍ଥୋପେଡିକ୍ ଏବଂ ପ୍ଲାଷ୍ଟିକ୍ ସର୍ଜନଙ୍କ ଏକ ଟିମ୍ ଦ୍ୱାରା ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ୨ଟି ଅସ୍ତ୍ରୋପଚାର କରାଯାଇଥିଲା। ପ୍ରଥମଟି ସ୍ନାୟୁ ଚିକିତ୍ସା ଏବଂ ପରେ ଚର୍ମ ଗ୍ରାଫ୍ଟିଙ୍ଗ୍ କରାଯାଇଥିଲା। ଦୁଷ୍ମନ୍ତଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇ ନାହିଁ, ତାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯାଇଛି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ରିପୋର୍ଟରେ ସ୍ପଷ୍ଟ କରିଛନ୍ତି।

### ଭାଗ୍ୟ ଭଲ,...

ମୁର୍ଦ୍ଦାବାଦ' ସ୍ଲୋଗାନ ଦେଇ ବିକ୍ଷୋଭ କରୁଥିବେଳେ ତାଲିବାନ୍‌ର ବନ୍ଧୁକଧାରୀମାନେ ଘଉଡ଼ାଇବା ପାଇଁ ଗୁଳି ଚଳାଉଛନ୍ତି। ଏହି କ୍ରମରେ ବୁଧବାର ମହିଳାମାନେ ବିକ୍ଷୋଭ କରୁଥିବାବେଳେ ଦୁଇ ଖବରଦାତା ସେଠାକୁ ଯାଇଥିଲେ। ତାକି ଦରୟାବି ଏବଂ ନେମାତୁଲ୍ଲା ନାକ୍‌ଦି ନାକ୍‌ଦି ଫଟୋ ଉଠାଇବା ଆରମ୍ଭ କରିବା ମାତ୍ରେ ସେଠାରେ ଉପସ୍ଥିତ ତାଲିବାନୀ ଲଢୁଆମାନେ ଏଥିରେ ବାଧା ଦେଇଥିଲେ। ତୁମେ ଫଟୋ ଉଠାଇପାରିବ ନାହିଁ କହି ସେମାନଙ୍କ କ୍ୟାମେରାକୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ନାକ୍‌ଦି ଭିଡ଼ ଭିତରୁ ଜଣଙ୍କୁ କ୍ୟାମେରା ଧରାଇ ଦେଇଥିଲେ। ତାଲିବାନୀମାନେ ଦୁଇ ଖବରଦାତାଙ୍କୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। କିଛି ଘଣ୍ଟାର ବର୍ବରତା ପରେ ଦୁହିଁଙ୍କୁ ଛାଡ଼ିଥିଲେ। ତୁମ ଭାଗ୍ୟ ଭଲ, ଆମେ ତୁମ ମୁଣ୍ଡ କାଟିନୁ ବୋଲି ଧମକ ଦେଇଥିଲେ। ଏନେଇ 'ଏତିଲାତ୍ ରୋଜ୍' ମୁଖ୍ୟ ଜାକି ଦରୟାବି କହିଛନ୍ତି, ବୁଧବାର ଆମର ୫ ସାମ୍ବାଦିକଙ୍କୁ ତାଲିବାନ୍ ଗିରଫ କରିଥିଲା। ସଙ୍ଗଠନର କଥା ଓ କାମରେ ବହୁତ ଫରକ୍ ରହିଛି। ସେମାନଙ୍କ ପ୍ରତିଶ୍ରୁତିଠାରୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଅନ୍ୟପକ୍ଷେ ତାଲିବାନ୍ ସରକାରର କେହି ଏନେଇ କିଛି ମନ୍ତବ୍ୟ ଦେଇ ନାହାନ୍ତି। ପ୍ରକାଶ ଯେ, ତାଲିବାନ୍‌ର ୧୯୯୬-୨୦୦୧ ସରକାର ଅମଳରେ ଅନେକ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା। ମହିଳା ଖବରଦାତାଙ୍କ ମୁଣ୍ଡକାଟ୍ କରାଯାଇଥିଲା। ଅତ୍ୟାଚାର ସହି ନ ପାରି ବହୁ ଖବରଦାତା ଦେଶ ଛାଡ଼ି ଚାଲିଯାଇଥିଲେ। ଏପରି କି ପାଶ୍ଚାତ୍ୟ ସମର୍ଥିତ ଅଶ୍ରଫ୍ ଗନି ସରକାର ଚାଲିଥିବାବେଳେ ମଧ୍ୟ ତାଲିବାନ୍ ଅନେକ ମହିଳା ଖବରଦାତାଙ୍କୁ ଗୁଳି କରି ହତ୍ୟା କରିଥିଲା।

### ଥାନାରେ ମା'ଙ୍କ...

ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଦୁଷ୍ମନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ନିମନ୍ତେ ରାତିରେ ରେଡ୍‌କ୍ରସ ପାଣ୍ଠିରୁ ବିଡିଓ ଅମିୟ କୁମାର ପଣ୍ଡା ମୃତକଙ୍କ ପରିବାରକୁ ୧ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଗୁରୁବାର ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ତାଙ୍କ ପରିବାରକୁ ଦିଆଯାଇଛି। ଅପରପକ୍ଷେ ଦୁଷ୍ମନ୍ତଙ୍କ ମା' ବାସନ୍ତୀ କୁଜଙ୍ଗ ଥାନାରେ ପୁଅକୁ ଆତ୍ମହତ୍ୟା ପାଇଁ କୌଣସି ବ୍ୟକ୍ତି ମତାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଦୁଷ୍ମନ୍ତଙ୍କ ହାତକାଟି ବିଷ ପିଆଇ ବିଧାନସଭା ସମ୍ମୁଖରେ ଛାଡ଼ିଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରି ଧରିବା ପାଇଁ ବାସନ୍ତୀ ଦାବି କରିଛନ୍ତି। ଏ ସମ୍ପର୍କରେ ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା କହିଛନ୍ତି, ଅଭିଯୋଗ ମିଳିଛି। ଦୁଷ୍ମନ୍ତଙ୍କ ମୋବାଇଲର କଲ ରେକର୍ଡ ଯାଞ୍ଚ କରିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଘଟଣାରେ ଭାଜପା ପକ୍ଷରୁ କଟକ-ପାରାଦୀପ ରାସ୍ତାର ମନ୍ତ୍ରୀ ପାଟଣା ନିକଟରେ ରାସ୍ତାରୋକ କରାଯାଇଥିଲା। ଏଥିରେ ଭାଜପା ନେତା ସମ୍ପଦ ସ୍ୱାଇଁ, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବିଧାୟକ ରମା ରଞ୍ଜନ ବଳିୟାର ସିଂହ, ବିରଞ୍ଚି ତ୍ରିପାଠୀ ପ୍ରମୁଖ ମୃତକ ପରିବାରକୁ ଭେଟିବା ପରେ ରାସ୍ତାରୋକୋରେ ଯୋଗଦେଇଥିଲେ। ଖବରପାଇ କୁଜଙ୍ଗ ତହସିଲଦାର ପ୍ରତିପର୍ଣ୍ଣା ମିଶ୍ର, ତିର୍ତ୍ତୋଲ ଏସ୍‌ଡିପିଓ ଜେନା ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନକାରିଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ରାସ୍ତାରୋକୋରୁ ହଟି ନ ଥିଲେ। ମାତ୍ର ଦୁଷ୍ମନ୍ତଙ୍କ ମା' ଘଟଣାସ୍ଥଳରେ ପହଞ୍ଚି ଆମେ କାହାକୁ ରାସ୍ତାରୋକୋ କରିବାକୁ ଡାକିନାହୁଁ। ତେଣୁ ଆପଣମାନେ ହଟିଯାଆନ୍ତୁ ବୋଲି କହିଥିଲେ। ଏହାପରେ ଭାଜପା ନେତା ଓ କର୍ମୀମାନେ ରାସ୍ତାରୋକୋରୁ ହଟିଯାଇଥିଲେ। ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ମିଶ୍ର କହିଛନ୍ତି, ଆନ୍ଦୋଳନକାରୀ ଆମ କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ମାତ୍ର ମୃତକ ମା'ଙ୍କ ବିରୋଧାଭାଷ ପରେ ସେମାନେ ହଟିଯାଇଥିଲେ।

### ବରୀରେ ଚାଷୀ...

ଅଭିଯୋଗ ହୋଇଛି। ଯଦୁନାଥଙ୍କ ଆତ୍ମହତ୍ୟା ନେଇ ତାଙ୍କ ପୁଅ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫।୨୧) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଯଦୁନାଥ ତିନିବର୍ଷ ହେବ ସ୍ଥାନୀୟ ଲୋକଙ୍କଠାରୁ ହାତ ଉଧାରି ଆଣି ଚାଷ କାର୍ଯ୍ୟ କରୁଥିଲେ। ତେବେ ଗତ ବନ୍ୟା ଓ ଚଳିତ ବର୍ଷ ଫସଲରେ କ୍ଷତି ହେବା ଯୋଗୁ ସେ ଧାର ଟଙ୍କା ଶୁଝି ପାରି ନ ଥିଲେ। ଲୋକେ ଟଙ୍କା ମାଗିବାରୁ ସେ ଚିନ୍ତିତ ହୋଇ ପଡ଼ିଥିଲେ। କେଉଁଠୁ ଟଙ୍କା ଆଣି ଧାର ଶୁଝିବେ ବୋଲି କିଛି ଭାବି ପାରି ନ ଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ସେ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଞ୍ଝାରପୁର ଥାନା ଅଧିକାରୀ ଅମରେନ୍ଦ୍ର ଦାସ କହିଛନ୍ତି, ଘଟଣା ସମ୍ପର୍କରେ ମୃତକଙ୍କ ପୁଅ ଭକ୍ତବନ୍ଧୁ ମଲ୍ଲିକ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଯଦୁନାଥଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ଯଦୁନାଥଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ ମୃତ ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶେଷ ହେଲା ମୌସୁମୀ...

ଖଣି ଦୁର୍ନୀତି, ଷ୍ଟାଫ୍ ସିଲେକ୍ସନ କମିଶନରେ ଦୁର୍ନୀତି, ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ ଅଡୁଆରେ ପକାଇଥିଲେ। ଏହି ଅଧିବେଶନରେ ୧୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହରେ ଅନୁମୋଦନ ଲାଭ କରିଛି। ବିରୋଧୀଙ୍କ ଅନୁପସ୍ଥିତିରେ ବିଲ୍‌ଗୁଡ଼ିକୁ ସରକାର ଏକପାଖିଆ ପାରିତ କରିନେଇଛନ୍ତି। ତେବେ ପୌର ବିଧି (ସଂଶୋଧନ) ବିଲ୍-୨୦୨୧ ଏବଂ ପଞ୍ଚାୟତ ବିଧି (ସଂଶୋଧନ) ବିଲ୍-୨୦୨୧ ପାରିତ କରି ସରକାର ପୌର ଓ ପଞ୍ଚାୟତ ନିର୍ବାଚନ ଲାଗି ଥିବା ସଂରକ୍ଷଣ ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି। ଉକ୍ତ ଦୁଇଟି ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିବା ଦ୍ୱାରା ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରେ ସୀମିତ ରହିଛି। ଫଳରେ ଦୀର୍ଘ ୩ ବର୍ଷ ଧରି ବନ୍ଦ ରହିଥିବା ପୌର ନିର୍ବାଚନ ସକାଶେ ପଥ ପରିଷ୍କାର ହୋଇଛି।

### ଆଇଟି ରିଟର୍ନ ଫାଇଲିଂ...

ନୂଆ ଇ-ଫାଇଲିଂ ପୋର୍ଟାଲ ଆସିବା ପରେ ଏଥିରେ ବିଭିନ୍ନ ସମସ୍ୟା ଜାରି ରହିଛି। ତ୍ୱରିତ ଭିତ୍ତିରେ ସମସ୍ୟା ସମାଧାନ କରିବାକୁ ଇନ୍‌ଫୋସିସକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚଳିତ ମାସ ୧୫ ଯାଏ ମହଲତ ଦେଇଛନ୍ତି। ଗତ ବର୍ଷ ମଧ୍ୟ ସରକାର ରିଟର୍ନ ଫାଇଲିଂ ଅବଧିକୁ ବାରମ୍ବାର ବଢ଼ାଇଥିଲେ। ଏହା ଜୁଲାଇ ୩୧ରୁ ନଭେମ୍ବର ୩୦, ପରେ ଡିସେମ୍ବର ୩୧ ଏବଂ ଚୂଡ଼ାନ୍ତ ଧାର୍ଯ୍ୟ ସୀମା ଭାବେ ୨୦୨୧ ଜାନୁୟାରୀ ୧୦କୁ ବଢ଼ାଯାଇଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**

କୌଣସି କାମ ଶୃଙ୍ଖଳିତ ନ ହେବା କାରଣରୁ ମାନସିକ ଅସ୍ଥିରତା ଲାଗିରହିବ। ପରୋକ୍ଷ ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ। ବନ୍ଧୁ ସ୍ୱତଃପ୍ରବୃତ୍ତ ସାହାଯ୍ୟ କରିବାକୁ ଆଗେଇ ଆସିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସନ୍ତାନଙ୍କ ପାଠପଢ଼ାକୁ ନେଇ ଖୁସି ହୋଇପାରନ୍ତି।

**ବୃଷ**

ଦୁର୍ବଳ ରାଶ୍ୟାଧିପତି ଯୋଗୁ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଦୂରସ୍ଥ ସନ୍ତାନମାନଙ୍କ ସମସ୍ୟା ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିବ। ସରକାରୀ ସ୍ତରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ଆଗାମୀ କାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି।

**ମିଥୁନ**

ବହୁ ପୂର୍ବରୁ ଯୋଜନା କରିଥିବା କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ ସମସ୍ୟା ସହଜରେ ସମାଧାନ କରିବାରେ ସଫଳ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ**

ଶନିଙ୍କ କୁପ୍ରଭାବରୁ ସମସ୍ତ ସୁବିଧା ଥାଇ ମଧ୍ୟ କେତେକ କାମ ଅଧୁରା ରହିଯିବ। ନିଜର ଫାଇଦା ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବାର ଆଶା କରାଯାଇପାରେ। ଅଶ୍ଳେଷା ନକ୍ଷତ୍ର ଅଧିକାଂଶ କ୍ଷେତ୍ରରେ ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ।

**ସିଂହ**

ଯେତେ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କଲେ ମଧ୍ୟ ଆତ୍ମୀୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ସାମାଜିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିପାରନ୍ତି। ବୁଦ୍ଧିଜୀବୀଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା**

ଆଜି ବନ୍ଧୁମାନଙ୍କ ଗହଣରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଏବଂ ସମ୍ମାନ ପାଇ ଖୁସି ହେବେ। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**

ବିବାଦୀୟ ଘଟଣାରେ ନୀରବ ରହିବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ପାଇବେ ନାହିଁ। କାମ ଶୃଙ୍ଖଳିତ ନ ହେବା କାରଣରୁ ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଯୋଗୁ ମନଟା ଗୋଳମାଳିଆ ରହିବ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**


କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ସମସ୍ତଙ୍କୁ ଆପଣେଇ ନେବେ। ମନୋରଞ୍ଜନରେ, ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କ୍ଷେତ୍ରରେ ନିଜକୁ ସଂକୁଚିତ ମନେ କରିପାରନ୍ତି। ପଡ଼ୋଶୀଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ବିଜୟ ପ୍ରାପ୍ତିର ଆଶା ରହିଛି।

**ଧନୁ**

ସମ୍ପର୍କୀୟଙ୍କ ସାହାଯ୍ୟରେ କୌଣସି ନୂତନ ଯୋଜନା କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଠିକଣା ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରନ୍ତୁ, ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବ। ଆଜି ପରିଜନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର**

ଯୋଜନାବଦ୍ଧ ଭାବରେ ଆରମ୍ଭ କରିବାକୁ ଯାଉଥିବା ନୂତନ କର୍ମଟି ପ୍ରୀତିପଦ ରହିବ। ଉତ୍ତରାଷାଢା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ବଢ଼ିବାର ଆଶଙ୍କା ରହିଛି। ଅଭାବ ଲାଗି ରହିଥିଲେ ମଧ୍ୟ ଧାରକରଜ କରି କାମ ତୁଲାଇ ନେବେ। ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ**

ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସହାୟକ ହୋଇପାରେ। ଆଜି ହଠାତ୍ ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ସୁଫଳ ପାଇବେ।

**ମୀନ**

ବାରମ୍ବାର କାମରେ ପ୍ରତିବନ୍ଧକ ଯୋଗୁ ଆଶାନୁଯାୟୀ ଅଗ୍ରଗତି ହୋଇପାରିବ ନାହିଁ। ବିଶେଷତଃ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସମାଧାନର ଆଶା ରହିଛି। ଦୀର୍ଘ ଦିନର ଅଶାନ୍ତିର ପରିସମାପ୍ତି ଘଟିବା ସହ ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ।


# classifieds Everyday
0674-2580101, 2549302




**SALE**

Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805. D-70900

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାଡ଼ି commercial ଜାଗା ବିକ୍ରିହେବ (Single Owner). ଷ୍ଟାର୍ ହୋଟେଲ୍, ମାର୍କେଟ୍ କମ୍ପ୍ଲେକ୍ସ, ହସ୍ପିଟାଲ୍, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। 8917413036. D-71151

2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989. D-70890

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929. D-71702

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71153

ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952. D-71703

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118. D-70887




Construct your home with branded material. We provide plan approval, boring, vastu. 7789824989, 9040744989. D-70891

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Furnished Office space 300sqft. Indradhanu Market, Complex, 10,000/-, 9337336614. D-71004

4000sqft. Godown with office space for rent at BJB Nagar. Contact: 9937095445. D-70478

2000sft. each in 1st and 2nd floor, office space Lewis Road. Contact: 8018725357, 9810064588. D-70953




Newly open full body massage ladies and gents. 7894304092, 8327740003. D-70481

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Swarna SPA newly open positively health benefits with expert therapist. 9556978408. D-71150

Newly open SPA Offer @599/-, positively health benefits, Kalpana. 8984846329. D-71413

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Newly Open Saikrupa Panchakarma Spa positively health benefits with Expert. 8984068077. D-21564

Refreshing your mind, your body with tha best therapy at Lotus SPA. 8018891951. D-70482

**AFFIDAVIT**

Affidavit before Executive Magistrate, Kamakhyanagar, declared that Bachu Nayak and Sanjib Kumar Nayak same and one person, S/o. Prahallad Nayak, Village-Tangarpada, PS-Kamakhyanagar, District-Dhenkanal for all purposes. D-70352

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ପ୍ରକାଶ ପାଇଲା ଯୁକ୍ତ୩ କଟ୍‌ଅଫ୍ ମାର୍କ

**ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୬୮ହଜାର ୫୩୭ ଛାତ୍ରୀଛାତ୍ର ଚୟନ**

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ଚଳିତ ବର୍ଷ ଯୁକ୍ତ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଗୁରୁବାର ପ୍ରକାଶ ପାଇଛି। ଏହି ତାଲିକାରେ ସବୁଠୁ ଆଗରେ ରହିଛି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ। ଭୂଗୋଳରେ କଟ୍‌ଅଫ୍ ମାର୍କ ୯୫.୨୦ ଥିବାବେଳେ ପଦାର୍ଥ ବିଜ୍ଞାନରେ ୯୬.୪୦, ପ୍ରାଣୀ ବିଜ୍ଞାନରେ ୯୬.୪୦ ଏବଂ ବାଣିଜ୍ୟରେ ୯୨ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ଯୁକ୍ତ୩ରେ ନାମଲେଖା ପାଇଁ ଗତ ଅଗଷ୍ଟ ୨୦ ସକାଳ ୧୧ଟାରୁ ସେପ୍ଟେମ୍ବର ୪ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଯୁକ୍ତ୨ କଲେଜରେ ମୋଟ ୨ଲକ୍ଷ ୪୯ହଜାର ୫୩୯ ସିଟ୍ ଥିବାବେଳେ ୨ଲକ୍ଷ ୪୪ହଜାର ୨୫୨ଜଣ ପିଲା ଆବେଦନ କରିଛନ୍ତି। ପୂର୍ବ ସୂଚନା ଅନୁଯାୟୀ ଗୁରୁବାର ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୬୮ହଜାର ୫୩୭ଜଣ ଛାତ୍ରୀଛାତ୍ର ନାମ ଲେଖାଇବାକୁ ଚୟନ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଗୁରୁବାର ୯ ତାରିଖରୁ ୧୪ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍‌ସ ପୋର୍ଟାଲରେ ଫି’ ଦାଖଲ କରିପାରିବେ। ଏହାପରେ ପ୍ରଥମ ପର୍ଯ୍ୟାୟର ଆଡ୍‌ମିଶନ ପ୍ରକ୍ରିୟା ସେପ୍ଟେମ୍ବର ୧୬ରେ ଶେଷ ହେବ ଓ ୨୧ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ।

# ‘କଳା ମଣ୍ଡଳ’ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଓ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର ସୈନିକ ସ୍କୁଲ ନିକଟରେ ନିର୍ମାଣାଧୀନ ବୃହତ୍ ପ୍ରେକ୍ଷାଳୟ ‘କଳା ମଣ୍ଡଳ’ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପ କାର୍ଯ୍ୟର ନିର୍ଦ୍ଦିଷ୍ଟ ସମୟ ସାରଣୀ ପ୍ରସ୍ତୁତ କରି ତ୍ୱରାନ୍ୱିତ କରିବାକୁ ଦୁଇ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୨ହଜାର ଆସନ ବିଶିଷ୍ଟ ଏହି ପ୍ରେକ୍ଷାଳୟର ନିର୍ମାଣ ଶେଷ ହେଲେ ରାଜ୍ୟର ସବୁଠାରୁ ବଡ଼ ପ୍ରେକ୍ଷାଳୟ ହେବ। ପ୍ରାୟ ଶହେ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ୬ ଏକର ଜମି ଯୋଗାଇ ଦିଆଯାଇଛି। ଏଥିରେ ଶୀତତାପ ନିୟନ୍ତ୍ରିତ ସୁବିଧା ରହିବାସହ ଅତ୍ୟାଧୁନିକ ଆଲୋକ, ଦୃଶ୍ୟଶ୍ରାବ୍ୟ, ସ୍ୱୟଂଚାଳିତ ପରଦା, ଭିନ୍ନକ୍ଷମଙ୍କ ପାଇଁ ର୍‍ୟାମ୍ପର ବ୍ୟବସ୍ଥା ହେଉଛି। ଏଥିସହିତ କଳା ଭୂମି ପରିସରରେ ୫ଶହ ଆସନ ବିଶିଷ୍ଟ ଆମ୍ଫି ଥିଏଟର, ୬୨ ହଜାର ବର୍ଗଫୁଟ୍ ଅଞ୍ଚଳରେ ଭୂତଳ ପାର୍କିଂ, ଗ୍ରୀନ୍‌ରୁମ୍, ଗେଷ୍ଟରୁମ୍, ଭିଆଇପି ରୁମ୍, ଲବି ଆଦିର ନିର୍ମାଣ ଚାଲିଛି। ଦୁଇ ମନ୍ତ୍ରୀ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ ସ୍ଥପତିଙ୍କ ସହ କ୍ଷେତ୍ର ସ୍ଥଳକୁ ଯାଇ ଏସବୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ।




୨୭ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବର ଗୁରୁବାର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ‘ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ’ ପାଇଥିବା ଅଭିନେତ୍ରୀ ବିନୋଦିନୀ ଦେବୀ (ବାମରୁ ତଳ), ‘ଗୁରୁ କେଳୁଚରଣ ଯୁବ ପ୍ରତିଭା ସମ୍ମାନ’ରେ ସମ୍ମାନିତ ନୃତ୍ୟଶିଳ୍ପୀ ଆରୁଷୀ ମୁଦ୍‌ଗଲ୍ ଓ ମର୍ଦ୍ଦଳ ଶିଳ୍ପୀ ରାମଚନ୍ଦ୍ର ବେହେରା (ଉପର ମଝି) ଏବଂ ଅନ୍ୟମାନେ।

# ବିନୋଦିନୀଙ୍କୁ ‘ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ’

**୨୭ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ ଉଦ୍‌ଯାପିତ**

- ନୃତ୍ୟଶିଳ୍ପୀ ଆରୁଷୀ ଓ ମର୍ଦ୍ଦଳ ଶିଳ୍ପୀ ରାମଚନ୍ଦ୍ରଙ୍କୁ ‘ଯୁବ ପ୍ରତିଭା ସମ୍ମାନ’
- ‘ବିନାୟକ ସ୍ମରଣେ’ରୁ ଆରମ୍ଭ, ‘ଶିବ ସଙ୍ଗସନମ୍’ରେ ଶେଷ

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ନୃତ୍ୟାନୁଷ୍ଠାନ ‘ସୃଜନ’ ପକ୍ଷରୁ ଡିଜିଟାଲ ମାଧ୍ୟମରେ ୫ ଦିନଧରି ଚାଲିଥିବା ୨୭ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଜୀବନବ୍ୟାପୀ ସାଧନା ପାଇଁ ବରିଷ୍ଠ ମଞ୍ଚ ଅଭିନେତ୍ରୀ ବିନୋଦିନୀ ଦେବୀଙ୍କୁ ‘ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ’ ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କା, ଉତ୍ତରୀୟ, ସ୍ମୃତିଫଳକ ମିଳିଛି। ସେହିପରି ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଆରୁଷୀ ମୁଦ୍‌ଗଲ୍ ଓ ପ୍ରତିଭାଦୀପ୍ତ ଓଡ଼ିଶୀ ମର୍ଦ୍ଦଳ ଶିଳ୍ପୀ ରାମଚନ୍ଦ୍ର ବେହେରାଙ୍କୁ ସେମାନଙ୍କ ସାଧନାର ସ୍ୱୀକୃତି ସ୍ୱରୂପ ‘ଗୁରୁ କେଳୁଚରଣ ଯୁବ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରାଯାଇଛି। ଦୁହିଁଙ୍କୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇଛି।

ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ‘ସୃଜନ’ ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଉଦୀୟମାନ ଶିଳ୍ପୀସମୂହ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗଜାନନଙ୍କ ଆବାହନ ସ୍ୱରୂପ ‘ବିନାୟକ ସ୍ମରଣେ’ରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ବିନୋଦ କୁମାର ପଣ୍ଡା। ପରେ ରାଗ ପରମେଶ୍ୱରୀ ଓ ତାଳ ଖେମଟାକୁ ଆଧାର କରି ଶିଳ୍ପୀବୃନ୍ଦ ‘ପରମେଶ୍ୱରୀ ପଲ୍ଲବୀ’ ପରିବେଷଣ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଯତୀନ କୁମାର ସାହୁ। ଏହାପରେ ଶିଳ୍ପୀମାନେ କବି ରାଧା ମୋହନ ଗଡ଼ନାୟକଙ୍କ ରଚିତ ମାଟି ମା’ର ବନ୍ଦନା ‘ମାଟି’ ପରିବେଷଣ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଲକ୍ଷ୍ମୀକାନ୍ତ ପାଲିତ୍ କରିଥିଲାବେଳେ ଆଲେଖ୍ୟ ଲେଖିଥିଲେ ଜୟଦେବ ଦାସ। ଶେଷରେ ଉପନ୍ୟାସଭିତ୍ତିକ ବିଷୟକ ‘ଶିବ ସଙ୍ଗସନମ୍’କୁ ସଙ୍ଗୀତରେ ରୂପାନ୍ତର କରି ‘ଚନ୍ଦ୍ରଚୂଡ଼ ଶିବ ଶଙ୍କର ଗୌରୀ ରମଣ ଯତେ ନମୋ ନମଃ’ରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ସଂଯୋଜନା ସନ୍ଥ ପୁରନ୍ଦର ଦାସ କରିଥିବାବେଳେ ସଂସ୍କୃତରେ ଅନୁବାଦ କରିଥିଲେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର। ନବନୀତ ସୁନ୍ଦରଙ୍କ ସଙ୍ଗୀତ ସଂଯୋଜନାକୁ ଉଦ୍ଧାର କରି ପୁନର୍ବାର ଏହାକୁ ଅଗ୍ନିମିତ୍ର ବେହେରା ଏବଂ ପ୍ରିୟବ୍ରତ ଦାଶ ମହାପାତ୍ର ସଂଯୋଜନା କରିଥିଲେ। ଏ ସମସ୍ତ ନୃତ୍ୟର ନୃତ୍ୟ ସଂଯୋଜନା ଗୁରୁ ରତିକାନ୍ତ ମହାପାତ୍ର କରିଥିଲେ। ସେହିପରି ନୃତ୍ୟ ପରିବେଷଣ କରିଥିବା ଶିଳ୍ପୀମାନେ ହେଲେ ରାଜଶ୍ରୀ ପ୍ରହରାଜ, ରିତୁ ସେନଗୁପ୍ତା, ପ୍ରଜ୍ଞା, ରିୟଙ୍କା, ଐଶ୍ୱର୍ଯ୍ୟା ସିଂହଦେବ, ସିପ୍ରା ସ୍ୱାଇଁ, ପ୍ରୀତିଶା ମହାପାତ୍ର, ରିବଧିତା ବରୁଆ ଏବଂ ମାୟା କ୍ରିଷ୍ଣମୂର୍ତ୍ତି।

ଚଳିତ ବର୍ଷ ଏହି ଉତ୍ସବକୁ ଗୁରୁମା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। କରୋନା କଟକଣା ପାଇଁ ଦର୍ଶକ ଓ ଶ୍ରୋତାମଣ୍ଡଳୀ ଡିଜିଟାଲ୍ ମାଧ୍ୟମ ‘ସୃଜନ’ର ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ପ୍ରତି ସନ୍ଧ୍ୟା ସାଢ଼େ ୭ଟାରେ ଉତ୍ସବକୁ ଉପଭୋଗ କରିଥିଲେ। ପୂରା ମହୋତ୍ସବର ନିର୍ଦ୍ଦେଶନା ଓ ପରିଚାଳନା ଗୁରୁ ମହାପାତ୍ର କରିଥିବାବେଳେ ଯୁବ ଆଲୋକ ପରିଚାଳକ ଦେବୀପ୍ରସାଦ ମିଶ୍ର ସହାୟତା ଓ ମାୟା କ୍ରିଷ୍ଣମୂର୍ତ୍ତି ସଂଯୋଜନା କରିଥିଲେ। ‘ଧରିତ୍ରୀ’ ମହୋତ୍ସବର ମିଡିଆ ପାର୍ଟନର ରହିଥିଲା।

# ଘରୋଇ ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତ୍ୟାହାର ଦାବି

**କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ମଧ୍ୟବିତ୍ତ ପରିବାର ମହାସଂଘ ଦେଲା ଦାବିପତ୍ର**

ନବରଙ୍ଗପୁର, ୯।୯ (ବି.ପ୍ର.)

କରୋନା ମହାମାରୀ ସମୟରେ ସାଧାରଣ ଲୋକେ ନିଜ ଜୀବିକା ହରାଇ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ଏପରି ସ୍ଥିତିରେ ବାରମ୍ବାର ଘରୋଇ ରନ୍ଧନ ଗ୍ୟାସର ଦରବୃଦ୍ଧି କରି ସରକାର ମଧ୍ୟବିତ୍ତ ପରିବାର ଉପରେ ଆର୍ଥିକ ବୋଝ ଲଦି ଦେଉଥିବା ମଧ୍ୟବିତ୍ତ ପରିବାର ମହାସଂଘ ଅଭିଯୋଗ କରିଛି। ନବରଙ୍ଗପୁର ଜିଲା କମିଟି ପକ୍ଷରୁ ରାଷ୍ଟ୍ରୀୟ ମଧ୍ୟବିତ ମହାସଂଘ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ସହାୟକ ଜିଲାପାଳ ନିର୍ମଳ ନାୟକ ଏହି ଦାବିପତ୍ର ଗ୍ରହଣ କରିଛନ୍ତି। ସଙ୍ଗଠନ ସମ୍ପାଦକ କେ.ବାଲାରାଜୁ ଆଚାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନବରଙ୍ଗପୁର ଜିଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରି ବର୍ଦ୍ଧିତ ଦର ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଲଗାତର ତୃତୀୟ ଥର ପାଇଁ ଘରୋଇ ଏଲପିଜି ସିଲିଣ୍ଡରର ଦର ୨୫ ଟଙ୍କା ବୃଦ୍ଧି ପାଇଛି । ଫଳରେ ଦେଶର ସବୁ ରାଜ୍ୟରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୯୦୦ ଟଙ୍କା ପାର ହୋଇଛି। ଏହା ସାଧାରଣ ମଧ୍ୟବିତ୍ତ ବର୍ଗର ଖାଉଟିଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଇଛି ବୋଲି ସଂଘ ଅଭିଯୋଗ କରିଛି। ଏହି ଦରବୃଦ୍ଧି କରି ନରେନ୍ଦ୍ର ମୋଦିଙ୍କ ଆଚ୍ଛାଦିନ ସରକାର ପ୍ରତ୍ୟେକ ଗୃହିଣୀ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପ୍ରତି ଅବିଚାର କରୁଛନ୍ତି ବୋଲି ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘ ସଙ୍ଗଠନ ସମ୍ପାଦକ କେ.ବାଲାରାଜୁ କହିଛନ୍ତି। କେନ୍ଦ୍ର ସରକାର ଏହି ବର୍ଦ୍ଧିତ ମୂଲ୍ୟକୁ ପ୍ରତ୍ୟାହାର କରିବା ପାଇଁ ମହାସଂଘ ନବରଙ୍ଗପୁର ଜିଲା କମିଟି ଦାବି କରିଛି।

## ବେଆଇନ ଘେରି ଉଚ୍ଛେଦ: ଜାଲ, ଡଙ୍ଗା ଜବତ

ବ୍ରହ୍ମଗିରି, ୯।୯ (ଡି.ଏନ.ଏ) : ବ୍ରହ୍ମଗିରି ତହସିଲ ଅଧୀନରେ ଚିଲିକା ବାହାରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉପରେ ଗୁରୁବାର ବ୍ରହ୍ମଗିରି ପ୍ରଶାସନ ଚଢ଼ାଉ କରି ଜାଲ, ଡଙ୍ଗା ଜବତ କରିଛି। ସୂଚନା ଅନୁଯାୟୀ, ଚିଲିକାକୁ ଘେରି ମୁକ୍ତ କରିବାକୁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ହେଲେ ଏହି ତହସିଲ ଅନ୍ତର୍ଗତ ବାହାର ଚିଲିକାରେ କେତେଜଣ ଲୋକେ ବେଆଇନ ଭାବେ ଚିଙ୍ଗୁଡ଼ି ପୋଖରୀ କରି ନିଜ ଦଖଲରେ ରଖିଛନ୍ତି। ଏ ନେଇ ଖବରପାଇ ବ୍ରହ୍ମଗିରି ତହସିଲଦାର ଓ ପୋଲିସର ମିଳିତ ଉଦ୍ୟମରେ ବଡ଼ବେଣାକୁଦି ମୌଜା ବାଘଲାଞ୍ଜି ଓ ବରୋକୁଦି ଗ୍ରାମର ୧୧୫ ଏକର ସରକାରୀ ଜାଗାରେ ବେଆଇନ ଭାବେ ହେଉଥିବା ଚିଙ୍ଗୁଡ଼ି ପୋଖରୀରେ ଚଢ଼ାଉ କରିଥିଲେ। ଘେରିକୁ ଉଚ୍ଛେଦ କରିବା ସହିତ ଏକ ବଡ ଫାଇବର ଡଙ୍ଗା ଏବଂ ଜାଲ ଜବତ କରାଯାଇଥିବା ତହସିଲଦାର କାହ୍ନୁଚରଣ ଘଡେଇ ସୂଚନା ଦେଇଛନ୍ତି।

# ଆସନ୍ନ ମରୁଡ଼ି ସମୟରେ ଜାଲ୍ କୃଷି ବୀମା ବଢ଼ୁଛି

**ଜନସେବା କେନ୍ଦ୍ରରେ ଫସଲବୀମା ଖଣ୍ଟଙ୍କ ର୍‍ୟାକେଟ ଚାଲିଛି: କଂଗ୍ରେସ**

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ଅଭାବୀ ବର୍ଷାଜନିତ ଫସଲହାନି ସମୟରେ ପ୍ରକୃତ ଚାଷୀଙ୍କ ବଦଳରେ ନକଲି ଚାଷୀ ଏହାର ଫାଇଦା ଉଠାଇବା ପାଇଁ ମୁଣ୍ଡଟେକିଛନ୍ତି। ଏହାର ଦମନ ତଥା ପ୍ରକୃତ ଚାଷୀଙ୍କୁ ହକ୍ ଦେବାରେ ରାଜ୍ୟ ସରକାର ଅସମର୍ଥ ବୋଲି କଂଗ୍ରେସ ଅଭିଯୋଗ କରିଛି। ଓଡ଼ିଶା ସରକାର ଚାଷୀଙ୍କୁ ପ୍ରତାରିତ କରି ଆସିଛନ୍ତି ବୋଲି ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଦେବାଶିଷ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ବୀମା ପଞ୍ଜୀକରଣ କେନ୍ଦ୍ରରେ ଯାଞ୍ଚର ସୁବିଧା ନାହିଁ। ଫଳରେ ପ୍ରଧାନମନ୍ତ୍ରୀ ଫସଲବୀମା ଅଫିସିଆଲ ସାଇଟ୍‌ରେ ଜାଲ ଜମି ମାଲିକ ପଞ୍ଜୀକୃତ କରାଇ ନେଉଛନ୍ତି। କଳାହାଣ୍ଡି ଜିଲା ନର୍ଲା ବ୍ଲକର ଚାଷୀ ଦେବେନ୍ଦ୍ର ସାହା ଏହିଭଳି ଠକାମିର ଶିକାର ହୋଇଛନ୍ତି। ନୂଆପଡ଼ା ଜିଲା ଖଇରମାଳ ଗ୍ରାମର ଚାଷୀ ମିତ୍ରସେନ ମହାନନ୍ଦଙ୍କ ୫ ଏକର ଜମିରେ ଜାଲ୍ କାଗଜପତ୍ର କରି ଅରବିନ୍ଦ ବେହେରାଙ୍କ ନାମରେ ଏବଂ ୧୫ ଏକର ଓ ୫୫ ଏକର ଜମିକୁ ଯଥାକ୍ରମେ କୁଳନିଧି ବେହେରା ଓ ଅନ୍ୟ ଲୋକଙ୍କ ନାମରେ ବୀମା ପାଇଁ ପଞ୍ଜୀକୃତ କରାଯାଇଛି। ଜନସେବା କେନ୍ଦ୍ରରେ ଫସଲବୀମା ଖଣ୍ଟଙ୍କ ର୍‍ୟାକେଟ ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

# ବିସ୍ଥାପିତ ନ କରି ବିକାଶ ହେଉ

**ସମଲେଇ ଯୋଜନା ବିସ୍ଥାପିତଙ୍କ ଜଳ ସତ୍ୟାଗ୍ରହ**

ସମ୍ବଲପୁର, ୯।୯ (ବ୍ୟୁରୋ)

ସମ୍ବଲପୁର ସମଲେଇ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ବିଭିନ୍ନ ପଡ଼ାର ଲୋକମାନେ ଗୁରୁବାର ମହାନଦୀର ବାଲିବନ୍ଧା ଘାଟରେ ଜଳ ସତ୍ୟାଗ୍ରହ କରି ବିରୋଧ କରିଥିଲେ। ଏଥିରେ ସାମିଲ ହୋଇଥିବା ମହିଳାପୁରୁଷ ବିସ୍ଥାପିତ ନ କରି ସମଲେଇ ମନ୍ଦିର ବିକାଶ କାର୍ଯ୍ୟ କରାଯାଉ ବୋଲି ଦାବି କରିଥିଲେ। ପ୍ରାୟ ୨ଘଣ୍ଟା ପାଣି ଭିତରେ ରହି ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ସେମାନେ ଦର୍ଶାଇଥିଲେ, ଆମକୁ ସମଲେଇ ମା’ଙ୍କ ପାଦତଳୁ ଅଲଗା କରା ନ ଯାଉ। ଯାହା ବିପଦ ଆସିଲେ ମଧ୍ୟ ଜାଗା ଛାଡି କୁଆଡ଼େ ଯିବୁ ନାହିଁ। ଗରିବଙ୍କୁ ବିସ୍ଥାପିତ କରି ପୁଞ୍ଜିପତି ବ୍ୟବସାୟୀଙ୍କୁ ହୋଟେଲ, ବାର୍ କରିବାକୁ ଜମି ଲିଜ୍ ଦିଆଯିବ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପ୍ରତ୍ୟାହାର କରଯାଉ। ଦେବୀଙ୍କ ନାମ ନେଇ ସରକାର ଏଠି ବ୍ୟବସାୟ କରୁଛନ୍ତି। ମହାନଦୀ କୂଳରେ ଥିବା ଜମି ଅଧିଗ୍ରହଣ କରି ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଯୋଜନା କରାଯାଇଛି। ଏଥିରେ ଘରୋଇ କମ୍ପାନୀ ପୁଞ୍ଜି ନିବେଶ କରିବେ। ବାସ୍ତବରେ ସମଲେଇ ଯୋଜନା କ’ଣ, ଏଥିରେ କି ସୁବିଧା ରହିଛି, କେତେ ଜମି ଆବଶ୍ୟକ ସେ ନେଇ କୌଣସି ଲିଖିତ ଭାବେ ଜଣାଯାଇ ନାହିଁ। ହଠାତ୍ ଯୋଜନା ନାମରେ ଗରିବ ଲୋକମାନଙ୍କୁ ବିସ୍ଥାପିତ କରି ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ୩୯ ଏକର ଜମି ଆବଶ୍ୟକ ବୋଲି କୁହାଯାଇଥିଲା। ଏବେ ଏହାକୁ ବୃଦ୍ଧିକରି ୧୦୭ ଏକର କରାଯାଇଛି। ଏଥିରେ ସହରର ବଡ଼ବଜାର, କମିବଜାର, ଘୁନଘୁଟିପଡା, ରାଜଜିମନ୍ଦିରପଡ଼ା, ବାଲିବନ୍ଧାର ଶତାଧିକ ପରିବାର ବିସ୍ଥାପିତ ହେବେ। ଏହାମଧ୍ୟରେ କେତେକ ପରିବାରଙ୍କ ଜମି ପଟ୍ଟା ରହିଥିବାବେଳେ ଅଧିକାଂଶ ପରିବାରକୁ ପଟ୍ଟା ମିଳିନାହିଁ। ପ୍ରାୟ ୪ଶହ ବର୍ଷରୁ ଅଧିକ ଦିନ ଧରି ରହିଆସୁଥିଲେ ମଧ୍ୟ ସରକାରୀ ଯୋଜନାରେ ପଟ୍ଟା ଦିଆଯାଇ ନାହିଁ। ଲୋକ ନିଜ ଅର୍ଥରେ ଘର ତିଆରି କରି ବାପଅଜା ଅମଳରୁ ରହିଆସୁଛନ୍ତି। ହେଲେ ଏବେ ସରକାର କ୍ଷତିପୂରଣ ନିଅ, ଜମି ଓ ଘର ଛାଡ଼ିଦିଅ ବୋଲି କହୁଛନ୍ତି। କୌଣସି ପରିସ୍ଥିତିରେ ବିସ୍ଥାପିତ ହେବୁ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ମୈଥିଳି ମହାପାତ୍ର, ପଞ୍ଚାନନ ତ୍ରିପାଠୀ, ଶୈଳେନ୍ଦ୍ର ମହାପାତ୍ର, ସୁଶାନ୍ତ ପୁରୋହିତ, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଜଳ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।

## ନୂଆ ଖାଇବେ ନାହିଁ ଘୁନଘୁଟି ପଡ଼ାବାସୀ

ସମ୍ବଲପୁର, ୯।୯ (ବ୍ୟୁରୋ)

ସମଲେଇ ଯୋଜନାକୁ ନେଇ ବିରୋଧାଭାସ ଜାରି ରହିଛି। ସ୍ଥାନୀୟ ଲୋକେ ବିସ୍ଥାପିତ ହେବାକୁ ବିରୋଧ କରୁଛନ୍ତି। ଗୁରୁବାର ଘୁନଘୁଟିପଡ଼ାବାସୀ ବୈଠକ କରି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପର୍ବ ପାଳନ କରିବେ ନାହିଁ କି ନୂଆ ଖାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସେମାନେ କହିଛନ୍ତି, ବିସ୍ଥାପିତ କରିବାକୁ ପ୍ରଶାସନ ବାରମ୍ବାର ଚେତାବନୀ ଦେଉଛି। ତେଣୁ ମନରେ ଖୁସି କି ଉତ୍ସାହ ନାହିଁ। ଦୁଃଖକଷ୍ଟରେ ଥାଇ ଖୁସିର ପର୍ବ ପାଳନ କରିପାରିବେ ନାହିଁ ବୋଲି କହିଛନ୍ତି। ବୈଠକରେ ରମାତନୁ ଦୀପ, ଗନ୍ଧବ ରାକସ, ରମେଶ ଦୀପ, ନବ ବାଗ, ମାଖୁନୁ ଦୀପ, ନବ ବାଗଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ। ଘୁନଘୁଟିପଡାରେ ଲୋକେ ପ୍ରାୟ ୪୫୦ବର୍ଷ ହେବ ବସବାସ କରିଆସୁଛନ୍ତି। ପଡ଼ାର ପରିବାର ସଂଖ୍ୟା ବୃଦ୍ଧି ପାଇ ଏବେ ୨୫୦ରେ ପହଞ୍ଚିଛି।


अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

सिजुआ, डाक : डुमुडुमा, भुवनेश्वर -751019

Sijua, Post : Dumuduma, Bhubaneswar -751019

No. AIIMS/BBSR/RECT/Satellite Centre/2021/2964 Dated:09.09.2021

**RECRUITMENT OF SENIOR CONSULTANT (SPECIALIST) & CONSULTANT POSTS FOR AIIMS BHUBANESWAR SATELLITE CENTRE, BALASORE (ABSC, BALASORE) ON CONTRACTUAL BASIS- 2021**

**All India Institute of Medical Sciences, Bhubaneswar** an Autonomous Institute of National Importance is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana(PMSSY)** with the aim of correcting regional imbalance in quality tertiary level healthcare in the country, and attaining self-sufficiency in graduate, postgraduate and higher medical education and training.

Applications in prescribed proforma **(hard copy only)** from Indian citizens are invited for the following post of **Senior Consultants (Specialist) & Consultants on contractual basis** for AIIMS Bhubaneswar Satellite Centre, Balasore (ABSC, Balasore).

| Sl. No. | Name of Post | No. of Posts & Category | Specialization | Monthly Remuneration (Consolidated) | Max. Age Limit |
|---|---|---|---|---|---|
| 01 | Senior Consultant (Specialist) | 03 (UR-03) | General Medicine (UR-01)<br>Obstetrics & Gynaecology (UR-01)<br>General Surgery (UR-01) | Rs. 1,00,196/- | 65 years |
| 02 | Consultant | 20 (UR-09, OBC- 05, SC -03, ST-01, EWS- 02) | – | Rs.83,028/- | 65 years |

- Contractual engagement for all of the above post of Senior Consultant (Specialist) & Consultant will be only for a period of one year.
- For details of advertisement including educational qualifications, age and eligibility criteria etc., kindly visit the Institute's website https://aiimsbhubaneswar.nic.in/. **The last date for submission of application is 09.10.2021.**

Sd/-
निदेशक/Director
एम्स, भुवनेश्वर/AIIMS, Bhubaneswar


ଧରିତ୍ରୀ DHARITRI | ELECTRONICS, DIGITALS & FURNITURES SHOWROOM GUPTA DISTRIBUTORS No.1 Retail Chain Stores

## ରକ୍ଷାବନ୍ଧନ ବାର୍ତ୍ତା ପ୍ରତିଯୋଗିତା-୨୦୨୧

ରାଖୀ ପୂର୍ଣ୍ଣିମା ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ‘ଅତୁଟ ବନ୍ଧନ’ ବାର୍ତ୍ତା ପ୍ରତିଯୋଗିତାରେ ନିମ୍ନଲିଖିତ ପାଠିକାପାଠକମାନେ ସୁନ୍ଦର ବାର୍ତ୍ତା ପଠାଇ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୧୮ ତାରିଖ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବିତରଣ ଉତ୍ସବର ସ୍ଥାନ ଓ ସମୟ ଭାଗ୍ୟଶାଳୀ ବିଜେତାମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯିବ।

| SL NO | NAME | ADDRESS |
|---|---|---|
| 1 | SAKTI PUJARINI DAS | JAGATSINGPUR |
| 2 | DIPTI MAYEE DAS | KENDRAPADA |
| 3 | SANTANU KUMAR BEHERA | BHUBANESWAR |
| 4 | RASMI REKHA MOHAPTRA | BALASORE |
| 5 | DASARATHI NAYAK | BHUBANESWAR |
| 6 | PROMOD KUMAR BARIK | BHUBANESWAR |
| 7 | ALOK KUMAR SAHOO | BHUBANESWAR |
| 8 | ANSILA PRIYA DARSHINI PANDA | BERHAMPUR |
| 9 | SAGARIKA BALIAR SINGH | KHORDHA |
| 10 | NAMITA DASH | PURI |
| 11 | SOUBHAGIYA RANJAN DASH | KHORDHA |
| 12 | MANJUSHREE BEHERA | BHUBANESWAR |
| 13 | BIBHUDAT BARIK | BHUBANESWAR |
| 14 | SANATAN JENA | BHUBANESWAR |
| 15 | BARSARANI MISHRA | KHURDHA |
| 16 | RASHMIREKHA MOHARANA | CUTTACK |
| 17 | JAGDISH DASH | CUTTACK |
| 18 | SONALI SUCHISMITA PRUSTY | CUTTACK |
| 19 | RUDRAMADHABA MOHANTY | KHORDHA |
| 20 | JYOTIRMAYEE MOHARANA | CUTTACK |
| 21 | ANSHUMAN DAS | BHUBANESWAR |
| 22 | MALATI TRIPATHY | KHORDHA |
| 23 | NIHAR RANJAN NAYAK | CUTTACK |
| 24 | ALOK KUMAR JENA | CUTTACK |
| 25 | SUSREE PARINITA | BHADRAK |
| 26 | ASIT AMANTA | BARGARH |
| 27 | ANANYA ROUTRAY | BARGARH |
| 28 | SANTOSH SAMNTARAY | CUTTACK |
| 29 | MADAN MOHAN DASH | BHUBANESWAR |
| 30 | BISWAJITA MISRA | PURI |
| 31 | SANJULATA NAYAK | BHUBANESWAR |
| 32 | DIBAKAR MAHARANA | SAMBALPUR |
| 33 | SWATI MOHANTY | BHUBANESWAR |
| 34 | SUSMITA PATNAIK | BHUBANESWAR |
| 35 | MONALISHA BHAT | BHUBANESWAR |
| 36 | PRATIK AMANTA | SAMBALPUR |
| 37 | SMURTI RANJAN NAYAK | CUTTACK |
| 38 | SANGHAMITRA JENA | CUTTACK |
| 39 | BHUMI | BHUBANESWAR |
| 40 | SUBHANKAR PRIYADARSHINI | BHUBANESWAR |
| 41 | GANGADHAR BEHERA | CUTTACK |
| 42 | GOPALI CHATARJI | BARGARH |
| 43 | SAISREE SATYARUPA TRIPATHY | NAYAGARH |
| 44 | RASMI REKHA NAYAK | JAJPUR |
| 45 | SUBHASREE MOHAPTRA | KHORDHA |
| 46 | LINGARAJ PATRA | BHUBANESWAR |
| 47 | PRADIP KUMAR NAYAK | BOLANGIR |
| 48 | RANJULATA MUDULI | CUTTACK |
| 49 | JYOTIRMAYEE PRIYADARSHINI | BHUBANESWAR |
| 50 | IPSITA BEHERA | TALCHER |
| 51 | SANJITA PRIYADARSHINI | BHUBANESWAR |
| 52 | SONALI PANI | BHUBANESWAR |
| 53 | CHANDAN SAHOO | PURI |
| 54 | SATYABHAMA SAHOO | BHUBANESWAR |
| 55 | SIBASHIS BISWAL | PURI |
| 56 | LAXMI KANTA SAHOO | JHARSUGUDA |
| 57 | USHARANI DASH | KENDRAPADA |
| 58 | JESIKA BEURIA | JAJPUR |
| 59 | GOURANGA BEHERA | BALASOR |
| 60 | RAJASHREE MINATI | KHORDHA |
| 61 | SAROJINI SWAIN | KENDRAPADA |
| 62 | NILIMA SAHOO | BHUBANESWAR |
| 63 | ARCHANA PRUSTY | JAJPUR |
| 64 | SUJATA PRIYADARSHINI | KENDRAPADA |
| 65 | MINAKHSI PATRA | NABRANGPUR |
| 66 | KOUSALIYA MALLICK | CUTTACK |
| 67 | ASIMA PRIYADARSHINI | BHUBANESWAR |
| 68 | ARJIT PRIYA RANJAN | PURI |
| 69 | ABHILIPSA ROUTRAY | BARGARH |
| 70 | APARNA SINGH | MAYURBHANJ |

In association with RUCHI FOODLINE Since 1976 | PANDA TRAVEL MART | Panasonic

ବି.ଦ୍ର. ଏହି ସ୍ତମ୍ଭରେ ସ୍ଥାନିତ ହୋଇଥିବା ନାମଗୁଡ଼ିକ କ୍ରମାନ୍ୱୟ ଭାବେ ସ୍ଥାନିତ ହୋଇନାହିଁ।

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। **–ଶ୍ରୀଅରବିନ୍ଦ**

# ଶରଣାର୍ଥୀ ଚୁକ୍ତିରେ ସଂଶୋଧନ ଲୋଡ଼ା



ସିନାନ୍ ଉଲ୍‌ଜେନ୍

ଆଫଗାନିସ୍ତାନର ବିପର୍ଯ୍ୟସ୍ତ ସ୍ଥିତି ଶରଣାର୍ଥୀ ସଞ୍ଚାଳନ ବ୍ୟବସ୍ଥା ଉପରେ ଏକ ବିଶ୍ୱ ସ୍ତରୀୟ ବିକର୍ତ ଉଜ୍ଜୀବିତ କରିଛି। ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଫେରିବା ପରେ ଲୋକମାନେ ଦେଶ ଛାଡ଼ି ପଳାଇ ଯାଉଛନ୍ତି । ଏହାକୁ ଲକ୍ଷ୍ୟ କରି ବିଶ୍ୱ ସମୁଦାୟ ମଧ୍ୟ ଚିନ୍ତିତ। କେବଳ ଚଳିତ ବର୍ଷ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଆଫଗାନିସ୍ତାନ ଛାଡ଼ି ଚାଲିଯିବାର ଆଶଙ୍କା ରହିଛି। ଏଥିପାଇଁ ୟୁନାଇଟେଡ୍ ନେସନ୍ସ ରିଫ୍ୟୁଜି ଏଜେନ୍ସି ବା ଜାତିସଂଘ ଶରଣାର୍ଥୀ ସଂସ୍ଥା( ୟୁଏନ୍‌ଏଚ୍‌ସିଆର୍) ଶରଣାର୍ଥୀଙ୍କ ଥଇଥାନ ଲାଗି ପ୍ରସ୍ତୁତ ହେଉଛି। ତେବେ ସିରିଆ, ଲିବ୍ୟା ଏବଂ ମ୍ୟାନମାର ଭଳି ଏବେ ଆଫଗାନିସ୍ତାନ ସଙ୍କଟରେ ସୃଷ୍ଟି ହୋଇଥିବା ଶରଣାର୍ଥୀ ସମସ୍ୟା ସମାଧାନରେ ବୈଶ୍ୱିକ ବ୍ୟବସ୍ଥାର ଦୁର୍ବଳତା ପ୍ରକାଶ ପାଇଛି। ମୁଖ୍ୟତଃ ୧୯୫୧ ଶରଣାର୍ଥୀ ଚୁକ୍ତି ବା ରାଜିନାମାର ତ୍ରୁଟି ସାମ୍ନାକୁ ଆସିଛି।

ଶରଣାର୍ଥୀ ଚୁକ୍ତି ସ୍ୱାକ୍ଷରିତ ହୋଇଥବା ସମୟ ବର୍ତ୍ତମାନଠାରୁ ଭିନ୍ନ ଥିଲା। ଏହାକୁ ପ୍ରସ୍ତୁତ କରାଯିବା ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିପର୍ଯ୍ୟୟରୁ ବିଶ୍ୱ ସ୍ୱାଭାବିକ ଅବସ୍ଥାକୁ ଫେରୁଥିଲା। ସେହି ସମୟରେ ଶରଣାର୍ଥୀଙ୍କ କେନ୍ଦ୍ର ଥିଲା ୟୁରୋପ । ଏବେ ଏହା ସମ୍ପ୍ରସାରିତ ହୋଇଛି। ବିଶ୍ୱର ବହୁ ଦେଶରେ ଶରଣାର୍ଥୀ ସୃଷ୍ଟି ହେଉଛନ୍ତି। ବିଶ୍ୱର ମୋଟ ଶରଣାର୍ଥୀଙ୍କ ମଧ୍ୟରୁ ଦୁଇ ତୃତୀୟାଂଶରୁ ଅଧିକ ହେଉଛନ୍ତି ସିରିଆ,ଭେନିଜୁଏଲା, ଆଫଗାନିସ୍ତାନ, ସାଉଥ ସୁଦାନ ଏବଂ ମ୍ୟାନ୍‌ମାର୍‌ର। ଫଳରେ ପାଶ୍ଚାତ୍ୟ ବ୍ୟତୀତ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ଏବେ ଶରଣାର୍ଥୀଙ୍କ ସମସ୍ୟାର ବୋଝ ବୋହିବାକୁ ପଡୁଛି। ବିଶ୍ୱରେ ତୁର୍କୀ ସର୍ବାଧିକ ପ୍ରାୟ ୩.୭ ମିଲିୟନ ଶରଣାର୍ଥୀଙ୍କୁ ଥଇଥାନ କରିଛି। ତା'ପଛକୁ ଜୋର୍ଡାନ (୨.୯ ମିଲିୟନ), କଲମ୍ବିଆ ( ୧.୭ ମିଲିୟନ), ପାକିସ୍ତାନ (୧.୪ ମିଲିୟନ) ଏବଂ ଉଗାଣ୍ଡା (୧.୪ ମିଲିୟନ) ଶରଣାର୍ଥୀଙ୍କ ଦାୟିତ୍ୱ ସମ୍ଭାଳିଛି। ଶରଣାର୍ଥୀ ଥଇଥାନ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି ସତ, କିନ୍ତୁ ଏଯାବତ ବହୁପକ୍ଷୀୟ ଢାଞ୍ଚାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏତିକି ହୋଇଛି ଦେଶ ଦେଶ ମଧ୍ୟରେ ଅନେକ ଦ୍ୱିପାକ୍ଷିକ ଚୁକ୍ତି କରାଯାଇଛି।

ମାର୍ଚ୍ଚ ୨୦୧୬ରେ ତୁର୍କୀ ଏବଂ ୟୁରୋପିଆନ ୟୁନିୟନ (ଇୟୁ) ମଧ୍ୟରେ ସିରିଆ ଶରଣାର୍ଥୀଙ୍କୁ ନେଇ ଏକ ଦ୍ୱିପାକ୍ଷିକ ଚୁକ୍ତି ହୋଇଛି। ଉକ୍ତ ଚୁକ୍ତି ଇୟୁକୁ ୧୯୫୧ ରାଜିନାମା ଅନୁଯାୟୀ ଶରଣାର୍ଥୀଙ୍କୁ ସେବା ଯୋଗାଇ ଦେବା ଦାୟିତ୍ୱରୁ ଓହରି ଯିବାକୁ ବାଟ ଦେଖାଇଛି। ଏଭଳି ଚୁକ୍ତିଗୁଡ଼ିକ ବୈଶ୍ୱିକ ନିୟମ ଆଧାରରେ ଶରଣାର୍ଥୀଙ୍କ ପାଇଁ କରାଯାଇଥିବା ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି। ଅଲଗା ଅଲଗା ଚୁକ୍ତି କରିବା ବଦଳରେ ଅନ୍ତର୍ଜାତୀୟ ସମୁଦାୟ ୧୯୫୧ର ଶରଣାର୍ଥୀ ଚୁକ୍ତି ଉପରେ ପୁନର୍ବିଚାର କରବା ଉଚିତ। ଏହାକୁ ଅତିକମ୍‌ରେ ୪ଟି ଉପାୟରେ ସଂଶୋଧନ କରଯିବା ଆବଶ୍ୟକ।

ପ୍ରଥମତଃ ଶରଣାର୍ଥୀ ସୁରକ୍ଷା ଓ ଥଇଥାନ ବ୍ୟବସ୍ଥାରେ ରହିଥିବା ପାଣ୍ଠି ସମସ୍ୟା ସମାଧାନ କରାଯିବା ଦରକାର। ସାମ୍ପ୍ରତିକ ସମୟରେ ୟୁଏନ୍‌ଏଚ୍‌ସିଆର ବାର୍ଷିକ ବଜେଟ ରହିଛି ୮.୬ ବିଲିୟନ ଆମେରିକୀୟ ଡଲାର। ମୋଟ ଉପରେ ଏହା ତା'ର ବୈଧାନିକ ଲକ୍ଷ୍ୟ ହାସଲ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଫଳସ୍ୱରୂପ, ସବୁବେଳେ ଲାଗିରହୁଥିବା ଶରଣାର୍ଥୀ ସଙ୍କଟର ଜରୁରୀ ସମାଧାନ ପାଇଁ ୟୁଏନ୍‌ଏଚ୍‌ସିଆର ସରକାରଗୁଡ଼ିକଠାରୁ ପାଣ୍ଠି ଯୋଗାଡ଼ କରିବାକୁ ବାଧ୍ୟ ହେଉଛି। ଉଦାହରଣସ୍ୱରୂପ, ଏବେ ଏହା ଆଫଗାନିସ୍ତାନ ଶରଣାର୍ଥୀ ସ୍ଥିତିର ନିୟନ୍ତ୍ରଣ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାକୁ ସଂଘର୍ଷ କରିବାକୁ ପଡୁଛି। ତୁଳନାତ୍ମକ ଭାବେ ୨୦୧୫ର ପ୍ୟାରିସ୍ ଜଳବାୟୁ ବୁଝାମଣାକୁ ଦେଖାଯାଉ। ଏଥିରେ ବିଭିନ୍ନ ଦେଶର ସରକାର ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ କରିବା ଲାଗି ବର୍ଷକୁ ୧୦୦ ବିଲିୟନ ଡଲାର ସହାୟତା ରାଶି ଯୋଗାଇ ଦେବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। । ଏହାର ଲକ୍ଷ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ, କିନ୍ତୁ ସଂସାଧନ ଯୋଗାଇ ଦେବାର ପ୍ରତିବଦ୍ଧତାରେ ଅସଙ୍ଗତି ଏଥିରୁ ସ୍ପଷ୍ଟ ହେଉଛି। ନିକଟରେ ଇୟୁ ତା' ମଲ୍‌ଟିଆନୁଆଲ ଫାଇନାନ୍‌ସିଆଲ ଫ୍ରେମ୍‌ୱାର୍କ ବା ବହୁବର୍ଷୀୟ ବିତ୍ତୀୟ ଢାଞ୍ଚା(ଏମ୍‌ଏଫ୍‌ଏଫ୍)ରେ ଅନ୍ତର୍ଜାତୀୟ ଜଳବାୟୁ କାର୍ଯ୍ୟକ୍ରମକୁ ପ୍ରାୟ ୨୭ ବିଲିୟନ ଡଲାର ସହାୟତା ରାଶି ଦେବା ଲାଗି ପ୍ରତିଶ୍ରୁତି ଦେଇଛି। ଅନ୍ୟ ପକ୍ଷରେ ୟୁଏନ୍‌ଏଚ୍‌ସିଆର ବଜେଟକୁ ଇୟୁର ବାର୍ଷିକ ସହାୟତା ରାଶି ରହିଛି ୫୨୨ ମିଲିୟନ ବା ପାଖାପାଖି ୩.୬୫ ବିଲିୟନ ଡଲାର। ଏଣୁ ଗ୍ଲୋବାଲ କ୍ଲାଇମେଟ୍ ଫଣ୍ଡ ଭଳି ୟୁଏନ୍‌ଏଚ୍‌ସିଆର ତତ୍ତ୍ୱାବଧାନରେ ଶରଣାର୍ଥୀଙ୍କ ପାଇଁ ଏକ ସ୍ଥାୟୀ ପାଣ୍ଠି ସୃଷ୍ଟି କରିବାକୁ ପଦକ୍ଷେପ ଗ୍ରହଣ କରାଯିବା ଦରକାର। ଏଭଳି ପାଣ୍ଠି ଦ୍ୱାରା ୟୁଏନ୍‌ଏଚ୍‌ସିଆର ଅଧିକ ପ୍ରଭାବୀ ଓ ନିର୍ଣ୍ଣାୟକ ଶୈଳୀରେ କାର୍ଯ୍ୟ କରିବାକୁ ସକ୍ଷମ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଶରଣାର୍ଥୀ ସମସ୍ୟା ସମାଧାନ କରୁଥିବା ଦେଶଗୁଡ଼ିକୁ ସେମାନଙ୍କ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରିବ।

ଦ୍ୱିତୀୟରେ ଏବେକାର ରିଫ୍ୟୁଜି ବା ଶରଣାର୍ଥୀର ସଂଜ୍ଞାରେ ପରିବର୍ତ୍ତନ ଲୋଡ଼ା। ଏଥିରେ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ହୋଇ ସ୍ଥାନାନ୍ତରିତ ଲୋକଙ୍କୁ ଯୋଗ କରିବାକୁ ହେବ। କାରଣ ବିଶ୍ୱତାପନ ବୃଦ୍ଧି ଯୋଗୁ ଶରଣାର୍ଥୀଙ୍କ ସଂଖ୍ୟା ଅତ୍ୟଧିକ ବଢୁଛି। ବହୁ ଅନୁଧ୍ୟାନରୁ ଏହା ସ୍ପଷ୍ଟ ହୋଇଛି। ତେବେ ୧୯୫୨ ବୁଝାମଣା ଜଳବାୟୁ ପରିବର୍ତ୍ତନଙ୍କୁ ରିଫ୍ୟୁଜି ଷ୍ଟାଟସ୍ ଦେବା ଲାଗି ନ୍ୟାୟସଙ୍ଗତ ସମର୍ଥନ ଦେଇନାହିଁ। କିନ୍ତୁ ଅନ୍ତର୍ଜାତୀୟ ମାନବୀୟ ଆଇନ ଏହି ଦିଗରେ ଜଡ଼ିତ ହୋଇସାରିଲାଣି। ୨୦୧୬ରେ ୟୁନାଇଟେଡ୍ ନେସନ୍ସ ହ୍ୟୁମ୍ୟାନ୍ ରାଇଟ୍ସ କମିଟିର ଐତିହାସିକ ସିଦ୍ଧାନ୍ତରୁ ଜଣାପଡ଼ିଛି ଯେ, ମୂଳ ଦେଶରେ ଜୀବନ ଉପରେ ଜଳବାୟୁ ପରିବର୍ତ୍ତନର ବିପଦ ଥିଲେ ପ୍ରଥମରୁ ସେଠାରୁ ସ୍ଥାନାନ୍ତର ହୋଇଥିବା ଲୋକମାନଙ୍କୁ ପୁଣି ସେହି ଦେଶକୁ ପଠାଇ ଦିଆଯାଇପାରିବ ନାହିଁ।

ତୃତୀୟତଃ, ଶରଣାର୍ଥୀଙ୍କ ପାଇଁ ଲାଗୁ କରାଯାଇଥିବା ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ମଜଭୁତ କରିବା ଉଚିତ। ବୁଝିବାକୁ ହେବ ଯେ,୧୯୫୧ ଚୁକ୍ତି ଭବିଷ୍ୟତର ସ୍ଥିତିକୁ ସମାଧାନ କରିବା ପାଇଁ ଏକ ଅତ୍ୟନ୍ତ ଦୁର୍ବଳ ବ୍ୟବସ୍ଥା ପରିକଳ୍ପନା କରିଛି। ବୁଝାମଣାର ଉପଯୋଗ ତଥା ଏହା ଅନୁଯାୟୀ କାର୍ଯ୍ୟ କରିବାରେ ଥିବା ସମସ୍ୟାକୁ ସମାଧାନ ପାଇଁ ଇଣ୍ଟର୍‌ନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ ବା ଅନର୍ଜାତୀୟ ନ୍ୟାୟାଳୟର ଅଧିକାର ରହିଥିଲେ ମଧ୍ୟ ଏଭଳି ବ୍ୟବସ୍ଥାକୁ କେବେ ବି ଉପଯୋଗ କରାଯାଇନାହିଁ। ଏଣୁ ଦେଶଗୁଡ଼ିକ ଏବେକାର ଅନ୍ତର୍ଜାତୀୟ ଶରଣାର୍ଥୀ ଆଇନର ଉଲ୍ଲଂଘନ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯେଉଁଥିପାଇଁ ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ଶରଣାର୍ଥୀଙ୍କୁ ନେଇ ଆସୁଥିବା ଡଙ୍ଗାକୁ କୂଳକୁ ଆସିବାକୁ ଇଟାଲୀ ଏବଂ ଗ୍ରୀସ୍ ବାଧା ଦେଇଥିଲେ ମଧ୍ୟ ସେମାନେ ବାସ୍ତବରେ କୌଣସି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇନାହାନ୍ତି। ୟୁଏନ୍ କମିଶନ ଅନ୍ ହ୍ୟୁମ୍ୟାନ ରାଇଟ୍ସ ଭଳି ଶରଣାର୍ଥୀଙ୍କ ଉପରେ ନିର୍ବାଚିତ ସରକାରଙ୍କ ପ୍ରତିନିଧିମାନଙ୍କୁ ନେଇ ଏକ ଷ୍ଟାଣ୍ଡିଂ ୟୁଏନ୍ କମିଶନ ଗଠନ କରିବା ଆବଶ୍ୟକ। ଏହା ସମାଧାନର ଏକ ବାଟ ହୋଇପାରିବ। ୟୁଏନ୍‌ଏଚ୍‌ସିଆର୍ ସହଯୋଗରେ ଏଭଳି କମିଶନ ପ୍ରତ୍ୟକ୍ଷ ଭାବେ ଶରଣାର୍ଥୀ ରାଜିନାମା ଉପରେ ଭଲ ଭାବେ ନିରୀକ୍ଷଣ କରିପାରିବ ଏବଂ ଏବେକାର ସଞ୍ଚାଳନ ପଦ୍ଧତିର ଉତ୍ତରଦାୟିତ୍ୱ ବଢ଼ାଇବ।

ଶେଷରେ ଶରଣାର୍ଥୀଙ୍କ ଆବଶ୍ୟକତା ତଥା ସୁରକ୍ଷା ପାଇଁ 'ରେସପନ୍‌ସିବିଲିଟି ଟୁ ପ୍ରୋଟେକ୍ଟ' ବା ସୁରକ୍ଷା ଦେବାର ଦାୟିତ୍ୱକୁ ଗୁରୁତ୍ୱ ଦେବାକୁ ହେବ। ଏହାକୁ ବୁଝିବା ଦରକାର ଓ ଏହା କିଭଳି କାର୍ଯ୍ୟକାରୀ କରାଯିବ ସେଥିପାଇଁ ଶରଣାର୍ଥୀଙ୍କ ପାଇଁ ବିଶ୍ୱସ୍ତରରେ ନିର୍ଦ୍ଧାରିତ ନିୟମଗୁଡ଼ିକୁ ଦୃଢ ଭାବେ ସଂଯୋଜିତ କରିବାକୁ ପଡ଼ିବ। ଏଭଳି ସିଦ୍ଧାନ୍ତକୁ ଜାତିସଂଘ ସାଧାରଣ ସଭା ସର୍ବସମ୍ମତି କ୍ରମେ ୨୦୦୫ରେ ଗ୍ରହଣ କରିଥିଲା। ପ୍ରତ୍ୟେକ କାର୍ଯ୍ୟରେ ବୈଧାନିକ ହସ୍ତକ୍ଷେପକୁ ଉଚିତ ଦର୍ଶାଇବା ପାଇଁ ଜାତିସଂଘ ଏହା କରିଥିଲା। କିନ୍ତୁ ଏହା ଏବେ ସାମୂହିକ ଅତ୍ୟାଚାର ଯଥା ; ଗଣ ହତ୍ୟା, ଯୁଦ୍ଧ ଅପରାଧ,ମାନବତା ବିରୋଧୀ ଅପରାଧ ଏବଂ ଜାତିଗତ ସଂଘର୍ଷ ଘଟଣାରେ ସୀମିତ ରହିଛି। ନିକଟରେ ସିରିଆ, ମ୍ୟାନ୍‌ମାର ଏବଂ ଏବେ ଆଫଗାନିସ୍ତାନ ସଙ୍କଟକୁ ଦେଖିଲେ ସରକାରଗୁଡ଼ିକ ଅତ୍ୟଧିକ ଶରଣାର୍ଥୀ ସୃଷ୍ଟି କରି ସେମାନଙ୍କ ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଉଚିତ ନୁହେଁ। ଉକ୍ତ ସିଦ୍ଧାନ୍ତର ଉଲ୍ଲଂଘନ ହେଲେ 'ସୁରକ୍ଷା ଦେବାର ଦାୟିତ୍ୱ'ର ଉଲ୍ଲଂଘନ ବୋଲି ବିଚାର କରି ସେମାନଙ୍କ ବିରୋଧରେ କଠୋର ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହି ୪ଟି ପରିବର୍ତ୍ତନକୁ ଗ୍ରହଣ କରି ଏକବିଂଶ ଶତାବ୍ଦୀରେ ଶରଣାର୍ଥୀଙ୍କ ପାଇଁ ବିଶ୍ୱରେ ଏକ ଉତ୍ତମ ବ୍ୟବସ୍ଥା ଗଢ଼ିବାକୁ ଅଧିକ ସମୟ ଲାଗିଯିବ। ଦେଖିବାକୁ ଗଲେ ଏବେ ଯୁଦ୍ଧ ବା ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ଶରଣାର୍ଥୀ ସୃଷ୍ଟି ହେଉଛନ୍ତି। ଏଣୁ ଆଉ ଅଧିକ ସମୟ ନଷ୍ଟ ନ କରି ଆମକୁ ଉଚିତ୍ ବାଟରେ ଆଗେଇବାକୁ ହେବ।

**ତୁର୍କୀର ପୂର୍ବତନ କୂଟନୀତିଜ୍ଞ**

# ଗଣଦେବତା ଶ୍ରୀଗଣେଶ



ଡ. ଲକ୍ଷ୍ମଣ ସାହୁ

ଭାରତୀୟ ସଂସ୍କୃତିର ପ୍ରବହମାନ ଧାରାରେ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ବିଘ୍ନରାଜ ବିନାୟକ ସର୍ବ ପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀଗଣେଶ ନାମରେ ଖ୍ୟାତ ହୋଇଛନ୍ତି। ଋଗ୍‌ବେଦ ଦ୍ୱିତୀୟ ମଣ୍ଡଳାନୁସାରେ ଗଣନାଥ ଗଣେଶ ଉପାସନାର ପ୍ରାଚୀନତମ ନିଦର୍ଶନ ସୂଚନା ମିଳେ। ଏହି ସୂକ୍ତରେ ଶ୍ରୀଗଣେଶଙ୍କୁ ସର୍ବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, କବିମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଏବଂ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି। ସେଭଳି ଯଜୁର୍ବେଦରେ ମଧ୍ୟ ଋଗ୍‌ବେଦ ସୂକ୍ତର ଏକ ଭିନ୍ନ ରୂପ ପରିଲକ୍ଷିତ ହୁଏ। ତେଣୁ ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ। ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧିଦାତା, ଋଦ୍ଧି ସିଦ୍ଧିଦାତା, ସର୍ବ ମଙ୍ଗଳ ମୟ ରୂପେ ସ୍ତୁତି କରାଯାଇଛି। ସାମ୍ ବେଦୀୟ ବିନାୟକ ସଂହିତା, ମୈତ୍ରାଣୀ ସଂହିତା, ଯଜୁର୍ବେଦୀୟ କାଣ ସଂହିତା ପ୍ରଭୃତିରେ ବିଘ୍ନ ବିନାଶନ ଗଣପତିଙ୍କ ମନ୍ତ୍ରର ଉଲ୍ଲେଖ ଅଛି। ଉପନିଷଦରେ ଗଣପତିଙ୍କୁ ସର୍ବ ଶକ୍ତିମାନ ରୂପରେ କରାଯାଇଛି। ଗଣପତିଙ୍କୁ ମଧ୍ୟ ପରଂବ୍ରହ୍ମଙ୍କ ପ୍ରତୀକ ରୂପେ ଚିହ୍ନିତ କରାଯାଇଛି। ଗଣପତି ଉପନିଷଦରେ ବ୍ରହ୍ମ ଉପାସନାର ତତ୍ତ୍ୱ ପରିଦୃଷ୍ଟ। ନିଗମ ଓ ଆଗମ ଉଭୟ ପରମ୍ପରାରେ ଗଣପତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରି ଆସୁଛନ୍ତି। ସ୍ମୃତି ଶାସ୍ତ୍ରରେ ପ୍ରଭୁ ଗଣପତିଙ୍କୁ ହବିର୍ଭୋକ୍ତା ଯଜ୍ଞ ଦେବତା ରୂପେ ଚିତ୍ରଣ କରାଯାଇ ଗାଣପତ୍ୟାଗ୍ନିର ସଂସ୍କାର ବିଧି ଓ ହୋମ କାର୍ଯ୍ୟ ସଂପାଦନ କରାଯାଉଥିବା ବିଧି ରହିଛି।

ଗଣପତି ଉପାସନାର ଉତ୍ତରଣ ଫଳରେ ଗାଣପତ୍ୟ ସମ୍ପ୍ରଦାୟର ଉନ୍ମେଷ ଘଟିଛି; ଯାହା ଫଳରେ ସେମାନଙ୍କ ଲେଖନୀ ଚାଳନାରେ ବିଭିନ୍ନ ସ୍ତବ, ସ୍ତୋତ୍ର, କବଚ, କୀଳକ, ପଟଳ ଓ ପୁରାଣାଦି ବର୍ଣ୍ଣିତ ହୋଇଛି। ସେ ଏକ ଦନ୍ତ, ଚତୁର୍ଭୁଜ, ପାଶ–ଅଙ୍କୁଶ ଅଭୟ ଓ ବରଦ ମୁଦ୍ରାଧାରୀ, ରକ୍ତ ବସ୍ତ୍ରଧାରୀ ରୂପେ ଚିତ୍ରିତ ହୋଇ ପୂଜା ପାଇଆସୁଛନ୍ତି। ସକଳ ବିଘ୍ନ ହରଣ ନିମିତ୍ତ ଭକ୍ତମାନେ ସଭକ୍ତି ପ୍ରଣାମ ପୂର୍ବକ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି। କାଳ କ୍ରମେ ଶକ୍ତି ଉପାସନା ସହିତ ଗଣପତି ପୂଜାର ମିଳନ ଘଟିଛି। ଭାରତର ବିଭିନ୍ନ ଶକ୍ତି ପୀଠଗୁଡ଼ିକରେ ମାତୃଗଣଙ୍କ ମଧ୍ୟରେ ଗଣପତି ଆରାଧିତ ହେଉଛନ୍ତି। ଓଡ଼ିଶାର ଗଞ୍ଜାମ ଜିଲା ସାନଖେମୁଣ୍ଡି ଅନ୍ତର୍ଗତ କଙ୍କୋରଡାସ୍ଥ ଶକ୍ତିପୀଠ ମା' ନାରାୟଣୀଙ୍କ ସହ ଏକତ୍ର ଆସନରେ ପୂଜା ପାଉଛନ୍ତି। ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ। ସେ ଓଁକାର ରୂପୀ, ଅଖିଳ ଜଗତରେ ସେ ଜୀବ ସ୍ୱରୂପ। ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି– 'ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ/ ନିର୍ବିଘ୍ନଂ କୁରୁମେ ଦେବ! ସର୍ବ କାର୍ଯ୍ୟେଷୁ ସର୍ବଦା।'

ପୁରାଣ ଯୁଗ ପରେ ବୌଦ୍ଧ ମତବାଦରେ ମଧ୍ୟ ଗଣପତି ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରିଛନ୍ତି। ବୌଦ୍ଧମାନେ ଗଣେଶଙ୍କୁ ପ୍ରଚ୍ଛନ୍ନ ବୁଦ୍ଧ ନାମରେ ନାମିତ କରିଛନ୍ତି। ବୌଦ୍ଧ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ବୁଦ୍ଧଙ୍କର ଜନନୀ ମାୟାଦେବୀ ଗୌତମଙ୍କ ଜନ୍ମ ପୂର୍ବରୁ ଶତେ ହସ୍ତୀର ସପ୍ନ ଦେଖିଥିଲେ। ସେହି ଶତେ ହସ୍ତୀ ମସ୍ତକ ସହ ଆରୋଧିତ ଗଣେଶ ମୂର୍ତ୍ତି ହିଁ ପ୍ରଚ୍ଛନ୍ନ ବୁଦ୍ଧ ବୋଲି ଧରାଯାଏ। ବୌଦ୍ଧ ଭିକ୍ଷୁ ଓ ଶ୍ରମଣ ଗଣ ଦକ୍ଷିଣ ପୂର୍ବ ଏସିଆରେ ଗଣପତି ଉପାସନାର ପ୍ରସାର ଘଟାଇଥିବା କଥା ପୁରାତନ ଗ୍ରନ୍ଥ ଓ ଇତିହାସରୁ ଜଣାପଡ଼େ। ଜାପାନ ଓ ଚାଇନାରେ ଗଣେଶଙ୍କୁ ବିନାୟକ ନାମରେ ଆରାଧନା କରାଯାଏ। ବ୍ରହ୍ମଦେଶରେ ମହାପୀନେ ରୂପେ ଗଣପତି ସୁବିଖ୍ୟାତ ହୋଇଛନ୍ତି। ଶ୍ରୀଲଙ୍କାରେ ସୁବ୍ରମଣ୍ୟମ ମନ୍ଦିରରେ ସର୍ବସାଧାରଣଙ୍କ ଦ୍ୱାରା ଗଣପତିଙ୍କ ପୂଜାର୍ଚ୍ଚନା ହୋଇଥାଏ। ସେଭଳି ନେପାଳରେ ସିଂହବାହନ ହେରମ୍ବ ଗଣପତି ସର୍ବ ସିଦ୍ଧିଦାତା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି।

ଉତ୍କଳରେ ଗଣପତିଙ୍କ ପୂଜାର ପରମ୍ପରା ବହୁ ପ୍ରାଚୀନ। ଉତ୍କଳର ଭୌମ ଓ ସୋମ ବଂଶୀ ଶାସନ କାଳରୁ ଏହି ପର୍ବ ପାଳିତ ହେଉଥିବା ଇତିହାସରୁ ଜଣାଯାଏ। ମହାକବି ଶୂଦ୍ରମୁନି ସାରଳା ଦାସ 'ମହାଭାରତ'ର ବନ ପର୍ବ ପ୍ରଥମ ଖଣ୍ଡରେ ବ୍ୟାଧିର ମୁକ୍ତି ଦାତା ଭାବରେ ଶ୍ରୀଗଣେଶଙ୍କୁ ଚିତ୍ରିତ କରିଛନ୍ତି। ତତ୍କାଳୀନ ସମାଜରେ ଗଣପତି ଉପାସନାର ପ୍ରସାର ଘଟି ଶେଷରେ ସାର୍ବଜନୀନ ଉପାସନାରେ ପରିଣତ ହୋଇଛି। ଫଳତଃ ସମଗ୍ର ଦେଶର ପୁରପଲ୍ଲୀ ସହର ନଗ୍ରରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଜନଗଣଙ୍କ ଦ୍ୱାରା ଶ୍ରୀଗଣେଶଙ୍କ ପୂଜା ମହାନନ୍ଦ ଉଲ୍ଲାସରେ ପାଳିତ ହୋଇଆସୁଛି। ପ୍ରଭୁ ଗଜାନନ ବିଘ୍ନ ନାଶକ ଓ ଅଗ୍ରପୂଜ୍ୟ ହୋଇଥିବା ହେତୁ ତାଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା ବ୍ରତ ବିଧି ମୁତାବକ ପାଳିତ ହୋଇଥାଏ। ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧିଦାତା ରୂପେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି। ଛାତ୍ରୀଛାତ୍ରମାନେ ଆପଣାର ବିଘ୍ନ ବିନାଶ ତଥା ସର୍ବ ମଙ୍ଗଳ ନିମିତ୍ତ ପ୍ରଭୁ ବିଘ୍ନ ବିନାଶକାରୀ ପାର୍ବତୀ ନନ୍ଦନ ଶ୍ରୀ ଗଣେଶଙ୍କୁ ପରମ ଭକ୍ତି ସହକାରେ ପୂଜା କରନ୍ତ। ପ୍ରତ୍ୟେକ ମାଙ୍ଗଳିକ ଓ ଶୁଭ କାର୍ଯ୍ୟର ପ୍ରାରମ୍ଭରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇ ଶ୍ରୀଗଣେଶଙ୍କର ଆରାଧନା କରାଯାଏ। ଅନେକ ପୀଠ ମନ୍ଦିରରେ ଗଣେଶ ମୁଖ୍ୟ ଦେବତା ଓ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି। କେତେକ ମନ୍ଦିରରେ ସ୍ୱତନ୍ତ୍ର ଗଣପତି ପୂଜାର ବିଧି ରହିଛି। ବିଶ୍ୱ ପ୍ରସିଦ୍ଧ ପ୍ରଭୁ ଜଗନ୍ନାଥ ଜନ୍ମ ବାସରରେ ସ୍ନାନବେଦିରେ ଗଣପତି ରୂପ ଧାରଣ କରନ୍ତି। ସିଦ୍ଧ ସାଧକଗଣ ଲେଖନୀରେ 'ଗଣେଶ ବିଭୂତି', 'ଗଣେଶ ଶତନାମ', 'ସହସ୍ର ନାମ' ପ୍ରଭୃତି ରଚନାର ସୃଷ୍ଟି ଘଟିଛି।

**ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ, ମୋ: ୯୦୪୦୧୫୧୪ ୭୫**

## ଏଇ ଭାରତରେ

ପରିବେଶ ପ୍ରଦୂଷଣ ରୋକିବାରେ ୩ ଜଣ ମହିଳାଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ମୁମ୍ବାଇର ଏହି ମହିଳାମାନେ ହେଉଛନ୍ତି ଅଂଶୁ ପର୍ଡ଼ିୱାଲା, କୁନ୍ତୀ ଓଜା ଏବଂ ଚିତ୍ରା ହିରେମାଥ୍। ଏମାନେ ବ୍ୟବହୃତ ଖାଲି କ୍ଷୀର ପ୍ୟାକେଟ୍ ସଂଗ୍ରହ କରି ତାହାକୁ ରିସାଇକ୍ଲିଂ ସେଣ୍ଟରକୁ ପଠାଉଛନ୍ତି। ୨୦୧୯ରେ 'ମିଲ୍କ ବ୍ୟାଗ୍ ପ୍ରୋଜେକ୍ଟ' ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ମୁମ୍ବାଇର ବିଭିନ୍ନ କଲୋନୀ, ହୋଟେଲ, ଚା'ଦୋକାନରୁ ଖାଲି କ୍ଷୀର ପ୍ୟାକେଟ୍ ସଂଗ୍ରହ କରୁଛନ୍ତି। ଏଭଳି କାର୍ଯ୍ୟ କରିବାକୁ ସେମାନେ ସୋସିଆଲ ମିଡିଆରୁ ପ୍ରେରଣା ପାଇଥିଲେ। ଏବେସୁଦ୍ଧା ଏହି ୩ ମହିଳା ୭.୫ ଲକ୍ଷ ପ୍ଲାଷ୍ଟିକ୍ ମିଲ୍କ ପ୍ୟାକେଟ୍ ସଂଗ୍ରହ କରି ସାରିଲେଣି। ମିଲ୍କ ପ୍ୟାକେଟ୍ ସଂଗ୍ରହ କରିବା ପୂର୍ବରୁ ତାହାକୁ ଭଲ ଭାବେ ସଫା କରି ଶୁଖାଇ ରଖିବାକୁ ସେମାନେ ଲୋକମାନଙ୍କୁ ପରାମର୍ଶ ଦେଉଛନ୍ତି। ମାସ ଶେଷରେ ତିନିହେଁ ଏହାକୁ ସଂଗ୍ରହ କରି ତାହାକୁ ରିସାଇକ୍ଲିଂ ସେଣ୍ଟରକୁ ପଠାଉଛନ୍ତି। ଏହା ପୂର୍ବରୁ ସେମାନେ ମଧ୍ୟ ପରିବେଶ ସୁରକ୍ଷା ଓ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ କାମ କରୁଥିଲେ। ଏବେ ସେମାନଙ୍କ ସହ ଆଉ କେତେଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ଏମାନଙ୍କ କାର୍ଯ୍ୟ ଦେଖି ଦିଲ୍ଲୀ ଓ ଠାଣେରୁ ବି ଲୋକେ ପୋଷ୍ଟାଲରେ ଖାଲି କ୍ଷୀର ପ୍ୟାକେଟ୍ ପଠାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୯୬

- କୁର୍ଦ୍ଦିସ ବିଦ୍ରୋହୀଙ୍କ ଉପରେ ଇରାକର ଆକ୍ରମଣକୁ ନିନ୍ଦା କରି ବ୍ରିଟେନ ଜାତିସଂଘ ନିରାପତ୍ତା ପରିଷଦରେ ଆଗତ କରିଥିବା ପ୍ରସ୍ତାବକୁ ପ୍ରତ୍ୟାହାର କରିନେଇଛି।
- ଗୁଜରାଟରେ ଶାସକ ଭାଜପାରୁ ଅଲଗା ହୋଇ ମହାଗୁଜରାଟ ଜନତା ପାର୍ଟି ଗଠନ କରିଥିବା ୪୬ ଜଣିଆ ବିଧାୟକ ଗୋଷ୍ଠୀର ସ୍ୱୀକୃତି ବାଚସ୍ପତିଙ୍କ ଦ୍ୱାରା ରଦ୍ଦ।
- ସମ୍ବଲପୁରର ଦେଗାଁ ପଞ୍ଚାୟତ ଅନ୍ତର୍ଗତ କାନପୁର ତଥା ଆଖପାଖ ଗ୍ରାମରେ ହଇଜା, ଝାଡ଼ାବାନ୍ତିର ଶିକାର ହୋଇ ୧୨ ମୃତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 6 | 8 | | 2 | 4 | |
| 1 | | | | | | | | |
| | 2 | | | | | | 9 | |
| | | | | 2 | | | | |
| | | | | 3 | | | 2 | 8 |
| | 6 | 1 | | | | | | 7 |
| 8 | | 4 | | | 9 | | | |
| 9 | | | | | 5 | | | 1 |
| | | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 8 | 2 | 7 | 6 | 1 | 9 |
| 7 | 8 | 1 | 5 | 9 | 6 | 3 | 4 | 2 |
| 6 | 9 | 2 | 1 | 4 | 3 | 8 | 7 | 5 |
| 9 | 4 | 8 | 3 | 7 | 5 | 2 | 6 | 1 |
| 1 | 2 | 7 | 9 | 6 | 4 | 5 | 8 | 3 |
| 5 | 6 | 3 | 2 | 8 | 1 | 7 | 9 | 4 |
| 2 | 1 | 9 | 6 | 5 | 8 | 4 | 3 | 7 |
| 3 | 7 | 6 | 4 | 1 | 2 | 9 | 5 | 8 |
| 8 | 5 | 4 | 7 | 3 | 9 | 1 | 2 | 6 |

ଗତକାଲିର ଉତ୍ତର

# ଚାପରେ ବିଦ୍ୟାର୍ଥୀ ଓ ଆତ୍ମହତ୍ୟା



ଡା. ସମ୍ରାଟ କର

ଭାରତୀୟ ଛାତ୍ରୀଛାତ୍ରମାନେ ଆଜିକା ସମୟରେ ନିଜର ସଫଳତାର ମାତ୍ରାକୁ ପୂରଣ କରିବା ପାଇଁ ସ୍ୱାଭାବିକ ଭାବେ ଚାପଗ୍ରସ୍ତ ହେଉଛନ୍ତି। ସେଥିରେ ଆଉ ଗୋଟିଏ ବଡ଼ କଥା ହେଲା ଯେ ପ୍ରାୟତଃ ଅଭିଭାବକମାନେ ନିଜ ପିଲାର ସଫଳତାକୁ ଏକ ପ୍ରକାର ଯେଉଁ ଆଶା ରଖିଥାନ୍ତି ଏହାକୁ ପାଳନ କରିବା ପାଇଁ ପିଲାଟି ବିଭିନ୍ନ ଚାପର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନର ସମୟରେ ଆମ ଦେଶରେ ଉଚ୍ଚକୋଟୀର ଶିକ୍ଷାନୁଷ୍ଠାନରେ ପଢ଼ିବା ଲାଗି ଭାରତୀୟ ଛାତ୍ରୀଛାତ୍ରମାନେ ସବୁଠାରୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷାରେ ଅବତୀର୍ଣ୍ଣ ହୁଅନ୍ତି। ଅନେକେ ହୁଏତ ଜାଣି ନ ଥିବେ ଯେ ସେହି ସର୍ବମୋଟ ପରୀକ୍ଷାର୍ଥୀଙ୍କ ଭିତରୁ ମାତ୍ର ଏକ ପ୍ରତିଶତ ହିଁ ନିଜ ମନ ମୁତାବକ ଶିକ୍ଷାନୁଷ୍ଠାନରେ ସ୍ଥାନ ପାଇବାରେ ସଫଳ ହୁଅନ୍ତି। ନିକଟରେ ବେଙ୍ଗାଲୁରୁସ୍ଥିତ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍‌ସେସ୍ ବା ନିମହାନ୍‌ସ'ର ସଦ୍ୟତମ ତଥ୍ୟରୁ ଜଣାଯାଇଛି ଯେ, ପୃଥିବୀରେ ପ୍ରତିବର୍ଷ ୮ଲକ୍ଷ ଲୋକ ଆତ୍ମହତ୍ୟା କରୁଥିବା ବେଳେ, ଆତ୍ମହତ୍ୟା କରୁଥିବା ଭାରତୀୟଙ୍କ ସଂଖ୍ୟା ୧.୩୫ ଲକ୍ଷ। ତେଣୁ ଭାରତ ପୃଥିବୀର ଅନ୍ୟତମ ସର୍ବାଧିକ ଆତ୍ମହତ୍ୟାପ୍ରବଣ ଦେଶଗୁଡ଼ିକ ଭିତରୁ ଗୋଟିଏ। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି, ଆତ୍ମହତ୍ୟା କରୁଥିବା ଭାରତୀୟଙ୍କ ଭିତରେ ୧୫–୩୦ ବର୍ଷ ବୟସ ପର୍ଯ୍ୟାୟର ଯୁବତୀଯୁବକଙ୍କ ସଂଖ୍ୟା ସର୍ବାଧିକ।

ଆଜିକାଲି କେବଳ ପାଠପଢ଼ା ବ୍ୟବସ୍ଥା ନୁହେଁ; ଚାକିରି ଖୋଜିବାର ହତାଶବୋଧ, ପ୍ରେମପ୍ରତାରଣା, ନିର୍ବାଚନ ହେଉ ବା ଲଟେରି ଏହାର ପରାଜୟଠାରୁ ଆହୁରି ଅନେକ କାରଣ। କମ୍ ବୟସରୁ ହିଁ ମାନସିକ ଚାପ କିଶୋରମାନଙ୍କୁ ଅସ୍ତବ୍ୟସ୍ତ କରୁଛି। ଏହି ଚାପରେ ଦଳିମକଚି ହୋଇଯାଉଛି କିଶୋର ଜୀବନର ଛୋଟ ଛୋଟ ସ୍ୱପ୍ନ। ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପିଢ଼ି ହେଉଛନ୍ତି ଆଗାମୀ କାଲିର ସ୍ୱପ୍ନ। ଭାରତର ଭବିଷ୍ୟତ ମଧ୍ୟ ନିଶ୍ଚିତ ଭାବରେ ଉଜ୍ଜ୍ୱଳ କିନ୍ତୁ ଦୁଃଖଦ ସ୍ଥିତି ହେଉଛି ଏହା ଯେ ଭାରତର ଅଧିକାଂଶ ଯୁବବର୍ଗ ବିଭିନ୍ନ କାରଣରୁ ନୈରାଶ୍ୟର ଶିକାର ହୋଇ ଜୀବନକୁ ହାରୁଛନ୍ତି। କହିବାକୁ ଗଲେ ଭାରତ ହେଉଛି କିଶୋର ଆତ୍ମହତ୍ୟାର ପୃଥିବୀର ରାଜଧାନୀ। ପ୍ରାୟତଃ କସ୍ମୋପଲିଟାନ ସହରରେ ଏହି ଘଟଣା ଅଧିକ ଦେଖିବାକୁ ମିଳୁଛି। ସେହିପରି ବ୍ରିଟିଶ ମେଡିକାଲ ଜର୍ନାଲ ଲାନେକ୍ସଟ୍‌ର ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତର ଇନ୍‌ଫରମେସନ ଟେକ୍ନୋଲୋଜି ହବ୍ ଭାବେ ପରିଚିତ ଭାରତର ଦକ୍ଷିଣ ଭାରତର ଅଧିକାଂଶ ସହରରେ ସର୍ବାଧିକ ଆତ୍ମହତ୍ୟା ଯୁବଗୋଷ୍ଠୀଙ୍କ ଭିତରେ ଦେଖାଯାଇଥାଏ। ଭାରତରେ ଆତ୍ମହତ୍ୟାର ପରିସଂଖ୍ୟାନ ହେଉଛି ଏହା ପୁରୁଷଙ୍କ ଆତ୍ମହତ୍ୟା ହାର ନାରୀଙ୍କଠାରୁ ପ୍ରାୟ ୪ଗୁଣ ଅଧିକ। କିନ୍ତୁ ଯେବେ କିଶୋରୀ କିଶୋର ବା ଯୁବତୀ ଯୁବକଙ୍କ ଆତ୍ମହତ୍ୟା ପ୍ରସଙ୍ଗ ଆସେ ଏହି ହାର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଥାଏ। ଏଥିଲାଗି ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅନେକ ପରିମାଣରେ ଦାୟୀ ବୋଲି ମତ ପ୍ରକାଶ ପାଉଛି।

ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅତ୍ୟଧିକ ଚାକିରିକୈନ୍ଦ୍ରିକ ହୋଇପଡ଼ିଥିବାରୁ ଉଚ୍ଚଶିକ୍ଷିତ ଛାତ୍ରୀଛାତ୍ରମାନେ ଆତ୍ମନିଯୁକ୍ତ ହେବା ପ୍ରତି ଆଗ୍ରହ ପ୍ରଦର୍ଶନ ନ କରି କେବଳ ଚାକିରି ପଛରେ ଗୋଡ଼ାଉଛନ୍ତି ଏବଂ ଆମ ଦେଶରେ ବାରମ୍ବାର ଦେଖାଯାଉଥିବା ନିଯୁକ୍ତି ସଂକୋଚନ ହେତୁ ଚାକିରି ନ ପାଇ ସେମାନଙ୍କ ଭିତରୁ ଅନେକେ ହତାଶା ଜର୍ଜରିତ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ଏହା ମଧ୍ୟ ଦେଖାଯାଉଛି ଯେ, ବହୁ ଶିକ୍ଷିତ ବେକାର ଯୁବତୀଯୁବକ ଆତ୍ମହତ୍ୟା ନ କଲେ ବି ବିପଥଗାମୀ ହୋଇ ନିଜ ଜୀବନକୁ ନଷ୍ଟ କରିବା ସହିତ ଦେଶ ଓ ସମାଜ ଲାଗି ବୋଝ ହୋଇପଡୁଛନ୍ତି। ଏଇ ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଏକ ମୌଳିକ ସଂସ୍କାର ଅଣାଯିବା ଆବଶ୍ୟକ। ଆମ ଉଚ୍ଚଶିକ୍ଷା ବ୍ୟବସ୍ଥା କେବଳ ଚାକିରିକୈନ୍ଦ୍ରିକ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ସାମର୍ଥ୍ୟ ବୃଦ୍ଧିକୈନ୍ଦ୍ରିକ ହେବା ଉଚିତ। କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ଏ ଦିଗରେ ଯେତେ ଶୀଘ୍ର ପଦକ୍ଷେପ ନେବେ ସେତେ ଭଲ।

କିଶୋରମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ହେଉଛି ସେମାନଙ୍କ ଭିତରେ ମାନସିକ ଚାପ ବଢୁଛି। ସଂପ୍ରତି ଦେଖାଯାଉଛି କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ ଅଭିଭାବକମାନେ ପିଲାର ବୌଦ୍ଧିକ ସାମର୍ଥ୍ୟଠାରୁ ଅଧିକ ପାଇବାର ଆଶା ରଖି ତା' ଉପରେ ଏକ ପ୍ରକାର ମାନସିକ ଚାପ ସୃଷ୍ଟି କରୁଛନ୍ତି। ତେବେ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି ସେମାନେ ନିଜକୁ ଅପାରଗ ଓ ଅନ୍ୟମାନଙ୍କଠାରୁ ହୀନମନ୍ୟ ଭାବି ଆତ୍ମହତ୍ୟା ପାଇଁ ଦୁଃଖଦ ରାସ୍ତାକୁ ବାଛି ନେଇଥାନ୍ତି। ସେହିପରି କେତେକ କ୍ଷେତ୍ରରେ ମନପସନ୍ଦର ପାଠପଢ଼ା ବା କ୍ୟାରିୟର ଗଠନର ସ୍ୱାଧୀନତା ନ ପାଇବାରୁ ପିଲାମାନେ ମୃତ୍ୟୁପରି ଭୟଙ୍କର ନିଷ୍ପତ୍ତି ନେଇଥାନ୍ତି। ସେହିପରି ଅନ୍ୟତମ ବଡ଼ କାରଣ ହେଉଛି ପାରିବାରିକ ସମସ୍ୟା। ବର୍ତ୍ତମାନ ଅଧିକାଂଶ ପରିବାରରେ ସ୍ୱାମୀ–ସ୍ତ୍ରୀଙ୍କ ଭିତରେ ବିଭିନ୍ନ କାରଣରୁ ଘରେ ମାନସିକ ଅଶାନ୍ତି ଓ ଝଗଡ଼ା ଲାଗି ରହୁଥିବାରୁ ପିଲାମାନେ ଏକ୍ଷେତ୍ରରେ ମା'ବାପାଙ୍କଠାରୁ ସ୍ନେହ, ଶ୍ରଦ୍ଧା କମ୍ ପାଇ ମାନସିକ ଭାବରେ ଏକୁଟିଆ ଅନୁଭବ କରି ଦୀର୍ଘ ସମୟ ଧରି ଚୁପ୍‌ଚାପ ବସି ରହନ୍ତି। ସେହିପରି ସାଧାରଣ ଜୀବନରେ ହଠାତ୍ କିଛି ପରିବର୍ତ୍ତନ ଆସିବା ଆତ୍ମହତ୍ୟା ମନୋବୃତ୍ତି ସୃଷ୍ଟିର ଆଶଙ୍କାକୁ ବଢ଼ାଇଥାଏ। କେହି କେହି ଆତ୍ମହତ୍ୟା କରିବି ବୋଲି ଖୋଲାଖୋଲି ଭାବେ ମଧ୍ୟ କହିଥାନ୍ତି। ତେବେ ଏ କ୍ଷେତ୍ରରେ ପରିବାରବର୍ଗ ଓ ବନ୍ଧୁପରିଜନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥଳେ ପିଲାଟିକୁ ମାନସିକ ଭାବରେ ଓ ନୈତିକ ସ୍ତରରେ ଧୈର୍ଯ୍ୟ, ସାହସ ଓ ଦୃଢ଼ ମନୋବଳର ପ୍ରେରଣା ଦିଅନ୍ତୁ। କୌଣସି ପରିସ୍ଥିତିରେ ତାକୁ ନିଃସଙ୍ଗତାର ଅନୁଭବ କରିବାକୁ ଦିଅନ୍ତୁ ନାହିଁ। ବରଂ ଭଲ ହେବ ପିଲାଟିକୁ କୌଣସି ପ୍ରକାର ଆଧ୍ୟାତ୍ମିକ ରାସ୍ତାର ବାଟ ଦେଖାଇବା। ନିଜର ବ୍ୟସ୍ତବହୁଳ ସମୟରୁ କିଛି କାଢ଼ି ପିଲାଟି ସହିତ ମନଖୋଲା କଥା ହୁଅନ୍ତୁ। କୌଣସି ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ ବା ପିଲାଟିର ସ୍ମୃତି ରହିଥିବା ଜାଗାକୁ ତାକୁ ବୁଲାଇ ନିଅନ୍ତୁ। ମଠ, ମନ୍ଦିର ଯିବାକୁ ଇଚ୍ଛା କରୁଥିଲେ ତ ଖୁବ୍ ଭଲ। ତେବେ ଏ ସବୁ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। କାହା କଥାରେ କୌଣସି ଇଆଡୁ ସିଆଡୁ ନିଦ ବଟିକା ପିଲାଟିକୁ ଦିଅନ୍ତୁ ନାହିଁ ବା ଡାକ୍ତରୀ ଚିକିତ୍ସା ନ କରି ଗୁଣୀଗାରେଡ଼ି ଝଡ଼ାଫୁଙ୍କା ଚିକିତ୍ସାକୁ ବିଶ୍ୱାସ କରନ୍ତୁ ନାହିଁ। ଧୈର୍ଯ୍ୟହରା ନ ହୋଇ ନିୟମିତ ଡାକ୍ତରୀ ପରାମର୍ଶ ନେଇ ପିଲାମାନଙ୍କୁ ଭଲ ରାସ୍ତା ଦେଖାଇଲେ ଦେଖିବେ ଏହି ସୁଇସାଇଡ୍‌ର ମାତ୍ରା ନିଶ୍ଚିତ ଭାବରେ କମିଯିବ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ, ମୋ:୯୧୩୨୪୩୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସା ପୂର୍ବରୁ ଟେଷ୍ଟିଂ ସମସ୍ୟା

ମହାଶୟ,

ଏବେ ଯେକୌଣସି ରୋଗର ଚିକିତ୍ସା ପୂର୍ବରୁ ପରୀକ୍ଷାନିରୀକ୍ଷା ଜରୁରୀ ହୋଇପଡ଼ିଛି। ଏସବୁ ବ୍ୟୟବହୁଳ ହେଉଛି। ସରକାରୀ ଡାକ୍ତରଖାନାଗୁଡ଼ିକରେ ପରୀକ୍ଷାନିରୀକ୍ଷା ସୁବିଧା ଉପଲବ୍ଧ ହେଉନାହିଁ। ତେଣୁ ଘରୋଇ ପାଥ୍‌ଲାବର ମାଲିକମାନେ ମାଲାମାଲ ହେଉଛନ୍ତି। ସେମାନେ ଟେଷ୍ଟିଂ ପାଇଁ ଅଧିକ ଟଙ୍କା ଦାବି କରୁଛନ୍ତି। ସରକାରଙ୍କର ଏଥିପ୍ରତି ଦୃଷ୍ଟି ପଡୁନାହିଁ। ରୋଗୀମାନେ ଜୀବନ ବଞ୍ଚାଇବା ପାଇଁ ଅଧିକ ଅର୍ଥ ଦେଇ ଘରୋଇ ପାଥ୍‌ଲାବରେ ଟେଷ୍ଟିଂ କରିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟା ଧନିକ ଶ୍ରେଣୀଙ୍କୁ ବାଧୁ ନ ଥିଲେ ହେଁ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀ ରୋଗୀମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ କର୍ତ୍ତବ୍ୟ। ଏ ଦିଗରେ ସରକାର ସୁବନ୍ଦୋବସ୍ତ କରିବା ଆବଶ୍ୟକ। ଉକ୍ତ ପରିପ୍ରେକ୍ଷୀରେ ସମସ୍ତ ସରକାରୀ ଡାକ୍ତରଖାନାରେ ସମସ୍ତ ପ୍ରକାର ଟେଷ୍ଟିଂ ମାଗଣା କରିବାର ବ୍ୟବସ୍ଥା କରିବା ବିଧେୟ। ଏହାବ୍ୟତୀତ ବେସରକାରୀ ପାଥ୍‌ଲାବ ପାଇଁ ଟଷ୍ଟିଂ ଦର ନିର୍ଦ୍ଧାରଣ କରିବାକୁ ପଦକ୍ଷେପ ନେବା ଉଚିତ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସବୁ ଅରଗଳ ଆଜି କରିଦିଅ ବନ୍ଦ,
ଏକାକୀ ଏ କକ୍ଷେ ମୁହିଁ ରହିଥିବି ଅନ୍ଧ
ଏକା ଘୋର ଅନ୍ଧକାରେ
ପଖାଳେଁ ଲୋତକ ଧାରେ
ସବୁ ମୋର ସକରୁଣ ଆଶା ନିରାନନ୍ଦ
ଲୁଚାଇବି ହୃଦତଳେ ବେଦନାର ଛନ୍ଦ।

–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବଟକୃଷ୍ଣ ପଣ୍ଡା ନୂତନ ବିଇଓ



ବିଷମକଟକ,୯।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ନୂତନ ବିଇଓଭାବେ ବଟକୃଷ୍ଣ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୩ରୁ ନୟାଗଡ଼ ଜିଲା ଦଶପଲ୍ଲାରେ ଏବିଇଓ ତଥା ବିଆର୍‌ସିସି ଦାୟିତ୍ୱରେ ଥିଲେ। ପଦୋନ୍ନତି ପାଇ ଗୁରୁବାର ବିଷମକଟକ ବିଇଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଷମକଟକଠାରେ ତାଙ୍କୁ ବ୍ଲକର ସମସ୍ତ ଶିକ୍ଷକ ସଂଘ ସ୍ୱାଗତ କରିବା ସହ ପଦୋନ୍ନତି ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ନୂତନ ବିଇଓ ବ୍ଲକରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ନେଇ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି।

### ବଜ୍ରପାତରେ ନାବାଳିକା ମୃତ, ମହିଳା ଗୁରୁତର

ଭଞ୍ଜନଗର,୯।୯(ଡି.ଏନ୍.ଏ)-ଭଞ୍ଜନଗର ଅଞ୍ଚଳରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରୁ ରାତି ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଲାଗିରହିଥିଲା। ବଜ୍ରପାତରେ ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଆମ୍ବଦୋଳିର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତ ନାବାଳିକା ହେଲେ ସୋନାଲି ବିଷୋୟୀ। ତାଙ୍କ ପିଉସୀ ମହି ବିଷୋୟୀ ଗୁରୁତର ହୋଇଥିବାରୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଉଭୟେ ଜମିରୁ କାମ ସାରି ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଅନ୍ୟପକ୍ଷରେ ବର୍ଷାର ପ୍ରଭାବ ଭଞ୍ଜନଗର ସହର ଓ ସହରତଳି ଲଣ୍ଡେଇସାହିରେ ଦେଖିବାକୁ ମିଳିଛି । ଲଣ୍ଡେଇ ସାହିରେ ଡ୍ରେନଗୁଡ଼ିକ ଠିକ୍ ଭାବେ ସଫା ନଥିବା ଯୋଗୁ କେତକ ସ୍ଥାନରେ ପାଣି ରାସ୍ତାରେ ଜମିଛି । ଗମନାଗମନରେ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଡ୍ରେନ ବ୍ୟବସ୍ଥା ଠିକ୍ ନାହିଁ । କେତକ ସ୍ଥାନରେ ଲୋକେ ଡ୍ରେନ ଉପରେ ଘର କରି ଦେଲେଣି । ବ୍ଲକ ଓ ପଞ୍ଚାୟତ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ରାସ୍ତା ଗୁଡ଼ିକ କଂକ୍ରିଟ ହୋଇପାରୁନାହିଁ। ବର୍ତ୍ତମାନ କେତକ ରାସ୍ତା କଂକ୍ରିଟ ହେଉଛି। କିନ୍ତୁ କାମ ଧିମାରେ ଚାଲିଥିବା ଯୋଗୁ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

### ଗୋଟିଏ ରାତିରେ ୪ ସ୍ଥାନରୁ ଚୋରି

ଫୁଲବାଣୀ ଅଫିସ, ୯।୯-ଫୁଲବାଣୀ ସହରରେ ଦିନକୁ ଦିନ ଚୋରି ବଢ଼ି ଚାଲିଛି । ୨/୩ ଦିନ ତଳେ ସହରରୁ ଦୁଇଟି ବାଇକ୍ ଏବଂ କେତୋଟି ମୋବାଇଲ ଚୋରି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ବେଳେ ଗୁରୁବାର ରାତିରେ ୪ଟି ସ୍ଥାନରୁ ଚୋରି ହୋଇଛି । ଥାନାଠାରୁ ମାତ୍ର ୩୦୦ ମିଟର ଦୂର ଡିଆରଡିଏ ଛକ ଏବଂ ମାଦିକୁନ୍ଦା ଛକରୁ ଏହି ଚୋରି ହୋଇଛି । ଡିଆରଡିଏ ଛକରେ ଥିବା ଏକ ଜଳଖିଆ ଦୋକାନ, ଚା' ଦୋକାନ ଏବଂ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରୁ ଚୋରମାନେ ମୋବାଇଲ, ଏଟିଏମ୍, ଗାଡି କାଗଜପତ୍ର, ଜେରକ୍ସ ମେଶିନ, ୩ ହଜାର ଟଙ୍କା ସମେତ ଅନ୍ୟାନ ଜିନିଷ ଚୋରାଇ ନେଇଛନ୍ତି। ମାଦିକୁନ୍ଦା ଛକରେ ଥିବା ଏକ ଦୋକାନରୁ ଜେରକ୍ସ ମେଶିନ, ମୋବାଇଲ, ପ୍ରିଂଟର, କମ୍ପ୍ୟୁଟର ଆଦି ଲକ୍ଷାଧିକ ଟଙ୍କାର ଜିନିଷ ଚୋରି ଯାଇଛି । ଏ ନେଇ ଦୋକାନ ମାଲିକ ବିକାଶ ଦୁଗାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ମଣ୍ଡଳସ୍ତରୀୟ ପୋଷଣ ମାସ ପାଳିତ

ଉମରକୋଟ,୯।୯(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ସି ପଞ୍ଚାୟତର ପୂଜାରୀପାରା ଅଙ୍ଗନୱାଡି କେନ୍ଦ୍ରରେ ମଣ୍ଡଳସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ପରିଦର୍ଶିକା ସରିତା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗର୍ଭବତୀ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନ କରାଯାଇଥିଲା। ଏଠାରେ ୩ ଶିଶୁଙ୍କ ଅନ୍ନପ୍ରାଶନ ମଧ୍ୟ କରାଯାଇଥିଲା। ଏହି ଅବସରରେ କୁର୍ସି ପଞ୍ଚାୟତ ଅଧୀନ ୨୬ ଅଙ୍ଗନୱାଡି କର୍ମୀ ଏବଂ ୱାର୍ଡମେମ୍ବର ଯୋଗ ଦେଇଥିଲେ। ଗ୍ରାମର ଅନେକ ଗର୍ଭବତୀ, ପ୍ରସୂତି ଓ ଶିଶୁ ଏଠାରେ



ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ ଓ ଶିଶୁମାନଙ୍କ ଅନ୍ନପ୍ରାଶନ କରାଯାଉଛି।

## ଗର୍ଭବତୀ, ପ୍ରସୂତି ହେଲେ ସଚେତନ

ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ତଥା ପିଠା, ଚକୁଳି, ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ, ଖେଚୁଡ଼ି, ସବୁଜ ପନିପରିବା, ଲୌହଯୁକ୍ତ ଖାଦ୍ୟ, ଶସ୍ୟ ଜାତୀୟ ଖାଦ୍ୟ ପ୍ରଦର୍ଶନ କରିବା ସହ ଏଗୁଡ଼ିକର ଉପକାରିତା ବିଷୟରେ ବୁଝାଇଥିଲେ। ଗର୍ଭବତୀମାନେ କିଭଳି ଖାଦ୍ୟ ଖାଇବା ଆବଶ୍ୟକ ସେ ବିଷୟରେ ସଚେତନ କରିଥିଲେ।

# ୟୁଏଆଇଏଲ୍ ପକ୍ଷରୁ ପୁଷ୍ଟିକର ଖାଦ୍ୟ ନେଇ ସଚେତନତା

ଟିକିରି,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ୍) ପକ୍ଷରୁ ସେପ୍ଟେମ୍ବର ୧ରୁ ୭ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପାରିପାର୍ଶ୍ୱିକ ଅଞ୍ଚଳରେ ଉତ୍ତମ ପୁଷ୍ଟିସାଧନ, ସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଉପଯୁକ୍ତ ଜୀବନଶୈଳୀ ବଜାୟ ରଖିବା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। କାଶୀପୁର ବ୍ଲକ ଆଇସିଡିଏସ୍ ସହାୟତାରେ କମ୍ପାନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟତଃ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ବିଷୟରେ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ଅଙ୍ଗନୱାଡି ସମୂହର ମୋଟ ୩୪ ଅଙ୍ଗନୱାଡି କର୍ମୀ ଏବଂ ଭିତର ମୁସୁକୁନି ଗ୍ରାମର ଲୋକେ ଏଥିରେ ଉପସ୍ଥିତ ଥିଲେ। ମହିଳାମାନଙ୍କୁ ବିଶେଷକରି ଗର୍ଭଧାରଣ ଏବଂ ସ୍ତନ୍ୟପାନ ସମୟରେ ପରାମର୍ଶ ଦିଆଯାଇଥିବା ପୁଷ୍ଟିକର ଖାଦ୍ୟ ଓ ଭିଟାମିନ ସେବନ ବିଷୟରେ ଅବଗତ କରାଯାଇଥିଲା। ଏଥିପାଇଁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସେମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରାଯିବା ସହ ସେଗୁଡ଼ିକର ଉପାଦେୟତା ବିଷୟରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ଏକ ସୁସ୍ଥ ଶିଶୁ ପ୍ରଦର୍ଶନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିସହ ସ୍ୱାସ୍ଥ୍ୟକର ବଡିମାସ୍ ଇଣ୍ଡେକ୍ସ ବଜାୟ ରଖିବା ଦିଗରେ ଆଗ୍ରହ ପ୍ରଦର୍ଶନ କରିଥିବା ଏବଂ ପୁଷ୍ଟିଗତ ତଥା ଉତ୍ତମ ମାନର ଖାଦ୍ୟ ଗ୍ରହଣରେ ସଚେତନତା ନିମନ୍ତେ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ୟୁଏଆଇଏଲ୍‌ର ସିଏସ୍‌ଆର୍, ସିଆର୍ ଆଣ୍ଡ ସସ୍‌ଟେନାବିଲିଟି ମୁଖ୍ୟ ଲୋପାମୁଦ୍ରା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଇସିଡିଏସ୍‌ର ସୁପରଭାଇଜର ଯଶୋମଣି ହିଆଲ ଓ ରେଣୁବାଳା ପରିଡ଼ା, କାଶୀପୁର ଓଏଲ୍‌ଏମ୍ ବିଏଲ୍‌ଆର୍‌ପି ସନ୍ତୋଷ ସାହୁ ସାଧନ ବ୍ୟକ୍ତିଭାବେ ଯୋଗଦେଇଥିଲେ। ୟୁଏଆଇଏଲ୍ ସିଏସ୍‌ଆର୍ ଟିମ୍‌ର ସତ୍ୟଭାମା ନାୟକ, କାର୍ତ୍ତିକେଶ୍ୱର ସାହୁ, ଗଜେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ୟୁଏଆଇଏଲ୍‌ର ସିଏସ୍‌ଆର୍, ସିଆର୍ ଆଣ୍ଡ ସସ୍‌ଟେନାବିଲିଟି ମୁଖ୍ୟ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଆଇସିଡିଏସ୍‌ର ସୁପରଭାଇଜର ଓ ଅନ୍ୟମାନେ।

# ମୁନିଗୁଡ଼ା ଷ୍ଟେଶନ ପ୍ଲାଟ୍‌ଫର୍ମ ଶେଡ୍‌ରୁ ପାଣି ଗଳୁଛି




ମୁନିଗୁଡା ରେଳ ଷ୍ଟେଶନ ।

ମୁନିଗୁଡ଼ା,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଷ୍ଟେଶନ ୧ ନମ୍ବର ପ୍ଲାଟ୍‌ଫର୍ମ ଶେଡ୍‌ରୁ ପାଣି ଗଳୁଥିବାରୁ ଯାତ୍ରୀ ଅସୁବିଧା ଭୋଗୁଛନ୍ତି। ୨ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଶେଡ୍ ନିର୍ମାଣ ହୋଇଥିଲା। ଏବେ ସାମାନ୍ୟ ବର୍ଷା ହେଲେ ଏଠାରେ ପାଣି ଗଳୁଥିବା ଦେଖିବାକୁ ମିଳୁଛି। ଏ ନେଇ ରେଳ ଯାତ୍ରୀ ସୁରକ୍ଷା ସଂଘ ପକ୍ଷରୁ ବାରମ୍ବାର ସମ୍ବଲପୁର ଡିଭିଜନ ଡିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ପ୍ରତେକ

## ୨ ବର୍ଷ ତଳେ ନିର୍ମାଣ ହୋଇଥିଲା

ଦିନ ଏହି ଷ୍ଟେଶନ ଦେଇ ଯାତ୍ରା ନିମନ୍ତେ ଶତାଧିକ ଯାତ୍ରୀ ଟ୍ରେନ୍‌କୁ ଅପେକ୍ଷା କରିଥାନ୍ତି। କିନ୍ତୁ ଛାତରୁ ପାଣି ଗଳୁଥିବାରୁ ଯାତ୍ରୀମାନେ ଭିଜୁଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ୨ ଓ ୩ ନଂ. ପ୍ଲାଟଫର୍ମର ଶେଷ ଦିଗରେ ଲାଇଟ୍‌ଗୁଡ଼ିକ ଜଳୁ ନ ଥିବାରୁ ସମସ୍ୟା ହେଉଛି। ତେଣୁ ପୂର୍ବତଟ ରେଳପଥ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ଯାତ୍ରୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

## ଧରାକୋଟକୁ ଆସୁନି ବସ୍, ଯାତ୍ରୀ ହନ୍ତସନ୍ତ

ଧରାକୋଟ,୯।୯(ଡି.ଏନ୍.ଏ.)- ଧରାକୋଟ ବ୍ଲକ ସଦର ମହକୁମା ହେଉଛି ଧରାକୋଟ ଗ୍ରାମ। ଏଠାରେ ତହସିଲ, ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, କଲେଜ, ଦମକଳ କେନ୍ଦ୍ର, ବିଭିନ୍ନ ବ୍ୟାଙ୍କ ଓ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ହେଲେ ଦୁର୍ଭାଗ୍ୟର ବିଷୟ ଏଠାକୁ ବସ୍ ଆସୁନାହିଁ। ବ୍ରହ୍ମପୁରଠାରୁ ସୋରଡ଼ା ମଧ୍ୟରେ ଧରାକୋଟ ଏବଂ ବାଇପାସ୍ ଦେଇ ୪୦ରୁ ଉର୍ଦ୍ଧ୍ୱ ବସ୍‌ର ରୁଟ୍ ଥିଲେ ମଧ୍ୟ ଅଧିକାଂଶ ବାଇପାସ୍ ରାସ୍ତାରେ ଚଳାଚଳ କରୁଛି। ଧରାକୋଟ ହେଡ୍‌କ୍ୱାଟର ଭିତରକୁ ବସ୍ ଆସୁ ନ ଥିବାରୁ ଦୈନିକ ବିଭିନ୍ନ କାମରେ ଆସୁଥିବା ହଜାର ହଜାର ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ହନୁମାନ ଦ୍ୱାର କିମ୍ବା ଜାନିବିଲିଠାରୁ ୨କି.ମି. ରାସ୍ତା ଚାଲକି ଯା'ଆସ କରିବାକୁ ପଡୁଛି। ବିଶେଷକରି ରୋଗୀ ଏବଂ ଗରୀବ ଜନସାଧାରଣ ଅଧିକ ସମସ୍ୟା ଭୋଗୁଛନ୍ତି। ୧୯୯୯ ମସିହାରେ ତତ୍କାଳୀନ ଜିଲାପାଳ ଏବଂ ପରିବହନ ଅଧିକାରୀଙ୍କ ମିଳିତ ନିର୍ଦ୍ଦେଶନାମା ରହିଥିଲା ଯେ, ସମସ୍ତ ବସ୍ ଧରାକୋଟ ଦେଇ ଚଳାଚଳ କରିବ। କିଛିବର୍ଷ ଠିକ୍ ଚାଲିଥିଲା। ପୁଣି ସମସ୍ୟା ଦେଖାଦେବାରୁ ୨୦୧୩ରେ ଭଞ୍ଜନଗର ଉପଜିଲାପାଳ ଗଞ୍ଜାମ ପରିବହନ ଅଧିକାରୀ ଏବଂ ବ୍ଲକ ପ୍ରଶାସନିକ ଅଧିକାରୀ ବସ ମାଲିକ ସଂଘ ଓ ଧରାକୋଟ ଜନସାଧାରଣ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ମିଳିତ ବୈଠକ ଡକାଯାଇଥିଲା। ସମସ୍ୟାର ସମାଧାନ ପାଇଁ ସମସ୍ତ ବସ ଧରାକୋଟକୁ ଆସିବା ଏବଂ ଥାନା ଅଧିକାରୀ ଓ ତହସିଲଦାରଙ୍କ ସପ୍ତାହକୁ ଥରେ ସ୍ୱାକ୍ଷର ନେଇ ପର୍ମିଟ ନବୀକରଣ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହାପରେ କିଛିଦିନ ଧରାକୋଟକୁ ବସ୍ ଆସିଲା। ଏବେ ପୁଣି ବସ୍ ବନ୍ଦ ହୋଇଛି। ସମସ୍ତ ବସ୍ ଯେପରି ଧରାକୋଟ ସଦର ମହକୁମାକୁ ଆସିବ ସେ ନେଇ ସରପଞ୍ଚ ଅଞ୍ଜଳି ସ୍ୱାଇଁ ଓ ସମସ୍ତ ଜନସାଧାରଣ ୫-ଟି ସଚିବଙ୍କୁ ଅନୁରୋଧ କରିଛନ୍ତି।

# ସୁରକ୍ଷିତ ରନ୍ଧନ ଗ୍ୟାସ୍ ବ୍ୟବହାର ନେଇ ସଚେତନ କରାଯିବ




ଏଚ୍‌ପିସିଏଲ୍‌ର ଅଧିକାରୀମାନେ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି ।

ରାୟଗଡ଼ା ଅଫିସ,୯।୯

ରାୟଗଡ଼ା ସହର ପିତାମହଲ ନିକଟସ୍ଥ ଏଚ୍‌ପି ଗ୍ୟାସ ପ୍ଲାଣ୍ଟ ପକ୍ଷରୁ ପ୍ରି-ଡେଲିଭରି ଚେକ୍ ପ୍ରଚାର କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ଏ ନେଇ ସ୍ଥାନୀୟ ଏଲ୍‌ପିଜି ଗ୍ୟାସ ପ୍ଲାଣ୍ଟ ନିକଟରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଖାଉଟିମାନେ କିପରି ସୁରକ୍ଷିତଭାବେ ଗ୍ୟାସ ବ୍ୟବହାର କରିପାରିବେ ତାହାହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ରନ୍ଧନ ଗ୍ୟାସ ଗ୍ରହଣ କରିବା ସମୟରେ ସିଲ୍, ଓଜନ ଏବଂ ଲିକ୍ ହେଉଛି କି ନାହିଁ ଯାଞ୍ଚ କରାଇବା ନିମନ୍ତେ ରଥ ସଚେତନ କରିବ। ସେହିପରି କୌଣସି ଜରୁରୀକାଳୀନ ସେବା ନିମନ୍ତେ ଟୋଲ୍ ଫ୍ରି ନମ୍ବର-୧୯୦କୁ ଯୋଗାଯୋଗ କରିବାକୁ କୁହାଯାଇଛି। ସିଲିଣ୍ଡର ଦେବା ସମୟରେ ସମସ୍ତ ସୁରକ୍ଷାକୁ ଧ୍ୟାନରେ


## ଏଚ୍‌ପିସିଏଲ ପ୍ଲାଣ୍ଟ ପକ୍ଷରୁ ସୁରକ୍ଷା ଅଭିଯାନ ଆରମ୍ଭ

ରଖିବା ପାଇଁ ଡେଲିଭରି ବୟମାନଙ୍କୁ ତାଲିମ ଦିଆଯାଇଥିବା କୁହାଯାଇଛି। ଏହି ପ୍ଲାଣ୍ଟରେ ପ୍ରତ୍ୟେକ ଦିନ ୭୦୦୦ ସିଲିଣ୍ଡର ଗ୍ୟାସ ଉତ୍ପାଦନ କ୍ଷମତା ରହିଛି। କାର୍ଯ୍ୟକ୍ରମରେ ଡିଜିଏମ୍(ଅପେରଶନ) ରାଜେଶ କୁମାର ସିନ୍ହା, ଜିତ୍ ଅମୃତ ଦତ୍ତ, ସମ୍ବଲପୁର ସିଆର୍‌ଏମ୍ (ଏଲ୍‌ପିଜିଆର୍‌ଓ) ମନୋଜ କୁମାର ବେହେରା, ଏଲପିଜିଆରଓର ସିନିୟର ମାର୍କେଟିଂ ମ୍ୟାନେଜର ଶୋଭନ କୁମାର ସାହୁ, ଅଜିତ କୁମାର ସାହୁ, ସେଲ୍‌ସ ଅଫିସର, ରାୟଗଡ଼ା ଏଚ୍‌ପିସିଏଲ୍‌ର ଜିଏମ୍ ହେମନ୍ତ କୁମାର ସିଂ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ମାନବ ଚାଲାଣ ନିରୋଧୀ ଆଇନ ବିଷୟରେ ଆଲୋଚନା

ନବରଙ୍ଗପୁର,୯।୯(ବି.ପ୍ର.)-

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଗୁରୁବାର ମାନବ ଚାଲାଣ ଉପରେ ଏକ ଅନ୍‌ଲାଇନ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଲ୍‌ଏସ୍‌ଏ ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମକୁ ଡିଏଲ୍‌ଏସ୍‌ଏ ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ




ରାଜଶ୍ରୀ ଅରୟବାଲା ତ୍ରିପାଠୀ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଇପାଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଓ

## ଡିଏଲ୍‌ଏସ୍‌ଏ ପକ୍ଷରୁ ସଚେତନତା

ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଡିଏଲ୍‌ଏସ୍‌ଏର ଅଧ୍ୟକ୍ଷା ଉପସ୍ଥିତ ରହି ମାନବ ଚାଲାଣର କାରଣ, ଏହାକୁ କିପରି ରୋକାଯାଇପାରିବ ଏବଂ ମାନବ ଚାଲାଣ ନିରୋଧୀ ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ଶିଶୁମାନେ କିପରି ଚାଲାଣରୁ ରକ୍ଷା ପାଇବେ ସେ ବିଷୟରେ ଆଲୋଚନା କରିଥିଲେ।

# ବାର୍‌ହା ଆକ୍ରମଣରେ ୨ ଗୁରୁତର

ଫୁଲବାଣୀ ଅଫିସ, ୯।୯

ଖଜୁରିପଡା ବ୍ଲକ ସୁଦ୍ରେଜୁ ପଞ୍ଚାୟତ ସ୍ରମିପଡା ଗ୍ରାମ ରଷିମୁଣ୍ଡିଆ ଜଙ୍ଗଲରେ ବାର୍‌ହା ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଲୁଙ୍କେଶ୍ୱର କହଁର ଓ ରମେଶ କହଁର । ଉଭୟଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗୁରୁବାର ବାଲୁଙ୍କେଶ୍ୱର ଏବଂ ରମେଶ ବିଲକୁ ଯାଇଥିଲେ । ମଧ୍ୟାହ୍ନରେ ହଳ କାମ ସାରି ଜଙ୍ଗଲରେ ବଳଦ ଚରାଉଥିଲେ । ଏହି ସମୟରେ ଏକ ବାର୍‌ହା ଆସି ଉଭୟଙ୍କୁ ଆକ୍ରମଣ କରିଥିଲା । ଜଙ୍ଗଲ ପାଖରେ ଥିବା ଅନ୍ୟ ଜଣେ ଯୁବକ ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ।

# କୋଭିଡ୍ ନିୟମ ପ୍ରକାରେ ପୂଜା ପାଳିବାକୁ ସଚେତନତା

ଉମରକୋଟ,୯।୯(ସ୍ୱ.ପ୍ର.)

ନଭେମ୍ବର ମାସ ପର୍ଯ୍ୟନ୍ତ ହେବାକୁ ଥିବା ବିଭିନ୍ନ ପର୍ବପର୍ବାଣୀ ନିମନ୍ତେ କଟକଣା ଜାରି କରାଯାଇଛି। ଏ ନେଇ ଉମରକୋଟ ପୌରପାଳିକା ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଶୁକ୍ରବାର ଗଣେଶ ପୂଜା ରହିଥିବାବେଳେ ଆଗାମୀ ଦିନରେ ଦୁର୍ଗା ପୂଜା, କାଳୀ ପୂଜା, ଲକ୍ଷ୍ମୀ ପୂଜା ହେବାକୁ ଯାଉଛି। ଏହି ସମସ୍ତ ପୂଜା ରାଜ୍ୟ ସରକାରଙ୍କ କୋଭିଡ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ପାଳନ କରାଯିବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଇଛି। ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ କମ୍, ପାର୍ଶ୍ୱ ବନ୍ଦ ଥିବା ମଣ୍ଡପରେ ପୂଜା ହେବ ଏବଂ ମଣ୍ଡପରେ ପୂଜକଙ୍କ ସମେତ ୭ ଜଣ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି। ଏଥିସହ କୌଣସି ଭୋଜି ଭାତ, ଶୋଭାଯାତ୍ରା, ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି କୁହାଯାଇଛି। ସେହିପରି ସ୍ଥାନୀୟ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ହିଁ ମୂର୍ତ୍ତି ବିସର୍ଜନ କରାଯିବ। ଜିଲା ପ୍ରଶାସନ ଠାରୁ ପୂଜା ପାଇଁ ଅନୁମତି ଆଣିବା ପରେ ହିଁ ପୂଜା ଆୟୋଜନ କରାଯାଇପାରିବ। ସେହିଭଳି ପୂଜା ମଣ୍ଡପ ନିକଟରେ ସାନିଟାଇଜର, ମାସ୍କ ଓ ସାମାଜିକ ଦୂରତା ନିୟମ ପାଳନ କରିବା ବାଧ୍ୟତାମୂଳକ ବୋଲି ଏଥିରେ କୁହାଯାଇଛି। ଏହାର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ରାଜ୍ୟର ଅପାରଗତା ଯୋଗୁ କେନ୍ଦ୍ରୀୟ ଯୋଜନା ବିଫଳ

ରାୟଗଡ଼ା ଅଫିସ,୯।୯

ରାୟଗଡ଼ା ନଗର ଭାଜପା ପକ୍ଷରୁ ସ୍ଥାନୀୟ ଡାକ ବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଶ୍ୟାମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛି। ଏଥିରେ ଦଳୀୟ ନେତା ତଥା ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବସନ୍ତ ଉଲାକା, ଜିଲା ସାଧାରଣ ସମ୍ପାଦକ କିଶୋର ପଣ୍ଡା,

## ରାୟଗଡ଼ା ନଗର ଭାଜପାର ଖବରଦାତା ସମ୍ମିଳନୀ

ଜିଲା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବିଦ୍ୟା ଭୂଷଣ ପଣ୍ଡା ଏବଂ ନଗର ସାଧାରଣ ସମ୍ପାଦକ ଅଜୟ କୁମାର ବୁଲେଟ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ପ୍ରତ୍ୟେକ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍‌ଜିଏସୱାଇ, ପିଏମ୍‌ଆର୍‌ୱାଇ, ସ୍ୱଚ୍ଛ ଭାରତ ମିଶନ, କୃଷି, ଶିକ୍ଷା, ବେକାରି ସମସ୍ୟା ଦୂର କରିବା, ପାନୀୟ ଜଳ ଯୋଗାଣ ଆଦି ବିଭିନ୍ନ ଯୋଜନରେ ଅନେକ ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ତାହା ସଫଳ ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ରାଜ୍ୟକୁ ଆସୁଥିବା ଅର୍ଥ ରାଶି କମିଯିବା ନେଇ ପ୍ରଚାର କରୁଛନ୍ତି। ଏହା କେବଳ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା ବୋଲି ଦଳୀୟ ନେତାମାନେ କହିଛନ୍ତି। ରାୟଗଡ଼ାରେ ଜଳ ଯୋଗାଣ, ସଫେଇ ବ୍ୟବସ୍ଥା, ପର୍ଯ୍ୟଟନ ସ୍ଥଳୀର ବିକାଶ, ସାଇ ପ୍ରିୟା ନଗରକୁ ପୌର ପରିଷଦ ଅନ୍ତର୍ଭୁକ୍ତ କରିବା, ମହିଳା ଥାନା ପ୍ରତିଷ୍ଠା, ବେରୋଜଗାର ସମସ୍ୟା ଦୂର କରିବା, ଗୋଷ୍ଠୀ ଶୌଚାଳୟର ବ୍ୟବସ୍ଥା, ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ନେଇ କୌଣସି ବ୍ୟବସ୍ଥା କରାଯାଉ ନ ଥିବାବେଳେ ଶୀଘ୍ର ଏ ନେଇ ପଦକ୍ଷେପ ନେବାକୁ ଦାବି ହୋଇଛି।




ଖବରଦାତା ସମ୍ମିଳନୀରେ ନଗର ଭାଜପା ସଭାପତି ଓ ଦଳୀୟ ନେତାମାନେ ।

# ଅବ୍ୟବସ୍ଥାରେ ଚାଲିଛି ପୁଷପାଲି ଗ୍ରାମ ବିଦ୍ୟାଳୟ

କୋରୁକୋଣ୍ଡା,୯।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାରଲାକୋଟା ପଞ୍ଚାୟତ ପୁଷପାଲି ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ବହୁ ସମସ୍ୟାରେ ଚାଲିଛି। ୧୯୭୧ରେ ସ୍ଥାପିତ ଏହି ବିଦ୍ୟାଳୟରେ ୨୦୧୯ରୁ ୯ମ ଓ ୧୦ମ ଶ୍ରେଣୀ ଆରମ୍ଭ ହୋଇଛି। ବିଦ୍ୟାଳୟରେ ୨୨୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ରହିଛି ୨୭। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀଗୃହ ବଦଳରେ ମାତ୍ର ୩ଟି ଶ୍ରେଣୀଗୃହରେ ଚାଲିଛି। ଦୁଇଟି ଶ୍ରେଣୀଗୃହ ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ରହିଛି। ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୪ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ନବମ ଓ ଦଶମ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବାର




ପୁଷପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ।

୨ବର୍ଷ ବିତିଯାଇଥିଲେ ସୁଦ୍ଧା ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ରହିଛି। ଖେଳ ପଡ଼ିଆ ନାହିଁ। ବିଦ୍ୟାଳୟ ପାଚେରି ମଧ୍ୟ ଭାଙ୍ଗିଯାଇଥିବା ନେଇ ସେ ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି। ବିଡିଓ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟାଳରେ ବହୁ ସମସ୍ୟା ରହିଛି। ଶିକ୍ଷା ବିଭାଗରୁ କୌଣସି ଫଣ୍ଡ୍ ଆସୁନାହିଁ। ସେଥିପାଇଁ ଆମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶିକ୍ଷକ ସମସ୍ୟା ନେଇ ବ୍ଲକ ଶିକ୍ଷା ଅଧିକାରୀ ପତିତପାବନ ଦାସଙ୍କୁ ପଚାରିବାରୁ ସେ କହିଲେ, ଶିକ୍ଷକ ଅଭାବ ଦୂର ପାଇଁ କେତେକ ଶିକ୍ଷକଙ୍କୁ ଏପଟ

- ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି
- ଅଧ୍ୟୟନ କରୁଛନ୍ତି ୨୨୬ ଛାତ୍ରୀଛାତ୍ର
- ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବି: ଡିଇଓ

ସେପଟ କରି ଚଳାଇବାକୁ ପଡୁଛି। ନବମ ,ଦଶମ ଶ୍ରେଣୀ ପାଇଁ ଶିକ୍ଷକ ନ ଥିବାରୁ ବହୁ ସମସ୍ୟା ଉପୁଜୁଛି। ଏନେଇ ସେ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଜଣାଇଥିବା କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନାଙ୍କୁ ପଚାରିବାରୁ ସେ କହିଲେ, ସେ କିଛିଦିନ ତଳେ ଏଠାକୁ ବଦଳି ହୋଇ ଆସିଛନ୍ତି। ସମ୍ପୃକ୍ତ ବିଦ୍ୟାଳୟକୁ କିପରି ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ହୋଇପାରିବ ସେ ବ୍ୟବସ୍ଥା କରିବେ ବୋଲି କହିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ନାବାଳକ ମୃତ

ଦଶମନ୍ତପୁର,୯।୯(ଡି.ଏନ୍.ଏ.)-ଦଶମନ୍ତପୁର ବ୍ଲକ ଦୋରାଗୁଡ଼ା ଥାନା ଅଧୀନ ବିଲାପୁଟ ଛକ ନିକଟରେ ଗୁରୁବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗିର୍ଲିଗୁମ୍ମା ପଞ୍ଚାୟତ ରହିଆମ୍ବ ଗ୍ରାମର ମାନିକ ବେନ୍ୟାଙ୍କ ପୁଅ ସନମନ ବେନ୍ୟା (୧୫)। ସେ ବାଇକ (ସିଜି୧୭ଏଫ୍-୮୪୬୨) ଯୋଗେ କାଶୀପୁର ବ୍ଲକ କମ୍ପର ଗାଁରେ ତାଙ୍କ ବଡ଼ବାପା ମହାଦେବ ବେନ୍ୟାଙ୍କ ଘରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ନମ୍ବରବିହୀନ ମେଟାଲ ବୋଝେଇ ଟ୍ରାକ୍ଟର ବିଲାପୁଟ ଛକରେ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ସନମନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଓ ଲେବର ଫେରାର ହୋଇଯାଇଛନ୍ତି। ଗୁରୁବାର ଡୁମ୍ବାଗୁଡ଼ା ସାପ୍ତାହିକ ହାଟ ହୋଇଥିବାରୁ ହାଟସାରି ଫେରୁଥିବା ଲୋକେ ଦୁର୍ଘଟଣା ସମ୍ପର୍କରେ ଦୋରାଗୁଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ନାବାଳିକାଙ୍କୁ ବଳାତ୍କାର ମାମଲା
### ଯୁବକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୯।୯ (ନି.ପ୍ର.) - ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମାମଲାର ବିଚାର କରି ଜୟପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ବିଚାରପତି ପ୍ରଦୀପ କୁମାର ସାସମଲ ଅଭିଯୁକ୍ତ ଜଗା ବିଷୋୟୀ(୨୬)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଜରିମାନା କରାଯାଇଛି। ଏହା ଅନାଦାୟ ହେଲେ ଅଧିକ ୧୨ ମାସ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲା ବିବରଣୀରୁ ଜଣାପଡିଛି, ବୈପାରିଗୁଡା ଥାନା ଅନ୍ତର୍ଗତ ବାସନିଗୁଡା ଗ୍ରାମର ଜଗା ଗତ ୨୧।୮।୨୦୧୫ରେ କୋଟପାଡ ଅଞ୍ଚଳର ଜଣେ ନାବାଳିକାଙ୍କୁ ଆପୁଲରେ ନିଶା ଦେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଏନେଇ କୋଟପାଡ ଥାନାରେ ଅଭିଯୋଗ କରଥିଲେ। ପୋଲିସ ଏହାର ତଦନ୍ତ କରି ଜଗାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ୧୪ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତ ସକ୍ଷ୍ୟପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଶୁଣାଣି କରିଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଧୀର ତ୍ରିପାଠୀ ପରିଚାଳନା କରୁଥିଲେ।

### ପାର୍ଥସାରଥି ମନ୍ଦିର ଖୋଲିବା ଦାବିରେ ଧାରଣା

ପାତ୍ରପୁର,୯।୯(ଡି.ଏନ୍.ଏ.)-ରାଜ୍ୟ ସରକାର କରୋନା କଟକଣା କୋହଳ କରିଛନ୍ତି। କୋଭିଡ୍ ନିୟମ ପାଳନ କରି ମନ୍ଦିର ଖୋଲାଯାଇ ପାରିବ ବୋଲି କହିଛନ୍ତି। ତେବେ ପାତ୍ରପୁର ବ୍ଲକ ଜରଡାସ୍ଥିତ ପାର୍ଥସାରଥୀ ମନ୍ଦିର ଏ ଯାଏ ଖୋଲି ନଥିବାରୁ ଏହାକୁ ବିରୋଧ କରି କଳିଙ୍ଗ ବ୍ରାହ୍ମଣ ସମାଜ ଗଞ୍ଜାମ ଶାଖା ପକ୍ଷରୁ ଗୁରୁବାର ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଥିଲା । କଳିଙ୍ଗ ବ୍ରାହ୍ମଣ ସମାଜର ଜିଲା ପ୍ରଭାରୀ ପଦ୍ମ ଚରଣ ମିଶ୍ରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ବିଭୁନ୍ଦ୍ରେ ପାଢ଼ୀ, ଦେବେନ୍ଦ୍ର ରଣା, ବିପିନ ରଣା, ସୂର୍ଯ୍ୟ ନାରାୟଣ ପାଢ଼ୀ, ବିଜୁ ପାଢ଼ୀ, ରବି ପ୍ରଧାନ ପ୍ରମୁଖ ଧାରଣା ଦେଇଥିଲେ। ରାଜ୍ୟର ସମସ୍ତ ମନ୍ଦିର ଖୋଲା ଯାଇଥିବା ବେଳେ ପାର୍ଥସାରଥୀ ମନ୍ଦିର କାହିଁକି ବନ୍ଦ ରହିବ ବୋଲି ପ୍ରଭାରୀ ପ୍ରଶ୍ନ କରିବା ସହ ଶୀଘ୍ର ସର୍ବସାଧାରଣଙ୍କ ଦର୍ଶନ ଲାଗି ମନ୍ଦିର ଖୋଲିବା ପାଇଁ ଦାବି କରିଛନ୍ତି। ମନ୍ଦିର ନ ଖୋଲିବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି । ଏନେଇ ପାତ୍ରପୁର ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ସରକାରଙ୍କ ଗାଇଡ ଲାଇନ ଆସିବା ପରେ ମନ୍ଦିର ଖୋଲିବା ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

# ମାଳିପର୍ବତ ଖଣି ଖନନ ଲିଜ୍ ବାତିଲ କରାଯାଉ

କୋରାପୁଟ,୯।୯(ସ୍ୱ.ପ୍ର.)


ଖବରଦାତା ସମ୍ମିଳନୀରେ ପ୍ରଫୁଲ ସାନ୍ତରା ସୂଚନା ଦେଉଛନ୍ତି।

କୋଲାବ ନଦୀର ଜଳ ଉତ୍ସ ଓ ଆଦିବାସୀଙ୍କ କୃଷି ଜୀବିକାର ସୁରକ୍ଷା ପାଇଁ ମାଳି ପର୍ବତରେ ଖଣିଖନନ ଲିଜକୁ ବାତିଲ କରିବାକୁ ଗୁରୁବାର କୋରାପୁଟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲୋକଶକ୍ତି ଅଭିଯାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରା ଦାବି କରିଛନ୍ତି। ୨୦୦୬ରେ ହିଣ୍ଡାଲୋକକୁ ପରିବେଶ ମଞ୍ଜୁରୀ ସହ ବକ୍ସାଇଟ ଖଣି ଲିଜ ପ୍ରଦାନ କରାଯାଇଥିଲା । ସେତେବେଳେ କମ୍ପାନୀ ତାର ପରିବେଶ ଆକଳନ ରିର୍ପୋଟରେ ଏଠାରେ ଝରଣା ନାହିଁବୋଲି ଦର୍ଶାଇ ମିଥ୍ୟା ତଥ୍ୟ ଦେଇ ପରିବେଶ ମଞ୍ଜୁରୀ ହାସଲ କରିଥିଲା । କମ୍ପାନୀର ପରିବେଶ ମଞ୍ଜୁରୀ ୨୦୧୧ରେ ଶେଷ ହୋଇଯାଇଥିଲେ ସୁଦ୍ଧା କମ୍ପାନୀ ୨୦୧୨ରୁ ୨୦୧୪ ମଧ୍ୟରେ ଖଣି ଖନନ କରି ବକ୍ସାଇଟ ଉତ୍ତୋଳନ କରିଥିଲା। ଏପରି ବେଆଇନ କାର୍ଯ୍ୟର କୈଣସି ଆଇନଗତ ପ୍ରତିକାର ନ ଥିବାରୁ ରାଜ୍ୟ ସରକାର କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ (ଇଏସି ପରିବେଶ ମଞ୍ଜୁରୀ କମିଟି)କୁ ସୁପାରିଶ କରିଥିଲେ। ଏଯାଏ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପୁଣି ଖଣି ଲିଜ ସମୟ ୨୦ରୁ ୫୦ ବର୍ଷକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଏହା ଅତ୍ୟନ୍ତ ଅବିଚାରପୂର୍ଣ୍ଣ ନିଷ୍ପତି ବୋଲି ଏହି ଖବରଦାତା ସମ୍ମିଳନୀରେ ସାମନ୍ତରା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ମାଳିପର୍ବତ ଖଣି ଖନନ ଲିଜକୁ ବାତିଲ କରିବାକୁ ସେ ଦାବି କରିଛନ୍ତି। କୋରାପୁଟ ଜିଲାବାସୀଙ୍କ ସ୍ୱାର୍ଥ ତଥା ଜଳବାୟୁ ପରିବର୍ତ୍ତନର ପ୍ରତିକାର ପାଇଁ ସରକାର ମାଳିପର୍ବତ ଓ ଦେଓମାଳିକୁ ଖଣିଖନନରୁ ମୁକ୍ତ ରଖିବାକୁ ଆସନ୍ତା ୨୦୨୨ର ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବାତିଲ କରିବାକୁ ସାମନ୍ତରା ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଇନଜୀବୀ ଗୁପ୍ତେଶ୍ୱର ପାଣିଗ୍ରାହୀ ଓ ଇନ୍‌ସାଫର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଉପସ୍ଥିତ ରହି ମାଳିପର୍ବତ ସୁରକ୍ଷା ଆନ୍ଦୋଳନକୁ ସହଯୋଗ କରିବାକୁ ଘୋଷଣା କରଥିଲେ। ଅନ୍ୟପକ୍ଷରେ ମାଳିପର୍ବତ ପ୍ରଭାବିତ ୪ଟି ପଞ୍ଚାୟତର ୧୮ଟି ଗ୍ରାମର ଗ୍ରାମବାସୀ ଗୁରୁବାର ଲକ୍ଷ୍ମୀପୁର ନିକଟସ୍ଥ କଙ୍କଡାଆମ୍ବଠାରେ ବୈଠକ କରି ବାହାର ଲୋକ ଆସି ଆଦିବାସୀଙ୍କୁ ଉସୁକାଇ ଖଣି ଖନନ ବନ୍ଦ କରିବା ନେଇ ହୀନ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି।

## ଅଟୋ-ବାଇକ୍ ମୁହାଁମୁହିଁ, ୩ ଆହତ

କାଳିମେଳା,୯।୯(ଡି.ଏନ.ଏ.)

କାଳିମେଳା-ମାଲକାନଗିରି ୩୨୬ ନଂ. ଜାତୀୟ ରାଜପଥ ଏମପିଭି-୨୩ ଛକଠାରେ ଗୁରୁବାର ସନ୍ଧ୍ୟା ୭ଟାରେ ଏକ ଅଟୋ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ବାଇକ୍ ଓ ଅଟୋ ଚାଳକ ଗୁରୁତର ହୋଇଛନ୍ତି । ବାଇକ୍ ପଛରେ ବସିଥିବା ଜଣେ ଯୁବତୀ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତେବେ ଅଟୋରେ ଥିବା ଯାତ୍ରୀମାନଙ୍କ କୌଣସି କ୍ଷତି ହୋଇନାହିଁ। ଖବର ଜଣାପଡିଛି ଏମଭି-୬୬ ଗ୍ରାମର ଅଟୋ ଚାଳକ ପ୍ରଭାସ ବାଲା ଗୁରୁବାର ସନ୍ଧ୍ୟା ରେ କେତେକ ଯାତ୍ରୀଙ୍କୁ ନେଇ ପଟେରୁ ଅଭିମୁଖେ ଯାଉଥିଲା। ଏମପିଭି-୨୩ ଛକ ନିକଟରେ ବାଇକ୍‌ରେ କାଳିମେଳା ଆସୁଥିବା ଅମ୍ବାଗୁଡା ଗ୍ରାମର ରାମା ମାଡ଼ି ଏବଂ ଅନ୍ୟ ଜଣେ ଯୁବତୀ ଅଟୋ ସହିତ ଧକ୍କା ହୋଇଥିଲେ। ଏଥିରେ ଅଟୋର ସମ୍ମୁଖ କାଚ ଭାଙ୍ଗି ଡ୍ରାଇଭର ପ୍ରଭାଷ ଗୁରୁତର ହୋଇଥିଲେ। ଖବର ପାଇ କାଳିମେଳା ପୋଲିସ ପହଞ୍ଚି ଗାଡି ଜବତ କରି ଆହତମାନଙ୍କୁ ମେଡିକାଲ ପଠାଇଥିଲା। ପ୍ରଭାଷ ଏବଂ ରାମାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି ।

## ମୌଳିକ ସୁବିଧାରୁ ବଞ୍ଚିତ ଦ୍ୱାରଶୁଣୀ ପଞ୍ଚାୟତବାସୀ

ଦଶମନ୍ତପୁର, ୯।୯ ( ଡ଼ି.ଏନ.ଏ.)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପଞ୍ଚାୟତବାସୀ।

ସ୍ୱାଧୀନତାର ୭୫ ବର୍ଷ ପରେ ମୌଳିକ ସୁବିଧାରୁ ବଞ୍ଚିତ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦ୍ୱାରଶୁଣୀ ପଞ୍ଚାୟତବାସୀ ଜିଲାପାଳଙ୍କୁ ଭେଟି ନିଜ ସମସ୍ୟା ଜଣାଇଛନ୍ତି। ପଞ୍ଚାୟତରେ ଅନେକ ସମସ୍ୟା ଥିଲେ ମଧ୍ୟ ସରକାରଙ୍କ କୌଣସି ଉନ୍ନତିମୂଳକ କାର୍ଯ୍ୟ ପହଞ୍ଚିପାରୁନି ଏହି ପଞ୍ଚାୟତରେ। ଦ୍ୱାରଶୁଣି ପଞ୍ଚାୟତ ଉପରେ ୨୨ଟି ଗ୍ରାମର ଲୋକେ ନିର୍ଭର କରନ୍ତି। ପଞ୍ଚାୟତରେ ପାନୀୟ ଜଳ, ବିଦ୍ୟୁତ୍, ମୋବାଇଲ ନେଟୱାର୍କ ଓ ପଞ୍ଚାୟତକୁ ବିଭିନ୍ନ ଗ୍ରାମରୁ ସଂଯୋଗୀକରଣ ରାସ୍ତା ନ ଥିବାରୁ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗ୍ରାମକୁ ପାଇପ ବିଛା ଯାଇଛି ମାତ୍ର ଜଳ ଯୋଗାଣ ହୋଇନାହିଁ। ପଞ୍ଚାୟତ ନିକଟସ୍ଥ ମୁରାନ ଡ୍ୟାମ କାର୍ଯ୍ୟାଳୟରେ ସ୍ଥାନୀୟ ପଞ୍ଚାୟତବାସୀଙ୍କୁ ନିଯୁକ୍ତି ମିଳୁନି। ବାହାର ଅଞ୍ଚଳର ପିଲାଙ୍କୁ ନିଯୁକ୍ତି ମିଳୁଥିବାରୁ ଅଞ୍ଚଳବାସୀ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ବାଧ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ ଦାବି କରି ସେମାନେ ଗୁରୁବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସୁବାସ ଚନ୍ଦ୍ର ଡଙ୍ଗରି, ଚୈତନ ଗୌଡ଼, ଥବିର ନାୟକ, ଟଙ୍କ ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରେମିକଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଜୟପୁର,୯।୯(ନି.ପ୍ର.)

ଜୟପୁର ଜଗନ୍ନାଥ ସାଗରରୁ ନିକଟରେ ଜଣେ ନାବାଳିକାଙ୍କ ମୃତଦେହ ଜବତ ହୋଇଥିଲା। ନାବାଳିକାଙ୍କର ପିଣ୍ଟୁ ନାମକ ଜଣେ ଯୁବକଙ୍କ ସହ ସମ୍ପର୍କ ଥିଲା। ଏହି ମୃତ୍ୟୁ ପାଇଁ ତାଙ୍କୁ ଦାୟୀ କରି ଗୁରୁବାର ଶତାଧିକ ମହିଳାପୁରୁଷ ପିଣ୍ଟୁଙ୍କ ଗିରଫ ଦାବି କରିଛନ୍ତି। ୩ ଘଣ୍ଟା ଧରି ଜୟନଗର ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଏନେଇ ପରିବାର ଲୋକେ ପିଣ୍ଟୁଙ୍କ ନାମରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କ ପ୍ରେମିକଙ୍କୁ ଥାନାକୁ ଆଣି ପଚରାଉଚରା କରି ଛାଡ଼ି ଦେଇଥିଲା। ଏହାକୁ ନେଇ ଅଞ୍ଚଳବାସୀ


ରାସ୍ତା ଅବରୋଧ କରିଥିବା ମହିଳାପୁରୁଷ।

**ଜଗନ୍ନାଥ ସାଗରରୁ ନାବାଳିକାଙ୍କ ମୃତଦେହ ମିଳିବା ଘଟଣା**

ରାସ୍ତାକୁ ଓହ୍ଲାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରିବା ନେଇ ଜିଦ୍‌ରେ ଅଟଳ ଥିଲେ। ଶେଷରେ ପୋଲିସ ପ୍ରେମିକ ଘରକୁ ଯାଇ ତାଙ୍କୁ ଥାନାକୁ ଆଣିବା ପରେ ଲୋକେ ରାସ୍ତାରୋକୋରୁ ଓହରିଥିଲେ। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ୫ତାରିଖ ସନ୍ଧ୍ୟାରେ ଦୋକାନକୁ ଯାଉଛି କହି ଘରୁ ଆସିଥିଲେ। ପରେ ସେ ଆଉ ଘରକୁ ଫେରି ନ ଥିଲେ । ସୋମବାର ଜଗନ୍ନାଥ ସାଗରରୁ ତାଙ୍କ ମୃତଦେହ ମିଳିଥିଲା।

## ନକଲି ଡାକ୍ତର ଗିରଫ

ଜଗନ୍ନାଥପ୍ରସାଦ,୯।୯(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କୁମ୍ଭାପଡା ଗ୍ରାମରେ ଚାଲିଥିବା ଏକ ବେଆଇନ କ୍ଲିନିକ ଉପରେ ପୋଲିସ ବୁଧବାର ଚଢ଼ାଉ କରିଥିଲା। ସେଠାରେ ରୋଗୀ ଚିକିତ୍ସା କରୁଥିବା ଜଣେ ନକଲି ଡାକ୍ତରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ନକଲି ଡାକ୍ତର ଜଣକ ହେଲେ କୁମ୍ଭାପଡା ଛାମୁ ସାହିର ଲାଲ ବହାଦୁର ନାୟକ। ଗ୍ରାମଛକ ନିକଟରେ ଶାଶ୍ୱତ ସେବା କେନ୍ଦ୍ର ନାମରେ ସେ କ୍ଲିନିକ ଖୋଲି ଡାକ୍ତର ଲାଲ ବହାଦୁରଲାଲ ନାମରେ ଏକ ବୋର୍ଡ ଲଗାଇ ଚିକିତ୍ସା କରୁଥିଲେ। ସାଧାରଣ ରୋଗୀଙ୍କ ଠାରୁ ଆରମ୍ଭ କରି ଜଟିଳ ରୋଗରେ ପୀଡିତମାନେ ସେଠାରେ ଭିଡ଼ ଜମାଉଥିଲେ । ଏହାର ସୁଯୋଗ ନେଇ ସେ ପ୍ରଚୁର ଅର୍ଥ ଶୋଷଣ କରୁଥିଲେ । କୌଣସି ସୂତ୍ରରୁ ଖବରପାଇ ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଉକ୍ତ ବେଆଇନ କ୍ଲିନିକ ଉପରେ ଚଢ଼ାଉ କରି ଲାଲ ବହାଦୁରଙ୍କୁ ତଦନ୍ତ ପାଇଁ ଥାନାକୁ ଆଣିଥିଲେ । ତାଙ୍କ କାଗଜପତ୍ର ଯାଞ୍ଚବେଳେ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ଓ ପୂର୍ବେ ସେ ସୁରଟରେ ସୂତା କଳରେ ଶ୍ରମିକ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଥିଲା। ତାଙ୍କ ବାପା ଏହି କ୍ଲିନିକ ଚଳାଉଥିଲେ। ବାପାଙ୍କ ମୃତ୍ୟୁ ପରେ ଲାଲ ବହାଦୁର ଏହି କ୍ଲିନିକରେ ପ୍ରାୟ ୩ ବର୍ଷ ହେବ ରୋଗୀ ଚିକିତ୍ସା କରୁଥିବା ସ୍ୱୀକାର କରିଛନ୍ତି। ଏ ନେଇ ନଂ.୨୯୮/୨୧ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

## ୨ ଶିକ୍ଷକଙ୍କ ବିରୋଧରେ ଏତଲା

ପାରଳାଖେମୁଣ୍ଡି,୯।୯(ଡି.ଏନ୍.ଏ.)

ନକଲି ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦେଇ ଚାକିରି କରୁଥିବା ୨ଜଣ ଶିକ୍ଷକଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନାରେ ଏତଲା ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ବୁଧବାର ପାରଳାଖେମୁଣ୍ଡି ଥାନାରେ ମୋହନା ବ୍ଲକ ମୁଦୁମୁଡିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାଧବ ବେହେରା ଓ ଆର. ଉଦୟଗିରି ବ୍ଲକ ସୁରୁଡା ପିୟୁପିଏସ ବିଦ୍ୟାଳୟ ଶିକ୍ଷୟିତ୍ରୀ ସ୍ୱିପ୍ନାରାଣୀ ଛଟୋଇ ନକଲି ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଭିତ୍ତିକରି ନଂ.୧୮୦/୨୧ରେ ମାମଲା ରୁଜୁ ହୋଇଥିବା ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ଭାରତୀୟ ମଜଦୁର ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


କର୍ମକର୍ତ୍ତାମାନେ ପ୍ରଶାସନକୁ ଦାବିପତ୍ର ଦେଉଛନ୍ତି।

କୋରାପୁଟ,୯।୯(ସ୍ୱ.ପ୍ର.)

ଦେଶରେ ଅତ୍ୟାବଶ୍ୟକ ଦ୍ରବ୍ୟର ଅପ୍ରତ୍ୟାଶିତ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଗୁରୁବାର ଭାରତୀୟ ମଜଦୁର ସଂଘ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରଛି। ଭାରତୀୟ ମଜଦୁର ସଂଘର କୋରାପୁଟ ଜିଲା ଶାଖାର ସଭାପତି ଏ. ଭିମା ରାଓ ଓ ସମ୍ପାଦକ ବିରଞ୍ଚି ନାରାୟଣ ଷଡଙ୍ଗୀଙ୍କ ନେତୃତ୍ୱରେ ଆଶା ଓ ଅଙ୍ଗନୱାଡିକର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ସେଠାରେ ପ୍ରତିବାଦ ସଭା କରଥିଲେ। ଦରଦାମ ନିୟନ୍ତ୍ରଣ କରିବାକୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ସୁଜିତ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ସଭାପତି କମଳା ବେହେରା, ଅଙ୍ଗନୱାଡି କର୍ମୀ ସଂଘ ସଭାପତି ସଂଯୁକ୍ତା ସାହୁ, ସୁଧାଂଶୁ ପାଢୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସାର ଚୋରା ଚାଲାଣ କରି ଭ୍ୟାନ୍ ଚାଳକ ଗିରଫ

କୁନ୍ଦୁରା,୯।୯(ଡି.ଏନ୍.ଏ.)

ବେଆଇନ ଭାବେ ସାର ଚାଲାଣ କରୁଥିବା ଅଭିଯୋଗରେ ଗୁରୁବାର କୋରାପୁଟ ଜିଲା କୁନ୍ଦୁରା ପୋଲିସ ସାର ନେଉଥିବା ଭ୍ୟାନ୍ ଚାଳକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗତ ୪ରେ ସାର ଚୋରାଚାଲାଣ ହେଉଥିବା ଖବର ପାଇ ତହସିଲଦାର ଏବଂ ବ୍ଲକ କୃଷି ଅଧିକାରୀ ପଖନାଗୁଡ଼ା ପଞ୍ଚାୟତ ଘାଡଙ୍ଗାଗୁଡା ନିକଟରେ ଜଗିରହି ଏକ ପିକ୍ ଅପ୍ ଭ୍ୟାନ(ଓଆର୍ ୨୪- ୭୭୨୬)କୁ ଧରିଥିଲେ। ଭ୍ୟାନ୍ ଚାଳକଙ୍କୁ ଥାନାକୁ ନିଆଯାଇଥିଲା। ଭ୍ୟାନ୍‌ରେ ୩୫ ବସ୍ତା ୟୁରିଆ ସାର ସହ ୫ଡବା ଜିଙ୍କ୍ ରହିଥିବା ଦେଖିବାକୁ ମିଳିଥିଲା। ଏହା କେଉଁଠାରୁ ଆଣିଛ ଏବଂ କେଉଁଠିକୁ ନେଉଛ ବୋଲି ପଚାରିବାରୁ ଭ୍ୟାନ୍ ଚାଳକ କିଛି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ତହସିଲଦାର ଓ କୃଷି ଅଧିକାରୀ ଭ୍ୟାନ୍‌କୁ କୁନ୍ଦୁରା ଥାନା ଜିମା ଦେଇଥିଲେ। ଏହାର ତଦନ୍ତକରି ପୋଲିସ ବେଆଇନ ସାର କାରବାର ଅଭିଯୋଗରେ ଭ୍ୟାନ ଚାଳକ ଶ୍ୟାମସୁନ୍ଦର ନାୟକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। କେସ୍ ନଂ. ୯୪/୨୧।

## ୨କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ ଗିରଫ

ମାଲକାନଗିରି,୯।୯(ଡି.ଏନ.ଏ.)


ଗିରଫ ୨ ଅଭିଯୁକ୍ତ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ରାଜୁଲକୋଣ୍ଡା ଫାର୍ମ ନିକଟରୁ ବୁଧବାର ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ବହୁ ପରିମାଣର ଗଞ୍ଜେଇ ଜବତ କରିଛି। ଏଥିରେ ସଂପୃକ୍ତ ୨ ଜଣକୁ ଗିରଫ କରିଛି । ବୁଧବାର ବିଳମ୍ବିତ ରାତିରେ ଚିତ୍ରକୋଣ୍ଡା ପୋଲିସ ରାଜୁଲକୋଣ୍ଡା ଫାର୍ମ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ଅଟୋ ଚିତ୍ରକୋଣ୍ଡାରୁ ସିଲେରୁ ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲା। ପୋଲିସ ସନ୍ଦେହ କରି ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୭ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ପରିମାଣ ୨ କୁଇଣ୍ଟାଲ ୧୦ କିଲୋଗ୍ରାମ। ଏଥିରେ ସମ୍ପୃକ୍ତ ଅଟୋ ଡ୍ରାଇଭର ଅଜୟ ମାଛା ଓ କୃଷ୍ଣ ମାଛାଙ୍କୁ ଗିରଫ କରାଯାଇଛି । ଅଜୟଙ୍କ ଘର ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବେନିଆଗୁଡା ଗ୍ରାମରେ ହୋଇଥିବା ବେଳେ କୃଷ୍ଣଙ୍କ ଘର ଚିତ୍ରକୋଣ୍ଡାର ପଞ୍ଜାବୀ ଛକରେ ବୋଲି ଜଣାପଡିଛି। ପୋଲିସ ସେମାନଙ୍କ ନିକଟରୁ ମୋବାଇଲ ଫୋନ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ ଓ କିଛି ଟଙ୍କା ମଧ୍ୟ ଜବତ କରିଛି। କେସ୍ ନଂ.୧୧୧/୨୧ରେ ମାମଲା ରୁଜୁ କରି ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି ।

## କାଠ କୋଇଲା ବୋଝେଇ ଗାଡ଼ି ଜବତ, ଜଣେ ଗିରଫ

ଛତ୍ରପୁର,୯।୯(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଆଗ୍ରାହରମ ଗାଁ ଛକ ନିକଟରୁ ଏକ କାଠକୋଇଲା ବୋଝେଇ ଗାଡିକୁ ବନ ବିଭାଗ ଧରିଛି। ସେଥିରେ ଥିବା ୨୦ବସ୍ତା କାଠ କୋଇଲା ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ବ୍ରହ୍ମପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଏକ କାରରେ ଯୋଗେ କାଠ କୋଇଲା ଚାଲାଣ ହେଉଥିବାର ବିଶେଷ ସୂତ୍ରରୁ ଖବର ପାଇ ଛତ୍ରପୁର ବନ ଅଧିକାରିଣୀ ଘରମଣି ପାଣିଗ୍ରାହୀ ଓ ତାଙ୍କ ଟିମ ଆଗ୍ରାହରମ ଗାଁ ଛକ ଠାରେ ଚଢ଼ଉ କରିଥିଲେ।

# କୋଭିଡ୍ ତୃତୀୟ ଲହରକୁ ନେଇ ଚିନ୍ତା

**ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଭାଜପା ମହିଳା ମୋର୍ଚ୍ଚାର ଆଲୋଚନା**

ମାଲକାନଗିରି,୯।୯ (ଡିଏନଏ):

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଚିକିତ୍ସାଳୟ ଅଧିକାରୀ ଅନିଲ କୁମାର ମିଶ୍ରଙ୍କ ସହ କୋଭିଡ୍ ତୃତୀୟ ଲହର ମୁକାବିଲା ସମ୍ପର୍କରେ ଆଲୋଚନା କରଛନ୍ତି। । କୋଭିଡ୍ ତୃତୀୟ ଲହର ବିଶେଷ କରି ଶିଶୁମାନଙ୍କୁ ସଂକ୍ରମିତ କରୁଥିବାରୁ ଏନେଇ ଜିଲାରେ କିଭଳି ଅଧିକରୁ ଅଧିକ ସଚେତନତା ସୃଷ୍ଟି କରାଯାଇ ପାରିବ ଏବଂ ଲହରକୁ ରୋକିବାକୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବ ସେନେଇ ମୋର୍ଚ୍ଚା ସଦସ୍ୟାମାନେ ଆଲୋଚନା କରିଥିଲେ। ଆଲୋଚନାରେ ଭାଜପା ମହିଳା ମୋର୍ଚ୍ଚାର ଦେବି ମାଢି, ମମତା ମହାନ୍ତି, ବେଣିକୁମାରୀ କାର୍ତୁଲ , ସୌଦାମିନୀ ମହାପାତ୍ରଙ୍କ ସମେତ ଅନ୍ୟ ମାନେ ସାମିଲ ହୋଇଥିଲେ।


ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଆଲୋଚନା କରୁଛନ୍ତି।

# ୧୦୦ଦିନିଆ ଅଭିଯାନର ଶୁଭାରମ୍ଭ

**ବାହ୍ୟ ମଳମୁକ୍ତ ପଞ୍ଚାୟତ ଗଠନ ଲକ୍ଷ୍ୟ**

କୋରାପୁଟ,୯।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବାହ୍ୟ ମଳମୁକ୍ତ ପଞ୍ଚାୟତ ଗଠନ ପାଇଁ ଶ୧୦୦ ଦିନିଆ ଅଭିଯାନ ଶୁଭାରମ୍ଭ କରାଯାଇଛି। କୋରାପୁଟସ୍ଥିତ ଡିଆର୍‌ଡିଏ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅବଦାଲ ଏମ୍. ଅଖତର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି।

କୋଟପାଡ ବ୍ଲକ ଓ ୬୨ ପଞ୍ଚାୟତକୁ ଡିସେମ୍ବର ୯ତାରିଖ ସୁଦ୍ଧା ବାହ୍ୟ ମଳମୁକ୍ତ ଘୋଷଣା କରିବା ନିମନ୍ତେ ଏହି ଶହେଦିନିଆ ଅଭିଯାନର ଶୁଭାରମ୍ଭ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ପ୍ରତ୍ୟେକ ଘରେ ଗୋଟିଏ ଲେଖାଏ ଆବର୍ଜନା ଓ ଶୋଷକ ଖତ ନିର୍ମାଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ସେହିପରି ପ୍ରତ୍ୟେକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ ଗୃହ, ସର୍ବସାଧାରଣ ସ୍ଥାନ ଏବଂ ନଳକୂପ,କୂଅ, ନାଳର ଶେଷ ସ୍ଥାନରେ ଆବର୍ଜନା ଖତ ଓ ଶୋଷକ ଖତମାନ ନିର୍ମାଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଉପରୋକ୍ତ ୬୨ ପଞ୍ଚାୟତ ଓ କୋଟପାଡ ବ୍ଲକର ସମସ୍ତ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅକ୍ଟୋବର ୨ ପୂର୍ବରୁ ଶେଷ କରିବାକୁ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଆଇଏଏସ୍ ପ୍ରୋବେସନାରି ବେଦ ଭୂଷଣ, କୋରାପୁଟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ନାରସୁଲୁ କାମୁଡି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ସୁଦେଶ ପଟ୍ଟନାୟକ, ସମସ୍ତ ବିଡିଓ, ସ୍ୱଚ୍ଛ ଭାରତ ମିଶନ ବ୍ଲକସ୍ତରୀୟ ନୋଡାଲ ଅଧିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ପରାମର୍ଶଦାତ୍ରୀ ସୀମା ସ୍ୱାରକୀ ରାୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରମେଶ ଜିଲା କଂଗ୍ରେସ ଏସ୍‌ସି ସେଲ୍ ଉପାଧ୍ୟକ୍ଷ



ମୁନିଗୁଡ଼ା,୯।୯(ଡି.ଏନ୍.ଏ.)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏସ୍‌ସି ସେଲ୍‌ର ରାଜ୍ୟ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ଜିଲା ଏସ୍‌ସି ସେଲ୍‌ର ଉପାଧ୍ୟକ୍ଷଭାବେ ମୁନିଗୁଡ଼ାର କଂଗ୍ରେସ ନେତା ରମେଶ ପାଲକାଙ୍କୁ ଦାୟିତ୍ୱ ଦିଆଯାଇଛି। ରମେଶଙ୍କୁ ଏହି ଦାୟିତ୍ୱ ମିଳିବା ପରେ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ମୁନିଗୁଡ଼ା ବ୍ଲକ ସଭାପତି ନୀଳାମ୍ବର ବିଭାର, ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରାଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସେ ସୁଚାରୁ ରୂପେ ତୁଲେଇବେ ବୋଲି ରମେଶ ପ୍ରକାଶ କରିଛନ୍ତି।

### ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ଛାତ୍ର ମେଧା ସମ୍ମାନ



ପଡ଼ିଆ,୯।୯(ଡି.ଏନ୍.ଏ.)-ମାଲକାନଗିରି ଜିଲା ପଡ଼ିଆ ବ୍ଲକ ସଦର ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟଠାରେ ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆଲୋଚନା ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଦିଗରେ ମନୋନିବେଶ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସାହିତ୍ୟ ଦୂତଭାବେ ଗ୍ରାମାଞ୍ଚଳରେ ସଜାଗ ରହିବାକୁ କୁହାଯାଇଛି। ଏହି ଅବସରରେ ପଡ଼ିଆ ବ୍ଲକ ନିଲିଗୁଡ଼ା ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀ ତାମା ଦୋରାଙ୍କ ବୀରତ୍ୱ ଏବଂ ଭାଷା ଓ ସାହିତ୍ୟର ସୁରକ୍ଷା ଦିଗରେ ତାଙ୍କ ଭୂମିକାକୁ ମନେପକାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ମାଟିଲଗ୍ନା ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଶୋର ପ୍ରଧାନ, ପ୍ରଶାନ୍ତ କୁମାର ପରିଡ଼ା, ଖବରଦାତା କେ. ଭାସ୍କର ରାଓ, ଅଧ୍ୟାପକ ଜିତେନ୍ଦ୍ର କୁମାର ନାୟକ, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକାକରଣରେ କୋଇଲାରି ପଞ୍ଚାୟତ ପ୍ରଥମ

ଡାବୁଗାଁ,୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର କୋଇଲାରି ପଞ୍ଚାୟତ କରୋନା ଟିକାକରଣରେ ୧୦୦ ପ୍ରତିଶତ(ପ୍ରଥମ ଡୋଜ୍) ସଫଳତା ହାସଲ କରିଛି। ଏଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ୧୦୦ ପ୍ରତିଶତ ସଫଳତା ଦିବସ ପାଳନ କରାଯାଇଛି। ଏହି ପଞ୍ଚାୟତ ଶତ ପ୍ରତିଶତ ଟିକାକରଣରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୂଚନାଯୋଗ୍ୟ, ପଞ୍ଚାୟତରେ ମୋଟ ୪୦୪୮ ଜନ ସଂଖ୍ୟା ରହିଛି। ଏଠାରେ ୨୪୪୨ ଜଣଙ୍କୁ ଟିକାକରଣ ଲକ୍ଷ୍ୟ ରହିଥିଲା। ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୨୪୪୨ ଜଣଙ୍କୁ ଟିକାକରଣ ସରିଛି। ଏଥିରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୮୨୫ ଜଣ ଏବଂ ୧୮ରୁ୪୪ ବର୍ଷ ମଧ୍ୟରେ ୧୬୧୭ ଜଣଙ୍କୁ ପ୍ରଥମ ଡୋଜ୍ ଟିକାକରଣ ସରିଛି। ଡାବୁଗାଁ ବ୍ଲକର କୋଇଲାରି ପଞ୍ଚାୟତର ସମସ୍ତ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ୍, ମହିଳା ସ୍ୱାସ୍ଥ୍ୟକର୍ମୀ, ସମସ୍ତ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ମିଳିତ ଉଦ୍ୟମରେ ଏହି ସଫଳତା ମିଳିଥିବା ସୂଚନା ମିଳିଛି। ଏଥିରେ ନିୟୋଜିତ ସମସ୍ତ କର୍ମୀଙ୍କୁ ନେଇ ବାରମ୍ବାର ପଞ୍ଚାୟତ ସ୍ତରରେ ବୈଠକ କରି ସ୍ଥିତି ସମୀକ୍ଷା ସହ ଘର ଘର ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ ଦୂର ହେବାସହ ଟିକାକରଣ ସହଜ ହୋଇଥିବା କୁହାଯାଇଛି। ସଫଳତା ଦିବସ କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ସିଡିଏମ୍‌ଓ ଡା. ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲା କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ କୁମାର ପ୍ରହରାଜ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ମଳୟ ତ୍ରିପାଠୀ, ଡାବୁଗାଁ ବିଡିଓ ଶରତ ମାଝି, କୋଇଲାରି ସରପଞ୍ଚ ଚନ୍ଦ୍ରୀ ଭତ୍ରା, ଚଚରାଗୁଡ଼ା ସରପଞ୍ଚ ଧର୍ମାନନ୍ଦ ନାୟକ, ବଡ଼ଓଲମା ସରପଞ୍ଚ ନୀଳେନ୍ଦ୍ର ଭତ୍ରା, ମେଦନା ସରପଞ୍ଚ ଦିବାକର ପୂଜାରୀଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ, ଲୋକ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସିଡିଏମ୍‌ଓ, ବିଡିଓ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

**୧୦୦ ପ୍ରତିଶତ ସଫଳତା ଦିବସ ପାଳନ**

### ବିଦ୍ୟୁତ୍ ଆଘାତରେ ଶିଶୁ ମୃତ

କୁଡୁମୁଲୁଗୁମ୍ମା,୯।୯(ଡି.ଏନ୍.ଏ.)–ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ପଖନାଗୁଡ଼ା ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ଗ୍ରାମର ଇନ୍ଦ୍ର ମାଝିଙ୍କ ୮ମାସର ଶିଶୁପୁତ୍ର ଘରେ ଗୁରୁଣ୍ଡିଗୁରୁଣ୍ଡି ଏଣେତେଣେ ବୁଲୁଥିବା ବେଳେ ଘରେ ଥିବା ବିଦ୍ୟୁତ୍ ଏକ୍ସଟେନସନ ବୋର୍ଡକୁ ଧରି ପକାଇଥିଲା। ଗୁରୁତର ଅବସ୍ଥାରେ ଇନ୍ଦ୍ର ପୁଅକୁ ସଙ୍ଗେସଙ୍ଗେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଶିଶୁଟିର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଫାଣ୍ଡି ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା କହିଛନ୍ତି।


**ODISHA PUBLIC SERVICE COMMISSION**

**ADVERTISEMENT No.13 OF 2021-22**

**Recruitment to the post of Geologists in Group-A of Odisha Ground Water Geologist Service under Department of Water Resources for the year 2021.**

WEBSITE - http://opsc.gov.in

**No. D-122:-** Online applications are invited from the prospective candidates through the Proforma application to be made available on the Website of the Commission (http//:www.opsc.gov.in) for recruitment to **36 (Thirty Six)** posts of **Geologist** in Group-A (JB) under Department of Water Resources in the Scale of Pay of 56,100/- in Level 12, Cell-1 of Pay Matrix under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. VACANCY POSITION: As per requisition filed by the Department of Water Resources, Government of Odisha, out of a total number of 36 (12-w) vacancies, 18 (06-w) vacancies are reserved for UR category, 04 (01-w) vacancies are reserved for SEBC category, 06 (02-w) vacancies are reserved for SC category, 08 (03-w) vacancies are reserved for ST category. Also, 01 vacancy is reserved for Persons with Disabilities who are Hearing Imparied (HI) with suitable aid.

3. AGE: A candidate must have attained the age of **21 (Twenty one)** years and must not be above **32 (Thirty two)** years as on **1st day of January 2021** i.e. he/she must have been born not earlier than **2nd January, 1989** and not later than **1st January, 2000**.

4. EDUCATIONAL QUALIFICATION: A candidate must hold at least a Second Class Master's Degree in Geology or Applied Geology or Earth Science from any recognized University in India.

5. EXAMINATION FEE: A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disabilities (whose permanent disability is 40% or more) are exempted from payment of this fee.

**The link for registration/ re-registration and payment of examination fees shall be available from 15.09.2021 to 22.10.2021 (Note: 29.10.2021 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

CUTTACK
DATE- 08.09.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OIPR-12002/11/0083/2122


### ଦକ୍ଷିଣକାଳୀ ପୂଜା ପାଇଁ ୧୧ରେ ଶୁଭଖୁଣ୍ଟି



ବୈଠକରେ କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି ।

ଗୁଣପୁର,୯।୯(ଡି.ଏନ୍.ଏ.)

ଗୁଣପୁର ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଲକ୍ଷ୍ମୀନାରାୟଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ କିଭଳି ଶୃଙ୍ଖଳିତ ଭାବେ ପୂଜା ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମାଁଙ୍କ ପୂଜା ୧୫ ବର୍ଷରେ ପଦାର୍ପଣ କରିଛି। ନଭେମ୍ବର ୪ରୁ ପୂଜା ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିନିମନ୍ତେ ୧୧ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଏହାର ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଗତବର୍ଷ ହୋଇଥିବା ପୂଜାର ସମୀକ୍ଷା କରାଯାଇ ତ୍ରୁଟି ସୁଧାରିବା ଉପରେ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଚଳିତ ବର୍ଷ ପୂଜା ପାଇଁ ମୂର୍ତ୍ତି ନିର୍ମାଣ, ଅର୍ଥ ସଂଗ୍ରହ, ପୂଜା ପ୍ରସ୍ତୁତି, ଭୋଗ ପ୍ରସ୍ତୁତି ଭଳି ବିଭିନ୍ନ କାର୍ଯ୍ୟ କିଭଳି ସୁଚାରୁ ରୂପେ କରାଯିବ ସେ ନେଇ ସଦସ୍ୟମାନେ ମତ ରଖିଥିଲେ।


**ODISHA JOINT ENTRANCE EXAMINATION - 2021 (OJEE - 2021)**

**No. OJEE/313** **Date: 08.09.2021**

**NOTICE INVITING APPLICATIONS FOR 4 YEAR BACHELOR PROGRAM IN CINEMATIC ART AND TECHNOLOGY**

No. KK-78: **Biju Pattanaik Film and Television Institute of Odisha (BPFTIO), Cuttack,** established in 1998, is going to offer 4 yrs. Degree Program in Cinematic Art and Technology in three prime disciplines such as **(I) CINEMATOGRAPHY, (II) SOUND RECORDING & SOUND DESIGN** and **(III) FILM EDITING** from current Academic Session 2021-22.

The Entrance Examination and Counselling for admission to these courses shall be conducted by OJEE Committee.

**The process of online application for the Entrance Examination will start from 09.09.2021 and the last date is 20.09.2021. Fees can be paid till 21.09.2021 (11.59 P.M.)**

Detailed instructions and terms and conditions for online application will be like other forms as per the Information Brochure available in OJEE website, i.e., **www.ojee.nic.in**. The syllabus for the examination will be as per the information given in the website.

The detailed schedule regarding dates of the Examination and of downloading of Admit Cards etc. will be notified in due course of time.

Candidates are advised to visit the official websites of OJEE **(www.ojee.nic.in)** and of BPFTIO **(www.bpftio.org)** regularly for updated information.

**Sd./- Chairman, OJEE, Odisha**

**OIPR-14020/11/0010/2122**


### କିନ୍ନରଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ନେଇ ଆଲୋଚନା

ଗୁଣପୁର,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ସଭାଗୃହଠାରେ କିନ୍ନର ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ସାଥୀ ଅନୁଷ୍ଠାନର ଚନ୍ଦନ ନାୟକ ଏଥିରେ ଯୋଗଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମେତ କୋଭିଡ୍ ସମୟରେ ଘୋଷଣା ହୋଇଥିବା କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ମାଁ ମାଝିଗୌରି ଅନୁଷ୍ଠାନର ସମ୍ପାଦକ ପିଙ୍କି ମହାପାତ୍ର ଏହି ଯୋଜନାର ସଫଳ ରୂପାୟନ ନେଇ ଗୁରୁତ୍ୱାରୋପ କରିଥିଲେ। ଗୁଣପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ ଯୋଗଦେଇ ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ। ମାଁ ମାଝିଗୌରି ଅନୁଷ୍ଠାନର କୋଷାଧ୍ୟକ୍ଷ କାନ୍ତାରାଓ କାଣ୍ଡାଗିରି ଧନ୍ୟବାଦ ଦେଇଥିଲେ। ବୈଠକରେ ୮ ବ୍ଲକର ୩୦ କିନ୍ନର ଯୋଗ ଦେଇଥିଲେ।

### ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧଦିବସ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ନବରଙ୍ଗପୁର,୯।୯(ବି.ପ୍ର.)–

ନବରଙ୍ଗପୁର ମାଟିର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧଦିବସ ଗୁରୁବାର ପାଳିତ ହୋଇଯାଇଛି। ନବରଙ୍ଗପୁର ଜିଲା ପ୍ରଶାସନ ଏବଂ ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ ସଦାଶିବ ତ୍ରିପାଠୀ ପାର୍କଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଡିଆଇପିଆର୍‌ଓ ହଳଧର ନିଆଲ, କେଦାରନାଥ ତ୍ରିପାଠୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। କରୋନା କଟକଣା ଯୋଗୁ ସୀମିତ ସଂଖ୍ୟକ ପଦାଧିକାରୀ, ବ୍ୟକ୍ତିବିଶେଷଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 13731/IND-II-PH-848 ତାରିଖ 8.9.2021
No. CAD-1148

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଓଡ଼ିଶା ମାଇନିଂ କର୍ପୋରେସନ୍ (ଓ.ଏମ୍.ସି.) ଲିମିଟେଡ, **ଓଡ଼ିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଢୁବୁନା ଏବଂ ସାକ୍ରାଡିହି ଗ୍ରାମରେ ୧୩୩୨.୦୧୯ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଢୁବୁନା ସାକ୍ରାଡିହି ଲୌହ ଏବଂ ମାଙ୍ଗାନିଜ୍ ଖଣିରୁ ବାର୍ଷିକ ୩.୦ ନିୟୁତ ଟନ୍ ଲୌହ ଏବଂ ବାର୍ଷିକ ୦.୦୫ ନିୟୁତ ଟନ୍ ମାଙ୍ଗାନିଜ୍ ଉତ୍ପାଦନ କରିବା** ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୪।୦୪।୨୦୨୧ ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ପୁରୁଣାଡିହି** ଗ୍ରାମରେ ଖାତା ନଂ. ୯୦ (ରକ୍ଷିତ) ଅନ୍ତର୍ଗତ ପ୍ଲଟ୍ ନଂ. ୧୧/୬୪୩ ଠାରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: "The New Indian Express" ଏବଂ 'ଧରିତ୍ରୀ'ରେ ତା୨୪।୦୩।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ରାଜ୍ୟରେ ବଢୁଥିବା Covid-19 ମହାମାରୀ ଯୋଗୁ ରାଜ୍ୟ ସରକାରଙ୍କ ଜନସମାଗମ ଉପରେ କଟକଣା ଯୋଗୁ ତା୨୪।୦୪।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି **ତା୧୦।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ପୁରୁଣାଡିହି ଗ୍ରାମରେ (ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ, ଢୁବୁନା) ଖାତା ନଂ. ୯୦ (ରକ୍ଷିତ)ଅନ୍ତର୍ଗତ ପ୍ଲଟ୍ ନଂ. ୧୧/୬୪୩** ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୦।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ପୁରୁଣାଡିହି ଗ୍ରାମରେ (ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ, ଢୁବୁନା), ଖାତା ନଂ. ୯୦ (ରକ୍ଷିତ) ଅନ୍ତର୍ଗତ ପ୍ଲଟ୍ ନଂ. ୧୧/୬୪୩** ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0083/2122 ସ୍ୱା./-ସଦସ୍ୟ ସଚିବ



**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 6299/PSC, (DR-IV) (2PH-14-2021-22)** **Dt. 8.9.21**

**No. D-123:-** It is for information of all concerned that the physical verification of original certificates, documents etc., in respect of **132** candidates (bearing following Roll Numbers), who have appeared in the written examination held on 01.09.2021, relating to Special Drive Recruitment to the post of **Medical Officer (Assistant Surgeon),** pursuant to Advertisement No. **11 of 2021-22**, will be conducted in the Office of the Odisha Public Service Commission, 19-Dr. P. K. Parija Road, Cuttack - 753001 with effect **from 14.09.2021 to 16.09.2021** as per the programme detailed below. **The Candidates are advised to reach the Office of the Commission atleast 30 minutes before the time mentioned against their respective session for their document verification.**

The candidates are required to be present at the time of physical verification with **hard copy of online application form** along with **true copies of all certificates/ documents** as mentioned in Para - **09** of the Advertisement (list mentioned below) along **with original certificates and duly filled in and signed "Attestation Form"** (To be downloaded from the website of the Commission). The documents are to be submitted **in person** on the scheduled date & time as per the programme given below.

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**Note- Every candidate is strictly advised to adhere to the COVID guidelines as notified by the Government from time to time while attending the document verification process. No candidate should be accompanied by any guardian or parent. Entry to the premises will be for candidates only.**

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of verification | Time of verification | Roll Nos. of candidates to be verified | Team to verify |
|---|---|---|---|
| 14.09.2021 | 10.30 A.M. to 12.00 P.M. | 102,103, 104, 105, 106, 107, 108, 110, 111 = 09 candidates | Team - I |
| | | 112, 113, 114, 115, 116, 117, 118, 119, 121 = 09 candidates | Team - II |
| | 12.00 P.M. to 01.30 P.M. | 122, 123, 124, 126, 127, 128, 130, 131, 132 = 09 candidates | Team - I |
| | | 133, 134, 135, 136, 137, 138, 139, 141,142 = 09 candidates | Team - II |
| | 02.30 P.M. to 05.00 P.M. | 143, 144, 145, 146, 148, 149, 150, 151, 152, 153, 154, 155 = 12 candidates | Team - I |
| | | 157, 158, 161, 162, 163,164, 165, 166, 167, 168, 169, 170 = 12 candidates | Team - II |
| 15.09.2021 | 10.30 A.M. to 12.00 P.M. | 172, 173, 174, 176, 177, 178, 179, 180, 181 = 09 candidates | Team - I |
| | | 182, 183, 184, 185, 186, 187,188, 189, 190 = 09 candidates | Team - II |
| | 12.00 P.M. to 01.30 P.M. | 191,193,194,195,196, 197, 198, 199, 201 = 09 candidates | Team - I |
| | | 202, 204, 205, 206, 207, 208, 209, 210, 211 = 09 candidates | Team - II |
| | 02.30 P.M. to 05.00 P.M. | 212, 213, 214, 217, 218, 219, 220, 221, 222, 223, 224, 225 = 12 candidates | Team - I |
| | | 226, 228, 229, 230, 231, 232, 234, 235, 237, 238, 239, 240 = 12 candidates | Team - II |
| 16.09.2021 | 10.30 A.M. to 12.00 P.M. | 241, 243, 244, 245, 246, 247, 248, 250, 251, 252, 253, 254 = 12 candidates | Team - I |

**List of Original Documents to be furnished by the candidates for verification in the following order.**

1. Hard copy of online application form **mentioning Roll No. at the top right corner** and **one passport size photograph pasted** on the space provided and **02 additional passport size photographs tagged** to the application form.
2. The candidates are required to mention **"Submitted by me" on each xerox copy** of documents and put their **full signature and date** on the same.
3. **H.S.C. or Equivalent Certificate** in support of declaration of age.
4. **Intermediate/+2 Examination Certificate** issued by concerned Board/ Council.
5. **M.B.B.S. Certificate** issued by the recognized University.
6. **Mark-lists** in support of all the aforesaid examinations (i.e., **H.S.C. to M.B.B.S. Degree**) **passed including fail marks**, if any, issued by the concerned Board/Council/University.
7. **Conversion Certificates/Conversion Formula** wherever applicable.
8. **Housemanship Completion Certificate. (Issued within 23.08.2021).**
9. **Registration Certificate.**
10. **Caste Certificate by birth** in Support of claim as SC/ST (please see Note- 1 & 2 of the Advertisement).
11. Required **Odia Test Pass Certificate, if any**.
12. **In-service certificate** from the competent authority **mentioning the period of service** as a Medical Officer under the State Government.
13. Any Identity Proof (Original & Xerox copy).
14. Certificate relating to **passing of the screening test** conducted by **National Board of Examination** as prescribed by the Medical Council of India vide Notification No. MCI-203(9) Regn.2001, dated 13.02.2002 for Medical Graduate **passing out of a Foreign University** and **mark sheet of Screening Test.**
15. **Permanent Disability Certificate (Indicating % of Disability)** issued by the concerned Medical Board, wherever applicable.
16. **Discharge Certificate** issued by the Commanding Officer of the Unit last served. **Ex-Servicemen** must submit an **affidavit undertaking** that **he has not been appointed against any civil post after retirement from military service**; wherever applicable.
17. **Sports Certificate** issued by the Director of Sports Odisha; wherever applicable.
18. **Attestation Form duly filled-in, signed and attested** (to be **downloaded from website of the Commission**).
19. **No Objection Certificate** from the Head of Office.
20. Any other documents as per Para-10 of the Advertisement.

OIPR - 12002/11/0084/2122 **Sd./- Additional Secretary**

## ସଂକ୍ଷେପରେ

### ଏମ୍ସରେ ପ୍ରଦୀପ୍ତଙ୍କୁ ଭେଟିଲେ ଦୁଇ ମନ୍ତ୍ରୀ

**ଭୁବନେଶ୍ୱର, ୯।୯(ବ୍ୟୁରୋ):** ଏମ୍ସରେ ଚିକିତ୍ସାଧୀନ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଗୁରୁବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସାକ୍ଷାତ୍ କରିଛନ୍ତି। ଉଭୟ ମନ୍ତ୍ରୀ ସେଠାରେ ଅଧଘଣ୍ଟା ରହି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରାୟ ଛଅ ମାସ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ପ୍ରଦୀପ୍ତ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ମଝିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ଏହା ପରେ ସେ ଦୀର୍ଘଦିନ ଧରି ଭେଣ୍ଟିଲେଟରରେ ସେ ରହିଥିଲେ। ଏବେ ସେ ଭେଣ୍ଟିଲେଟରରୁ ବାହାରିଛନ୍ତି। ହେଲେ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇନାହାନ୍ତି। ପୂରା ସୁସ୍ଥ ହେବା ଯାଏ ସେ ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ପ୍ରଦୀପ୍ତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ପ୍ରଦାନ କରିବାକୁ ସର୍ବଦା ତତ୍ପର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ମନ୍ତ୍ରୀ ଦିବ୍ୟଶଙ୍କର ବିରୋଧୀ ଦଳ ନେତାଙ୍କୁ ନୂଆଖାଇର ଆଗୁଆ ଅଭିନନ୍ଦନ ଜଣାଇବା ସହିତ ସମଗ୍ର କଳାହାଣ୍ଡିବାସୀ ତାଙ୍କ ଆଶୁ ଆରୋଗ୍ୟ କାମନା କରୁଥିବା କହିଥିଲେ। ଏଥିସହ ନିଜ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱଦେବା ସହ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ଯାଏ ନିଜକୁ ବାହ୍ୟ ବାତାବରଣରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଛନ୍ତି।

### 'ଭାଜପା ମନୋଭାବ ଚାଷୀ ବିରୋଧୀ'

**ଭୁବନେଶ୍ୱର, ୯।୯(ବ୍ୟୁରୋ):** ରାଜ୍ୟରେ ସୃଷ୍ଟି ହୋଇଥିବା ମରୁଡ଼ି ପରିସ୍ଥିତି ଏବଂ ଏହାକୁ ନେଇ ରାଜ୍ୟ ଭାଜପା ନେତୃମଣ୍ଡଳୀ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ଶାସକ ଦଳକୁ ଟାର୍ଗେଟ କରାଯିବା ପରେ ଏହାର ଜବାବ ରଖିଛି ବିଜେଡି। ଉକ୍ତ ଖବରଦାତା ସମ୍ମିଳନୀ ରାଜ୍ୟବାସୀଙ୍କ ଆଗରେ ଭାଜପାର ଚାଷୀ ବିରୋଧୀ ମନୋଭାବକୁ ପଦାରେ ପକାଇଦେଇଛି ବୋଲି ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଅଭିଯୋଗ କରିଛନ୍ତି। ସ୍ନେହାଙ୍ଗିନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, କେନ୍ଦ୍ରୀୟ ଅବହେଳା ଯୋଗୁ ରାଜ୍ୟରେ ସାର ଅଭାବ ଦେଖାଦେଇଛି ବୋଲି ଭାଜପା ବିଧାୟକମାନେ ପରୋକ୍ଷରେ ସ୍ୱୀକାର କରିଛନ୍ତି, ଯାହାକୁ ବହୁ ପୂର୍ବରୁ ବିଜେଡି କହିଆସୁଛି। ବିଜେଡି ବିଧାୟକମାନେ ବିଭିନ୍ନ ସମୟରେ ଚାଷୀ ପ୍ରସଙ୍ଗ ଉଠାଉଥିବାବେଳେ ରାଜ୍ୟ ଭାଜପା ବିଧାୟକମାନେ ଚାଷୀଙ୍କ କଲ୍ୟାଣ ପାଇଁ ଚିନ୍ତା କରୁନାହାନ୍ତି। ସ୍ୱାମୀନାଥନ୍ କମିଶନଙ୍କ ରିପୋର୍ଟ ଅନୁଯାୟୀ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇବା, ଚାଷୀକୂଳ ବୀମା କମ୍ପାନୀ ଦ୍ୱାରା ପ୍ରତାରଣାର ଶିକାର ହେବା, ଏଫ୍‌ସିଆଇ ଚାଉଳ କିଣା ଯାଉ ନ ଥିବାରୁ ଚାଷୀମାନେ କିଭଳି ସମସ୍ୟା ଭୋଗୁଛନ୍ତି, ତାହା ବିଜେଡି ସବୁବେଳେ ଜଣାଇ ଆସିଛି। ହେଲେ ଭାଜପା ନେତାମାନେ ଚାଷୀଙ୍କ ସହ ଜଡ଼ିତ ନ ଥିବାରୁ ପ୍ରକୃତ ସମସ୍ୟା ଜାଣିପାରୁନାହାନ୍ତି। ଭାଜପା ବିଧାୟକମାନେ ଦିଲ୍ଲୀରେ ଥିବା ଦଳୀୟ ନେତୃତ୍ୱଙ୍କ ସହ ସହମତ ନୁହନ୍ତି। ଭାଜପା ଏମ୍‌ପିମାନେ ବିଧାନସଭାରେ ବିତର୍କ ହେବା ଉଚିତ ବୋଲି କହୁଥିବାବେଳେ ଓଡ଼ିଶାରେ ଏହାର ବିପରୀତ କାର୍ଯ୍ୟ ହେଉଛି। ଏହା ଭାଜପାର ଦୋମୁହାଁ ନୀତିକୁ ପଦାରେ ପକାଇଛି। ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

### ୩ ନକଲି ଶିକ୍ଷକଙ୍କ ନାମରେ ମାମଲା

**ରାୟଗଡ଼ା ଅଫିସ,୯।୯:** ନକଲି ସାର୍ଟିଫିକେଟ ପ୍ରଦାନ କରି ଚାକିରି କରିଥିବା ଅଭିଯୋଗରେ ରାୟଗଡ଼ା ଜିଲାର ୩ ଶିକ୍ଷକଙ୍କ ନାମରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ କାଶୀପୁର ବ୍ଲକ ଝିରିଗୁମା ପ୍ରାଥମିକ ବିଦ୍ୟାଳୟର ଅନୁକୂଳ ପଦ୍ମନାଭ ବେହେରା, ବିଷମକଟକ ବ୍ଲକ ବାରଙ୍ଗପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତପନ ଚୌଧୁରୀ ଏବଂ ରାୟଗଡ଼ା ସଦର ବ୍ଲକ ମଣ୍ଡଙ୍ଗୀଗଡ଼ା ପ୍ରାଥମିକ ବିଦ୍ୟାଳୟର ପି. ରାଜା ରାଓ। ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ଏବଂ ଏଡିଇଓ ତଥା ରାୟଗଡ଼ା ବିଇଓ ଭଜନଲାଲ ମାଝି ୩ ନକଲି ଶିକ୍ଷକଙ୍କ ବିରୋଧରେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୩ ରେ ୧୯୦/୨୧ ଏବଂ ୧୯୨/୨୧ ରେ ଦୁଇଟି ମାମଲା ରୁଜୁ ହୋଇଛି। ଅନୁକୂଳ ପଦ୍ମନାଭ ବେହେରା ୨୦୧୮ରେ ନିଯୁକ୍ତି ପାଇଥିଲେ। ସେହିପରି ତପନ ଚୌଧୁରୀ ଏବଂ ପି. ରାଜା ରାଓ ୧୯୯୧ ରେ ନିଯୁକ୍ତି ପାଇଥିଲେ। ଏମାନେ ପଶ୍ଚିମବଙ୍ଗରୁ ନକଲି ବ.ଏଡ୍. ସାର୍ଟିଫିକେଟ ଆଣି ଦାଖଲ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚାଲିଥିବାବେଳେ ଶୀଘ୍ର ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାୟଗଡ଼ା ଟାଉନ୍ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି।

---

## ଆନ୍ଧ୍ରର ନୂଆ ଯୋଜନା

# ପ୍ରତି ଘରେ ପହଞ୍ଚାଇବ ଚାଉଳ



ବୈଠକରେ ଉପସ୍ଥିତ ଆନ୍ଧ୍ର ଅଧିକାରୀ ଓ ଗ୍ରାମବାସୀ।

**ପଟ୍ଟାଙ୍ଗୀ,୯।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ସୀମାନ୍ତ ଗ୍ରାମରେ ବାରମ୍ବାର ଅନୁପ୍ରବେଶ କରି ଆନ୍ଧ୍ରସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରିଚାଲିଛି। ଏପରି କ୍ଷେତ୍ରରେ ଗୁରୁବାର ପୁଣି ଆନ୍ଧ୍ର ନେରେଡିବାଲାସା ଗ୍ରାମରେ ଏକ ସଚେତନତା ବୈଠକ କରିଛି। ଏଥିରେ ବିଜୟନଗରମ ଜିଲା ଯୋଗାଣ ଅଧିକାରୀ ଏ.ପାପାରାଓ, ମାର୍କେଟିଂ ଆସିଷ୍ଟାଣ୍ଟ ଡାଇରେକ୍ଟର ୱାଇ.ଭି. ଶ୍ୟାମକୁମାର, ଏଏସ୍‌ଓ ଲକ୍ଷ୍ମୀ ନାରାୟାଣା, ସାଲୁର ତହସିଲଦାର କେ. ଶ୍ରୀନିବାସ ରାଓ ଏବଂ କୋଟିଆ ପଞ୍ଚାୟତ ଦାୟିତ୍ୱରେ ଥିବା ପୋଲିସ ଏସ୍‌ଆଇ ରୋହିନୀ ପାଥି ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀମାନେ ଗ୍ରାମବାସୀଙ୍କୁ କହିଥିଲେ, ଆନ୍ଧ୍ର ସରକାର ପୂର୍ବରୁ ଯେପରି ରାଶନ ସାମଗ୍ରୀ ଯୋଗାଉଥିଲେ ଏବେ ସେଥିରେ କିଛିଟା ପରିବର୍ତ୍ତନ କରିଛନ୍ତି। ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ଲାଗି ଏହି ବୈଠକ ଆୟୋଜନ କରାଯାଇଛି। ପୂର୍ବରୁ ରାଶନ ସାମଗ୍ରୀ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଦାନ କରାଯାଉଥିଲା। ଏଣିକି ପ୍ରତ୍ୟେକ ଘରେ ଗାଡ଼ି ପହଞ୍ଚି ଚାଉଳ ପ୍ରଦାନ କରିବ ବୋଲି ଉପସ୍ଥିତ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ସେହିପରି ଆନ୍ଧ୍ର ସରକାର କି ପ୍ରକାର ସରକାରୀ ସହାୟତା କୋଟିଆ ପଞ୍ଚାୟତବାସୀଙ୍କୁ ଯୋଗାଇ ଦେଉଛନ୍ତି ତାହା ଜଣାଇବା ପାଇଁ ଉପସ୍ଥିତ ଅଧିକାରୀମାନେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲାଗିଥିବା ପୋଷ୍ଟର ଦେଖାଇ ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ତରଫରୁ ଏପରି କାର୍ଯ୍ୟକ୍ରମ କରାଯାଉଥିବା ଖବର ପାଇ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ଏନେଇ ଜିଲା ପ୍ରଶାସନକୁ ଅବଗତ କରାଇଥିବା ବିଡିଓ ବେଦ ଭୂଷଣ କହିଛନ୍ତି। ସୂଚନାଯୋଗ୍ୟ,ଓଡ଼ିଶା ସରକାର ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ଦ୍ୱାରା କୋଟିଆ ପଞ୍ଚାୟତ ସହ ନେରେଡିବାଲାସା, ଫଗୁଣସିନେରି, ଥୁରିଆ ଆଦି ସ୍ଥାନରେ ୪୭୪ କୁଇଣ୍ଟାଲ ୫୦ କେଜି ଚାଉଳ ଏବଂ ୩୬୫୩ ଲିଟର କିରୋସିନ ଯୋଗାଇ ଦେଉଛନ୍ତି।

### ବଳପୂର୍ବକ ଖୋଲିଲା ଅଙ୍ଗନୱାଡି କେନ୍ଦ୍ର ତାଲା

**ପାରଳାଖେମୁଣ୍ଡି,୯।୯(ଡି.ଏନ୍.ଏ.)**

କୋରାପୁଟର କୋଟିଆ ଭଳି ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ମାଣିକପାଟଣା ଗାଁକୁ ଆନ୍ଧ୍ର ନିଜ ଅକ୍ତିଆରକୁ ନେବାପାଇଁ ବଳ ପ୍ରୟୋଗ କରିଛି। ଗୁରୁବାର ଶତାଧିକ ରାଜନୈତିକ କର୍ମୀଙ୍କ ସହ ଆନ୍ଧ୍ର ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଡ. ଆପଲା ରାଜୁ ଓ ବହୁ ପ୍ରଶାସନିକ ଅଧିକାରୀ ସୀମାନ୍ତ ଗ୍ରାମ ମାଣିକପାଟଣାରେ ପହଞ୍ଚି ଶକ୍ତି ପ୍ରଦର୍ଶନ କରିଛନ୍ତି । ସେଠାରେ ଗଜପତି ପ୍ରଶାସନ ଦ୍ୱାରା ପୂର୍ବରୁ ସିଲ୍ କରାଯାଇଥିବା ଆନ୍ଧ୍ରର ଅଙ୍ଗନୱାଡି କେନ୍ଦ୍ରକୁ ଖୋଲିବା ସହ ପିଲାଙ୍କୁ ଅଣ୍ଡା ବାଣ୍ଟି ପାଠ ପଢ଼ାଇଛନ୍ତି। ଓଡ଼ିଶାର କୌଣସି କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ଆନ୍ଧ୍ରପ୍ରଦେଶର ପ୍ରଶାସନିକ ଅଧିକାରୀମାନେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ରକୁ ସିଲ୍ କରିଥିବା ଓଡ଼ିଶା ଅଧିକାରୀମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଖବରପାଇ ଗଜପତି ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ରାୟଗଡ଼ ବିଡିଓ ପହଞ୍ଚି ଅନୁଧ୍ୟାନ କରିଥିଲେ। ସେ ସମୟରେ ଫେରିଯାଇଥିବା ଆନ୍ଧ୍ରର ମନ୍ତ୍ରୀ ଓ ତାଙ୍କ କର୍ମୀମାନେ ପୁଣି ଆସି ଓଡ଼ିଶାର ଅଧିକାରୀଙ୍କୁ ଧମକାଇବା ସହ ଅଙ୍ଗନୱାଡି କେନ୍ଦ୍ର ଆନ୍ଧ୍ରର ବୋଲି ଯୁକ୍ତି କରିଥିଲେ। ସେ ସମୟରେ ଗଜପତି ପ୍ରଶାସନ ଅସହାୟ ଥିବା ଭଳି ମନେ ହେଉଥିଲା। ମାଣିକପାଟଣାକୁ ଓଡ଼ିଶା ପଟ ଦେଇ ରାସ୍ତା ଏବଂ ଏକ ଫାଣ୍ଡି ଯଥାଶୀଘ୍ର ନିର୍ମାଣ କରାଯିବ। ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଗଜପତି ପ୍ରଶାସନ ପକ୍ଷରୁ କୁହାଯାଇଛି।



ଗଜପତି ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ସହ ଆନ୍ଧ୍ରର ମନ୍ତ୍ରୀ ଡ. ଆପଲା ରାଜୁ ମୁହାଁମୁହିଁ।

### ମାଲ୍ଲା ବିଜୟଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ

**କଟକ ଅଫିସ,୯।୯**

**ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା**

ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କୁ ୩ ଦିନିଆ ରିମାଣ୍ଡରେ ଅଣାଯିବ। ଏଥିପାଇଁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା(ଓପିଆଇଡି) କୋର୍ଟରେ ଗୁରୁବାର ଆବେଦନ କରାଯାଇଛି। ଏହି ରିମାଣ୍ଡ ସମୟରେ ମାଲ୍ଲା ବିଜୟଙ୍କ ବେଆଇନ ଅର୍ଥ କାରବାର ଓ ଗ୍ଲାମର ଲିଙ୍କ୍ ନେଇ ଖୋଳତାଡ କରାଯିବ। କେଉଁଠି କେତେ ଟଙ୍କା ବିନିଯୋଗ କରିଛନ୍ତି, ଅନ୍ୟ କୌଣସି ଆକାଉଣ୍ଟକୁ ଟଙ୍କା ଯାଇଛି କି ନାହିଁ, ଠକେଇର ପରିମାଣ କେତେ, କେତୋଟି ଗ୍ରୁପ୍ ଅଫ୍ କମ୍ପାନୀ ଅଛି, କମ୍ପାନୀରେ କିଏ କିଏ ନିର୍ଦ୍ଦେଶକ ଥିଲେ, ଏଥିସହ ପାରିବାରିକ ଲିଙ୍କ୍ ଏବଂ ଓଡ଼ିଶାରେ ଲିଙ୍କ୍ ନେଇ ମଧ୍ୟ ଯାଞ୍ଚ କରାଯିବ। ଏଥିପାଇଁ ଇଓଡବ୍ଲ୍ୟୁ ବୋର୍ଡ ଅଫ୍ ରେଭିନ୍ୟୁକୁ ଚିଠି ଲେଖିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ମାଲ୍ଲା ବିଜୟ ୱେଲଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗରେ ଜମି ଯୋଗାଇଦେବାର ମୋହ ଦେଖାଇ ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲା। ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ପରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ସୋମବାର ଗିରଫ କରିଥିଲା।

---

### ନୂଆଖାଇରେ ଦର୍ଶନ ଦେବେ ସମଲେଇ



ଉପଜିଲାପାଳ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

**ସମ୍ବଲପୁର,୯।୯(ବ୍ୟୁରୋ)**

ଚଳିତ ନୂଆଖାଇ ଦିନରେ ମା' ସମଲେଇ ସାଧାରଣ ଭକ୍ତଙ୍କୁ ଦର୍ଶନ ଦେବେ। କୋଭିଡ୍ କଟକଣା ଯୋଗୁ ଗତବର୍ଷ ଦର୍ଶନ ଉପରେ ରୋକ୍ ଲଗାଯାଇଥିଲା। ହେଲେ ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆଲୋଚନା କରାଯାଇ ସାଧାରଣ ଦର୍ଶନ ଉପରେ କୋହଳ କରାଯାଇଛି। ସମଲେଇଙ୍କ ନିକଟରେ ନବାନ୍ନ ଲାଗି ପରେ ଦର୍ଶନ ପାଇଁ ମନ୍ଦିରକୁ ପ୍ରବେଶ କରିବାକୁ ଦିଆଯିବ ବୋଲି ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ସୂଚନା ଦେଇଛନ୍ତି। ସେ କହିଥିଲେ, ନୂଆଖାଇ ସାରିବା ପରେ ମା' ସମଲେଇଙ୍କ ଦର୍ଶନ କଲେ ପୁଣ୍ୟ ମିଳିଥାଏ। ବର୍ତ୍ତମାନ ଜିଲାରେ କୋଭିଡ୍ ସଂକ୍ରମଣ ସଂଖ୍ୟା କମିଛି। ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ (ଆଇଏଏସ୍), ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଓ ପୂଜକଙ୍କୁ ନେଇ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍ କଟକଣା ମାନି ଦର୍ଶନ କରିବାକୁ ସ୍ଥିର ହୋଇଥିଲା। ମନ୍ଦିର ବାହାରେ ବ୍ୟାରିକେଡ୍, ଭିତରେ ବୃତ୍ତ ଚିହ୍ନ, ସାନିଟାଇଜ୍ ବ୍ୟବସ୍ଥା ରହିଛି। ଭକ୍ତମାନେ ଭୋଗ କିମ୍ବା ଫୁଲ ନେଇ ଭିତରକୁ ଯାଇପାରିବେ ନାହିଁ। କେବଳ ଦର୍ଶନ କରିପାରିବେ। ପରେ ପଚ୍ଛପଟ ଗେଟ୍ ଦେଇ ବାହାରକୁ ଯିବା ବ୍ୟବସ୍ଥା ହୋଇଛି। ମଧ୍ୟାହ୍ନ ସାଢେ ୧୨ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଦର୍ଶନ ପାଇଁ ମନ୍ଦିରକୁ ଛଡାଯିବ। ସନ୍ଧ୍ୟା ସାଢେ ୬ଟାରେ ସମଲେଇ ମନ୍ଦିର ପରିସରରେ ଥିବା ଲାଇଟ୍ ଓ ସାଉଣ୍ଡ ପ୍ରକଳ୍ପ ଲୋକାର୍ପିତ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ବାବୁ କହିଥିଲେ।

### ଟିକା ନେବା ପରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**କାଳିଆପାଣି,୯।୯(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ କାଙ୍କଡ଼ପାଳ ଗ୍ରାମର ପଞ୍ଚାନନ ପରିଡ଼ାଙ୍କ ସ୍ତ୍ରୀ ଏଲିନା ପରିଡ଼ା(୩୨) କୋଭିଡ୍ ଟିକା ନେବାପରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଏଲିନା ୭ ତାରିଖରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଡୋଜ୍ ଟିକା ନେଇଥିଲେ। ଏହାପରେ ସେହିଦିନ ସନ୍ଧ୍ୟାରେ ତାଙ୍କୁ ସମାନ୍ୟ ଜ୍ୱର ଆସିଥିଲା। ପରଦିନ ଅର୍ଥାତ୍ ୮ ତାରିଖରେ ପରିବାର ଲୋକେ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଏଲିନା କୌଣସି ରୋଗର ଶିକାର ହୋଇ ନ ଥିଲେ। ଟିକା ଦେବାରେ ତ୍ରୁଟି କିମ୍ବା ଭୁଲ୍ ଟିକାକରଣ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଏସମ୍ପର୍କରେ ପ୍ରତିକ୍ରିୟା ଲାଗି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜୟଦେବ ନନ୍ଦଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

### 'ୱ ସପ୍ତାହ ମଧ୍ୟରେ ପଦକ୍ଷେପ ନିଅ'

**ବୟସ୍କ ମାତାପିତାଙ୍କୁ ନିର୍ଯାତନା ମାମଲା**

**ଭୁବନେଶ୍ୱର ଡିସିପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**କଟକ ଅଫିସ,୯।୯**

ବୟସ୍କ ମାତାପିତାଙ୍କୁ ନିର୍ଯାତନା ମାମଲାର ଶୁଣାଣି ହାଇକୋର୍ଟରେ ହୋଇଥିଲା। ଏହି ଅଭିଯୋଗ ଉପରେ ୩ ସପ୍ତାହ ମଧ୍ୟରେ ପଦକ୍ଷେପ ନେବା ପାଇଁ ଭୁବନେଶ୍ୱର ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାରେ ଖଣ୍ଡଗିରି ଥାନାଧିକାରୀ, ଭୁବନେଶ୍ୱର ଡିସିପି, ଖୋର୍ଦ୍ଧା ଜିଲାପାଳ ଓ ନିର୍ଯାତନାର ଶିକାର ହୋଇଥିବା ବୟସ୍କ ଦମ୍ପତିଙ୍କ ପୁଅଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଦୀର୍ଘବର୍ଷର ଅକ୍ଲାନ୍ତ ପରିଶ୍ରମ କରି ଗୋପାଳ ପ୍ରସାଦ ଶାହ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ଗଣ୍ଡମୁଣ୍ଡାରେ ୨୩୯୫ ବର୍ଗଫୁଟର ଏକ ୨ମହଲା ଘର କରିଥିଲେ। ସେଠାରେ ତାଙ୍କର ଦୁଇପୁଅ ଓ ବୋହୂ ରହୁଥିଲେ। କିଛି ଦିନ ପରେ ସାନ ପୁଅ ବୋହୂ ନିଜ ମାତାପିତାଙ୍କୁ ନିର୍ଯାତନା ଦେବା ସହ ଉକ୍ତ ଘର ତାଙ୍କ ନାମରେ କରିବା ପାଇଁ କହିଥିଲେ। ଏ ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୪୪/୧୯) ରୁଜୁ କରି ଚୁପ୍ ବସିଥିଲା। ପରେ ଏ ସମ୍ପର୍କରେ ବୟସ୍କ ଦମ୍ପତି ଗତ ଜୁଲାଇ ୧୯ ତାରିଖରେ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଇତିମଧ୍ୟରେ ଦିନକୁ ଦିନ ସେମାନଙ୍କ ଉପରେ ନିର୍ଯାତନା ବଢ଼ିବାକୁ ଲାଗିଥିଲା। ଶେଷରେ ଗତ ଅଗଷ୍ଟ ୪ରେ ଏହି ବୟସ୍କ ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ଏହି ମାମଲା ପରିଚାଳନା କରିଥିଲେ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ଓ ବିଭିନ୍ନ ଉଚ୍ଚ ନ୍ୟାୟାଳୟର ବହୁ ଆଦେଶର ଉଦାହରଣ ଦେଇଥିଲେ। ବହୁ ବିଚାର ବିମର୍ଶ ପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।



### ନାବାଳିକା ବଳାତ୍କାର ମାମଲା: ପୁନଃ ଷ୍ଟାଟସ ରିପୋର୍ଟ ଦାଖଲ କର

ଭୁବନେଶ୍ୱର ନାବାଳିକା ବଳାତ୍କାର ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ସମ୍ପର୍କିତ ଷ୍ଟାଟସ ରିପୋର୍ଟ ଦାଖଲ କରାଯାଇଛି। ଏହି ମାମଲାରେ ୪ଜଣ ଗିରଫ ହୋଇଛନ୍ତି। ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହାର ତଦନ୍ତ ଖୋଲାରହିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣିବେଳେ ପୁନଃ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ଗତବର୍ଷ ଅଗଷ୍ଟରେ ଏକ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ମହିଳାଙ୍କ ୧୩ ବର୍ଷର ଝିଅଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା' ଅଗଷ୍ଟ ୩୦ରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅକ୍ଟୋବର ୬ରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। ଡିଜିପି ଅଭୟ କ୍ରାଇମବ୍ରାଞ୍ଚର ଅଗ୍ରଗତି ସମ୍ପର୍କରେ ସତ୍ୟପାଠ ଦାଖଲ କରିଥିଲେ।

---

# ବ୍ୟବସାୟୀଙ୍କୁ ଗୁଳି

**୮୦ ହଜାର ଟଙ୍କା ଲୁଟ୍**

**କଟକ ସଦର,୯।୯(ଡି.ଏନ.ଏ.)**

କନ୍ଦରପୁର ଥାନା ଅଧୀନ ଅଥଙ୍ଗା ହନୁମାନ ମନ୍ଦିର ନିକଟରେ ଗୁରୁବାର ପୂର୍ବାହ୍ନରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ୮୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଜଗତ୍‌ସିଂହପୁର ଥାନା ଅଧୀନ କେନ୍ଦାଳ ଗ୍ରାମର କ୍ଷୀରୋଦ ଚନ୍ଦ୍ର ସାହୁ(୫୪)ଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, କ୍ଷୀରୋଦ ତେଜରାତି ସାମଗ୍ରୀ କିଣିବା ପାଇଁ ପିକ୍‌ଅପ୍ ଭ୍ୟାନ୍‌ରେ କଟକ ମାଲଗୋଦାମ ଯାଉଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ହନୁମାନ ମନ୍ଦିର ନିକଟ ରାସ୍ତାରେ ବାଇକ୍ ରଖି ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇଥିଲେ। ପରେ କ୍ଷୀରୋଦଙ୍କୁ ଭୟଭୀତ କରାଇବା ସହ ଟଙ୍କାବ୍ୟାଗ୍ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେ ନ ଦେବାରୁ ଜଣେ ଦୁର୍ବୃତ୍ତ ପାଖରେ ରଖିଥିବା ବନ୍ଧୁକ କାଢି ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ତାଙ୍କ ବାମପାର୍ଶ୍ୱ ଜଙ୍ଘ ଓ ଅନ୍ୟଟି ବାମପାର୍ଶ୍ୱ କାନରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗାଡି ସିଟ୍‌ରେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କାବ୍ୟାଗ ନେଇ କଟକ ଅଭିମୁଖେ ପଳାଇ ଯାଇଛନ୍ତି। ଏ ସମ୍ପର୍କରେ ପିକ୍‌ଅପ୍ ଭ୍ୟାନ୍ ଚାଳକ କେନ୍ଦାଳ ଗ୍ରାମର ମନୋରଞ୍ଜନ ସେଠୀ କନ୍ଦରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୪/୨୧) ରୁଜୁ କରିଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲରେ କ୍ଷୀରୋଦଙ୍କ ଚେତା ଫେରିବା ପରେ ତାଙ୍କଠାରୁ ୮୦ ହଜାର ଟଙ୍କା ଲୁଟ୍ ହୋଇଥିବା ସେ ଥାନାଧିକାରୀ ବିପିନ ବିହାରୀ ହୋତାଙ୍କୁ କହିଛନ୍ତି।



କ୍ଷୀରୋଦ ଚନ୍ଦ୍ର ସାହୁ

# ରାଜ୍ୟ ବାହାରେ ସାଇବର କ୍ରାଇମ୍ ଚେର

- ଉତ୍ତରପ୍ରଦେଶ ଲିଙ୍କ୍, ୨ ଅଭିଯୁକ୍ତ ଗିରଫ
- ମୋବାଇଲ୍, ପାସ୍‌ବୁକ୍, ଏଟିଏମ୍ ଜବତ
- ୧୨ ବ୍ୟାଙ୍କ ଆକାଉଣ୍ଟ ସିଜ୍

**ଝାରସୁଗୁଡ଼ା ଅଫିସ,୯।୯**

ଝାରସୁଗୁଡ଼ା ପୋଲିସ ଆଉ ଏକ ଆନ୍ତଃ ରାଜ୍ୟ ସାଇବର୍ କ୍ରାଇମ୍ ରହସ୍ୟ ଉନ୍ମୋଚନ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫଙ୍କ ମଧ୍ୟରେ ପଶ୍ଚିମବଙ୍ଗର ମୂଳବାସିନ୍ଦା ଝାରସୁଗୁଡ଼ା କାଳୀମନ୍ଦିର ରୋଡ୍‌ରେ ରହିଥିବା ମୁଖ୍ୟ ଅଭିଯୁକ୍ତ ଶେଖ ଅମଦୁଲ ଓରଫ ଶେଖ ମେସ୍ତକିନ୍(୨୮) ଓ ଅନ୍ୟଜଣେ ଅଭିଯୁକ୍ତ ଝାରସୁଗୁଡ଼ା ପାହାଡିମନ୍ଦିର ନିକଟ ଆଦର୍ଶ କଲୋନୀର ସୁନିଲ କୁମାର ସାହୁ(୩୨)ବୋଲି ଜଣାପଡିଛି। ଏମାନଙ୍କ ନିକଟରୁ ପୋଲିସ ୨ ମୋବାଇଲ, ୪ ସିମ୍, ୮ ପାସ୍‌ବୁକ୍, ୩ ଏଟିଏମ୍ ଜବତ କରିଛି। ଏ ନେଇ ପୋଲିସ ଝାରସୁଗୁଡା ଥାନା କେସ୍ (ନଂ୪୫୨/୨୧)ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଏସ୍‌ପି ବିକାଶ ଚନ୍ଦ୍ର ଦାସ ଓ ଏସ୍‌ଡିପିଓ ନିର୍ମଳ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, କିଛିମାସ ତଳେ ଝାରସୁଗୁଡ଼ାରେ ହୋଇଥିବା ୪୪ଲକ୍ଷ ଟଙ୍କାର ସାଇବର୍ କ୍ରାଇମ୍‌ର ରହସ୍ୟ ଉନ୍ମୋଚନ ହୋଇଛି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଜଣେ ବ୍ୟକ୍ତିଙ୍କ ନାମରେ ଝାରସୁଗୁଡାର ବିଭିନ୍ନ ବ୍ୟାଙ୍କରେ ଟଙ୍କା ଜମା ହୋଇ ପୁଣି ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହେଉଥିଲା। ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ ଏହାର ତଦନ୍ତ କଲାପରେ ଜଣାପଡିଥିଲା ସ୍ଥାନୀୟ ଆଦର୍ଶ କଲୋନୀର ସୁନିଲଙ୍କ ନାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନଡା ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଆଦିରେ ଆକାଉଣ୍ଟ ରହିଛି। ଏହିସବୁ ଆକାଉଣ୍ଟକୁ ବିଭିନ୍ନ ସମୟରେ ମୋଟା ଅଙ୍କର ଟଙ୍କା ଆସୁଛି ଓ ପରେ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହେଉଛି। ପୋଲିସ ସୁନିଲଙ୍କୁ ଧରି ଜେରା କଲାପରେ ର୍ୟାକେଟ୍‌ର ମାଷ୍ଟର ମାଇଣ୍ଡ ସେଖ୍ ଅମଦୁଲ ସମ୍ପୃକ୍ତ ଥିବା ଜଣାପଡିଥିଲା। ଅମଦୁଲଙ୍କୁ ଜେରା ପରେ ସେ କହିଥିଲେ ଝାଡଖଣ୍ଡ ଜାମତରାରୁ ଏହାର ପରିଚାଳନା ହେଉଛି। ଏହି ର୍ୟାକେଟ୍‌ର ମାଷ୍ଟର ମାଇଣ୍ଡ କିଛିମାସ ତଳେ ଝାରସୁଗୁଡା ଆସିଥିବାବେଳେ ସୁନିଲ ଓ ଅମଦୁଲଙ୍କୁ ଭେଟି ସାଇବର୍ କ୍ରାଇମ୍ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସେ ଅନ୍ୟକୁ ଆକାଉଣ୍ଟ ଖୋଲିବା ପାଇଁ ପ୍ରଥମେ ୧୦ହଜାର ଟଙ୍କା ଦେଉଥିଲେ। ଆକାଉଣ୍ଟ ଖୋଲିବା ପରେ ସେମାନଙ୍କ ନିକଟରୁ ସେ ଏଟିଏମ୍ କାର୍ଡ ନେଇଯାଉଥିଲେ। ଏହିସବୁ ଆକାଉଣ୍ଟକୁ ଅନ୍ୟ ଆକାଉଣ୍ଟରୁ ଟଙ୍କା ଆସିଥାଏ। ଏହି ଟଙ୍କାରୁ ୮ପ୍ରତିଶତ ଆକାଉଣ୍ଟରେ ରଖି ବାକି ଟଙ୍କାକୁ ସେ ଏଟିଏମ୍ ସାହାଯ୍ୟରେ ଉଠାଇ ନିଅନ୍ତି। ଏଭଳି ଅନେକ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଲକ୍ଷାଧିକ ହାତେଇଥାନ୍ତି। ତଦନ୍ତ ପରେ ଜଣାପଡିଛି ଏହି ର୍ୟାକେଟ୍‌ର ଲିଙ୍କ୍ ଉତ୍ତରପ୍ରଦେଶରେ ରହିଛି। ଏ ନେଇ ଉତ୍ତରପ୍ରଦେଶ ବାହାରିଚ ଜିଲା ଫାକରପୁର ଥାନା କେସ୍ (ନଂ.୩୪୫/୨୧)ରେ ଏକ ମାମଲା ରହିଛି। ଉତ୍ତରପ୍ରଦେଶ ପୋଲିସ ଓଡ଼ିଶା ଆସି କୋର୍ଟଙ୍କ ଅନୁମତି ନେଇ ଜେରା କରିବ। ଝାରସୁଗୁଡାରୁ ଏକ ପୋଲିସ୍ ଟିମ୍ ଝାଡଖଣ୍ଡ ଜମାତରା ଯାଇ ସେଠାକାର ପୋଲିସ ସହାୟତାରେ ର୍ୟାକେଟ୍ ସମ୍ପର୍କରେ ତଦନ୍ତ କରିବ। ଏହି ମାମଲାରେ ୧୨ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଛି। ଏହିସବୁ ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ରହିଛି ବୋଲି ଏସ୍‌ପି ଦାସ କହିଛନ୍ତି।



ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ୨ ଅଭିଯୁକ୍ତ।

# ‘ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଗୃହରେ ଆଲୋଚନା କରାଇଦେଲେନି’

## ଶାସକ ଦଳ ବିରୋଧରେ ଅଭିଯୋଗ ଆଣିଲେ ଭାଜପା ବିଧାୟକ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ଚଳିତ ବିଧାନସଭା ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେବାକୁ ଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିବା ଭାଜପା ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀଙ୍କ ଲଗାତର ଅନୁପସ୍ଥିତି, ବାଚସ୍ପତିଙ୍କ ଆତ୍ମସମର୍ପଣ, ବିଜେଡି ବିଧାୟକଙ୍କ ରାଜନୈତିକ ନାଟକବାଜି ଓ କଂଗ୍ରେସର ବି ଟିମ୍ ଭଳି ଆଚରଣ ଯୋଗୁ ଏପରି ସ୍ଥିତି ଉପୁଜିଛି। ମୁଖ୍ୟ ବିରୋଧୀ ଦଳ ଭାବେ ଭାଜପା ବିଧାୟକମାନେ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିବାକୁ ପ୍ରୟାସ କରୁଥିଲେ ସୁଦ୍ଧା ତାହା ହୋଇପାରିଲା ନାହିଁ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଭାଜପା ବିଧାୟକମାନେ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଧାନସଭାକୁ ଆସୁନାହାନ୍ତି, ଫଳରେ ଗୃହର ଗରିମା ନଷ୍ଟ ହେଉଛି। କେନ୍ଦ୍ରୀୟ ଯୋଜନାକୁ ହଡ଼ପକରି ଶାସକ ଦଳ ତାହାର ବାହାବା ନେଉଛନ୍ତି। ଖଣି ଦୁର୍ନୀତି ବିଷୟରେ ଭାଜପା ମୁଲତବୀ ପ୍ରସ୍ତାବ ଦେଲେ ମଧ୍ୟ ଏହା ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ନୁହେଁ କହି ବାଚସ୍ପତି ତାହାକୁ ଖାରଜ କରୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଓଡ଼ିଶାର ପ୍ରାକୃତିକ ସମ୍ପଦ ଲୁଟ୍ ହେଉଥିବା ବେଳେ ବାଚସ୍ପତି ଏହା ପ୍ରସଙ୍ଗ ନୁହେଁ କହୁଛନ୍ତି। ମାହାଙ୍ଗା ଡବଲ ମର୍ଡର ଭଳି ଅନେକ ହତ୍ୟାରେ ଅପରାଧୀମାନେ ରାଜନୈତିକ ସୁରକ୍ଷା ବଳୟ ଭିତରେ ଅଛନ୍ତି। ଏସ୍‌ସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାରେ ଡିଏଫ୍‌ଓଙ୍କ କାରନାମା ଏବଂ ସେ ରହସ୍ୟମୟ ଘଟଣା ଆଜି ଲୋକଙ୍କ ପାଇଁ ମଧ୍ୟ ଏକ ଆଲୋଚନାର ବିଷୟ ହୋଇଛି। ଜଣେ ଯୁବକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ନ ପାଇବାରୁ ଶେଷରେ ଆତ୍ମହତ୍ୟା କରି ଆଖି ବୁଜିଲେ। ଭାଜପାର ଜଣେ ମଣ୍ଡଳ ସଭାପତିଙ୍କୁ ଶାସକ ଦଳ ବିଧାୟକ ମାଡ଼ ମାରିଲେ, ମୁଖ୍ୟମନ୍ତ୍ରୀ ତାଙ୍କୁ ଦଳରୁ ନିଲମ୍ବନ କଲେ କିନ୍ତୁ ଗିରଫ କରିପାରିଲେ ନାହିଁ। ଏହିସବୁ ଚର୍ଚ୍ଚା ଆଲୋଚନା କରିବା ପାଇଁ ଆମେ ଦାବି କରୁଥିଲୁ। କିନ୍ତୁ ବିଧାନସଭାର ବାଚସ୍ପତି ସରକାରଙ୍କ ହାତବାରିସି ସାଜିଛନ୍ତି ବୋଲି ସେଠୀ କହିଛନ୍ତି। ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଚଳିତ ମୌସୁମୀ ଅଧିବେଶନର ଗୁରୁବାର ଶେଷଦିନ। ଭାଜପା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ଆଲୋଚନାକରି ସରକାରଙ୍କଠାରୁ ସମାଧାନ ଚାହୁଁଥିଲା। ଭାଜପା ମରୁଡ଼ି ପ୍ରସଙ୍ଗ ଗୃହରେ ଆଣିବାରୁ କଂଗ୍ରେସ ବିଜେଡି ଇଙ୍ଗିତରେ ପ୍ରଥମ ଦିନ ଗୃହକୁ ଚଳାଇ ଦେଲାନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ୫ଟି ମୁଲତବୀ ପ୍ରସ୍ତାବ ଭାଜପା ଆଣିଲା ତାହା ଭିତରୁ ଅନେକ କଂଗ୍ରେସ ମାଧ୍ୟମରେ ବନ୍ଦ କରାଇଲେ। ମୁକେଶ ମହାଲିଙ୍ଗ କହିଛନ୍ତି, ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେଇଥିବା ଦୁଷ୍ମନ୍ତ ଦାସଙ୍କ ରାତି ଅଧରେ ମୃତ୍ୟୁ ହେଲା। ପ୍ରଶାସନ ତରବରିଆ ଭାବେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଇ ରାତାରାତି ଅନ୍ତିମ ସଂସ୍କାର କଲେ। ଦୁଷ୍ମନ୍ତ ଦାସ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଚିକିତ୍ସା ପାଇଁ ସାହାଯ୍ୟ ମାଗିଥିଲେ। ସେ ମରିବା ପୂର୍ବରୁ ମଧ୍ୟ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାହାଯ୍ୟ ନ ମିଳିବାରୁ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେ। ଏଥିରୁ ପ୍ରମାଣିତ ହେଉଛି ରାଜ୍ୟରେ ସ୍ୱାସ୍ଥ୍ୟ ଅବସ୍ଥା ଏପରି ଚାଲିଛି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିପରି ଲୋକଙ୍କୁ ସାହାଯ୍ୟ କରୁଛି। ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ ହୋଇଥିଲେ ହୁଏତ ଦୁଷ୍ମନ୍ତଙ୍କ ଜୀବନ ଯାଇ ନ ଥାଆନ୍ତା ବୋଲି ସେ କହିଛନ୍ତି।

# ଖଣି ଦୁର୍ନୀତିକୁ ନେଇ ହଟ୍ଟଗୋଳ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

**ବିଧାନସଭା ଅଚଳ**
- ସାର ଅଭାବ, ଏମ୍ଏସ୍‌ପି ବୃଦ୍ଧିକୁ ନେଇ କେନ୍ଦ୍ରକୁ ବିଜେଡିର ଟାର୍ଗେଟ
- ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ ଶାସକ ସଦସ୍ୟ

ଖଣି ଦୁର୍ନୀତି ପ୍ରସଙ୍ଗକୁ ନେଇ ବିଧାନସଭା ଶେଷ ଦିବସରେ ମଧ୍ୟ ଗୃହ ଅଚଳ ହୋଇଛି। ବିରୋଧୀ ଭାଜପା ଓ କଂଗ୍ରେସ ଖଣି ଦୁର୍ନୀତି ପ୍ରସଙ୍ଗରେ ଆଲୋଚନା କରିବା ଦାବିରେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏଥିଯୋଗୁ ଦିନତମାମ ବିଧାନସଭା ଅଚଳ ହୋଇଛି। ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ସବୁ କିଛି ବାଏଁ ବାଏଁ ଉଡ଼ିଯାଇଛି। ବିରୋଧୀଙ୍କ ହଟ୍ଟଗୋଳକୁ ଦେଖି ଶାସକ ବିଜେଡି ମଧ୍ୟ ପାଲଟା ଆକ୍ରମଣ କରିଛି । ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ନ ମିଳିବା, ସ୍ୱାମୀନାଥନ କମିଟି ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ନ ଦେବା ଏବଂ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ରାଜ୍ୟରୁ ଚାଉଳ ଉଠାଉ ନ ଥିବା ନେଇ ଶାସକ ଦଳ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ଏହି ପ୍ରସଙ୍ଗକୁ ନେଇ ବିଜେଡି ସଦସ୍ୟମାନେ ହାତରେ ବ୍ୟାନର ଧରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ସଭା କାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରାଯାଉ ବୋଲି ବିରୋଧୀ ଦଳର ସଦସ୍ୟମାନେ ଦାବି କରିଥିଲେ। ବାଚସ୍ପତି ବିରୋଧୀଙ୍କ ଦାବିକୁ ଅଗ୍ରାହ୍ୟ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ଏହା ସମ୍ଭବ ହୋଇ ପାରି ନ ଥିଲା। ବାଚସ୍ପତି ବାଧହୋଇ ୧୦ଟା ୩୨ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ବିରୋଧୀ ଦଳ ଖଣି ଦୁର୍ନୀତି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଉଦ୍ୟମ କରୁଥିବାବେଳେ ଶାସକ ଦଳର ସଦସ୍ୟମାନେ ରାଜ୍ୟରେ ସାର ଅଭାବ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଏବଂ ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ଉଠାଉ ନ ଥିବା ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହାର ପ୍ରତିବାଦରେ ବିଜେଡି ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସେମାନଙ୍କ ଦାବି ନ ମାନିବାରୁ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ବାଚସ୍ପତି ସ୍ଥାନ ସଂରକ୍ଷଣ କୋଟା ୫୦ ପ୍ରତିଶତରୁ ବୃଦ୍ଧି କରିବା ଏବଂ ଓବିସିଙ୍କ ପାଇଁ ଜାତିଭିତ୍ତିକ ଜନଗଣନା କରିବା ସମ୍ପର୍କରେ ସରକାରଙ୍କ ଦ୍ୱାରା ଆଗତ ସଂକଳ୍ପକୁ ପାରିତ କରିଥିଲେ।

# ୬୦ନଂ. ଏନ୍ଏଚ୍‌ରେ ଜରୁରୀ ଅବତରଣ କରିବ ବାୟୁସେନା ବିମାନ



ବେଲଦାଠାରେ ନିର୍ମାଣାଧୀନ ରନ୍‌ୱେ।

**ଜଳେଶ୍ୱର,୯।୯(ଡି.ଏନ୍.ଏ.)**

ପୂର୍ବତଟ ସୁରକ୍ଷା ଲାଗି ଜାତୀୟ ରାଜପଥରେ ବାୟୁସେନା ବିମାନ ଜରୁରୀ ଅବତରଣ କରିବ। ସେଥିପାଇଁ ବାଲେଶ୍ୱର-ଖଡ଼ଗପୁର ୬୦ନଂ. ଜାତୀୟ ରାଜପଥରେ ରନ୍‌ୱେ ନିର୍ମାଣ ଚାଲିଥିବା ଜଣାଯାଇଛି।

ପୂର୍ବ ଉପକୂଳ ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଜିଲା ଅନ୍ତର୍ଗତ ହଳଦିଆଠାରୁ ବାଲେଶ୍ୱର ଜିଲାର ଚଉମୁଖ ଯାଏ ସମୁଦ୍ର ବେଳାଭୂମି ଦେଇ ବାହ୍ୟଶତ୍ରୁ ଦେଶକୁ ପ୍ରବେଶ କରିବା ଆଶଙ୍କା ରହିଛି। ବିଶେଷ କରି ଖଡ଼ଗପୁର ନିକଟସ୍ଥ କଲେଇକୁଣ୍ଡା ଏବଂ ବାଲେଶ୍ୱର ଜିଲାର ଚାନ୍ଦିପୁର ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମିର ସୁରକ୍ଷା ନ ଥିବାରୁ ହଠାତ୍ ବାୟୁସେନା ବିମାନର ଅବତରଣ ଲାଗି ଏକ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ୬୦ନଂ. ଜାତୀୟ ରାଜପଥର ଓଡ଼ିଶା-ପଶ୍ଚିମବଙ୍ଗର ସୀମା ବେଲଦାର ଅନତି ଦୂରରେ ଏପରି ଜାତୀୟ ରାଜପଥ – ବାୟୁସେନା ବିମାନର ଜରୁରୀ ଅବତରଣ କେନ୍ଦ୍ର (ହାଇୱେ-ରନ୍‌ୱେ ଅଫ ଏୟାର୍ ଫୋର୍ସ) ନିର୍ମାଣ ହେବ। ଶ୍ୟାମପୁରାଠାରୁ ପୋକ୍ତାପୋଲ ପର୍ଯ୍ୟନ୍ତ ୫ କି.ମି. ରାଜପଥରେ ଏହା ନିର୍ମାଣ ହେଉଥିବା ଗୁରୁବାର ଜଳେଶ୍ୱର ଆସିଥିବା ଜଣେ ବରିଷ୍ଠ ଅଧିକାରୀ ନାମ ପ୍ରକାଶ ନ କରି କହିଛନ୍ତି। ବାୟୁସେନା ପକ୍ଷରୁ ଏକ ପ୍ରକଳ୍ପ ବାଲେଶ୍ୱର ଜିଲା ତାଳସାରୀଠାରେ କାର୍ଯ୍ୟ କରିଆସୁଛି। ବାୟୁସେନା ଓ ଜାତୀୟ ରାଜପଥ ପ୍ରାଧିକାରଣର ମିଳିତ ଉଦ୍ୟମରେ ଚାଲିଥିବା ଏହି କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ ଲାଗି ନିର୍ଦ୍ଦେଶଥିବା ଜଣାଯାଇଛି। ରାଜସ୍ଥାନର ବାରମେରସ୍ଥିତ ଜାତୀୟ ରାଜପଥରେ ଭାରତୀୟ ବାୟୁସେନା ବିମାନର ଜରୁରୀ ଅବତରଣ ବ୍ୟବସ୍ଥାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ସୁରକ୍ଷା ସହିତ ପୂର୍ବଉପକୂଳର ସ୍ଥାନଗୁଡ଼ିକ ବନ୍ୟା, ବାତ୍ୟାପ୍ରବଣ ହୋଇଥିବାରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଜାତୀୟ ରାଜପଥରେ ବାୟୁସେନାର ବିମାନ ଅବତରଣ ଆବଶ୍ୟକତା ଥିବା ଜଳେଶ୍ୱରକୁ ଆସିଥିବା ଅଫିସର ଜଣକ ଖବରଦାତାଙ୍କୁ କହିଛନ୍ତି।

# ଦୁର୍ଦ୍ଧର୍ଷ ମାଓବାଦୀ ସୋ ମୁୟାଙ୍କ ଆତ୍ମସମର୍ପଣ

**ମାଲକାନଗିରି,୯।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ପୋଲିସ ନିକଟରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ସୋ ମୁୟା। ସେ କେରଲାପାଲ ଏରିଆ କମିଟି ସଚିବ ଭାବେ କାର୍ଯ୍ୟ କରୁଥିଲେ। ସୋ ବହୁ ହିଂସାକାଣ୍ଡରେ ଜଡିତ ଥିଲେ। ତାଙ୍କ ପାଇଁ ଛତିଶଗଡ ସରକାର ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସୋ ମାଓବାଦୀ ସଙ୍ଗଠନର ମିଲିଟ୍ରି ଦଳମକୁ ସହଯୋଗ କରୁଥିଲେ। ସଙ୍ଗଠନ ପାଇଁ ଚାନ୍ଦା ଆଦାୟ ସହ ବିଭିନ୍ନ କାର୍ଯ୍ୟ ପରିଚାଳନା କରୁଥିଲେ। ସେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ହିଂସାକାଣ୍ଡରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜଣାପଡ଼ିଛି। ତେବେ ମାଓବାଦୀ ସଙ୍ଗଠନ ଏବେ ନୀତି ଆଦର୍ଶରୁ ଦୂରେଇ ଯାଇଥିବାରୁ ସେ ଦଳ ଛାଡିଥିବା ପ୍ରକାଶ କରିଛନ୍ତି। ସୋଙ୍କୁ ସରକାରଙ୍କ ଆତ୍ମସମର୍ପଣ ନୀତିଅନୁଯାୟୀ ସମସ୍ତ ସହାୟତା ମିଳିବ ବୋଲି ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।



ଆତ୍ମସମର୍ପଣ କରିଥିବା ସୋ ମୁୟା।

# କରୋନାରେ ମୃତ ଖବରଦାତାଙ୍କ ପରିବାରକୁ ୧୫ଲକ୍ଷ ସହାୟତା



ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଖବରଦାତାଙ୍କ ସ୍ତ୍ରୀ ସବିତାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ସୁନ୍ଦରଗଡ଼, ୯।୯ (ଡି.ଏନ୍.ଏ.)**

କରୋନାରେ ଆକ୍ରାନ୍ତ ଥାଇ ମୃତ୍ୟୁ ହୋଇଥିବା ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଧରିତ୍ରୀ ଖବରଦାତା ରୁଦ୍ର ପ୍ରସାଦ ଦଣ୍ଡସେନାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ନିଜ କାର୍ଯ୍ୟାଳୟରେ ମୃତ ଖବରଦାତାଙ୍କ ସ୍ତ୍ରୀ ସବିତାଙ୍କୁ ଚେକ୍ ଆକାରରେ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ଚେକ୍ ପ୍ରଦାନ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ସହକାରୀ ଜିଲାପାଳ କୁନ୍ତିରାଣୀ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅନିଲ କୁମାର କେରକେଟା ଉପସ୍ଥିତ ଥିଲେ।

ଧରିତ୍ରୀର ହେମଗିର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବାବେଳେ ରୁଦ୍ର ପ୍ରସାଦ କରୋନା ଆକ୍ରାନ୍ତ ହୋଇଥିଲେ। ବୁର୍ଲାସ୍ଥିତ ଭିମସାରରେ ତାଙ୍କର ଚିକିତ୍ସା ଚାଲିଥିଲା। ଗତ ଏପ୍ରିଲ ୨୬ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିଥିଲେ। ଏହାସହିତ କରୋନାରେ ମୃତ୍ୟୁ ହୋଇଥିବା କାର୍ଯ୍ୟରତ ଖବରଦାତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦିଆଯିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁମୋଦନ ପରେ ରୁଦ୍ର ପ୍ରସାଦଙ୍କ ପରିବାରକୁ ୧୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ରୁଦ୍ରଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି।


**OFFICE OF THE NOTIFIED AREA COUNCIL, KHARIAR**
AT/P.O.- KHARIAR, Dist.- NUAPADA, PIN - 766107
OFFICE PH NO.: 06671-224294, e-mail: khariarn.hud@ori.nic.in
Letter No. 2169 Date: 07.09.2021

**NOTICE INVITING EXPRESSION OF INTEREST (EOI)**

No. C-928: The Executive Officer, Khariar NAC on behalf of the Administrator, Khariar NAC invites sealed Expression of Interest (EOI) from the reputed agencies/individuals for lease out of Kalyan Mandap - 2 near Veterinary Office of Khariar NAC for 03 (three) years.
The proposals in prescribed format along with requisite documents should be submitted to the Executive Officer, Khariar NAC through Speed/Regd. Post only by 05 P.M. till 27.09.2021.
Details of the EOI may be seen in Office Notice Board/**www.nackhariar.in / www.nuapada.nic.in**.

Sd./- Executive Officer
Notified Area Council, Khariar
OIPR-13136/11/0021/2122



**ନିଲାମ ଇସ୍ତାହାର**

No. F-128: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆଲୁଅଝରଣ ମୌଜାର ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ଟିଫିକେଟ ଅଫିସର ତଥା ତହସିଲଦାର କାମାକ୍ଷାନଗରଙ୍କ ଆଦେଶ କ୍ରମେ ନିଲାମ କରିବା ପାଇଁ ସ୍ଥିର ହୋଇଅଛି। ଏହି ନିଲାମ ପକ୍ରିୟା ଆସନ୍ତା ତା୨୭।୦୯।୨୦୨୧ରିଖ ଦିବା ୧୦.୩୦ ଘଟିକା ସମୟରେ ତହସିଲଦାର କାମାକ୍ଷାନଗରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ।
ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଗଲା।

**ତଫସିଲ**

| Sl. No. | Mouza | Khata No. | Plot No. | Kissam | Area | Name of the Record Tenant | Bench Mark Valuation per Acre in Rupees | Valuation of the Land in Rupees |
|---|---|---|---|---|---|---|---|---|
| ୧ | ଆଲୁଅଝରଣ | ୧୪୦/୨୦୨ | ୯୮୩/୧୬୫୪ | ଶାରଦ-୧ | ଏ୦.୧୨ | ଗନ୍ଧର୍ବ ରାଉତ, ପିତା: କୁଳମଣି ରାଉତ, ସା: ଆଲୁଅଝରଣ | ୨୭୫୦୦୦୦.୦୦ | ୩୩୦୦୦୦.୦୦ |
| ୨ | ଆଲୁଅଝରଣ | ୨୫ | ୧୦୭୨ | ଘରବାରି | ଏ୦.୦୮୫ | କୁଳମଣି ରାଉତ, ପିତା: ଭିକାରି ରାଉତ, ସା: ଆଲୁଅଝରଣ | ୩୩୦୦୦୦୦.୦୦ | ୨୮୦୫୦୦.୦୦ |
| | | ମୋଟ | | | ଏ୦.୨୦୫ | | | ୬୧୦୫୦୦.୦୦ |

ସ୍ୱା./- ତହସିଲଦାର-ତଥା-ସାର୍ଟିଫିକେଟ ଅଫିସର
କାମାକ୍ଷାନଗର
OIPR-24065/11/0004/2122



**GOVERNMENT OF ODISHA,**
**“e”-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-05/2021-22 Memo No - 1275 Dt. 01.09.2021

No.B- 379:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road work as detailed in the table below:

| | | | |
|---|---|---|---|
| 1. | Nature of Work | : | Road Works |
| 2. | No of Work | : | 2 Nos. |
| 3. | Tender Cost | : | Rs.10000.00 (On-Line) |
| 4. | Class of Contractor | : | A Class and B Class |
| 5. | Available of Bid document in the website | : | From Dt.16.09.2021 10.00 A.M. to Dt. 27.09.2021 05.00 P.M. |
| 6. | Date of opening of Bid | : | Dt. 28.09.2021 at 11.30 A.M. |

7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Chief Construction Engineer,
Khordha (R&B) Circle, Khordha
OIPR-34127/11/0005/2122



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751 001
Ref. No. OSCB/RRBDD/2864 Date: 07.09.2021

**CONTRACTUAL RECRUITMENT OF RESOURCE PERSONS**

No. LL-06: Applications in the prescribed format are invited from the permanent residents of Odisha for the following posts under the Business Development & Product Innovation Cell (CDPIC) of the Odisha State Cooperative Bank on contractual basis for a period of three years.
1. **Resource Person 1 : General/Rural Banking Expert**
2. **Resource Person 2 : Agriculture Expert**
3. **Resource Person 3 : Banking - IT Expert**

All other details of eligibility criteria, application process and the Terms and Conditions of the recruitment are available on our website **www.odishascb.com** and the same may be downloaded by the perspective candidates.
The filled in application should reach the Managing Director, Odisha State Cooperative Bank Ltd., Pandit Jawaharlal Nehru Marg, Bhubaneswar - 751 001 within 15 days from the date of this advertisement through Courier/Registered Post/ Speed Post inscribing on the envelope **“Application for the Post of Resource Person 1/2/3 in BDPI Cell of Odisha State Cooperative Bank”**. Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.

Sd./- Managing Director
OIPR-39012/11/0004/2122



idco | ODISHA NEW OPPORTUNITIES
No.CAD-1133
File No. BLS/CIV/EST-3546/1202 Dt.03.09.2021

**OFFICE OF THE DIVISIONAL HEAD, IDCO BALASORE DIVISION, I.E. ANGARGADIA, BALASORE**
Bid Identification No. Civil/EST-01/2021-22
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

- Repairing of Internal Roads of IID Center Somnathpur, Balasore for the year 2021-22.
- Value of the Work: Rs.20.44 lakh (Approx.)
- Period of Completion: 60 (Sixty) Days
- Availability of tender online for Bidding:
  - Start Date: 02.30 hours of Dt.09.09.2021.
  - End Date: 17.00 hours of Dt.22.09.2021.
  - Opening Date: 12.00 hours of Dt.23.09.2021.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

Sd./- Divisional Head, IDCO
Balasore Division
OIPR-14003/11/0059/2122



**OFFICE OF THE ENGINEER IN-CHIEF RURAL WATER SUPPLY & SANITATION**
JAL O PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com
No. 7592 Dated 8.9.2021
**Bid Identification No: EIC/RWS&S/18/2021-22**
**TENDER CALL NOTICE**

No. O-661: The Engineer-in-Chief, RWSS, Odisha, Jal O Parimal Bhawan, Unit-5, Bhubaneswar-751001 on behalf of the Government of Odisha in Panchayatraj and Drinking Water Department invites sealed tenders in double cover system from the manufacturers of Spare parts of Deep well Hand pumps having valid BIS License for supply of spare parts of Deep well Hand pumps conforming to IS No.15500/2004 (part-1 to part-8) along with subsequent amendments, if any, for the year 2021-22.

| Sl. No. | Name of Work | Cost of Bid Document (In Rs.) | Availability & Sale of Bid Document |
|---|---|---|---|
| 1 | 2 | 3 | 4 |
| 1 | For supply of spare parts of Deep well Hand pumps conforming to IS No.15500/2004 (part-1 to part-8) and its subsequent amendments if any, for the year 2014-15. | 10,000/- | The documents can be downloaded from Orissa government website **www.odisha.gov.in / www.odishapanchyat.gov.in** from **09.09.2021 to 30.09.2021**. |

2. The documents can be downloaded from Orissa government website **www.odisha.gov.in / www.odishapanchyat.gov.in** from 09.09.2021 to 30.09.2021 and the cost of Bid document should be furnished in shape of demand draft in favour of Superintending Engineer, RWS&S Division, Bhubaneswar.
3. Place & date of receipt of Tender document: up to 15 hours of 05.10.2021 in office of the Engineer-in-Chief, RWSS, Odisha Jal “O” Parimal Bhawan, Unit-V, BBSR.
4. Date of opening: 16.00 hours of 05.10.2021 in office of Engineer-in-Chief, RWSS, Odisha
5. Other details can be seen in the Detail tender document and **www.Odisha.gov.in / www.odishapanchyat.gov.in**.

Sd./- (Er.A.K.Mallick), Engineer-in-Chief
OIPR-25040/11/0018/2122



**POVERTY AND HUMAN DEVELOPMENT MONITORING (PHDMA)**
**PLANNING AND CONVERGENCE DEPARTMENT**
**GOVERNMENT OF ODISHA**
Letter No. 810/PH, Bhubaneswar Dated the 7th September, 2021
83/2021

**ADVERTISEMENT**

No. X-11: **Poverty and Human Development Monitoring Agency (PHDMA)** invites applications for the post of **Professional in Socio Economic & Communication Sector, Content Writer and Young Professional**. Applicants may visit Government of Odisha portal: **www.odisha.gov.in** and PHDMA website: **http://phdma.odisha.gov.in** for detail *Terms of Reference (ToR)* for each position and Application Form. The applications alongwith the relevant documents must reach at the Office of **PHDMA, Room No. A2-032, North Annex Building, Lokseva Bhavan, Bhubaneswar - 751001 on or before 27.09.2021 by 5.00 P.M.** in a **sealed envelope through Speed/ Registered Post**. PHDMA shall not entertain receiving applications due to delay of any kind after due date & time. The undersigned reserves the right to accept/ reject any or all of the applications without assigning any reason thereof.

Sd./- OSD, PHDMA
OIPR-21001/11/0002/2122



**ବିଜ୍ଞାପନ**
No. D-124

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା**

ହାବିଲଦାର: **ନାନସୁକ ହେମରମ**
ପିତା: ସ୍ୱର୍ଗତ ସିନଗର ହେମରମ
ଗ୍ରାମ: କୁଚିଣ୍ଡା ପାଦରିପଦା, ପୋଷ୍ଟ: କୁଚିଣ୍ଡା
ଥାନା: କୁଚିଣ୍ଡା, ଜିଲ୍ଲା: ସମ୍ବଲପୁର

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ବାଟାଲିୟନ ମାଗାଜିନ ଗାର୍ଡ଼ର ସୁରକ୍ଷା ଡ୍ୟୁଟିରେ ଥାଇ ତା୦୬।୦୭।୨୦୨୧ରିଖ ପୂର୍ବାହ୍ନ ଠାରୁ ବିନା ଛୁଟି ଏବଂ ବିନାନୁମତିରେ କାହାରିକୁ କିଛି ନ ଜଣାଇ ସରକାରୀ କାର୍ଯ୍ୟରୁ ଗୈରହାଜିର ଅଛନ୍ତି। ଆପଣଙ୍କର ଉପରୋକ୍ତ ବିଶୃଙ୍ଖଳିତ କାର୍ଯ୍ୟ ଏବଂ କର୍ତ୍ତବ୍ୟରେ ଅବହେଳା ପାଇଁ ତା୦୬।୦୭।୨୦୨୧ରିଖ ପୂର୍ବାହ୍ନଠାରୁ ଆପଣଙ୍କୁ ସରକାରୀ କାର୍ଯ୍ୟରୁ ନିଲମ୍ବନ କରାଯାଇଅଛି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି, ଏବଂ ଆପଣଙ୍କର ଏତାଦୃଶ ଗୈରହାଜିର ଯୋଗୁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ୍ ବିଭାଗରେ ନିଯୁକ୍ତି କରାଯାଇଛି, ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।
ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରିନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ଗୈରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

ସ୍ୱା./- ଦୁର୍ଗପତି
ଓଡ଼ିଶା ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା
OIPR-12029/11/0022/2122

# ଜୁନିୟର ଫିଜିଓ ପଜିଟିଭ, ଆଶଙ୍କାରେ ୫ମ ଟେଷ୍ଟ


ଅଭ୍ୟାସ ଅବସରରେ ଚେତେଶ୍ୱର ପୂଜାରା।

**ମାଞ୍ଚେଷ୍ଟର/କୋଲକାତା, ୯।୯ (ପି.ଟି.)**

ଭାରତ କ୍ରିକେଟ ଦଳର ଜୁନିୟର ଫିଜିଓ ଯୋଗେଶ ପାରମାର୍ କରୋନା ପଜିଟିଭ ଜଣାପଡ଼ିବା ପରେ ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପୂର୍ବରୁ ହେବାକୁଥିବା ଦଳର ଅଭ୍ୟାସ ସେସନକୁ ବାତିଲ କରିବାକୁ ହୋଇଛି। ଭାରତୀୟ ଦଳ ୫ମ ଟେଷ୍ଟ ବିନା ଫିଜିଓରେ ଖେଳିବା ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଏହି ମ୍ୟାଚ ଖେଳାଯିବ କି ନା ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଖେଳାଯିବ କି ନା ସେ ନେଇ ଦୃଢ଼ ନିଶ୍ଚିତ ନୁହନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି। କୋଲକାତାଠାରେ 'ମିଶନ ଡୋମିନେଶନ' ଶୀର୍ଷକ ଏକ ପୁସ୍ତକର ଉନ୍ମୋଚନ ଉତ୍ସବରେ ଯୋଗଦାନ ଅବସରରେ ଜଣେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ ଏହା କହିଛନ୍ତି। ଅନ୍ୟପକ୍ଷରେ ମ୍ୟାଚ ଆୟୋଜନ ନେଇ ସେ ଆଶାବାଦୀ ଥିବା ପ୍ରକାରାନ୍ତରେ କହିଛନ୍ତି। ଓଭାଲ ଟେଷ୍ଟ ବେଳେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କରୋନା ସଂକ୍ରମିତ ହେବା ପରେ ମୁଖ୍ୟ ଫିଜିଓ ନୀତୀନ ପଟେଲ ଏବେ ଆଇସୋଲେଶନରେ ଅଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜଣେ କାମଚଳା ଫିଜିଓ ଯୋଗାଇଦେବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୱେଲ୍ସ କ୍ରିକେଟ ବୋର୍ଡ (ଡବ୍ଲ୍ୟୁସିବି)କୁ ଅନୁରୋଧ କରିଛି। ଆରଟି-ପିସିଆର ଟେଷ୍ଟ ଫଳାଫଳକୁ ଅପେକ୍ଷା କରାଯାଇଛି। ତାହା ପରେ ଯାଇ ମ୍ୟାଚ୍ ଖେଳାଯିବ କି ନା ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଆରଟି-ପିସିଆର ଟେଷ୍ଟ ହୋଇଥିବାରୁ ଖେଳାଳିମାନଙ୍କୁ ସେମାନଙ୍କୁ ରୁମ୍ ଛାଡ଼ି ନ ଯିବାକୁ କୁହାଯାଇଛି। ଶାସ୍ତ୍ରୀ ଓ ପଟେଲଙ୍କ ବ୍ୟତୀତ ଫିଲ୍ଡିଂ କୋଚ୍ ଆର. ଶ୍ରୀଧର ଓ ବୋଲିଂ କୋଚ୍ ଭରତ ଅରୁଣ ଲଣ୍ଡନରେ ଆଇସୋଲେଶନରେ ଅଛନ୍ତି। ଓଭାଲଠାରେ ଚତୁର୍ଥ ଟେଷ୍ଟ ବେଳେ କେବଳ ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଟିମ୍ ସହିତ ଥିଲେ। ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ସମ୍ପୂର୍ଣ୍ଣ ଟିକାକରଣ ହୋଇସାରିଥିଲେ। ଟିମ୍ ହୋଟେଲରେ ବାହାର ଅତିଥିଙ୍କ ଉପସ୍ଥିତିରେ ନିଜ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ଫେରିବା ପରେ ଶାସ୍ତ୍ରୀଙ୍କର କରୋନ ଲକ୍ଷଣ ପ୍ରକାଶ ପାଇଥିଲା। ଅରୁଣ, ପଟେଲ ଓ ଶ୍ରୀଧର ବ୍ୟକ୍ତିଗତ ଭାବେ ଏହି ଉତ୍ସବରେ ଯୋଗଦାନ କରିଥିଲେ। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୧ରେ ଆଗୁଆ ରହିଛି।

## ଅନ୍ତିମ ଟେଷ୍ଟ ଆଜିଠାରୁ

## ଇତିହାସ ସୃଷ୍ଟି ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**ମାଞ୍ଚେଷ୍ଟର,୯।୯:** ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ଆରମ୍ଭ ହେବ। ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିପାରିଲେ ଭାରତ ସିରିଜ ଜିତି ଇତିହାସ ସୃଷ୍ଟି କରିବ। ଅଗ୍ରଣୀ ହାସଲ କରିଥିଲେ ମଧ ଭାରତୀୟ ଦଳରେ କେତୋଟି ସମସ୍ୟା ରହିଛି। ଚତୁର୍ଥ ଟେଷ୍ଟର ହିରୋ ତଥା ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଉପରେ ଥିବା କାର୍ଯ୍ୟଭାର ଓ ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଦୁର୍ବଳ ଫର୍ମ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଥିବ।

ମ୍ୟାଚ୍‌ର ପ୍ରଥମ ଦୁଇ ଦିନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି। ଫଳରେ ଭାରତୀୟ ଶିବିରରେ ଖୁସି ଦେଖାଦେଇଛି। ଯଦି ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହୁଏ ତେବେ ଭାରତ ପାଇଁ ସିରିଜ ବିଜୟର ବାଟ ଖୋଲିବ। ଏପରି ହେଲେ ବିରାଟ କୋହଲି ପ୍ରଥମ ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆ (୨୦୧୮-୧୯) ଓ ଇଂଲଣ୍ଡ (୨୦୨୧) ଗସ୍ତରେ ଟେଷ୍ଟ ସିରିଜ ଜିତିବାର ଗୌରବ ଅର୍ଜନ କରିବେ।

ବୁମ୍‌ରାଙ୍କ କାର୍ଯ୍ୟଭାର ବଢ଼ିଛି। ଗତ ଗୋଟିଏ ମାସରେ ସେ ୧୫୧ ଓଭର ବୋଲିଂ କରିଛନ୍ତି। ଓଭାଲ ଟେଷ୍ଟର ପଞ୍ଚମ ଦିନରେ ସେ ସଂଘର୍ଷପୂର୍ଣ୍ଣ ୨୨ ଓଭର ବୋଲିଂ କରିଛନ୍ତି। ଏହି ଟେଷ୍ଟରେ ଭାରତ ୧୫୭ ରନରେ ବିଜୟ ହାସଲ କରିଥିଲା। ନିହାତି ଖରାପ ଫର୍ମ ଦେଇ ଗତି କରୁଥିବା ରାହାନେ ଖେଳିବା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତାଙ୍କ ସ୍ଥାନରେ ହନୁମା ବିହାରୀ କିମ୍ବା ସୂର୍ଯ୍ୟକୁମାର ଯାଦବଙ୍କୁ ଖେଳାଯିବାର ସମ୍ଭାବନା ସୃଷ୍ଟି ହୋଇଛି। ମହମ୍ମଦ ସାମି ଫିଟ୍ ଘୋଷିତ ହୋଇଥିବାରୁ ଅନ୍ତିମ ମ୍ୟାଚରେ ସେ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଚତୁର୍ଥ ଟେଷ୍ଟରେ ଉମେଶ ଯାଦବ ଓ ଅଲ-ରାଉଣ୍ଡର ଶାର୍ଦ୍ଦୁଳ ଠାକୁର ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ଓ ଦଳରେ ସ୍ଥାନ ବଜାୟ ରଖିବା ନିଶ୍ଚିତ ମନେ ହେଉଛି। କୋହଲି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇବା ନେଇ ଏବେ ମଧ ଦ୍ୱନ୍ଦ୍ୱ ରହିଛି। ଠାକୁରଙ୍କ ଅଲରାଉଣ୍ଡ ପ୍ରଦର୍ଶନ କାରଣରୁ ରବୀନ୍ଦ୍ର ଜାଡେଜାଙ୍କୁ ବସାଇ ଅଶ୍ୱିନ ଖେଳିବାର ସମ୍ଭାବନା ରହିଛି।

ଅପରପକ୍ଷରେ ଇଂଲଣ୍ଡ ଦଳ ପାଇଁ ଅଧିନାୟକ ଜୋ ରୁଟ୍ ପୁଣି ଥରେ ନିର୍ଣ୍ଣାୟକ ଇନିଂସ ଖେଳିବେ ବୋଲି ଆଶା କରାଯାଉଛି। ଉପ-ଅଧିନାୟକ ଜୋଶ ବଟଲର ତାଙ୍କୁ ସହାୟତା ପ୍ରଦାନ କରିବେ। ସେ ଜନି ବେୟାରଷ୍ଟୋ ବଦଳରେ ଦଳରେ ସ୍ଥାନ ପାଇପାରନ୍ତି। ଜେମ୍ସ ଆଣ୍ଡରସନ ଓ କ୍ରେଗ ଓଭରଟନ ଏହି ଟେଷ୍ଟ ନ ଖେଳିପାରନ୍ତି। ତେଣୁ ମାର୍କ ଉଡ୍ ଓ କ୍ରିସ୍ ୱୋକ୍ସ ଉପରେ ବୋଲିଂର ଭାର ରହିବ। ଏହି ମ୍ୟାଚ୍ ଜିତି ଇଂଲଣ୍ଡ ସିରିଜ ଡ୍ର ରଖିବାକୁ ପ୍ରୟାସ କରିବ। କିନ୍ତୁ ପରାସ୍ତ ହେଲେ ମଧ ଭାରତ ସିରିଜରେ ପରାସ୍ତ ହେବ ନାହିଁ ବୋଲି ସ୍ପଷ୍ଟ ହୋଇସାରିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩.୩୦**
**ସ୍ଥାନ: ଓଲ୍ଡ ଟ୍ରାଫର୍ଡ, ମାଞ୍ଚେଷ୍ଟର**
**ପ୍ରସାରଣ: ସୋନୀ ଟେନ ନେଟୱର୍କ**


ମାଞ୍ଚେଷ୍ଟରଠାରେ ଗୁରୁବାର ଭାରତର ଉମେଶ ଯାଦବଙ୍କ ପ୍ରାକ୍ଟିସ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ମୟଙ୍କ ଅଗ୍ରୱାଲ, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା, ମହମ୍ମଦ ସାମି, ମହମ୍ମଦ ସିରାଜ, ଉମେଶ ଯାଦବ, ଲୋକେଶ ରାହୁଲ, ରିଦ୍ଧିମାନ ଶାହା, ଅଭିମନ୍ୟୁ ଈଶ୍ୱରନ, ପୃଥ୍ୱୀ ଶ, ସୂର୍ଯ୍ୟକୁମାର ଯାଦବ ଓ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଦଳ:** ରୋରି ବର୍ନ୍ସ, ହାସିମ ହମିଦ, ମୋଇନ ଅଲି, ଜନି ବେୟାରଷ୍ଟୋ, ଜୋ ରୁଟ୍, ଜୋଶ ବଟଲର, ଡାନ ଲରେନ୍ସ, ଓଲି ରବିନସନ, ମାର୍କ ଉଡ୍, ଜେମ୍ସ ଆଣ୍ଡରସନ, ଜ୍ୟାକ ଲିଚ୍, ଓଲି ପୋପ, ଡାୱିଦ ମଲନ ଓ କ୍ରେଗ୍ ଓଭରଟନ।


ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ପାରାଲିମ୍ପିଆନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପାରାଲିମ୍ପିଆନଙ୍କୁ ସମ୍ବର୍ଦ୍ଧିତ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୯।୯ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ତାଙ୍କ ବାସଭବନରେ ପାରାଲିମ୍ପିଆନ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ସେମାନଙ୍କୁ ପ୍ରାତଃଭୋଜନରେ ଆପ୍ୟାୟିତ କରିଛନ୍ତି। ଭାରତୀୟ ପାରାଲିମ୍ପିଆନମାନେ ଅଭୂତପୂର୍ବ ସଫଳତା ସହ ଟୋକିଓରୁ ଫେରିଛନ୍ତି। ସେମାନେ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ମୋଟ ୧୯ ପଦକ ଜିତିଛନ୍ତି। ପଦକ ଟେବୁଲରେ ଭାରତ ୨୪ତମ ସ୍ଥାନରେ ରହିଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଧଳା ରଙ୍ଗର ଷ୍ଟୋଲ ଉପହାର ଆକାରରେ ଦିଆଯାଇଥିଲା, ଯେଉଁଥିରେ ସମସ୍ତ ପଦକ ବିଜେତାଙ୍କର ଦସ୍ତଖତ ରହିଥିଲା। ମୋଦି ଷ୍ଟୋଲ୍‌ଟିକୁ ତାଙ୍କ ବେକରେ ପକାଇଥିଲେ। ପ୍ରଧାନମନ୍ତ୍ରୀ ରୌପ୍ୟ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ସୁହାସ ୟାଥିରାଜ (ଜିଲାପାଳ ନଏଡ଼ା), ସ୍ୱର୍ଣ୍ଣ ବିଜେତା କ୍ରିଷ୍ଣା ନାଗର (ବ୍ୟାଡ୍‌ମିଣ୍ଟନ) ଓ ପଲକ କୋହଲି (ବ୍ୟାଡ୍‌ମିଣ୍ଟନ)ଙ୍କ ସହ କଥା ହୋଇଥିଲେ। ପାରାଲିମ୍ପିକ୍ସରେ ପ୍ରଥମଥର ବ୍ୟାଡମିଣ୍ଟନକୁ ସାମିଲ କରାଯାଇଥିଲା। ଭାରତ ଏଥିରେ ୨ ସ୍ୱର୍ଣ୍ଣ ପଦକ ହାସଲ କରିପାରିଥିଲା। ଦୁଇଟି ଲେଖାଏ ପଦକ ଜିତିଥିବା ଶୁଟର ଅବନୀ ଲେଖରା ଓ ସିଂହରାଜ ଆଡାନା ମଧ ମୋଦିଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏକ ଦୁର୍ଘଟଣାରେ ଲେଖରାଙ୍କ ଅଣ୍ଟା ତଳକୁ ପାରାଲିସିସ୍ ହୋଇଯାଇଥିଲା। ସେ ପ୍ରଥମ ଭାରତୀୟ ମହିଳାଭାବେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ସେ ପରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପୋଲିଓ ଦ୍ୱାରା ପ୍ରଭାବିତ ହୋଇଥିବା ୩୯ ବର୍ଷୀୟ ଆଡାନା ଏକ ରୌପ୍ୟ ଓ ଏକ ବ୍ରୋଞ୍ଜ ଜିତିଥିଲେ। ପ୍ରଧାନମନ୍ତ୍ରୀ ଆହୁରି ମଧ ଭେଟେରାନ ଜାଭେଲିନ୍ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ ଓ ହାଇଜମ୍ପର ମାରିୟାପ୍ପାନ ଥାଙ୍ଗାଭେଲୁଙ୍କ ସହ କଥା ହୋଇଥିଲେ। ଉଭୟେ ହେଉଛନ୍ତି ୨୦୧୬ ରିଓ ଗେମ୍ସ ସ୍ୱର୍ଣ୍ଣ ବିଜେତା। ଟୋକିଓରେ ଉଭୟେ ଗୋଟିଏ ଲେଖାଏ ରୌପ୍ୟ ଜିତିଛନ୍ତି। ଏହି ଉତ୍ସବରେ ଟେବୁଲ ଟେନିସ ଖେଳାଳି ଭାବିନା ପଟେଲ (ରୌପ୍ୟ ବିଜେତା) ଓ ବ୍ରୋଞ୍ଜ ବିଜେତା ରିକର୍ଭ ଆର୍ଚର ହରବିନ୍ଦର ସିଂ ଯୋଗଦେଇଥିଲେ।

# ବାଉନ୍ସ କରିପାରୁଛି ଭାରତ

**ଭିଭିଏସ୍ ଲକ୍ଷ୍ମଣ**

ବିପରୀତ ପରିସ୍ଥିତିରେ କିପରି ବାଉନ୍ସ କରିହେବ ଭାରତୀୟ କ୍ରିକେଟ ଦଳ ତାହାର କୌଶଳ ହାସଲ କରିପାରିଛି। ଓଭାଲ ଟେଷ୍ଟରେ ବିଜୟ ହେଉଛି ଏହାର ଅନ୍ୟତମ ନମୁନା। ଦୃଢ଼ ସଂକଳ୍ପର ସହିତ ସାମୂହିକ ପ୍ରଦର୍ଶନ କରିଥିଲା ଟିମ୍ ଇଣ୍ଡିଆ। ଭାରତୀୟ ବୋଲରମାନେ ମ୍ୟାଚ୍‌ର ଅନ୍ତିମ ଦିବସରେ ଏକ ଫ୍ଲାଟ୍ ଓ ପ୍ଲାସିଡ୍ ପିଚ୍‌ରେ ଆକ୍ରମଣାତ୍ମକ ବୋଲିଂ କରିପାରିଥିଲେ। ଦୃଢ ଆତ୍ମବିଶ୍ୱାସ ଯୋଗୁ କେବଳ ଏହା ସମ୍ଭବପର ହୋଇପାରିଥିଲା। ଚତୁର୍ଥ ଟେଷ୍ଟରେ କହିବାକୁ ଗଲେ ସମସ୍ତ ଖେଳାଳିଙ୍କର ଅବଦାନ ରହିଥିଲା। ପ୍ରଥମ ଦିବସ ଖେଳରେ ଭାରତ ଏକଦା ମାତ୍ର ୧୨୭ ରନ କରି ୭ ଉଇକେଟ ହରାଇ ସାରିଥିଲା। ସେ ସମୟରେ ଶାର୍ଦ୍ଦୂଳ ଠାକୁର ଲଢୁଆ ପ୍ରଦର୍ଶନ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ମାତ୍ର ୪ଟି ଟେଷ୍ଟ ମ୍ୟାଚର ଅଭିଜ୍ଞତା ରଖିଥିବା ଏହି ଖେଳାଳି ନିର୍ଭୟରେ ଆକ୍ରମଣାତ୍ମକ ଖେଳିଥିଲେ। ମ୍ୟାଚର ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ଅନ୍ୟ ଖେଳାଳିମାନେ ଭଲ ବ୍ୟାଟିଂ କରିଥିଲେ। ରୋହିତ ଶର୍ମାଙ୍କ ବ୍ୟାଟିଂ ଉଲ୍ଲେଖନୀୟ ଥିଲା। ସୀମିତ ଓଭର ଫର୍ମାଟରେ ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ ଭାବେ ପରିଚିତି ଲାଭ କରିଥିବା ଏହି କ୍ରିକେଟର ଟେଷ୍ଟ ମ୍ୟାଚରେ ତାଙ୍କ ପାରଦର୍ଶିତା ଦେଖାଇଛନ୍ତି। ବୋଲର ଯିଏ ହେଉନା କାହିଁକି ଆକ୍ରମଣାତ୍ମକ ଖେଳିପାରନ୍ତି ରୋହିତ। ଅନ୍ତିମ ଦିବସ ମଧ୍ୟାହ୍ନ ଭୋଜନ ବିରତି ପରେ ଯଶପ୍ରୀତ୍ ବୁମ୍‌ରା ସାଂଘାତିକ ବୋଲିଂ କରିଥିଲେ। ଯାହା ଆଶା କରାଯାଉଥିଲା ତାହାଠାରୁ ସେ ଭଲ ପ୍ରଦର୍ଶନ କରିଥିଲେ। ଲୋୟର ଅର୍ଡରରେ ବିପର୍ଯ୍ୟୟ ଘଟାଇବା ସହ ଟେଷ୍ଟ କ୍ରିକେଟକୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରିପାରିଥିଲେ ଉମେଶ ଯାଦବ। ଦୁଇଟି ଅର୍ଦ୍ଧଶତକ ସହ ଜୋ ରୁଟ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଉଇକେଟ ପାଇଁ ଠାକୁରଙ୍କୁ ଅଭିନନ୍ଦନ। ଟିମ୍ ଇଣ୍ଡିଆ ସିରିଜକୁ ୩-୧ ଜିତିବା ଏବେ ହାତ ପାହାନ୍ତାରେ। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ୨ ହକି ଖେଳାଳିଙ୍କୁ ଟାଟାର ଗାଡ଼ି ଉପହାର

**ଭୁବନେଶ୍ୱର,୯।୯:** ଟୋକିଓ ଅଲିମ୍ପିକରେ ଭାରତୀୟ ମହିଳା ହକି ଦଳର ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଦୀପଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋଙ୍କୁ ଟାଟା ମୋଟର୍ସ ପକ୍ଷରୁ ଅଲ୍‌ଟ୍ରୋଜ କାର୍ ପ୍ରଦାନ କରାଯାଇଛି। କାର୍ ପ୍ରଦାନ କରିବାକୁ ଟାଟା ମୋଟର୍ସ ଘୋଷଣା କରିଥିଲା। ରାଉରକେଲାସ୍ଥିତ ଏସ୍‌ଏସ୍ ଷ୍ଟିଲୋୟସଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ୨ ଅଲିମ୍ପିଆନଙ୍କୁ କାର୍ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଡିଲର ପ୍ରିନ୍ସିପାଲ ସୁମନ୍ତ ମିତ୍ତଲ, ବିଧାୟକ ଶାରଦା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ମହିଳା ଦଳର ଉପ ଅଧିନାୟକ ଭାବେ ଏକ୍କା ଭାରତ ପାଇଁ ଗୌରବ। ସେ ୨୦୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।



କାର୍ ସହ ଓଡ଼ିଶାର ଦୀପଗ୍ରେସ୍ ଏକ୍କା ଓ ନମିତା ଟପ୍ପୋ।

# ଇକୋର୍ସାର ବୃହତ୍ ବିଜୟ


ଅଂଶୁମାନ ରଥ


ରାଜେଶ ମହାନ୍ତି


ଶୁଭଙ୍କର ବିଶ୍ୱାସ


ଅଭିଷେକ ରାଉତ

## କଳାହାଣ୍ଡି କପ୍ କ୍ରିକେଟ
## ୨ ଦିନିଆ ସୁପରଲିଗ୍
### ରାଜେଶଙ୍କୁ ୭, ସୁଜିତ, ଅଂଶୁମାନ, ଶୁଭଙ୍କର, ଅଭିଷେକଙ୍କ ଶତକ

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ସୁପରଲିଗ୍ ମ୍ୟାଚର ପ୍ରଥମ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। କଟକର ବିଭିନ୍ନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ବୃହତ୍ ବିଜୟ ହାସଲ କରିଥିବାବେଳେ କଟକ 'ଏ', ରାଉରକେଲା, ଓଡ଼ିଶା ଗ୍ରୀନ୍, ଓଡ଼ିଶା ବ୍ଲୁ ଓ ଭାଓଲେଟ ବିଜୟୀ ଘୋଷିତ ହୋଇଛନ୍ତି।

ଏସ୍‌ସିବି ମେଡିକାଲ କଲେଜ ପଡ଼ିଆରେ ଇକୋର୍ସା ୨୫୩ ରନରେ ସୁନ୍ଦରଗଡ଼କୁ ହରାଇଛି। ଇକୋର୍ସା ସୁଜିତ ଲେଙ୍କା(୧୦୮ ରନ)ଙ୍କ ଶତକ ସହାୟତାରେ ୯୦ ଓଭରରେ ୪ ଉଇକେଟ ହରାଇ ୩୩୧ ରନ କରିଥିଲା। ଜବାବରେ ସୁନ୍ଦରଗଡ଼ ୪୩.୩ ଓଭରରେ ୭୮ ରନରେ ଅଲଆଉଟ ହୋଇ ଯାଇଥିଲା। ଇକୋର୍ସା ବୋଲର ରାଜେଶ ମହାନ୍ତି ୧୨ ଓଭରରେ ୪ଟି ମେଡେନ ନେଇ ୨୯ ରନ ବିନିମୟରେ ୭ ଉଇକେଟ ହାସଲ କରିଥିଲେ। ରେଭେନ୍‌ଶା ପଡ଼ିଆରେ ଖୋର୍ଦ୍ଧା ୧୨୯ ରନରେ ଅଲଆଉଟ ହୋଇଥିବାବେଳେ ଓଡ଼ିଶା ବ୍ଲୁ ଦ୍ୱିତୀୟ ଦିବସ ଶେଷ ବେଳକୁ ୧୯୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ବ୍ଲୁକୁ ବିଜୟୀ ଘୋଷିତ କରାଯାଇଥିଲା। ନିମପୁର ପଡ଼ିଆରେ ଓଡ଼ିଶା ୟେଲୋ ୯୦ ଓଭରରେ ୮ ଉଇକେଟ ହରାଇ ୨୮୬ ରନ କରିଥିଲା। ଜବାବରେ ଓଡ଼ିଶା ଗ୍ରୀନ୍ ଦ୍ୱିତୀୟ ଦିବସ ଶେଷସୁଦ୍ଧା ୮୮.୧ ଓଭରରେ ୯ ଉଇକେଟ ହରାଇ ୩୦୧ ରନ କରିଥିଲା। ମ୍ୟାଚ ଡ୍ର ରହିଥିବାବେଳେ ଓଡ଼ିଶା ଗ୍ରୀନ୍‌କୁ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ କରାଯାଇଥିଲା। ଓଡ଼ିଶା ଗ୍ରୀନ୍‌ର ଅଂଶୁମାନ ରଥ ୧୧୩ ରନ କରିଥିଲେ।

ସନ୍‌ସାଇନ୍ ପଡ଼ିଆରେ ଝାରସୁଗୁଡ଼ା ବିପକ୍ଷରେ କଟକ-ଏ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ଘୋଷିତ ହୋଇଛି। ଝାରସୁଗୁଡ଼ା ୧୭୧ ରନରେ ଅଲଆଉଟ ହୋଇଥିବାବେଳେ କଟକ 'ଏ' ଦ୍ୱିତୀୟ ଦିବସରେ ୨୫୯ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅଧିନାୟକ ଅଭିଷେକ ରାଉତ ସର୍ବାଧିକ ୧୧୫ ରନ କରିଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଓଡ଼ିଶା ରେଡ୍ ୯୦ ଓଭରରେ ୯ ଉଇକେଟ ହରାଇ ୨୨୦ ରନ କରିଥିଲା। ରାଉରକେଲା ଦ୍ୱିତୀୟ ଦିବସ ଶେଷ ବେଳକୁ ୪ ଉଇକେଟ ହରାଇ ୨୨୭ ରନ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୧୧୦ ରନ କରିଥିଲେ। ଇନିଂସ ଅଗ୍ରଣୀ ଭିତ୍ତିରେ ରାଉରକେଲା ବିଜୟୀ ହୋଇଥିଲା। ସେହିପରି ବିଡ଼ାନାସୀ ପଡ଼ିଆରେ ଓଡ଼ିଶା ଭାଓଲେଟ ୨୭୯ ରନକରି ଅଲଆଉଟ ହୋଇଥିବାବେଳେ ଓଡ଼ିଶା ପିଙ୍କ୍ ୧୨୪ ରନରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ ଭାଓଲେଟ ବିଜୟୀ ହୋଇଥିଲା।

## ସଂକ୍ଷେପରେ

### ଫ୍ୟୁଚର ଗ୍ରୁପ୍‌କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ,୯।୯: ଆମାଜନ ଏବଂ ଫ୍ୟୁଚର ଗ୍ରୁପ ବିବାଦରେ ନୂଆ ମୋଡ ଆସିଛି। କିଶୋର ବିୟାନୀଙ୍କ ନେତୃତ୍ୱାଧୀନ ଫ୍ୟୁଚର ଗ୍ରୁପକୁ ସୁପ୍ରିମକୋର୍ଟ ଗୁରୁବାର ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଫ୍ୟୁଚର-ରିଲାଏନ୍ସ ଡିଲ୍‌ରେ ଆଗକୁ ନ ବଢ଼ିବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ଫ୍ୟୁଚର ରିଲାଏନ୍ସ ଡିଲ୍‌ରେ ଆଗାମୀ ୪ ସପ୍ତାହ ମଧ୍ୟରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନ ନେବା ଲାଗି ଏନ୍‌ସିଏଲ୍‌ଏଟି, ସିସିଆଇ, ସେବି ଭଳି ଏଜେନ୍ସିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଚିଫ୍ ଜଷ୍ଟିସ ଏନଭି ରମନା, ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଏ.ଏସ୍. ବୋପନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଫ୍ୟୁଚର କୁପନ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ଏକକ ଜଜ ବେଞ୍ଚଙ୍କ ଶୁଣାଣିକୁ ନେଇ ଫ୍ୟୁଚର କୁପନ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୧୮ରେ ଦିଲ୍ଲୀ ହାଇକୋର୍ଟର ଏକକ ବିଚାରପତି ଖଣ୍ଡପୀଠ ଫ୍ୟୁଚର ଗ୍ରୁପ ଅଫ୍ କମ୍ପାନୀ ଏବଂ ଏହାର ପ୍ରମୋଟର କିଶୋର ବିୟାନୀଙ୍କ ସମ୍ପତ୍ତି ଜବତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବର୍ତ୍ତମାନ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିବାକୁ ବିୟାନୀଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଛି। ତେବେ ରିଲାଏନ୍ସ ସହ ଡିଲ୍ ଆଗକୁ କିଭଳି ରହୁଛି ଏହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### କାନାରା ବ୍ୟାଙ୍କର ଟେଲରିଂ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯।୯: କାନାରା ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଟେଲରିଂ ତାଲିମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରୁଡ୍‌ସେଟ୍ ପ୍ରତିଷ୍ଠାନରେ ବିଗତ ଏକ ମାସ ଧରି ଜାତୀୟ ଗ୍ରାମୀଣ ଜୀବିକା ମିଶନର ସହ ସଂଯୋଜନାରେ ଏହା ଆୟୋଜନ କରାଯାଇଥିଲା। ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କର ଓଡ଼ିଶା ମହା ପ୍ରବନ୍ଧକ ବାବୁଲାଲ ମୀନା, ସହ ମହାପ୍ରବନ୍ଧକ ପ୍ରକାଶ ପ୍ରଧାନ ଯୋଗ ଦେଇ ତାଲିମାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସେ ତାଲିମାର୍ଥୀଙ୍କୁ ସାର୍ଟିଫିକେଟ ଓ ଟେଲରିଂ ସରଞ୍ଜାମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୁଡ୍‌ସେଟ୍‌ର ନିର୍ଦ୍ଦେଶକ ଅରକ୍ଷିତ ଦାସ ପରିଚାଳନା କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ଦୀପକ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ରୁଡ୍‌ସେଟ୍ ପ୍ରତିଷ୍ଠାନର କର୍ମଚାରୀବୃନ୍ଦ ପ୍ରଣିତା ପଣ୍ଡା, ରଜତ କୁମାର ଶତପଥୀ, ସ୍ମିତିରଞ୍ଜନ ନାୟକ ଉପସ୍ଥିତ ରହି ଅନୁଷ୍ଠାନ ପ୍ରାଙ୍ଗଣରେ ମହାପ୍ରବନ୍ଧକ ମୀନାଙ୍କ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମର ସଫଳ ଆୟୋଜନ କରିଥିଲେ।

# ଭାରତରେ ଉତ୍ପାଦନ ବନ୍ଦ କରିବ ଫୋର୍ଡ

## ପ୍ରଭାବିତ ହେବ ୪ ହଜାର ନିଯୁକ୍ତି




ନୂଆଦିଲ୍ଲୀ, ୯।୯

ଆମେରିକା ଭିତ୍ତିକ ଅଟୋମୋବାଇଲ ନିର୍ମାଣକାରୀ କମ୍ପାନୀ ଫୋର୍ଡ ଭାରତରେ ଏହାର ଉତ୍ପାଦନ ବନ୍ଦ କରିବ। ଭାରତ ବିଶ୍ୱର ୩ ପ୍ରମୁଖ ଅଭିବୃଦ୍ଧିଶୀଳ ଅଟୋମୋବାଇଲ ବଜାର ହେବ ବୋଲି କମ୍ପାନୀର ପୂର୍ବ ମ୍ୟାନେଜମେଣ୍ଟ ଆକଳନ କରିଥିଲେ। ମାତ୍ର ବର୍ତ୍ତମାନ ସ୍ଥିତି ବିଗିଡ଼ିଥିବାରୁ କମ୍ପାନୀ ଆଗକୁ ଭାରତରେ ଉତ୍ପାଦନ ନ କରିବାକୁ ମନ ବଳାଇଛି। ଆଗାମୀ କିଛିଦିନରେ କମ୍ପାନୀ ଭାରତରେ ଏହାର ଉତ୍ପାଦନ ବନ୍ଦ କରିବାକୁ ଯାଉଥିବାରୁ ଏହାଦ୍ୱାରା ପ୍ରାୟ ୪ ହଜାର ନିଯୁକ୍ତି ପ୍ରଭାବିତ ହେବ ବୋଲି କୁହାଯାଉଛି। ଏନେଇ କମ୍ପାନୀ ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସ ସୁଦ୍ଧା କମ୍ପାନୀ ଗୁଜରାଟସ୍ଥିତ ଏହାର ଆସେମ୍ବ୍ଲି ପ୍ଲାଣ୍ଟ ଏବଂ ଆସନ୍ତା ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ସୁଦ୍ଧା ଚେନ୍ନାଇସ୍ଥିତ ଭେଇକିଲ ଓ ଇଞ୍ଜିନ ମାନୁଫାକଚରିଂ ପ୍ଲାଣ୍ଟକୁ ବନ୍ଦ କରିବ ବୋଲି ଜଣାପଡ଼ିଛି।

ଏହି ନିଷ୍ପତ୍ତି ସମ୍ପର୍କରେ ମତ ରଖି ଫୋର୍ଡ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅନୁରାଗ ମେହେରୋତ୍ରା କହିଛନ୍ତି, ନିଷ୍ପତ୍ତି ଆଗାମୀ ଗୋଟିଏ ବର୍ଷ ସୁଦ୍ଧା କାର୍ଯ୍ୟକାରୀ କରାଯିବ। ଭାରତରେ କମ୍ପାନୀ ବୃହତ୍ ପରିମାଣର କ୍ଷତି ସହୁଛି। ଅଟୋଶିଳ୍ପ ବର୍ତ୍ତମାନ ଅତ୍ୟଧିକ କ୍ଷମତାରେ ଚାଲିଛି। ଭାରତୀୟ କାର୍ ବଜାରରେ ଆଶା ଅନୁରୂପ ଅଭିବୃଦ୍ଧି ମଧ୍ୟ ଦେଖାଯାଉନାହିଁ। ଦୀର୍ଘମିଆଦୀ ଭିତ୍ତିରେ ନିରନ୍ତର ଅଭିବୃଦ୍ଧି ଏବଂ ଲାଭ ହାସଲ କରିବାକୁ ସକ୍ଷମ ହେଉ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଏହି ଖବର ଆସିବା ପରେ ଫୋର୍ଡର ପୁଞ୍ଜିବଜାର କାରବାର ୦.୬% ହ୍ରାସ ହୋଇଛି।

### ଆମଦାନୀ ଦ୍ୱାରା ବିକିବ କିଛି ମଡେଲ

ଫ୍ୟାକ୍ଟ୍ରି ସମ୍ପୂର୍ଣ୍ଣ ବନ୍ଦ ହେବା ପରେ କମ୍ପାନୀ ଏହାର କିଛି ମଡେଲକୁ ଆମଦାନୀ କରି ଭାରତରେ ବିକ୍ରି କରିବ। ମଷ୍ଟାଙ୍ଗ ଏବଂ କୁପ୍ ମଡେଲଗୁଡ଼ିକ ଏହି ଉପାୟରେ ବିକ୍ରି କରିବାକୁ କମ୍ପାନୀ ଯୋଜନା ରଖିଛି। ବର୍ତ୍ତମାନ ଡିଲର ଏବଂ ଫ୍ୟାକ୍ଟ୍ରିରେ ରହିଥିବା ଫିଗୋ, ଇକୋସ୍ପୋର୍ଟ୍ସ ଏବଂ ଏଣ୍ଡିଓଭର ଭଳି ମଡେଲଗୁଡ଼ିକ ବିକ୍ରି ସରିବା ପରେ ଏହା ଆଉ ଉତ୍ପାଦନ ହେବ ନାହିଁ ବୋଲି ଜଣାପଡ଼ିଛି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଫୋର୍ଡ ଭାରତ ବଜାରରେ ଲଗାତର କ୍ଷତି ସହି ଚାଲିଛି। କମ୍ପାନୀ ଏହି ଅବଧିରେ ପ୍ରାୟ ୧୫ ହଜାର କୋଟି ଟଙ୍କା କ୍ଷତି ସହିଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ମିଶି କମ୍ପାନୀ ଭାରତରେ ଯାନ ଉତ୍ପାଦନ କରିବାକୁ ଯୋଜନା ରଖିଥିଲା। ଏହି ଯୋଜନାକୁ କମ୍ପାନୀ ଛାଡ଼ିବା ପରେ ଭାରତ ବଜାରରେ ଉତ୍ପାଦନ ବନ୍ଦ କରିବା ଭଳି ନୂଆ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଖୋଲିବା ପରେ ଫୋର୍ଡ ଭାରତରେ ପ୍ରବେଶ କରିଥିଲା। ୧୯୨୬ ବେଳକୁ ଭାରତରେ ଏହାର ଶୋ'ରୁମ୍ ଖୋଲିଥିବା ବେଳେ ୧୯୫୦ ବେଳକୁ ଏହାକୁ ବନ୍ଦ କରିଦେଇଥିଲା।

### ମହିନ୍ଦ୍ରା ସହ ଯୌଥ ଉଦ୍ୟୋଗ ଚୁକ୍ତି ରଦ୍ଦ କରିଥିଲା

ଭାରତରେ କାରବାର ପରିଚାଳନା ଲାଗି ଏହା ମହିନ୍ଦ୍ରା ସହ ସହଭାଗିତାରୁ ଚଳିତ ବର୍ଷ ଜାନୁୟାରୀରେ ବାହାରି ଆସିଥିଲା। ସ୍ୱାଧୀନ ଭାବେ ପରିଚାଳନା ନେଇ ଏହା ନିଷ୍ପତ୍ତି ନେଇଥିଲା। ୨ କମ୍ପାନୀ ୨୦୧୯ ଅକ୍ଟୋବରରେ ଯୌଥ ଉଦ୍ୟୋଗ ସ୍ଥାପନ ନେଇ ସହମତ ହୋଇଥିଲେ। ଏହି ଯୌଥ ଉଦ୍ୟୋଗରେ ମହିନ୍ଦ୍ରା ନିକଟରେ ସିଂହଭାଗ ଅଂଶଧନ ରହିଥାନ୍ତା। ଏହି କମ୍ପାନୀ ଉଭୟ ଫୋର୍ଡ ଏବଂ ମହିନ୍ଦ୍ରା ଯାନଗୁଡ଼ିକୁ ଅଭିବୃଦ୍ଧିଶୀଳ ବଜାରରେ ବିତରଣ ଦାୟିତ୍ୱ ନେଇଥାନ୍ତା। ଭାରତ ଫ୍ୟାକ୍ଟ୍ରି ବନ୍ଦ କରିବା ପୂର୍ବରୁ ସହଭାଗିତା, ପ୍ଲାଟ୍‌ଫର୍ମ ଶେୟାରିଂ, ଅନ୍ୟ କାର୍ ନିର୍ମାତାଙ୍କ ସହ କଣ୍ଟ୍ରାକ୍ଟ ମାନୁଫାକଚରିଂ କରିବା ଭଳି ବିଭିନ୍ନ ବିକଳ୍ପ ଉପରେ ଫୋର୍ଡ କମ୍ପାନୀ ବିଚାର କରିଥିଲା। ଘରୋଇ ବଜାରର ମାନୁଫାକଚରିଂ ପ୍ଲାଣ୍ଟକୁ ବିକ୍ରି କରିଦେବା ନେଇ ଏହା ଏବେ ମଧ୍ୟ ବିଚାର କରୁଛି।

# ଏସ୍‌ବିଆଇର ସାହସିକତା ପୁରସ୍କାର




ଭୁବନେଶ୍ୱର,୯।୯

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଅଟଳା ଶାଖାରେ ନିକଟରେ ଡକାୟତି ଉଦ୍ୟମ ହୋଇଥିଲା। ମାତ୍ର ଶାଖାର କେତେଜଣ କର୍ମଚାରୀ ଏବଂ ବ୍ୟକ୍ତିବିଶେଷଙ୍କ ଲାଗି ଏହି ଉଦ୍ୟମ ପଣ୍ଡ ହୋଇଛି। ଘଟଣାରେ ସମ୍ପୃକ୍ତ ଡକାୟତଙ୍କୁ ଧରିବାରେ ଏହା ସହାୟକ ହୋଇଥିଲା। ଏହି ଉଦ୍ୟମକୁ ବ୍ୟାଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ଭୁବନେଶ୍ୱରସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ ୭ ଜଣଙ୍କୁ ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସାଧୁବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ବିଜୟ କୁମାର କୁଜୁର, ଉପମହାପ୍ରବନ୍ଧକ ଅନୁପ କୁମାର ସିହ୍ନା, ରିଜିଓନାଲ ମ୍ୟାନେଜର ଭୂପଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅରୁନ୍ଧତୀର ଗୁରୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୯।୯

'ଅରୁନ୍ଧତୀ ଜୁଏଲର୍ସ' ପକ୍ଷରୁ ସ୍ଥାନୀୟ ସତ୍ୟନଗରସ୍ଥିତ ଫ୍ଲାଗସିପ୍ ଶୋ'ରୁମ୍ ପରିସରରେ ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ମାନିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିଜ ନିଜର ମତ ଉପସ୍ଥାପନ କରି କହିଥିଲେ ଯେ,ସମାଜରେ ଶିକ୍ଷା ଆଉ ତା'ର ସକାରତ୍ମକ ଦିଗ ଆମକୁ ବହୁ ଆଗକୁ ନେଇଥାଏ। ଉପଯୁକ୍ତ ଶିକ୍ଷା ପ୍ରାପ୍ତ୍ୟ ସମ୍ପର୍କରେ ଗୁରୁମାନେ ବିଶେଷ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଶୋ'ରୁମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଫେସ୍‌ବୁକ୍ ଲାଇଭ ଜରିଆରେ ଅରୁନ୍ଧତୀର ଅଗଣିତ ଦର୍ଶକ ଓ ଛାତ୍ରୀଛାତ୍ରମାନେ ଏହାକୁ ଖୁବ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ଗୁରୁ ଦିବସ ଉପଲକ୍ଷେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସୁନା, ରୂପା ଓ ହୀରା ଗହଣାର ଗଢା ମଜୁରୀ ଉପରେ ୫୦% ରିହାତି ସହିତ ପ୍ରତ୍ୟେକ ଗହଣା କ୍ରୟ ଉପରେ ସୁନିଶ୍ଚିତ ଉପହାରର ବ୍ୟବସ୍ଥା କରାଯାଇଛି। ଏହି ଅଫର ସେପ୍ଟେମ୍ବର ୧୫ ଯାଏ ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ ରହିବ। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀ ଜୁଏଲର୍ସ କେବଳ ବ୍ୟବସାୟ ନୁହେଁ ବରଂ ସମାଜର ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବ ଆଦିରେ ସାମିଲ ହୋଇ ଗ୍ରାହକବନ୍ଧୁଙ୍କର ଖୁସିକୁ ବହୁଗୁଣିତ କରିଥାଏ।

# ଏଲ୍‌ଏଚ୍‌ବି କୋଚରେ ଗଡ଼ିବ ହୀରାଖଣ୍ଡ ଏକ୍ସପ୍ରେସ

ଭୁବନେଶ୍ୱର,୯।୯

ପାରମ୍ପରିକ କୋଚଗୁଡ଼ିକୁ ବଦଳାଇ ଆଧୁନିକ ଲିଙ୍କେ-ହୋଫମାନ-ବୁଶ (ଏଲ୍‌ଏଚ୍‌ବି) କୋଚ ସହିତ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ପ୍ରାଥମିକ ପର୍ଯ୍ୟାୟରେ ଚଳାଚଳ କରାଇବାକୁ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥର ସୂଚନା ଅନୁସାରେ ଏହି ନୂତନ କୋଚ ସହ ହୀରାଖଣ୍ଡ ଟ୍ରେନ

## ଆଜି ଶୁଭାରମ୍ଭ

ଆଜି (ଶୁକ୍ରବାର) ଠାରୁ ଯାତ୍ରୀ ସେବା ଯୋଗାଇବ। କେନ୍ଦ୍ର ରେଳ ମନ୍ତ୍ରୀ, ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ରେଳଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ଏହି ନୂଆ ସୁବିଧାକୁ ଶୁଭାରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମପି ଅପରାଜିତା ଷଡ଼ଙ୍ଗୀ, ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ସମେତ ବିଧାୟକ ସୁରେଶ ରାଉତରାୟ, ତାରା ପ୍ରସାଦ ବାହିନୀପତି, ଅନନ୍ତ ନାରାୟଣ ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ରାଉତ, ମକରନ୍ଦ ମୁଦୁଲି ଏବଂ ପ୍ରଭୁ ଜାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

# ବିଓବି ପକ୍ଷରୁ ଏସ୍‌ଏଚ୍‌ଜି ଋଣ ଶିବିର

ଭୁବନେଶ୍ୱର,୯।୯



ବ୍ୟାଙ୍କ ଅଫ୍ ବରୋଦା (ବିଓବି), ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଖୋର୍ଦ୍ଧା ଜିଲାର ଗୁଡୁମ୍, ଖୋର୍ଦ୍ଧା, ଜଟଣୀ ଏବଂ ନିରାକାରପୁର ଶାଖାରେ ଏସ୍‌ଏଚ୍‌ଜି ଋଣ ପ୍ରଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶାଖାଗୁଡ଼ିକ ତରଫରୁ ୭୧ଟି ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨.୪୬ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଣା ଶିବିରରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। କ୍ଷେତ୍ରୀୟ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କ୍ରିଷ୍ଣା କ୍ଷୁଦ୍ର ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି, ରିଟେଲ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ରାଜ୍ୟର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିବେ ବୋଲି ପ୍ରକାଶ କରିଥିଲେ।

# ଫ୍ରାଞ୍ଚାଇଜ ସୁରକ୍ଷା ଆଇନ ଆସୁ : ଏଫ୍‌ଏଡିଏ

ନୂଆଦିଲ୍ଲୀ, ୯।୯

ଫୋର୍ଡ ଇଣ୍ଡିଆର ଭାରତରେ ଉତ୍ପାଦନ ବନ୍ଦ ନିଷ୍ପତ୍ତିକୁ ନେଇ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର ଆସୋସିଏଶନ (ଏଫ୍‌ଏଡିଏ)ପକ୍ଷରୁ ପ୍ରତିକ୍ରିୟା ରଖାଯାଇଛି। ଏଫ୍‌ଏଡିଏ ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି, ଏଭଳି ଘୋଷଣାକୁ ନେଇ ଅଟୋ ରିଟେଲ ଫ୍ରାଟରନିଟି ସ୍ତବ୍ଧ ହୋଇଯାଇଛନ୍ତି। ତ୍ୱରିତ ଭିତ୍ତିରେ ଉତ୍ପାଦନ ବନ୍ଦ ହେଉଥିବାରୁ ଆଗାମୀଦିନଗୁଡ଼ିକରେ ଗ୍ରାହକଙ୍କୁ ଭେଇକିଲ ସର୍ଭିସ ଜାରି ରଖିବା ଲାଗି ଅଟୋଡିଲରଶିପ୍‌ଗୁଡିକୁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଦେବାକୁ ଫୋର୍ଡ ଇଣ୍ଡିଆର ଏମ୍‌ଡି ଅନୁରାଗ ମେହେରୋତ୍ରା ବ୍ୟକ୍ତିଗତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି। ସାରା ଦେଶରେ ଫୋର୍ଡର ୧୭୦ ଡିଲର ରହିଛନ୍ତି। ୩୯୧ ଡିଲରଶିପରେ ଓନରମାନେ ୨ ହଜାର କୋଟି ଟଙ୍କା ନିବେଶ କରିଛନ୍ତି। ଡିଲରଶିପଗୁଡିକ ୪୦ ହଜାର ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଡିଲରଙ୍କ ନିକଟରେ ୧ ହଜାର ୟୁନିଟ ଯାନ ରହିଛି। ସେହିଭଳି ୧୦୦ ୟୁନିଟ ଡେମୋ ଯାନ ଡିଲର ରଖିଛନ୍ତି। ଡିଲରଶିପଗୁଡିକ ବ୍ୟାଙ୍କଗୁଡିକଠାରୁ ୧୫୦ କୋଟି ଟଙ୍କାର ଇନ୍‌ଭେନଟୋରି ଫଣ୍ଡ ନେଇଛନ୍ତି। ଏଭଳି ସ୍ଥିତିରେ ସରକାର ଫ୍ରାଞ୍ଚାଇଜି ପ୍ରୋଟେକ୍ସନର ଆଇନ ଆଣନ୍ତୁ ବୋଲି ଫାଡା ସରକାରଙ୍କୁ ନିବେଦନ କରିଛି।


**SAMAGRA SHIKSHA GANJAM, CHATRAPUR**

Ph.-06811-260833 (DPO)/ 262799 (MIS), email ID- dpcganjamssa.opepa@nic.in

Order No.3070 Date: 9.9.21

**OFFICE ORDER**

The advertisement inviting applications for various posts of KGBV, Samagra Shiksha, Ganjam made vide this office Letter No. 3872/ KGBV/ 19 dt. 15.10.2019 which was published in daily newspapers Dharitri on 17.10.2019 and Sambad on 16.10.2019 is hereby cancelled due to unavoidable circumstances.

By order of Collector-cum-Chairman
Samagra Shiksha, Ganjam

**Sd./- District Project Coordinator**
**Samagra Shiksha, Ganjam**

**ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର**

No. 14131 Dtd. 09.09.2021

**ADVERTISEMENT**

Applications are hereby invited from the deserving candidates for the post of **Jr. Clerk-cum-Accountant** for contractual engagement at Odisha Adarsha Vidyalayas of Keonjhar District with a consolidated remuneration.

**DETAILS OF VACANCY**

| SL. NO. | POSTS | NO. OF POSTS | QUALIFICATION | CONSOLIDATED REMUNERATION | FEES | AGE |
|---|---|---|---|---|---|---|
| 1 | Jr. Clerk-cum-Accountant | 02 (ST-1, SC-1) | Bachelor Degree and Knowledge with Computer with Tally, Proficiency in Odia & English | Rs.7100/- per month (Consolidated) | Rs.200/- in the shape of IPO | 21 to 32 years as on the date of advertisement |

Application form and other details can be downloaded from the website (**www.kendujhar.nic.in**). Interested candidates fulfilling the eligibility criteria mentioned above are requested to apply **on or before 28.09.2021 (05PM)** (during office hours) with required fees payable to District Education Officer, Keonjhar. The applications should be sent by **Speed Post/Registered Post** only to the **District Education Officer, Keonjhar, PIN Code: 758001**. The incomplete applications fom and forms received after due date shall be summarily rejected. The undersigned reserves the right to cancel any or all the applications without assisging any reason thereof. Vacancies may vary time at the time of actual engagement.

**By order of Collector-cum-Chairman, OAVs, Keonjhar**
**Sd./- District Education Officer, Keonjhar**

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**

**TP Central Odisha Distribution Limited invites tender from eligible Bidders for following,**

| Sl No | Tender Description | Tender Enquiry No. | EMD (Rs. Lakh) | Tender Fee Incl. of GST (Rs) | Last date for payment of Tender Fee |
|---|---|---|---|---|---|
| 1 | Strengthening of LT & HT electrical infrastructure in elephant movement area in TPCODL | TPCODL/P&S/ 1000000103/2021-22 | 15.0 | 5,000/- | 20.09.2021 |
| 2 | Conversion of existing OH line to UG cable around Lord Jagannath Temple& connecting roads,Puri | TPCODL/P&S/ 1000000106/2021-22 | 42.0 | 5,000/- | 25.09.2021 |
| 3 | RC for supply of 11KV &33KV CR Panel | TPCODL/P&S/ 1000000108/2021-22 | 2.0 | 5,000/- | 18.09.2021 |
| 4 | RC for supply of 11KV &33KV CT | TPCODL/P&S/ 1000000107/2021-22 | 0.5 | 5,000/- | 18.09.2021 |
| 5 | RC for supply various sizes of LT XLPE Cables | TPCODL/P&S/ 1000000105/2021-22 | 10.0 | 5,000/- | 18.09.2021 |
| 6 | Upgradation & Implementation of existing ESRI GIS system to Latest version | TPCODL/P&S/ 1000000109/2021-22 | 6.6 | 5000/- | 21.09.2021 |

For details of Tenders, please visit "Tender" section on TPCODL **website https://tpcentralodisha.com.**
Bidders should visit our website regularly for future modifications/corrigendum to tender documents, if any.

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**

ସଂଖ୍ୟା ୨୦୫୨/ ତାରିଖ ୦୮।୦୯।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ଟିଟିଲାଗଡ଼ ପୌର ପରିଷଦର ସମସ୍ତ ଜନସାଧାରଣ, ଦୋକାନୀ, ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ହାଟପଦା ଦୈନିକ ବଜାର ନିକଟସ୍ଥ ନୂତନ ନିର୍ମିତ ଦୋକାନ ଗୃହ, ମାଁ ମଙ୍ଗଳା ମନ୍ଦିର ଦୋକାନ ଗୃହଗୁଡିକର ସିଲ୍‌ଡ ଟେଣ୍ଡର ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଦୋକାନ ଗୃହ ପାଇବା ପାଇଁ ଭାଗ ନେଇପାରିବେ। ଟେଣ୍ଡର କାଗଜାତ ପତ୍ରଗୁଡିକ କାର୍ଯ୍ୟାଳୟରୁ ଟ୧୦୦୦/- ମୂଲ୍ୟ ପଇଠ କରି କିମ୍ବା ଉକ୍ତ ସମାନ ରାଶିର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ ଏବଂ ଫର୍ମ ପାଇପାରିବେ, ଯାହା ଅଣଫେରସ୍ତ ଅଟେ। ସଂରକ୍ଷିତ ନିଲାମ ଓ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟରେ ପୃଥକ୍ ଭାବେ କୌଣସି ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ଯାହା Executive Officer, Titilagarh Municipalityଙ୍କ ନାମ ଅନୁସାରେ କାର୍ଯ୍ୟାଳୟରେ ପକାଇପାରିବେ। ସମସ୍ତ କାଗଜାତ ପତ୍ରଗୁଡିକ ସ୍ପିଡ୍ ପୋଷ୍ଟ/ ରେଜିଷ୍ଟ୍ରେସନ ପୋଷ୍ଟ / କୋରିଅର ସର୍ଭିସ / ବ୍ୟକ୍ତିଗତ ଭାବେ ଆବେଦନ ଫର୍ମରେ ସମସ୍ତ ତଥ୍ୟ ଉଲ୍ଲେଖ କରି ତା୨୭।୦୯।୨୦୨୧ ସମୟ ଅପରାହ୍ନ ୦୫ ଘଟିକା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ) । ଏହି ନିଲାମ ପତ୍ରଗୁଡିକ ତା୨୮।୦୯।୨୦୨୧ ସମୟ ପୂର୍ବାହ୍ନ ୧୧ ଘଟିକାରେ କାର୍ଯ୍ୟାଳୟରେ ଖୋଲାଯିବ। ଉକ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଆବଶ୍ୟକ ସ୍ଥଳେ ରଦ୍ଦ କରିପାରିବେ।

| | |
|---|---|
| ଟେଣ୍ଡର କାଗଜାତ ପତ୍ରର ପ୍ରାପ୍ତ ସମୟ | ତା୧୩।୦୯।୨୦୨୧ରୁ ତା୨୭।୦୯।୨୦୨୧ ପର୍ଯ୍ୟନ୍ତ |
| ଟେଣ୍ଡର କାଗଜାତ ପତ୍ରର ଦାଖଲ ସମୟ | ତା୧୪।୦୯।୨୦୨୧ରୁ ତା୨୭।୦୯।୨୦୨୧ ପର୍ଯ୍ୟନ୍ତ, ସମୟ ଅପରାହ୍ନ ୦୫ ଘଟିକା ମଧ୍ୟରେ |
| ଟେଣ୍ଡର ଖୋଲିବାର ତାରିଖ ଓ ସମୟ | ତା୨୮।୦୯।୨୦୨୧ ସମୟ, ପୂର୍ବାହ୍ନ ୧୧ ଘଟିକା |

**ହାଟପଦା ମାର୍କେଟ କମ୍ପ୍ଲେକ୍ସ, ହାଟପଦାପଡ଼ା**

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସଂରକ୍ଷିତ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|---|
| ୧ | ୧୦'୮'' x ୧୦'୧୧'' ପ୍ରତ୍ୟେକ ରାସ୍ତା ସାମ୍ନାରେ | ୩, ୪, ୬, ୭, ୮, ୯ | ୦୬ | ଟ୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ୩୫,୦୦୦ (ପଇଁତିରିଶ ହଜାର ମାତ୍ର) | ଟ୪,୫୦୦ (ଚାରି ହଜାର ପାଞ୍ଚଶହ ମାତ୍ର) |
| ୨ | ୧୦'୮'' x ୧୦'୧୧'' ପ୍ରତ୍ୟେକ ମାର୍କେଟ୍ ସାମ୍ନାରେ | ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮, ୧୯, ୨୦ | ୧୦ | ଟ୩,୦୦,୦୦୦ (ତିନି ଲକ୍ଷ ମାତ୍ର) | ଟ୩୦,୦୦୦ (ତିରିଶ ହଜାର ମାତ୍ର) | ଟ୪,୦୦୦ (ଚାରି ହଜାର ମାତ୍ର) |

**ମାଁ ମଙ୍ଗଳା ମାର୍କେଟ କମ୍ପ୍ଲେକ୍ସ (ନୂତନ) ଷ୍ଟେସନ ରୋଡ୍**

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସର୍ବନିମ୍ନ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|---|
| ୧ | ୯'୧୦'' x ୧୨'୦୬'' (ତଳ ମହଲା ପାହାଚ ପାଖ) | ୦୧ | ୦୧ | ଟ୩,୦୦,୦୦୦ (ତିନି ଲକ୍ଷ ମାତ୍ର) | ଟ୩୦,୦୦୦ (ତିରିଶ ହଜାର ମାତ୍ର) | ଟ୪,୦୦୦ (ଚାରି ହଜାର ମାତ୍ର) |
| ୨ | ୯'୧୦'' x ୧୨'୦୬'' (ସାମ୍ନା ପାଖ) | ୦୩ | ୦୧ | ଟ୩,୦୦,୦୦୦ (ତିନି ଲକ୍ଷ ମାତ୍ର) | ଟ୩୦,୦୦୦ (ତିରିଶ ହଜାର ମାତ୍ର) | ଟ୪,୦୦୦ (ଚାରି ହଜାର ମାତ୍ର) |

**ସ୍ୱା./- ନିର୍ବାହୀ ଅଧିକାରୀ**
**ପୌର ପରିଷଦ, ଟିଟିଲାଗଡ଼**

**Government of Odisha**
**"e" _Procurement Notice**
No.O-659:- **Bid Identification No.06 of 2021-22**

| | | | |
|---|---|---|---|
| 1 | Number of works | : | 1 No. of Building |
| 2 | Estimated cost (Approx.) | : | Rs.66.22 lakh |
| 3 | Period of completion | : | 6 calendar months |
| 4 | Date & time of availability of bid documents in the portal | : | 15.09.2021 at 11.00 hrs. |
| 5 | Last date & time for receipt of bids in the portal | : | 27.09.2021 at 17.00 hrs. |
| 6 | Date of opening of tender | : | 28.09.2021 at 11.00 hrs. |
| 7 | Name and address of the officer inviting bid | : | Executive Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in.

**Sd./- Executive Engineer,**
OIPR-25056/11/0006/2122 **Rural Works Division, Jagatsinghpur**

**SHRI JAGANNATH SANSKRIT VISVAVIDYALAYA, SHRI VIHAR, PURI**

No. 1442 Date: 09.09.21

**NOTICE**

It is for the information of all concerned that the Vishistacharya Entrance Examination (V.E.E.), 2020 for admission to Vishistacharya Course 2021 under Shri Jagannath Sanskrit Vishvavidyalaya, Shri Vihar, Puri shall be held from 11.00 A.M. to 12.00 Noon on 22.09.2021, Wednesday, at Shri Jagannath Sanskrit Vishvavidyalaya Campus, Shri Vihar, Puri. The viva-voice examination will be conducted on the same day from 1.00 P.M. onwards.

The list of candidates is available in the University website: **www.sjsv.nic.in**. The candidates shall come with their photo identity proof along with 02 Nos. of Passport Size Photographs and collect their admit cards from the Office of the Chairman, P.G. Council, S.J.S.V., Puri 02 hours before commencement of the examination.

**By Order of the Vice-Chancellor**
**Sd./- D.D. Rana**
**Controller of Examinations**

## ଜଳବାୟୁ ପରିବର୍ତ୍ତନ

# ବଦଳୁଛି ପ୍ରାଣୀଙ୍କ ଅଙ୍ଗ

**ଜଳବାୟୁ ପରିବର୍ତ୍ତନ ସଙ୍କଟ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଆଗାମୀ ଦିନରେ ସ୍ଥିତି ଆହୁରି ଜଟିଳ ହେବ ବୋଲି ସତର୍କ କରାଇ ସାରିଲେଣି ବୈଜ୍ଞାନିକ। ଏଭଳି ସମୟରେ ନିଜକୁ ତିଷ୍ଠି ରଖିବା ଚ୍ୟାଲେଞ୍ଜ ପାଲଟିଥିବାବେଳେ ପ୍ରାଣୀମାନଙ୍କ ଅଙ୍ଗପ୍ରତ୍ୟଙ୍ଗରେ ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି।**



ଜଳବାୟୁ ପରିବର୍ତ୍ତନରେ ସମଗ୍ର ଜୀବଜଗତ ପ୍ରଭାବିତ ହେବ। ପ୍ରକୃତି କୋଳରେ ମୁକ୍ତ ଭାବେ ବଞ୍ଚୁଥିବା ବନ୍ୟପ୍ରାଣୀଙ୍କୁ ମଧ୍ୟ ଏହାର ଆଭାସ ମିଳିଲାଣି। ସମ୍ଭାବ୍ୟ ପରିବେଶ ସହିତ ଖାପଖୁଆଇବା ଲାଗି ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗର ଆକାର ବଦଳିବା ଆରମ୍ଭ କରିଛି। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଏ ସମ୍ପର୍କରେ ଜଣାପଡ଼ିଛି। ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ମାନବସଭ୍ୟତାର ସ୍ଥିତି ରକ୍ଷା ଉପରେ ବିଶେଷଜ୍ଞମାନେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରୁଥିବାବେଳେ ପ୍ରାଣୀଙ୍କ ଏଭଳି ପରିବର୍ତ୍ତନ ଉପରେ ଅଧ୍ୟୟନ କଲେ ଏଥିରୁ ମୁକୁଳିବାର ବାଟ ମିଳିପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

ଅଷ୍ଟ୍ରେଲିଆର ଡିଆକିନ୍ ୟୁନିଭର୍ସିଟିର ପକ୍ଷୀ ବିଶେଷଜ୍ଞ ସାରା ରାଇଡିଂଙ୍କ ଏ ସମ୍ପର୍କିତ ଅଧ୍ୟୟନର ସବିଶେଷ ତଥ୍ୟ 'ଟ୍ରେଣ୍ଡ୍ସ ଇନ୍ ଇକୋଲୋଜି ଆଣ୍ଡ ଇଭୋଲ୍ୟୁଶନ' ଜର୍ନାଲରେ ପ୍ରକାଶିତ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଗରମ ରକ୍ତଯୁକ୍ତ ପ୍ରାଣୀଙ୍କ ନିକଟରେ ଅଙ୍ଗପ୍ରତ୍ୟଙ୍ଗରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। କେତେକ ପ୍ରଜାତିର ପକ୍ଷୀଙ୍କ ଥଣ୍ଟର ଆକାର ପୂର୍ବାପେକ୍ଷା ବଡ଼ ହୋଇଛି। ସେହିପରି କାହାର ପାଦ, ପଞ୍ଝା ଏବଂ କାନର ଆକାର ମଧ୍ୟ ବଦଳିଛି। ଗରମ ପରିବେଶରେ ବଞ୍ଚିବା ଲାଗି ଏହି ପରିବର୍ତ୍ତନ ସହାୟକ ହେବ।

ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ଉଠିଲେ, ସବୁବେଳେ ମନୁଷ୍ୟ ଜାତି ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ। ଏହି ସମୟରେ ସମସ୍ତଙ୍କ ମନରେ ଆଶା ସୃଷ୍ଟି ହୁଏ ଯେ, ମନୁଷ୍ୟ ନିଶ୍ଚିତ ଭାବେ ଏଥିରୁ ମୁକୁଳିବାର ରାସ୍ତା ଖୋଜି ବାହାର କରିବ। ହେଲେ ପଶୁପକ୍ଷୀଙ୍କ କ୍ଷେତ୍ରରେ ପ୍ରକୃତି ଏହି କାର୍ଯ୍ୟ ଆରମ୍ଭ କରିସାରିଲାଣି। ବିବର୍ତ୍ତନ ଜୀବଜଗତର ସହଜାତ। ପୂର୍ବରୁ ଏହା ଧୀରମନ୍ଥର ଗତିରେ ଚାଲିଥିଲା। ହେଲେ ଏବେ ଏହା ଅଧିକ ଦ୍ରୁତ ହୋଇଛି। ଏହାକୁ ତୀକ୍ଷ୍ଣ ଭାବେ ନିରୀକ୍ଷଣ କରାଯିବାର ଆବଶ୍ୟକତା ରହିଛି। ଏଥିରୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ନିଶ୍ଚିତ ଭାବେ ରାସ୍ତା ମିଳିବ ବୋଲି ରାଇଡିଂ କହିଛନ୍ତି।

ମନୁଷ୍ୟକୃତ କାରଣରୁ ଜଳବାୟୁ ସନ୍ତୁଳନ ବିଗିଡ଼ିଛି। ହେଲେ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି ପ୍ରାଣୀ ଏବଂ ଉଦ୍ଭିଦ ଜଗତ। ସେମାନଙ୍କ ମଧ୍ୟରୁ କେତେକ ପ୍ରଜାତି ପରିସ୍ଥିତି ସହ ଖାପଖୁଆଇବା ଲାଗି ସଂଘର୍ଷ କରୁଛନ୍ତି। ହେଲେ ସମସ୍ତ ପ୍ରଜାତିଙ୍କ ନିକଟରେ ଏହାର ସମ୍ମୁଖୀନ ହେବାର କ୍ଷମତା ବଢ଼ିଯିବ ବୋଲି ଭାବିବା ଭୁଲ। ଜଳବାୟୁ ପରିବର୍ତ୍ତନ ଏକ ଜଟିଳ ଓ ଧିମା ପ୍ରକ୍ରିୟା। ତେଣୁ ଜୀବଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗରେ ହଠାତ୍ ଏଭଳି ପରିବର୍ତ୍ତନ ବିଷୟରେ ଆଗୁଆ ଅନୁମାନ କରାଯିବା କାଠିକର ପାଠ। କିନ୍ତୁ ଏକଥା ସ୍ପଷ୍ଟ ଯେ, ପକ୍ଷୀ ପ୍ରଜାତି ବିଶେଷ କରି ଅଷ୍ଟ୍ରେଲିଆନ ଶୁଆ କ୍ଷେତ୍ରରେ ଅଙ୍ଗପ୍ରତ୍ୟଙ୍ଗ ଗଠନ ଦ୍ରୁତଗତିରେ ବଦଳିଛି। ଏହି ଶୁଆଙ୍କ ଚଞ୍ଚୁର ଆକାର ୪ରୁ ୧୦% ଯାଏ ବୃଦ୍ଧି ଘଟିଛି। ସେହିପରି ଉତ୍ତର ଆମେରିକାର ଗାୟକ ପ୍ରଜାତିର ପକ୍ଷୀ 'ଜଙ୍କସ୍' ନିକଟରେ ଅନୁରୂପ ପରିବର୍ତ୍ତନ ଦୃଷ୍ଟିଗୋଚର ହୋଇଛି। ସ୍ତନ୍ୟପାୟୀ ପ୍ରାଣୀ ମୂଷାଙ୍କ ଲାଞ୍ଜ ଲମ୍ବା ହୋଇଛି। ଚୁଚୁନ୍ଦ୍ରାଙ୍କ ଲାଞ୍ଜ ଏବଂ ପାଦର ଆକାରରେ ବୃଦ୍ଧି ଘଟିଛି ବୋଲି ରାଇଡିଂ ସୂଚନା ଦେଇଛନ୍ତି।

# ସାଉଥ୍ ଷ୍ଟାରଙ୍କ ସହ ସ୍କ୍ରିନ୍ ଶେୟାର କରିବେ କଙ୍ଗନା




**ମୁମ୍ବାଇ:** ବଲିଉଡ୍ କୁଇନ୍ କଙ୍ଗନା ରାନାୱତ ଏବେ ତାଙ୍କ ଫିଲ୍ମ 'ଥଲାଇବି' ପାଇଁ ପୂରା ବ୍ୟସ୍ତ ଅଛନ୍ତି। ସେପ୍ଟେମ୍ବର ୧୦ରେ ଫିଲ୍ମଟି ରିଲିଜ ହେବାକୁ ଥିବାବେଳେ ଏଥିରେ କଙ୍ଗନାଙ୍କ ଅଭିନୟ ସମସ୍ତଙ୍କୁ ଚକିତ କରିବ ବୋଲି କୁହାଯାଉଛି। ଏହି ଫିଲ୍ମକୁ ନେଇ ଏବେ ଭିନ୍ନ ଭିନ୍ନ ସାକ୍ଷାତ୍କାରରେ ନଜର ଆସୁଛନ୍ତି କଙ୍ଗନା। ନିକଟରେ ଏକ ସାକ୍ଷାତ୍କାର ସମୟରେ ସେ ଜଣେ ସାଉଥ ଷ୍ଟାରଙ୍କ ସହ କାମ କରିବାର ଇଚ୍ଛା ରଖିଥିବା ପ୍ରକାଶ କରିଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କଙ୍ଗନା ଆଉ କାହାସହ ନୁହେଁ ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ସହ କାମ କରିବାକୁ ଇଚ୍ଛା ରଖିଥିବା ପ୍ରକାଶ କରିଛନ୍ତି। ଯଦି ତାଙ୍କ ସହ ଅଭିନୟ କରିବାକୁ ପ୍ରଭାସ ରାଜି ହୁଅନ୍ତି, ତେବେ ସେ ନିଶ୍ଚୟ ଅଭିନୟ କରିବେ ବୋଲି କହିଛନ୍ତି। ଏ ନେଇ କଙ୍ଗନା ଫିଲ୍ମ ନିର୍ମାତା ପୁରୀ ଜଗନ୍ନାଥଙ୍କ ସହ କଥା ହୋଇଛନ୍ତି। ୨୦୦୯ରେ କଙ୍ଗନା ପ୍ରଭାସଙ୍କ ସହ ତେଲୁଗୁ ଫିଲ୍ମ 'ନିରଞ୍ଜନ'ରେ ଟଲିଉଡ ଡେବ୍ୟୁ କରିସାରିଛନ୍ତି।



# ଅଡୁଆରେ ସବା କମାର

ଲାହୋର: ଅଡୁଆରେ ପାକିସ୍ତାନୀ ଅଭିନେତ୍ରୀ ସବା କମାର। ତାଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ସବା ଲାହୋରର ଏକ ଐତିହାସିକ ମସଜିଦରେ ନାଚିବାର ଭିଡିଓ ଶୁଟ୍ କରିଥଲେ। ଏଥିନେଇ ତାଙ୍କ ବିରେଧରେ ପାକିସ୍ତାନର ସ୍ଥାନୀୟ କୋର୍ଟ ଗିରଫ ପରୱାନା ଜାରି କରିଛନ୍ତି। ସବା କମାର ଓ ବିଲାଲ ସଇଦ ମସଜିଦ ସାମ୍ନାରେ ନାଚିବାର ଭିଡିଓ ଶୁଟ୍ କରିଥିଲେ। ଏହାକୁ ନେଇ ପାକିସ୍ତାନ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଲାହୋର ପୋଲିସ ସବା କମାର ଓ ବିଲାଲ ସଇଦଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏବେ ଲାହୋରର ମାଜିଷ୍ଟ୍ରେଟ କୋର୍ଟ ତାଙ୍କ ବିରୋଧରେ ଜାମିନ ପରୱାନା ଜାରି କରିଛନ୍ତି। ଏହା ସହିତ କୋର୍ଟ ଅକ୍ଟୋବର ୬ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ସ୍ଥିର କରିଛନ୍ତି।

# ଚକୋଲେଟ୍ ଗଣେଶ





ବେଙ୍ଗାଲୁରୁ: ପ୍ରଦୂଷଣ ରୋକିବା ପାଇଁ ଏବେ ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି ଉପରେ ଜୋର୍ ଦିଆଯାଉଛି। ଏହି ଉଦ୍ଦେଶ୍ୟରେ ଚକୋଲେଟରେ ଗଣେଶ ମୂର୍ତ୍ତି ତିଆରି କରିଛନ୍ତି ବେଙ୍ଗାଲୁରୁର ପ୍ରିୟା ଜୈନ। ସେ କ୍ରାଫ୍ଟ ମାଧ୍ୟମରେ ବିଭିନ୍ନ କଳାକୁ ରୂପ ଦେଇଥାନ୍ତି। ଏବେ ଗଣେଶ ପୂଜା ଆସୁଥିବାରୁ ସେ ଚକୋଲେଟ୍‌ରେ ତିଆରି କରୁଛନ୍ତି ଗଣେଶ ମୂର୍ତ୍ତି। ତାଙ୍କର ଏଭଳି ମୂର୍ତ୍ତି ଆଦୌ ଆବର୍ଜନା ସୃଷ୍ଟି କରିବ ନାହିଁ। ସେଥିପାଇଁ ନିଜେ ଇକୋ ଫ୍ରେଣ୍ଡଲି ମୂର୍ତ୍ତି କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଏଭଳି ମୂର୍ତ୍ତି କରିବା ପାଇଁ ସେ ପ୍ରେରଣା ଦେଇଛନ୍ତି। ପରିବେଶ ପ୍ରଦୂଷଣ କମ୍ କରିବା ସହିତ ସଚେତନତା କରିବା ଉଦ୍ଦେଶ୍ୟରେ ପ୍ରାୟ ତିନି ବର୍ଷ ହେଲାଣି ପ୍ରିୟା ଏଭଳି ଚକୋଲେଟରେ ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ତାଙ୍କର ଏହି ଚକୋଲେଟ୍ ଗଣେଶ ମୂର୍ତ୍ତି ନେବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି। ପ୍ରିୟାଙ୍କ କହିବା କଥା ହେଉଛି ଚକୋଲେଟ୍‌ରେ ଗଣେଶଙ୍କ ମୂର୍ତ୍ତି ତିଆରି କରି ପୂଜା ସରିବା ପରେ ସେ କ୍ଷୀରରେ ବିସର୍ଜନ କରିଥାନ୍ତି। ଏହାପରେ ତାକୁ ପ୍ରସାଦଭାବେ ସମସ୍ତଙ୍କୁ ବାଣ୍ଟି ଦେଇଥାନ୍ତି। ଚକୋଲେଟ୍ ପ୍ରତି ସମସ୍ତଙ୍କର ଦୁର୍ବଳତା ରହିଥିବାରୁ ଏହି ପ୍ରସାଦ ଖାଇବାକୁ ଲୋକେ ଆଗ୍ରହ ଦେଖାଇଥାନ୍ତି। ପ୍ରଥମେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଚକୋଲେଟରେ ଗଣେଶ ମୂର୍ତ୍ତି ତିଆରି କରିବା ପାଇଁ ପରାମର୍ଶ ଦେଇଥିଲେ। ଚକୋଲେଟ୍ ଗଣେଶ ମୂର୍ତ୍ତି ତିଆରି କରି ସେ ଲୋକଙ୍କ ଆକର୍ଷଣ ବଢାଇ ପାରିଥିଲେ। ଏହା ପରଠାରୁ ପ୍ରତିବର୍ଷ ଚକୋଲେଟରେ ମୂର୍ତ୍ତି ତିଆରି କରୁଛନ୍ତି।

## ରାଜ୍ୟ ଖବର

# ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

■ ୩ ଶ୍ରମିକ ଗୁରୁତର

■ ୧୮ ଶ୍ରମିକ କାର୍ଯ୍ୟରେ ନିୟୋଜିତ ଥିଲେ

ରଘୁନାଥପୁର,୯।୯(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର କୁଓାଁଙ୍ଗ କଲେଜ ନିକଟରେ ନୂତନ ବିଦ୍ୟୁତ୍ ଖୁଣ୍ଟ ବସିବା ବେଳେ ଦୁର୍ଘଟଣା ଘଟିଛି। ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଢେଙ୍କାନାଳ ଗଁଦିଆ ଥାନା ଦକ୍ଷିଣପଶି ଗ୍ରାମର ରେଙ୍ଗାଲୀ ପୂର୍ତ୍ତିଙ୍କ ପୁଅ ଦିପୁନା (୨୫)। ଗୁରତରମାନେ ହେଲେ ଉକ୍ତ ଗ୍ରାମର ତୋଫାନ ପୂର୍ତ୍ତି ଓ ଜଗା ହେମ୍ବ୍ରମ୍। ଅନ୍ୟ ଜଣେ ହେଲେ ଘଟଗାଁ ଥାନା ଗଧିରାମପଡାର ମାଛୁଆ ମୁଣ୍ଡା। ଏନେଇ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ. ୧୦/୨୧) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

ଏ ସମ୍ପର୍କରେ ଲାଇନମ୍ୟାନ ବିଜୟ ନାୟକ କୁହନ୍ତି ଯେଉଁ ସ୍ଥାନରେ ବିଦ୍ୟୁତ୍ କାମ କରିବା କଥା ସେଠାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ତେବେ ଶ୍ରମିକମାନେ ଭୁଲ୍‌ରେ ୧ କି.ମି. ଆଗରୁ ଖୁଣ୍ଟ ପୋତିବା କାର୍ଯ୍ୟ ଆରମ୍ଭ କରିଥିଲେ। ଫଳରେ ଏଭଳି ଅଘଟଣ ଘଟିଥିଲା।

ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁର କହିଛନ୍ତି, ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

**ପୁରୀ ଅଫିସ,୯।୯:** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ୪ ଦିନିଆ ପୁରୀ ଗସ୍ତରେ ଆସିଛନ୍ତି। ସେ ଅପରାହ୍ନ ୫ଟା ୨୦ରେ ପୁରୀ ରାଜଭବନରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳଙ୍କୁ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସନ୍ଧ୍ୟା ୬ଟାରେ ରାଜ୍ୟପାଳ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ରାଜ୍ୟପାଳ ଆସନ୍ତା ୧୧ ତାରିଖରେ ଷ୍ଟେଶନ ରୋଡ୍‌ସ୍ଥିତ ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପରିଭ୍ରମଣରେ ଯିବାର କାର୍ଯ୍ୟକ୍ରମ ରହିଛି।

# ଆଜିଠୁ ୩ ଦିନ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

ପୁରୀ ଅଫିସ, ୯।୯: ନୂତନ ଏସ୍‌ଓପି ଅନୁସାରେ ଏଣିକି ଶନିବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ହେବ। ସାନିଟାଇଜ ପାଇଁ କେବଳ ରବିବାର ଦର୍ଶନ ବନ୍ଦ ରହିବ। ଏହି ନୂଆ ଏସ୍‌ଓପି ଆସନ୍ତା ୧୩ ତାରିଖଠାରୁ ଲାଗୁ ହେବ। ତେବେ ପୁରୁଣା ଏସ୍‌ଓପି ଅନୁଯାୟୀ ଶୁକ୍ରବାର ୧୦ ତାରିଖରେ ଗଣେଶ ପୂଜା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହିପରି ୧୧ ତାରିଖ ଶନିବାର ଓ ୧୨ ତାରିଖ ରବିବାର ଶ୍ରୀମନ୍ଦିର ପରିସର ବିଶୋଧନ ନିମନ୍ତେ ମଧ୍ୟ ଦର୍ଶନ ବନ୍ଦ ରହିବ। ନୂଆ ଏସ୍‌ଓପି ଅନୁଯାୟୀ ୧୩ ତାରିଖ ସୋମବାରଠାରୁ ପ୍ରତ୍ୟହ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିହେବ। ମାତ୍ର ସ୍ୱତନ୍ତ୍ର ପର୍ବପର୍ବାଣିରେ ଅତ୍ୟଧିକ ଗହଳି ସମ୍ଭାବନା ଏବଂ କୋଭିଡ୍ ସଂକ୍ରମଣ ଆଶଙ୍କାରେ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ପୁରୀର ଶିଳ୍ପୀ ନନ୍ଦିନୀ ପଟ୍ଟନାୟକଙ୍କ ଦ୍ୱାରା ଆଇସ୍‌କ୍ରିମ୍ କାଠିରେ ପ୍ରସ୍ତୁତ ୧.୫ ଇଞ୍ଚର କ୍ଷୁଦ୍ର ଗଣେଶ।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

**KUBER FINANCE**
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପ୍ରଦେଶ ଛାତ୍ର କଂଗ୍ରେସ ସଭାପତିଙ୍କୁ ହତ୍ୟା ଧମକ ଚିଠି

**ମନ୍ତ୍ରୀ ପ୍ରତାପ ଜେନା, ପ୍ରେରଣକାରୀଙ୍କ ନାଁରେ ଏତଲା**

**ଭୁବନେଶ୍ୱର,୯।୯(ବ୍ୟୁରୋ):** ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କୁ ହତ୍ୟା ଧମକ ଦିଆଯାଇଛି। ଏ ସଂକ୍ରାନ୍ତ ଏକ ଚିଠି ଗୁରୁବାର ଅପରାହ୍ନରେ କଂଗ୍ରେସ ଭବନକୁ ଡାକ ଯୋଗେ ଆସିଥିଲା। କଟକ ମାହାଙ୍ଗାର ଛାତ୍ରୀ ସୁହାନା ବେଗମ୍ ନାଁରେ ଉକ୍ତ ଚିଠିଟି ଆସିଛି। ସେଥିରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ନ ଯିବାକୁ ପ୍ରେରଣକାରୀ ଜଣକ ନୱାଜଙ୍କୁ ତାଗିଦ କରିବା ସହ ଗାଳିଗୁଲଜ ଓ ଧମକ ଦେଇଛନ୍ତି। ତେବେ ଏହି ଚିଠି ପାଇବା ପରେ ନୱାଜ ଏନେଇ ମନ୍ତ୍ରୀ ଜେନା ଓ ଚିଠି ପଠାଇଥିବା ସୁହାନାଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି।

ଗତ ୭ ତାରିଖରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟାଫ୍ ସିଲେକ୍ସନ କମିଶନ ନିଯୁକ୍ତି ଦୁର୍ନୀତି ଓ ମାହାଙ୍ଗା ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଓ ଗିରଫ ଦାବିରେ ବିଧାନସଭା ଘେରାଉ କରାଯାଇଥିଲା। ଏହି ଘଟଣାକୁ ନେଇ ଚିଠିରେ ଉଲ୍ଲେଖ ଥିବାରୁ କଂଗ୍ରେସ ଏହାକୁ ଗୁରୁତ୍ୱର ସହ ନେବା ସହ ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



ଂପ୍ରମିଳା ମହାନ୍ତି
ପୋନମା ଗେଟ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ : ୩୦.୦୫.୧୯୩୯
ତିରୋଧାନ : ୩୧.୦୮.୨୦୨୧
ତୁମର ଶୂନ୍ୟସ୍ଥାନ ଅପୂରଣୀୟ
ତୁମ ବିୟୋଗରେ ସମସ୍ତ ପରିବାର ଓ ବନ୍ଧୁ ପରିଜନ ମର୍ମାହତ।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ ପରିବାର : ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ
ଧ-୨୧୫୮୧

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂଶୁଭଙ୍କର ମଲ୍ଲିକ୍ (ବଣ୍ଟି)
ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯
ବଣ୍ଟିରେ...! ଆମଠାରୁ ଦୂରେଇ ଯାଇ ବାଛିନେଲୁ ଈଶ୍ୱରଙ୍କୁ। ଚାହୁଁ ଚାହୁଁ ଦୁଇବର୍ଷ ହୋଇଗଲା। ତୋର ହସହସ ମୁହଁ ସବୁବେଳେ ମନେ ପଡୁଛି। ତୁ ଛାଡ଼ି ଯାଇଥିବା ସ୍ମୃତି ଫୁଲକୁ ପ୍ରତି ମୁହୂର୍ତ୍ତରେ ସାଉଁଟି ଚାଲିଛୁ। ଆଜି ତୋର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ, ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁ ଯେଉଁଠି ଥାଆ ଭଲରେ ଥାଆ। ଏହା ଆମର ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ତୋର ହତଭାଗ୍ୟ- ବାବା, ମାମା, ଜେଜେମାଆ ଓ ଟିକି ଭଉଣୀ ଶୀତୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୨୧୫୯୫

**ପ୍ରଥମ ପୁଣ୍ୟତିଥି**



ଂଉର୍ମିଳା ରଥ (ମିଶ୍ର) ରୁବି
ସ୍ୱାମୀ: ଶକ୍ତି ଶଙ୍କର ମିଶ୍ର
ଆମଘର ଖୋରଧା
ବୋଉଲୋ, ବର୍ଷେ ବିତିଗଲା।
ଗୋଟିଏ ଦିନ ଆଖିରୁ ଲୁହ ଶୁଖିନି।
ତୋ ଆଦର୍ଶର ଆଧାରରେ ବଞ୍ଚି ରହିବାକୁ ଆଶୀର୍ବାଦ କରୁଥିବୁ।
ଆଶୁତୋଷ (ପ୍ରୀତମ୍), ଅରୁଣିମା (ପୁନମ୍)
ଧ-୬୮୮୨

# ଭୁଏଲ୍ଟା ଏ ଏସ୍ପାନା

**ଭୁଏଲ୍ଟା ଏ ଏସ୍ପାନା ବିଶ୍ୱର ତୃତୀୟ ସବାଧିକ ଲୋକପ୍ରିୟ ତଥା ସମ୍ମାନଜନକ ମଲ୍ଟି ଷ୍ଟେଜ୍ ବାଇ ସାଇକେଲ ରେସ୍ ଭାବେ ଜଣାଶୁଣା। ଟୁର୍ ଡି ଫ୍ରାନ୍ସ ଓ ଗିରୋ ଡି'ଇଟାଲିଆ ପରେ ଭୁଏଲ୍ଟା ଏ ଏସ୍ପାନାର ବେଶ୍ ଖ୍ୟାତି ରହିଛି। ଏହି ରେସ୍ର ସଦ୍ୟତମ ସଂସ୍କରଣରେ ସ୍ଲୋଭେନିଆର ପ୍ରିମୋଜ ରୋଗଲିକ ଟାଇଟଲ ହାସଲ କରି କ୍ରମାଗତ ତୃତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି....**



ଭୁଏଲ୍ଟା ଏ ଏସ୍ପାନା ଏବର୍ଷ ମଧ୍ୟ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ରେସ୍ର ଏହି ୭୬ତମ ସଂସ୍କରଣ ଅଗଷ୍ଟ ୧୪ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୫ରେ ଶେଷ ହୋଇଛି। ୩ ସପ୍ତାହ ବ୍ୟାପୀ ଚାଲିଥିବା ଏହି ରେସ୍ ସ୍ପେନ୍ରେ ଅନୁଷ୍ଠିତ ହୋଇଛି। ୨୦୨୧ ପୁରୁଷ ରୋଡ ସାଇକ୍ଲିଂ ସେସନର ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡ ଟୁର ବୁର୍ଗୋସରୁ ଆରମ୍ଭ ହୋଇ ସାଣ୍ଟିଆଗୋ ଡି କମ୍ପୋଷ୍ଟେଲାରେ ଶେଷ ହୋଇଛି। ଘଟଣା ବହୁଳ ୨୧ଟି ପର୍ଯ୍ୟାୟ ବିଶିଷ୍ଟ ଏହି ରେସ୍ରେ ଏଥର ନେଦରଲାଣ୍ଡ୍ସର ପେସାଦାର ବାଇସାଇକେଲ ରେସିଂ ଦଳ ଟିମ୍ ଜୁମ୍ବୋ ଭିସ୍ମାର ପ୍ରିମୋଜ ରୋଗଲିକ୍ ଚାମ୍ପିୟନ ହୋଇଛନ୍ତି। ଏଥିସହ ରୋଗଲିକ କ୍ରମାଗତ ତୃତୀୟଥର ପାଇଁ ଏହି ରେସ୍ରେ ବାଜି ମାରି ଟାଇଟଲ ହାସଲ କରିଛନ୍ତି। ସେ ତୃତୀୟ ରେସର ଭାବେ କ୍ରମାଗତ ୩ଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ୪ ମିନିଟ ୩୨ ସେକେଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଗତ ୨୪ ବର୍ଷରେ ଏହା ରେସ୍ ଇତିହାସରେ ସର୍ବାଧିକ ମାର୍ଜିନ ସାବ୍ୟସ୍ତ ହୋଇଛି। ତେବେ ୧୯୯୭ରେ ସୁଇଜରଲାଣ୍ଡର ଆଲେକ୍ସ ଜୁଲି ୪ ମିନିଟ ୭ ସେକେଣ୍ଡ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ଓ ରେସ୍ ଇତିହାସରେ ଏହା ସର୍ବାଧିକ ମାର୍ଜିନ ସାବ୍ୟସ୍ତ ହୋଇଛି।

ସ୍ପେନର ଏନିରକ ମାସ ନକୋଲାଉ ଏହି ରେସ୍ରେ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିପରି ଅଷ୍ଟ୍ରେଲିଆର ଜ୍ୟାକ୍ ହେଗ ତୃତୀୟ ସ୍ଥାନରେ ରହିଥିଲେ। ରେସ୍ର ବିଭିନ୍ନ କ୍ଲାସିଫିକେଶନରେ ଭିନ୍ନ ଭିନ୍ନ ଖେଳାଳିମାନେ ବାଜି ମାରିଛନ୍ତି। ଚତୁର୍ଥ ରାଇଡର ଭାବେ ରୋଗଲିକ୍ ଏହି ରେସ୍ରେ ଦୁଇରୁ ଅଧିକଥର ବିଜୟୀ ହୋଇଛନ୍ତି। ଏହାପୂର୍ବରୁ ରୋଗଲିକ ୨୦୨୦ ଓ ୨୦୧୯ରେ ମଧ୍ୟ ଏହି ହାଇପ୍ରୋଫାଇଲ ସାଇକେଲ ରେସ୍ରେ ଚାମ୍ପିୟନ ହୋଇଥିଲେ। ସେ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ହାସଲ କରିଥିଲେ। ଅଲିମ୍ପିକ୍ସର ସ୍ୱର୍ଣ୍ଣିମ ସଫଳତା ପାଇବାର ୬ ସପ୍ତାହ ପରେ ସେ ଏହି ରେସ୍ରେ ଟାଇଟଲ ହାସଲ କରିଛନ୍ତି। ପୂରା ରେସ୍ରେ ରୋଗଲିକଙ୍କ ଅଭିଯାନ ଚମତ୍କାର ଥିଲା। ଏହା ପୂର୍ବରୁ ସ୍ପେନର ଆଲବେର୍ଟୋର କଣ୍ଟାଡୋର ୨୦୦୮, ୨୦୧୨ ଓ ୨୦୧୪ରେ ଏହି ରେସ୍ରେ ଟାଇଟଲ ହାସଲ କରିଥିଲେ। ସେହିପରି ସୁଇଜରଲାଣ୍ଡର ଅନ୍ୟତମ ରାଇଡର ଟୋନି ରେମିଙ୍ଗର ୧୯୯୨ରୁ ୧୯୯୪ ମଧ୍ୟରେ ୩ଥର ଏହି ରେସ୍ରେ ଚାମ୍ପିୟନ ହୋଇଥିଲେ। ତେବେ ସ୍ପେନର ରୋବେର୍ଟୋ ହେରାସ ରେକର୍ଡ ୪ଥର ପାଇଁ ୨୦୦୦, ୨୦୦୩, ୨୦୦୪ ଓ ୨୦୦୫ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ଏଥର ରେସ୍ରେ ୨୩ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୨୧ଟି ପର୍ଯ୍ୟାୟରୁ ରୋଗଲିକ ପ୍ରଥମ, ଏକାଦଶ, ୧୭ତମ ଓ ଅନ୍ତିମ ତଥା ୨୧ତମ ପର୍ଯ୍ୟାୟରେ ବିଜୟ ହାସଲ କରିଥିଲେ। ରୋଗଲିକ ୮୩ ଘଣ୍ଟା ୫୫ ମିନିଟ୍ ୨୯ ସେକେଣ୍ଡରେ ଚାମ୍ପିୟନ ହୋଇଥିଲେ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଏନିରିକ ମାସ ତାଙ୍କଠାରୁ ଅଧିକ ୪ ମିନିଟ ୩୨ ସେକେଣ୍ଡ ଓ ତୃତୀୟ ସ୍ଥାନରେ ଥିବା ଜ୍ୟାକ ହେଗ ୭ ମିନିଟ ୪୦ ସେକେଣ୍ଡ ଅଧିକ ସମୟ ନେଇଥିଲେ। କୋଭିଡ୍ -୧୯ ଚ୍ୟାଲେଞ୍ଜ ସତ୍ତ୍ୱେ ଭୁଏଲ୍ଟା ଏ ଏସ୍ପାନା ସଫଳତା ସହ ଅନୁଷ୍ଠିତ ହେବା କିଛି କମ ବଡ଼ କଥା ନୁହେଁ। ରୋଗଲିକଙ୍କ ପାଇଁ ଏହି ରେସ୍ ଏଥର ବିଶେଷ ଭାବେ ମହତ୍ତ୍ୱ ରଖୁଛି।

### ୨୦୨୧: ୭୬ତମ ସଂସ୍କରଣ

| | |
|---|---|
| ପ୍ରଥମ ସଂସ୍କରଣ: | ୧୯୩୫ |
| ତାରିଖ: | ୧୪ ଅଗଷ୍ଟରୁ ୫ ସେପ୍ଟେମ୍ବର |
| ଷ୍ଟେଜେସ: | ୨୧ |
| ଡିଷ୍ଟାନ୍ସ: | ୩,୪୧୭ କି.ମି. (୨,୧୨୩ ମାଇଲ) |
| ୱିନିଙ୍ଗ ଟାଇମ୍: | ୮୩ ଘଣ୍ଟା ୫୫ମିନିଟ ୨୯ ସେକେଣ୍ଡ |
| ଚାମ୍ପିୟନ: | ପ୍ରିମୋଜ ରୋଗଲିକ୍ (ସ୍ଲୋଭେନିଆ) |
| ସଫଳତମ ବିଜେତା: | ରୋବେର୍ଟୋ ହେରାସ, ୪ଥର ଚାମ୍ପିୟନ(ସ୍ପେନ) |
| ଇଂଲିଶ ନାମ: | ଟୁର ଡି ସ୍ପେନ |
| ନିକ୍ ନେମ: | ଲା ଭୁଏଲ୍ଟା |
| ସ୍ଥାନୀୟ ନାମ: | ଭୁଏଲ୍ଟା ସିକ୍ଲିଷ୍ଟା ଏ ଏସ୍ପାନା |
| ଡିସିପ୍ଲିନ: | ରୋଡ |
| କମ୍ପିଟିଶନ: | ୟୁସିଆଇ ୱାର୍ଲ୍ଡ ଟୁର |
| ଟାଇପ୍: | ଗ୍ରାଣ୍ଡ ଟୁର |



# ହିଟ୍ମ୍ୟାନ୍ ରୋହିତ



ନିର୍ମଳ କୁମାର ମିଶ୍ର

**ସୀମିତ ଓଭର କ୍ରିକେଟରେ ନିଜର ଦକ୍ଷତା ପ୍ରମାଣିତ କରିଥିବା ଭାରତୀୟ ଓପନର ରୋହିତ ଶର୍ମା ଟେଷ୍ଟ ଫର୍ମାଟ୍ରେ ମଧ ଦମ୍ ଦେଖାଇଛନ୍ତି। ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍ରେ ଶତକ ହାସଲ କରି ସେ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୟୁଏଇରେ ଆଗକୁ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ରେ ସେ ଭାରତ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି...**

ରୋହିତ ଗୁରୁନାଥ ଶର୍ମା ବିଶ୍ୱ କ୍ରିକେଟଜଗତର ଜଣେ ଆକ୍ରମଣାତ୍ମକ ବ୍ୟାଟସମ୍ୟାନ ରୂପେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଜଣେ ଆଗ୍ରେସିଭ ବ୍ୟାଟସମ୍ୟାନ ରୂପେ କ୍ରିକେଟର ୩ଟି ଫର୍ମାଟରେ ନିଜର ଦମଦାର ବ୍ୟାଟିଂ ପାଇଁ ବେଶ୍ ପରିଚିତ। ଭାରତୀୟ ଜାତୀୟ କ୍ରିକେଟ ଦଳର ଏକଦିବସୀୟ ଫର୍ମାଟରେ ଉପ-ଅଧିନାୟକ ରୂପେ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୧ରେ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଅଧିନାୟକ ରୂପେ ବେଶ୍ ସଫଳତା ପାଇଛନ୍ତି।

ଡାହାଣହାତୀ ବ୍ୟାଟିଂ କରୁଥିବା ଏହି ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ବେଳେ ବେଳେ ମଧ ଡାହାଣ ହାତରେ ଅଫ୍ବ୍ରେକ୍ ବୋଲିଂ କରିଥାନ୍ତି। ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ରୂପେ ଏକଦିବସୀୟ କ୍ରିକେଟରେ ୩ଟି ଦ୍ୱିଶତକ ହାସଲ କରିବାର ରେକର୍ଡ ତାଙ୍କ ନାମରେ ରହିଛି। ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଷ୍ଟାଇଲ ପାଇଁ ତାଙ୍କୁ ହିଟ୍ମ୍ୟାନ ରୂପେ ଆଖ୍ୟା ଦିଆଯାଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗରେ ସେ ୫ମ ସ୍ଥାନରେ ରହିଥିବା ବେଳେ ଏକଦିବସୀୟ ବ୍ୟାଟିଂ ର୍ୟାଙ୍କିଙ୍ଗରେ ୩ୟ ସ୍ଥାନରେ ରହିଛନ୍ତି। ଏପର୍ଯ୍ୟନ୍ତ ୪୨ଟି ଟେଷ୍ଟ ମ୍ୟାଚରେ ୭୧ଟି ଇନିଂସ ଖେଳି ୨,୯୦୯ ରନ୍ ସଂଗ୍ରହ କରିଥିବା ବେଳେ ଟେଷ୍ଟମ୍ୟାଚରେ ତାଙ୍କର ସର୍ବାଧିକ ସ୍କୋର ୨୧୨ ରହିଛି। ଚଳିତ ଇଂଲଣ୍ଡ ଗସ୍ତରେ ମଧ ରୋହିତ କମାଲ କରିଛନ୍ତି। କେନିଂଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍ରେ ସେ ଓପନିଂ କରି ୧୨୭ ରନର ଶତକୀୟ ଇନିଂସ ଖେଳିବା ସହ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା।

ସେହିପରି ଏପର୍ଯ୍ୟନ୍ତ ସେ ୨୨୭ଟି ଏକଦିବସୀୟ ମ୍ୟାଚରୁ ୨୨୦ଟି ଇନିଂସରେ ୯, ୨୦୫ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୨୬୪ ରହିଛି। ଟି୨୦ ସ୍ପେସିଆଲିଷ୍ଟ ରୂପେ ପରିଚିତ ଏହି ହ୍ୱାଇଟ ବଲ୍ ହିରୋ ୧୧୧ଟି ମ୍ୟାଚ ଖେଳି ୧୦୩ ଇନିଂସରୁ ମୋଟ ୨୮୬୪ରନ୍ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ୧୦୯ ନଟ୍ ଆଉଟ୍ ରହିଛି। ଟେଷ୍ଟ ମ୍ୟାଚରେ ମୋଟ ୩ଥର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ଏକଦିବସୀୟ ମ୍ୟାଚରେ ୨୧ଥର ଏବଂ ଟି୨୦ ମ୍ୟାଚରେ ୧୦ଥର ମ୍ୟାନ ଅଫ୍ ଦି ମ୍ୟାଚ ହେବା ସହିତ ବିଶ୍ୱକପ୍ରେ ୫ଥର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ସର୍ବାଧିକ ସଫଳତା ହାସଲ କରିଥିବା ବେଳେ ଆଇପିଏଲ୍ରେ ସେ ୧୮ଥର ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି। ସେହିପରି ଚାମ୍ପିୟନସ୍ ଲିଗରେ ଗୋଟିଏ ଥର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ୩ଟି ଫର୍ମାଟରେ ସର୍ବାଧିକ ୯ଥର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି।

ଏକଦିବସୀୟ ମ୍ୟାଚରେ ଅଧିନାୟକ ରୂପେ ମୋଟ ୧୦ଟି ମ୍ୟାଚରୁ ୮ଟି ମ୍ୟାଚରେ ଭାରତକୁ ବିଜୟୀ କରାଇଥିବା ବେଳେ ୨ଟି ମ୍ୟାଚରେ ଭାରତ ପରାଜିତ ହୋଇଛି। ଟି୨୦ ମ୍ୟାଚରେ ଜଣେ ସଫଳ ଅଧିନାୟକ ରୂପେ ୧୯ଟି ମ୍ୟାଚରୁ ୧୫ଟି ମ୍ୟାଚରେ ଭାରତକୁ ବିଜୟୀ କରିଥିବା ବେଳେ ବିଜୟ ହାର ୭୯ ଶତକଡା ରହିଛି। ସେହିପରି ଆଇପିଏଲ ମ୍ୟାଚରେ ୧୨୧ଟି ମ୍ୟାଚରୁ ୭୦ଟିରେ ବିଜୟୀ ହୋଇଥିବା ବେଳେ ୪୭ଟି ମ୍ୟାଚରେ ପରାଜିତ ହେବା ସହିତ ୪ଟି ମ୍ୟାଚ ଟାଇରେ ସମାପ୍ତ ହୋଇଛି। ସଫଳତାର ହାର ୫୯.୫୦ ରହିଥିବା ବେଳେ ତାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ସର୍ବାଧିକ ସଫଳତା ହାସଲ କରିଛି। ତାଙ୍କର ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୩, ୨୦୧୫, ୨୦୧୭, ୨୦୧୯ ଏବଂ ୨୦୨୦ରେ ଚାମ୍ପିୟନ ହୋଇଛି। ୨୦୧୩ ମସିହାରେ ହରଭଜନ ସିଂଙ୍କଠାରୁ ଅଧିନାୟକ ଦାୟିତ୍ୱ ନେବା ପରେ ଆଇପିଏଲରେ ମୁମ୍ବାଇ ଦଳ ତାଙ୍କ ନେତୃତ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ କରିଆସିଛି। ୨୦୧୩ରୁ ୨୦୨୦ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଚାମ୍ପିୟନ ହୋଇଥିବା ବେଳେ ୬ଥର ପ୍ଲେ ଅଫ୍ ପାଇଁ କ୍ୱାଲିଫାଏ କରିଛି। ୩୪ ବର୍ଷୀୟ ଏହି ହ୍ୱାଇଟ୍ ବଲ୍ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଏବେ ରେଡ ବଲରେ ମଧ ତାଙ୍କର ବ୍ୟାଟିଂ ପାରଦର୍ଶିତା ଦେଖାଇବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ଟେଷ୍ଟ ମ୍ୟାଚ ପାଇଁ ଇଂଲଣ୍ଡରେ ଓପନର ରୂପେ କେତେଗୁଡିଏ ଆକର୍ଷଣୀୟ ଇନିଂସ ଖେଳିବା ସହିତ ଏହି ଫର୍ମାଟ ପାଇଁ ମଧ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିଛନ୍ତି; ଯାହାକି ସମସ୍ତ କ୍ରିକେଟପ୍ରେମୀଙ୍କୁ ଚକିତ କରିଛି। ୨୦୦୬ରେ ମୁମ୍ବାଇ ଦଳ ପକ୍ଷରୁ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ବେଳେ ୨୦୦୭ରେ ଜାତୀୟ ଦଳ ପାଇଁ ମନୋନୀତ ହେବା ସହିତ ଡେକାନ୍ ଚାର୍ଜର୍ସ ପାଇଁ ଆଇପିଏଲ୍ରେ ୨୦୦୮ରେ ଚୁକ୍ତି କରିଥିଲେ ଏବଂ ୨୦୧୧ରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଚୁକ୍ତି କରି ମୁମ୍ବାଇ ଇଣ୍ଡିଆନ୍ସକୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଥିଲେ। ୨୦୧୩ରେ ୱେଷ୍ଟଇଣ୍ଡିଜ ସହିତ ଟେଷ୍ଟ ମ୍ୟାଚ କ୍ୟାରିୟର ଆରମ୍ଭ କରିବା ସହିତ ୨୦୦୭ରେ ଆୟରଲାଣ୍ଡ ସହ ଏକଦିବସୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହି ୨୦୦୭ରେ ଇଂଲଣ୍ଡ ସହ ଟି-୨୦ ମ୍ୟାଚରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ।


ଶ୍ରୀଲଙ୍କା ସହିତ ଏକଦିବସୀୟ ମ୍ୟାଚରେ କୋଲକାତାର ଇଡେନ ଗାର୍ଡେନରେ ସର୍ବାଧିକ ସ୍କୋର ୨୬୪ ରନ୍ ତାଙ୍କର ସର୍ବଶ୍ରେଷ୍ଠ ଇନିଂସ ଅଟେ। ୨୦୨୦ରେ ଏକଦିବସୀୟ ମ୍ୟାଚରେ 'ଆଇସିସି ପ୍ଲେୟାର ଅଫ୍ ଦି ଇୟର' ଘୋଷଣା ହେବା ସହିତ ୨୦୧୯ ବିଶ୍ୱକପ୍ ସଂସ୍କରଣରେ ସର୍ବାଧିକ ୫ଟି ଶତକ ହାସଲ କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ସାଉଥ ଆଫ୍ରିକା ସହିତ ୨୦୧୯ରେ ଉଭୟ ଇନିଂସରେ ଜଣେ ଓପନର ଭାବରେ ଶତକ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟାଟସମ୍ୟାନ। ୨୦୧୫ରେ ଅର୍ଜୁନ ପୁରସ୍କାର ଏବଂ ୨୦୨୦ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଅଧିକାରୀ, ୨୦୧୯ରେ ଆଇସିସି ପ୍ଲେୟାର ଅଫ୍ ଦି ଇୟର ରୂପେ ବିବେଚିତ ହୋଇଥିଲେ।

ବିଶ୍ୱର ଜଣେ ଶ୍ରେଷ୍ଠ ଆକ୍ରମଣାତ୍ମକ ବ୍ୟାଟସମ୍ୟାନ ରୂପେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ମହାନ ବ୍ୟାଟ୍ସମ୍ୟାନ୍ଙ୍କ ନିକଟରେ ଆହୁରି କ୍ରିକେଟ ବାକି ରହିଛି; ଯାହାକି ତାଙ୍କୁ କ୍ରିକେଟର ୩ଟି ଫର୍ମାଟରେ ଅନେକ ରେକର୍ଡ ପ୍ରତିଷ୍ଠା କରାଇବାରେ ସହାୟକ ହେବ।



DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୧୦/୨୦୨୧ Rayagada, Friday, September 10/ 2021



**ନ୍ୟୁୟର୍କ:** ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଅବସରରେ ଗ୍ରୀସ୍‌ର ମାରିଆ ସାକାରି।

# ଜୋକୋଭିଚ୍-ଜେଭେରେଭ ସେମି ମୁକାବିଲା

**ନ୍ୟୁୟର୍କ,୯।୯**

ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟପ୍ ସିଡ୍ ସର୍ବିୟା ଖେଳାଳି ନୋଭାକ ଜୋକୋଭିଚ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେ ଇଟାଲୀର ଷଷ୍ଠ ସିଡ୍ ଖେଳାଳି ମାଟେଓ ବେରେଟିନଙ୍କୁ ୫-୭, ୬-୨, ୬-୨, ୬-୩ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ସେମିରେ ସେ ଚତୁର୍ଥ ସିଡ୍ ଖେଳାଳି ଜର୍ମାନୀର ଆଲେକଜାଣ୍ଡର ଜେଭେରେଭଙ୍କୁ ଭେଟିବେ। ଜେଭେରେଭ ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ ଦକ୍ଷିଣ ଆଫ୍ରିକାର ଲୟଡ ହାରିସଙ୍କୁ ୭-୬, ୬-୩, ୬-୪ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ଆଉ ଦୁଇଟି ବିଜୟ ହାସଲ କଲେ ଜୋକୋଭିଚ୍ ୟୁଏସ୍ ଓପନ ଟାଇଟଲ ଜିତିବା ସହ ଇତିହାସ ସୃଷ୍ଟି କରିବେ। ଗତ ୫୨ ବର୍ଷ ମଧ୍ୟରେ ସେ ପ୍ରଥମ ଖେଳାଳି ଭାବେ କ୍ୟାଲେଣ୍ଡର ଇୟର ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ହାସଲ କରିବେ। ଅର୍ଥାତ ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସବୁ ୪ଟି ଯାକ ଗ୍ରାଣ୍ଡସ୍ଲାମ ଜିତିବାର ବିରଳ ସଫଳତା ହାସଲ କରିବେ। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଜୋକୋଭିଚ୍ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ। ଅନ୍ୟପଟେ ଜେଭେରେଭ କ୍ରମାଗତ ୧୬ଟି ମ୍ୟାଚ୍‌ରେ ବିଜୟ ଧାରା ବଜାୟ ରଖିଛନ୍ତି। ପୂର୍ବରୁ ଅନ୍ୟ ଏକ ସେମିଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭ ଓ କାନାଡାର ଫେଲିକ୍ସ ଅଗେର- ଅଲିଆଜିମ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି।



ମ୍ୟାଚ୍ ଜିତିବା ପରେ ନୋଭାକ ଜୋକୋଭିଚ।

**ମହିଳା ସିଙ୍ଗଲ୍ସ**

**ସାକାରି-ରାଡୁକାନୁ ସେମିରେ**

ୟୁଏସ୍ ଓପନ ମହିଳା ସିଙ୍ଗଲ୍ସର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ବିଶ୍ୱର ୧୫୦ ନମ୍ବର ଖେଳାଳି ୟୁନାଇଟେଡ କିଙ୍ଗ୍‌ଡମର ୧୮ ବର୍ଷୀୟା ଖେଳାଳି ଇମା ରାଡୁକାନୁ ଓ ୧୭ତମ ସିଡ୍ ଖେଳାଳି ଗ୍ରୀସ୍‌ର ମାରିଆ ସାକାରି ସେମିରେ ପରସ୍ପରକୁ ଭେଟିବେ। ରାଡୁକାନୁ କ୍ୱାର୍ଟର ଫାଇନାଲରେ

**ୟୁଏସ୍ ଓପନ୍ ଟେନିସ**

୧୧ତମ ସିଡ୍ ସୁଇଜରଲାଣ୍ଡର ବେଲିଣ୍ଡା ବେନକିକ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେହିପରି ସାକାରି ୬-୪, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଚେକ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ପ୍ରଥମଥର ପାଇଁ ୟୁଏସ୍ ଓପନ ସେମିରେ ପ୍ରବେଶ କରିଛନ୍ତି।

# ଓଡ଼ିଶା ଜୁନିୟର ମହିଳା ଦଳ ୱାର୍ମଅପ୍ ମ୍ୟାଚ ଖେଳିବ

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟ ପୂର୍ବରୁ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ମଣିପୁର ସିନିୟର ଦଳ ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ୱାର୍ମଅପ୍ ମ୍ୟାଚ ଖେଳିବ। ମ୍ୟାଚ ୨ଟି ଯାକ କିଟ୍ ଷ୍ଟାଡିୟମରେ ଚଳିତ ମାସ ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଜଣାଇଛନ୍ତି।

# ସମ୍ବିତ ଚାମ୍ପିୟନ, ହର୍ଷିତ ରନର୍ସଅପ୍

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ୟୁନିକ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩ୟ ଦେବରାଜ କର ମେମୋରିଆଲ ଅନ୍‌ଲାଇନ୍ ଓପନ ଚେସ୍‌ରେ ସମ୍ବିତ ପଣ୍ଡା ଚାମ୍ପିୟନ ଓ ହର୍ଷିତ ରଞ୍ଜନ ସାହୁ ରନର୍ସଅପ୍ ହୋଇଛନ୍ତି। ସମ୍ବିତ ୮.୫ ଓ ହର୍ଷିତ ୭ ପଏଣ୍ଟ

**ଦେବରାଜ ମେମୋରିଆଲ ଅନ୍‌ଲାଇନ୍ ଓପନ ଚେସ୍**

ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିଲ୍‌ସୁ ପଟ୍ଟନାୟକ, ଆରିନ ଅନ୍ୱେଷ ସ୍ୱାଇଁ (୬.୫), ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ଭୀମସେନ ପ୍ରଧାନ, ବିକାଶ କୁମାର ଲେଙ୍କା, ରବୀନ୍ଦ୍ର କୁମାର ଓଝା, ସୁରଜିତ ନାୟକ ଓ ଅମିତାଂଶୁ ପ୍ରିୟଦର୍ଶନ (ସମସ୍ତେ ୬ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗରେ ମୃଗଙ୍କ ଶେଖର ଦାସ, ଅଞ୍ଜନେୟା ସାହୁ, ସାରାଂଶ ମିଶ୍ର, ଅଭିଜିତ ବିଶ୍ୱାଳ, ଶାନ୍ତନୁ ବରାଳ, ଆଦିତ୍ୟ ବିକ୍ରମ ମିଶ୍ର, ସ୍ଥିତପ୍ରଜ୍ଞ ସାହୁ, ଶୁଭସିଂ ସଇନୀ, ସତ୍ୟମ ସରବଜିତ ମିଶ୍ର, ତନ୍ମୟ ତ୍ରିପାଠୀ, ତମନ୍ନା ତ୍ରିପାଠୀ ଓ ସାନଭି ମହାନ୍ତିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ରାଧାଶ୍ୟାମ ମିଶ୍ର ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଏମଆରପି ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଓ ଦୀପକ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ପ୍ରତିଯୋଗିତାକୁ ଗୁଗଲ ମିଟ୍‌ରେ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଅସରାଳସ୍ଥିତ ୟୁନିକ ଫାଉଣ୍ଡେଶନ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସାକାରୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବିତ ପଣ୍ଡା

## ଧୋନୀଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ

**ନୂଆଦିଲ୍ଲୀ, ୯।୯ (ପି.ଟି.):** ଟି୨୦ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ମେଣ୍ଟର ଭାବେ ନିଯୁକ୍ତି ପାଇବା ପରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ବିରୋଧରେ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପେକ୍ସ କାଉନ୍‌ସିଲ ନିକଟରେ କରାଯାଇଛି। ଅଭିଯୋଗକାରୀ ଜଣକ ହେଲେ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନର ପୂର୍ବତନ ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା। ଏହି ବ୍ୟକ୍ତି ଜଣକ ପୂର୍ବରୁ ବହୁ ଖେଳାଳି ଓ ପ୍ରଶାସକଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ। ତାଙ୍କ କହିବା କଥା ଧୋନୀଙ୍କୁ ନିଯୁକ୍ତି ଦିଆଯିବା ସ୍ୱାର୍ଥନିହିତ ନିୟମ ଉଲ୍ଲଂଘନ ହେଉଛି। କାରଣ ଲୋଧା କମିଟି ସଂସ୍କାର ଅନୁସାରେ ଜଣେ ବ୍ୟକ୍ତି ଦୁଇଟି ପଦବୀରେ ରହିପାରିବେ ନାହିଁ। ଧୋନୀ ଆହୁରି ମଧ୍ୟ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ଅଛନ୍ତି। ସୌରଭ ଗାଙ୍ଗୁଲି ଓ ଜୟ ଶାହାଙ୍କ ସମେତ ଆପେକ୍ସ କାଉନ୍‌ସିଲ ସଦସ୍ୟମାନଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ବିସିସିଆଇ ସମ୍ବିଧାନ ଧାରା ୩୮(୪) ଅନୁସାରେ ଜଣ ବ୍ୟକ୍ତି ଦୁଇଟି ପୃଥକ୍ ପଦବୀରେ ରହିପାରିବେ ନାହିଁ। ଅଭିଯୋଗ କେତେଦୂର ଯୁକ୍ତିଯୁକ୍ତ ତାହା ସ୍ପଷ୍ଟ କରିବା ଲାଗି ଆପେକ୍ସ କାଉନ୍‌ସିଲ ଏହାର ଲିଗାଲ ଟିମ୍‌ର ପରାମର୍ଶ ନେବ।

# 'ତୁମେ ପ୍ରେରଣାର ସ୍ରୋତ'

''ତୁମ ସହିତ ମିଶି ବହୁତ ଖୁସି ହେଲି ପ୍ରମୋଦ, ଆଉ ତୁମ ପିଲାଦିନ କଥା ଶୁଣି ବହୁତ ଭଲ ଲାଗିଲା। ତୁମେ ଦେଶ ପାଇଁ ଯାହା କରିଛ ତାହା ବହୁତ ବଡ଼ ସଫଳତା। ତୁମେ ଖାଲି ଭାରତ ପାଇଁ ନୁହଁ, ପୂରା ଦୁନିଆ ପାଇଁ ପ୍ରେରଣାର ସ୍ରୋତ। ଏପରି ଦେଶର ନାଁ ଉଚ୍ଚା କରୁଥାଅ'' ବୋଲି ଓଡ଼ିଶା ପାରାଲିମ୍ପିଆନଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି ପ୍ରତିଷ୍ଠିତ କ୍ରିକେଟର ସଚିନ ତେନ୍ଦୁଲକର। ପ୍ରକାଶଯୋଗ୍ୟ ଯେ, ସଚିନଙ୍କ ସହ ସାକ୍ଷାତ କରିବା ପାଇଁ ପ୍ରମୋଦଙ୍କର ପିଲାଦିନର ସ୍ୱପ୍ନ ଥିଲା। ସେ ସଚିନଙ୍କୁ ମଧ୍ୟ ଆଦର୍ଶ ଭାବେ ନେଇଥିଲେ। ଏହା ଜାଣିବା ପରେ ସଚିନ ବୁଧବାର ତାଙ୍କ ମୁମ୍ବାଇସ୍ଥିତ ବାସଭବନକୁ ପ୍ରମୋଦଙ୍କୁ ଡାକିଥିଲେ। ସଚିନଙ୍କ ଆତିଥ୍ୟରେ ପ୍ରମୋଦ ଅଭିଭୂତ ହୋଇଥିଲେ। ପ୍ରମୋଦ ଟୋକିଓ ପାରାଲିମ୍ପିକ୍ସରେ ଜିତିଥିବା ସ୍ୱର୍ଣ୍ଣ ପଦକ ସଚିନଙ୍କୁ ଦେଖାଇଥିଲେ। ପ୍ରମୋଦଙ୍କ ସହିତ ସେଲ୍‌ଫି ନେବାସହ ସଚିନ ପ୍ରମୋଦଙ୍କ ଏକ ଜର୍ସିରେ ଅଟୋଗ୍ରାଫ୍ ଦେଇଥିଲେ।



ପ୍ରମୋଦ ଭଗତଙ୍କ ସହ ସଚିନ ତେନ୍ଦୁଲକର।

ଏହି ଅବସରରେ ପ୍ରମୋଦ ଟୋକିଓରେ ଖେଳିବା ବେଳେ ବ୍ୟବହାର କରିଥିବା ଏକ ବ୍ୟାଡ୍‌ମିଣ୍ଟନ ର୍ୟାକେଟ ସଚିନଙ୍କୁ ଉପହାର ଦେଇଥିଲେ। ''ତୁମେ ଉପହାର ଦେଇଥିବା ବ୍ୟାଡ୍‌ମିଣ୍ଟନ ର୍ୟାକେଟକୁ ସ୍ପର୍ଶ କରିବା ବେଳେ ମୁଁ ଖୁବ୍ ଆନନ୍ଦ ଅନୁଭବ କରୁଛି' ବୋଲି ସଚିନ ଲେଖିଥିଲେ।

# ଜୋନାଥସଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)**

ଗୋଆରେ ହେବାକୁଥିବା ଆଗାମୀ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ପାଇଁ ଅଭିଜ୍ଞ ବ୍ରାଜିଲିଆନ ସେଣ୍ଟର-ଫରୱାର୍ଡ ଜୋନାଥସ କ୍ରିଷ୍ଟିଆନ ଡି ଜେସସଙ୍କ ସହ ଓଡ଼ିଶା ଏଫ୍‌ସି ଚୁକ୍ତି କରିଛି। ୩୨ ବର୍ଷୀୟ ଜୋନାଥସ ନିଜ ଦେଶ ବ୍ରାଜିଲ ସମେତ ନେଦରଲାଣ୍ଡ୍ସ, ସ୍ପେନ, ଇଟାଲୀ ଓ ଜର୍ମାନୀ ଆଦି ଅନେକ ଦେଶରେ ଶୀର୍ଷ ଫୁଟବଲ ଲିଗ୍‌ରେ ଖେଳିଛନ୍ତି। ବ୍ରାଜିଲିଆନ କ୍ଲବ କ୍ରୁଜେଇରୋର ୟୁଥ୍ ଦଳ ପକ୍ଷରୁ ଖେଳି ୨୦୦୬ରେ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ ଜୋନାଥସ। ପରେ ସେ ବ୍ରାଜିଲର ଏଲପାଟିଙ୍ଗା ଓ ଭିଲା ନୋଭା ପକ୍ଷରୁ ଖେଳିବାପରେ ୨୦୦୯ରେ ଡଚ୍ କ୍ଲବ ଏଜେଡ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଅଭିଜ୍ଞ ଷ୍ଟ୍ରାଇକର ୟୁରୋପରେ ସିରିଏ ଏ, ଲା ଲିଗା ଏବଂ ବୁନ୍ଦେସଲିଗା ଏବଂ ପେସକାରା, ଟୋରିନୋ, ଇଲଚେ, ରିଅନ ସୋସିଏଡାଡ୍, ହାନୋଭର ପରି କ୍ଲବରୁ ଖେଳି ୧୦୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି। ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିରେ ଯୋଗ ଦେବାପୂର୍ବରୁ ସେ ୟୁଏଇ ପ୍ରୋ ଲିଗ୍ କ୍ଲବ ଶାରଜା ଏଫ୍‌ସି ସହିତ ଥିଲେ। ଏହା ବ୍ୟତୀତ ସେ ୨୦୨୧ରେ ଲୋନ୍‌ରେ ହାୱା କ୍ଲବ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ୨୦୦୮ରେ ସେ ୧୯ ବର୍ଷରୁ କମ୍ ବ୍ରାଜିଲ ଦଳର ସଦସ୍ୟଭାବେ ସେଣ୍ଟାଇ କପ୍‌ରେ ଖେଳିଥିଲେ।

ଓଡ଼ିଶା ଏଫ୍‌ସି କ୍ୟାମ୍ପରେ ଯୋଗଦେଇ ଜୋନାଥସ କହିଛନ୍ତି ଯେ, କ୍ୟାରିୟରର ଏହି ନୂଆ ଚ୍ୟାଲେଞ୍ଜକୁ ନେଇ ମୁଁ ଖୁବ୍ ଉତ୍ସାହିତ। ଓଡ଼ିଶା ଏଫ୍‌ସିର ପ୍ରୋଜେକ୍ଟ ମୋ ନିଷ୍ପତ୍ତି ଉପରେ ଗଭୀର ପ୍ରଭାବ ପକାଇଛି। ମୁଁ ମୋଟିଭେଟ ହେବା ସହ ଆଗାମୀ ଆଇଏସ୍‌ଏଲ ଖେଳିବାକୁ ପ୍ରସ୍ତୁତ ହେଉଛି। ଓଡ଼ିଶା ଏଫ୍‌ସି ପାଇଁ ସଫଳତା ହାସଲ କରିବା ମୋର ଲକ୍ଷ୍ୟ ରହିବ। ଜୋନାଥସଙ୍କ ଯୋଗଦାନରେ ମୁଖ୍ୟ କୋଚ୍ କିକୋ ରାମିରେଜ ଖୁସି ଜାହିର କରିଛନ୍ତି। ''ଜୋନାଥସ ଆମର ମୁଖ୍ୟ ଗୋଲ ସ୍କୋରର ହେବେ। ସେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତିପକ୍ଷ ଡିଫେଣ୍ଡରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିବା ନେଇ ଆଶା ରହିଛି। ସେ ଅନେକ କିଛି ଆଶା ନେଇ ଓଡ଼ିଶା ଏଫ୍‌ସିକୁ ଆସିଛନ୍ତି ଏବଂ ଆଇଏସ୍‌ଏଲରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାକୁ ଚାହାନ୍ତି। ସେ ଜଣେ କ୍ୱାଲିଟି ଖେଳାଳି। ନିଜ ପାଇଁ ସେ ସୁଯୋଗ ସୃଷ୍ଟି କରିପାରିବେ'' ବୋଲି କିକୋ କହିଛନ୍ତି। ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥୱାଲ ମଧ୍ୟ ଆନନ୍ଦ ପ୍ରକାଶ କରିଛନ୍ତି। ଜୋନାଥସ ବିଶ୍ୱବ୍ୟାପୀ ବିଭିନ୍ନ କ୍ଲବ ପକ୍ଷରୁ ଖେଳିଥିବାରୁ ଆଇଏସଏଲ୍‌ରେ ଭାଗନେବା କେବଳ ଓଡ଼ିଶା ଫୁଟବଲ ନୁହେଁ ଭାରତୀୟ ଫୁଟବଲ ପାଇଁ ବଡ଼ କଥା ବୋଲି ସେ କହିଛନ୍ତି।



ଜୋନାଥସ କ୍ରିଷ୍ଟିଆନ






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ